# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, June 8/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୧୯୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 193 ମୂଲ୍ୟ ₹୭/-






KP GROUP Quality Since 1965
KAMLA PASAND
PAN MASALA
NEW PACK
KP
कमला पसन्द®
अनोखा स्वाद
KP GROUP Quality Since 1965
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ | Bhubaneswar, Thursday, June 8/2023 | ପୃଷ୍ଠା-୧



**ଟ୍ରାଭିସ୍ ହେଡ୍‌ଙ୍କ ଶତକ**
ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ୍ ଏକ ଶତକ ହାସଲ କରିଛନ୍ତି। ୧୪

୧୨ **ଖାଲି ପାଦରେ ପ୍ରଶଂସକଙ୍କୁ ଭେଟନ୍ତି ବିଗ୍ ବି**
ନିକଟରେ ବିଗ୍ ବି ଅମିତାଭ ବଚ୍ଚନ ପ୍ରତି ରବିବାର ପ୍ରଶଂସକଙ୍କୁ ଖାଲି ପାଦରେ ଭେଟୁଥିବାର କାରଣ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ଆଶ୍ରୟ ନେବାକୁ ଯାଇ ଜୀବନ ଗଲା

## ମାଲବାହୀ ବଗିରେ କଟି ୬ ଶ୍ରମିକ ମୃତ

**ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଭୟାନକ ଟ୍ରେନ୍ ଦୁର୍ଘଟଣାକୁ ସପ୍ତାହେ ନ ପୂରୁଣୁ ବୁଧବାର ଅପରାହ୍ନରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଆଉ ଏକ ବଡ଼ ଅଘଟଣ ଘଟିଯାଇଛି। ମାଲବାହୀ ଟ୍ରେନ୍‌ର ବଗି ତଳେ କଟି ୬ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରେଳଧାରଣା ମରାମତି କାର୍ଯ୍ୟରେ ନିୟୋଜିତ ଏହି ଶ୍ରମିକମାନେ ଉକ୍ତ ବଗି ତଳେ ଆଶ୍ରୟ ନେବାକୁ ଯାଇ ପ୍ରାଣ ହରାଇଛନ୍ତି। ଗତ ଶୁକ୍ରବାର ୨୮୮ଜଣଙ୍କ ଜୀବନ ନେଇଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିବାବେଳେ ପୁଣି ୬ ଜଣଙ୍କ ଜୀବନହାନି ଘଟିବା ଅନେକଙ୍କୁ ବିଚଳିତ କରିଛି। ତେବେ ଅବହେଳା ଯୋଗୁ ଆଉ ଏକ ଟ୍ରେନ ଦୁର୍ଘଟଣା ଘଟିଲା ବୋଲି ଅନେକେ କହୁଛନ୍ତି।**

ଯାଜପୁର ଅଫିସ,୭।୬

ଅପରାହ୍ନ ପ୍ରାୟ ସାଢ଼େ ୪ଟା। କାଳବୈଶାଖୀ ଯୋଗୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ଏଥିରୁ ବର୍ତ୍ତିବା ପାଇଁ ୮ ଜଣ ଶ୍ରମିକ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ଏକ ଅଚଳ ଲାଇନରେ ଅଟକିଥିବା ଇଞ୍ଜିନବିହୀନ ୧୩ଟି ମାଲବାହୀ ବଗି ତଳେ ଆଶ୍ରୟ ନେଇଥିଲେ। ହେଲେ ସେମାନେ ଜାଣି ନ ଥିଲେ ଯେ ସେହି ଆଶ୍ରୟ ସେମାନଙ୍କ ପାଇଁ କାଳ ହେବ। ଦେଖୁ ଦେଖୁ ପବନ ପ୍ରାୟ ୧୦୦ କି.ମି. ବେଗରେ ବୋହିଥିଲା। ତାହା ଏତେ ଜୋର ଥିଲା ଯେ, ମାଲବାହୀ ବଗିଗୁଡ଼ିକ ହଠାତ୍ ୩୦ ଫୁଟ ଯାଏ ଗଡ଼ିଯାଇଥିଲା। ଫଳରେ ଶ୍ରମିକମାନେ ବଗି ଚକା ତଳେ ଚାପି ହୋଇଯାଇଥିଲେ। କେତେଜଣଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବାବେଳେ କେତେଜଣଙ୍କ ହାତଗୋଡ଼ କଟିଯାଇଥିଲା। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଦ୍ରକ ଜିଲା କେନ୍ଦୁଆପଦା ଅଞ୍ଚଳର ପ୍ରଶାନ୍ତ କୁମାର ଜେନା(୫୨), ଗମ୍ଭାରିଆ ଗ୍ରାମର ଗୌତମ ସାମଲ(୫୫), ମାନସ ସାମଲ(୩୬), ବାଲିଆପାଳ ଗ୍ରାମର ସୁଶାନ୍ତ ଜେନା(୪୮), ଯାଜପୁର ଜିଲା କୋରେଇ ବ୍ଲକ ଓଷଳା ଗ୍ରାମର ଭୀମସେନ ଜେନା (୪୫) ଓ ଦୋଳଗୋବିନ୍ଦ ପ୍ରଧାନ (୫୦)। ସେହିପରି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ନବଘନ ବାରିକ ଏବଂ ଅମର ବାରିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ଉକ୍ତ ମାଲବାହୀ ଟ୍ରେନ୍ ବଗିଗୁଡ଼ିକ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର କଟକ ଆଡକୁ ପ୍ରାୟ ୩୦୦ ମିଟର ଦୂର ଅଚଳ ଲାଇନ୍‌ରେ ଦୀର୍ଘଦିନ ହେଲା ରହିଥିଲା। ସେଥିରେ ବଜୁରି ଓ ଚିପ୍ସ ଲୋଡିଂ ଥିଲା। ଏହାର ପାର୍ଶ୍ୱରେ ପୂର୍ବତଟ ରେଳ ଡିଭିଜନର ଅପ୍ ଲାଇନର ୩ୟ ରେଳଧାରଣା ମରାମତି କାମ ଚାଲିଥିଲା। ଏଥିରେ ଉପରୋକ୍ତ ଶ୍ରମିକମାନେ ଠିକାରେ ନିଯୁକ୍ତ ଥିଲେ। ତେବେ ଉପଯୁକ୍ତ ଲକ୍ ସିଷ୍ଟମ୍ ବିନା ବଗିଗୁଡ଼ିକୁ ସେଠାରେ ରଖାଯାଇଥିବାରୁ ତାହା ଗଡ଼ିଯାଇ ଶ୍ରମିକମାନଙ୍କ ଜୀବନ ନେଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଘଟଣାସ୍ଥଳରେ ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲ, ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ତହସିଲଦାର ଅଶୋକ ମାଝି, ଆରପିଏଫ୍ ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଯାଜପୁର ରୋଡ୍ ଅଗ୍ନିଶମ ବିଭାଗ, ସ୍ଥାନୀୟ ସାମାଜିକ କର୍ମୀମାନେ ପହଞ୍ଚି ☞ପୃଷ୍ଠା-୨



ଯାଜପୁର -କେନ୍ଦୁଝର ରୋଡ୍ ଷ୍ଟେଶନଠାରେ ବୁଧବାର ଅପରାହ୍ନରେ ମାଲବାହୀ ଟ୍ରେନ୍ ବଗିରେ କଟି ମୃତ୍ୟୁବରଣ କରିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ, ୫ ଲକ୍ଷ ଟଙ୍କା ସହାୟତା ଘୋଷଣା

ଭୁବନେଶ୍ୱର,୭।୬(ବ୍ୟୁରୋ)

ମାଲବାହୀ ବଗି ତଳେ କଟି ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଆହତ ୨ ଜଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଧାନ ଏମ୍ଏସ୍‌ପି ୧୪୩ ଟଙ୍କା ବଢ଼ିଲା

### ରାଶି ଏମ୍ଏସ୍‌ପି ସର୍ବାଧିକ ୮୦୫ ବୃଦ୍ଧି

ନୂଆଦିଲ୍ଲୀ,୭।୬

କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବର୍ଷ ନିମନ୍ତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କୁଇଣ୍ଟାଲ ପିଛା ୭% ଅର୍ଥାତ୍ ୧୪୩ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ କୁଇଣ୍ଟାଲ ପିଛା ସାଧାରଣ ଧାନର ଏମ୍ଏସ୍‌ପି ୨,୦୪୦ ଟଙ୍କାରୁ ୨୧୮୩ ଟଙ୍କା ଏବଂ 'ଏ' ଗ୍ରେଡ୍ ଧାନର ଏମ୍ଏସ୍‌ପି ୨୦୬୦ ଟଙ୍କାରୁ ୨୨୦୨ ଟଙ୍କାକୁ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ବୃଦ୍ଧି। ୨୦୧୮-୧୯ରେ ଧାନ ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୨୦୦ ଟଙ୍କା ବଢ଼ିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଧାନ ସମେତ ଅନ୍ୟ କେତେକ ଫସଲର ଏମ୍ଏସ୍‌ପି ବୃଦ୍ଧିକୁ ଅନୁମୋଦନ ଦିଆଯାଇଛି। ତଦନୁଯାୟୀ ଏହି ଫସଲଗୁଡ଼ିକର କୁଇଣ୍ଟାଲ ପିଛା ମୂଲ୍ୟ ୫.୩%ରୁ ୧୦.୩୫% ଅର୍ଥାତ୍ ୧୨୮ ଟଙ୍କାରୁ ୮୦୫ ଟଙ୍କା ଯାଏ ବଢ଼ିଛି। ଗଣମାଧ୍ୟମକୁ ସୂଚନା ଦେଇ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ, ପୂର୍ବବର୍ଷ ତୁଳନାରେ ଏଥର ଏମ୍ଏସ୍‌ପି ବୃଦ୍ଧି ଅଧିକ କରାଯାଇଛି। ଖୁଚୁରା ମୁଦ୍ରାସ୍ଫୀତି କମୁଥିବାବେଳେ ଏହି ଏମ୍ଏସ୍‌ପି ବୃଦ୍ଧି ଚାଷୀମାନଙ୍କୁ ଲାଭ ଦେବ। ଏମ୍ଏସ୍‌ପି ବୃଦ୍ଧି ଚାଷୀଙ୍କୁ ସେମାନଙ୍କ ଉତ୍ପାଦନ ପାଇଁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିବ ଏବଂ ବିଭିନ୍ନ ଫସଲ ଚାଷ କରିବାକୁ ଉତ୍ସାହିତ କରିବ ବୋଲି ଗୋୟଲ କହିଛନ୍ତି।

**କୁଇଣ୍ଟାଲ ପିଛା ଏମ୍ଏସ୍‌ପି (ଟଙ୍କାରେ)**

| ଫସଲ | କେତେ ଥିଲା (୨୦୨୨-୨୩) | କେତେ ବଢ଼ିଲା | କେତେ ହେଲା (୨୦୨୩-୨୪) | ବୃଦ୍ଧି ପ୍ରତିଶତ (%) |
|---|---|---|---|---|
| ଧାନ (ସାଧାରଣ) | ୨୦୪୦ | ୧୪୩ | ୨୧୮୩ | ୭ |
| ଧାନ (ଏ ଗ୍ରେଡ୍) | ୨୨୬୦ | ୧୪୩ | ୨୨୦୩ | ୭ |
| ଯଅ (ହାଇବ୍ରିଡ୍) | ୨୯୭୦ | ୨୧୦ | ୩୧୮୦ | ୭ |
| ଯଅ (ମାଲଦାଣ୍ଡି) | ୨୯୯୦ | ୨୩୫ | ୩୨୨୫ | ୭.୮୫ |
| ବାଜରା | ୨୩୫୦ | ୧୫୦ | ୨୫୦୦ | ୬.୪ |
| ମକା | ୧୯୬୨ | ୧୨୮ | ୨୦୯୦ | ୬.୫ |
| ମାଣ୍ଡିଆ | ୩୫୭୮ | ୨୬୮ | ୩୮୪୬ | ୭.୪୯ |
| ମୁଗ ଡାଲି | ୭୭୫୫ | ୮୦୩ | ୮୫୫୮ | ୧୦.୩୫ |
| ହରଡ଼ | ୬୬୦୦ | ୪୦୦ | ୭୦୦୦ | ୬.୦୬ |
| ବିରି | ୬୬୦୦ | ୩୫୦ | ୬୯୫୦ | ୫.୩ |
| ରାଶି | ୭୮୩୦ | ୮୦୫ | ୮୬୩୫ | ୧୦.୨୮ |
| ବାଦାମ | ୫୮୫୦ | ୫୨୭ | ୬୩୭୭ | ୯ |
| ସୋୟାବିନ (ୟେଲୋ) | ୪୩୦୦ | ୩୦୦ | ୪୬୦୦ | ୬.୯୭ |
| ସୂର୍ଯ୍ୟମୁଖୀ ମଞ୍ଜି | ୬୪୦୦ | ୩୬୦ | ୬୭୬୦ | ୫.୬ |
| ନାଇଜର ବୀଜ | ୭୨୮୭ | ୪୪୭ | ୭୭୩୪ | ୬.୧୩ |
| କପା (ଲଙ୍ଗ୍) | ୬୩୮୦ | ୬୪୦ | ୭୦୨୦ | ୧୦.୦୩ |
| କପା (ମିଡିୟମ୍) | ୬୦୮୦ | ୫୪୦ | ୬୬୨୦ | ୮.୮୮ |

**ଆଜିର ସମ୍ପାଦକୀୟ**

**ଉପବାସ ଭଙ୍ଗର ରହସ୍ୟ**

# ଡବ୍ଲ୍ୟୁଟିସି ଫାଇନାଲ ଆରମ୍ଭ




ଲଣ୍ଡନ, ୭।୬

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଓଭାଲ ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଛି। ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସ୍ମୃତିରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିବା ସହ ଖେଳ ଆରମ୍ଭ ପୂର୍ବରୁ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରେ ୭୬ ରନ ମଧ୍ୟରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିବା ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଶତକ ଏବଂ ଷ୍ଟିଭେନ୍ ସ୍ମିଥଙ୍କ ଦୃଢ଼ ବ୍ୟାଟିଂ ବଳରେ ମଜଭୁତ ସ୍ଥିତିରେ ପହଞ୍ଚିଛି।
(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# 'ମୋଦି, ଅଶ୍ୱିନୀଙ୍କ ନାଁରେ ଏଫ୍ଆଇଆର୍ ହେଉ'

### ଅବହେଳାରୁ ବାହାନଗା ଟ୍ରେନ୍ ଦୁର୍ଘଟଣା: କଂଗ୍ରେସ

ନୂଆଦିଲ୍ଲୀ,୭।୬

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପାଇଁ କଂଗ୍ରେସ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାୟୀ କରିଛି। ଏଥିସହ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରିଛି।

କଂଗ୍ରେସ ମୁଖପାତ୍ର ଅଜୟ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରେଳ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ଷଡ଼ଯନ୍ତ୍ର ରହିଛି। ଏହି ଭୟଙ୍କର ଦୁର୍ଘଟଣା ପରେ ରେଳମନ୍ତ୍ରୀ ଅଶ୍ୱିନୀ ଡ୍ରାମା କରୁଛନ୍ତି। ଏଥିପାଇଁ ତାଙ୍କୁ ଓସ୍କାର ପୁରସ୍କାର ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏହି ଆତ୍ମଘାତୀ କାର୍ଯ୍ୟରେ ସାମିଲ ଅଛନ୍ତି। ଦୁହିଁଙ୍କ ବିରୋଧରେ ଏଫ୍ଆଇଆର୍ କରାଯାଉ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଶ୍ୱିନୀ ଓ ତାଙ୍କ ସରକାର ବିରୋଧରେ ତଦନ୍ତ କରିବା ଉଚିତ। ସରକାର ହେଡ୍‌ଲାଇନ୍ ମ୍ୟାନେଜ୍‌ମେଣ୍ଟ ବ୍ୟତୀତ କିଛି କରୁନାହାନ୍ତି। ଦୁର୍ଘଟଣା ପାଇଁ ଦାୟୀ ମନ୍ତ୍ରୀଙ୍କୁ କେନ୍ଦ୍ର ସୁରକ୍ଷା ଦେଉଛି। ଭଗବାନ ଭରସାରେ ରେଲୱେ ଚାଲିଛି। ସିବିଆଇ ଏଫ୍ଆଇଆର୍‌ରେ ଆତ୍ମଘାତୀ କାର୍ଯ୍ୟ ଯୋଗୁ ଦୁର୍ଘଟଣା ଘଟିଥିବା ବିଷୟ ଉଲ୍ଲେଖ କରାଯାଇ ନାହିଁ। ନିଜ ଅପାରଗତାରୁ ଦୃଷ୍ଟି ହଟାଇବା ପାଇଁ ସରକାର ସାବୋଟେଜ୍ ଥିଓରିକୁ ଆପଣାଇଛନ୍ତି ବୋଲି ଅଜୟ ସମାଲୋଚନା କରିଛନ୍ତି। ଗତ ୪ ବର୍ଷରେ ୧, ୧୨୯ ଥର ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଥିବାବେଳେ ସେଗୁଡ଼ିକର ସିବିଆଇ ତଦନ୍ତ କାହିଁକି କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରେଳମନ୍ତ୍ରୀଙ୍କୁ ପ୍ରଶଂସା କଲେ ଓଡ଼ିଶା ଟ୍ରେନ୍ ଟ୍ରାଜେଡିରେ ପ୍ରାଣ ହରାଇଥିବା ୨୮୮ ଯାତ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବ ନାହିଁ। ଏଥିପାଇଁ ଦାୟୀ ମନ୍ତ୍ରୀ ଓ ଅନ୍ୟମାନଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଗଲେ ମୃତକଙ୍କ ପରିବାର ନ୍ୟାୟ ପାଇପାରିବେ। ଗତ ୯ ବର୍ଷରେ ମୋଦି ସରକାର ରେଳ ମନ୍ତ୍ରଣାଳୟକୁ ତ୍ୟାଗ କରିଦେଇଥିଲେ। ଏହାର ପରିଣାମସ୍ୱରୂପ ଦେଶ ବର୍ତ୍ତମାନ ଦୁର୍ଦ୍ଦଶା ଭୋଗୁଛି ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ସେହିପରି ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଝାଡ଼ଖଣ୍ଡରେ ଚମତ୍କାର ଭାବେ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ନେଇ ଏକ ଖବରକୁ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟରରେ ଶେୟାର କରିଛନ୍ତି। ☞ପୃଷ୍ଠା-୨

# ରୁଷିଆରେ ଫସିଛନ୍ତି ଏୟାର ଇଣ୍ଡିଆର ୨୩୨ ଯାତ୍ରୀ

### ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ ଯାଉଥିବାବେଳେ ଜରୁରୀ ଅବତରଣ

ମସ୍କୋ/ୱାଶିଂଟନ/ନୂଆଦିଲ୍ଲୀ,୭।୬

ଦିଲ୍ଲୀରୁ ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ରୁଷିଆର ମଗଦାନସ୍ଥିତ ଗୁଲାଗରେ ବିମାନଟି ଜରୁରୀ ଅବତରଣ କରିଛି। ଫଳରେ ଫ୍ଲାଇଟ୍ ଏଆଇ୧୭୩ରେ ଥିବା ସମସ୍ତ ୨୧୬ ଯାତ୍ରୀ ଓ ୧୬ କ୍ରିଉ ସେଠାରେ ଫସିରହିଛନ୍ତି। ଟାଟା ଗ୍ରୁପ୍ ମାଲିକାନରେ ଥିବା ଘରୋଇ କ୍ୟାରିୟରଟି ଗୁଲାଗ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିବା ମଙ୍ଗଳବାର ରାତିରେ କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସମସ୍ତ ଯାତ୍ରୀ ବିଦେଶୀ। ସେମାନଙ୍କ ମଧ୍ୟରେ ୪୦ ଆମେରିକୀୟ ଓ କେତେଜଣ କାନାଡା ☞ପୃଷ୍ଠା-୨

# ଆଜି ଯୁକ୍ତ ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ବିଧିବଦ୍ଧ ଭାବେ ଫଳ ଘୋଷଣା କରାଯିବ ବୋଲି ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ପରିଷଦ ୱେବ୍‌ସାଇଟ୍‌ରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। https://chseodisha.nic.in/ରୁ ଛାତ୍ରୀଛାତ୍ର ସେମାନଙ୍କ ମାର୍କ ଜାଣିପାରିବେ। ସୂଚନାଥାଉ କି, ୨୦୨୨-୨୩ ଶିକ୍ଷାବର୍ଷର ଯୁକ୍ତ ୨ ପରୀକ୍ଷା ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୫ ଯାଏ ଚାଲିଥିଲା। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ ଲକ୍ଷ ୫୭ହଜାର ୯୪୨ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଧନ୍ଦାମୂଳକ ଶିକ୍ଷାରେ ☞ପୃଷ୍ଠା-୨

# ଡିଏନ୍ଏକୁ ନଷ୍ଟ କରିପାରେ କୃତ୍ରିମ ମିଠା

ୱାଶିଂଟନ୍,୭।୬

ମଧୁମେହ ରୋଗୀମାନେ ଚା' ଓ ଅନ୍ୟ ଖାଦ୍ୟଗୁଡ଼ିକରେ ଶର୍କରାଯୁକ୍ତ ଚିନି ପରିବର୍ତ୍ତେ କୃତ୍ରିମ ସ୍ୱିଟ୍‌ନର ବ୍ୟବହାର କରିଥାଆନ୍ତି। କିନ୍ତୁ ଏହି କୃତ୍ରିମ ମିଠାରେ ବ୍ୟବହୃତ ରାସାୟନିକ ପଦାର୍ଥ ଡିଏନ୍ଏକୁ ନଷ୍ଟ କରିପାରେ ବୋଲି ଆମେରିକୀୟ ବୈଜ୍ଞାନିକମାନେ ସତର୍କ କରାଇଛନ୍ତି।

ନର୍ଥ କ୍ୟାରୋଲିନା ଷ୍ଟେଟ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ, ସର୍ବାଧିକ ଆଦୃତ ଆର୍ଟିଫିସିଆଲ ସ୍ୱିଟ୍‌ନର ବ୍ୟବହାରକାରୀଙ୍କ ଡିଏନ୍ଏକୁ ନଷ୍ଟ କରି କର୍କଟ ରୋଗର କାରଣ ସାଜିପାରେ। ସ୍ପ୍ଲେଣ୍ଡା ନାମରେ ବଜାରରେ ଉପଲବ୍ଧ କ୍ୟାଲୋରି ଶୂନ୍ୟ ସ୍ୱିଟ୍‌ନର ଚିନିଠାରୁ ୬୦୦ ଗୁଣ ଅଧିକ ମିଠା। ଏହାକୁ ପାଉଁରୁଟି, କେକ୍, ବେଭେରେଜ୍, ଚିୱିଙ୍ଗ୍ ଗମ୍, ଜିଲାଟିନ୍ସ ଓ ଫ୍ରୋଜେନ୍ ଡେଏରି ସାମଗ୍ରୀରେ ବ୍ୟବହାର କରାଯାଏ। ଏଥିରେ ଥିବା ରାସାୟନିକ ପଦାର୍ଥ ସୁକ୍ରାଲୋଜ୍‌କୁ ଖାଦ୍ୟ ଓ ପାନୀୟ ସାମଗ୍ରୀ ସମେତ ସାରା ବିଶ୍ୱରେ ଔଷଧ ପ୍ରସ୍ତୁତିରେ ମଧ୍ୟ ଚିନିର ବିକଳ୍ପ ଭାବେ ଉପଯୋଗ କରାଯାଇଥାଏ। କେବଳ ଆମେରିକାରେ ଏହାକୁ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୫୦ ନିୟୁତ। ମାନବ ଶରୀରକୁ ସୁକ୍ରାଲୋଜ୍ ପ୍ରବେଶ କଲେ ସୁକ୍ରାଲୋଜ୍-୬ ରୂପେ ଯୌଗିକ ବିଘଟନ ହୋଇଥାଏ, ଫଳରେ ଖାଦ୍ୟନଳୀ ନିମ୍ନଭାଗର ଭିତର ପରସ୍ତ ନଷ୍ଟ ହୋଇଥାଏ ବୋଲି ଗବେଷଣାର ନେତୃତ୍ୱ ନେଉଥିବା ପ୍ରଫେସର ସୁସାନ୍ ସ୍କିଫ୍‌ମ୍ୟାନ୍ କହିଛନ୍ତି। ସୁକ୍ରାଲୋଜ୍ ଆନ୍ତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ପୂର୍ବ ଅଧ୍ୟୟନଗୁଡ଼ିକରେ ଜଣାପଡ଼ିଥିଲା। ତେଣୁ ଏହା ଉପରେ ଅଧିକ ତଥ୍ୟ ହାସଲ ପାଇଁ ଆମେ ଉଦ୍ୟମ କରିଥିଲୁ। ପରୀକ୍ଷାନିରୀକ୍ଷାରୁ ଚକିତ କରିଦେବା ଭଳି ତଥ୍ୟ ସାମ୍ନାକୁ ଆସିଥିଲା। ସୁକ୍ରାଲୋଜ୍-୬ର ଦହନଶୀଳ ପ୍ରକ୍ରିୟା ମଣିଷଙ୍କ ଗୁଣସୂତ୍ରକୁ ନଷ୍ଟ କରିବା ସହ କ୍ୟାନ୍‌ସରର କାରକ ପାଲଟିଥାଏ ବୋଲି ପ୍ରଫେସର ସୁସାନ୍ କହିଛନ୍ତି। ଜର୍ନାଲ ଅଫ୍ ଟେକ୍ସିକୋଲୋଜି ଆଣ୍ଡ୍ ଏନ୍‌ଭାଇରୋନ୍‌ମେଣ୍ଟାଲ ହେଲ୍‌ଥରେ ଏହି ଅଧ୍ୟୟନ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଏହା ପୂର୍ବରୁ ଗତ ମେ'ରେ ଓଜନ ହ୍ରାସ ପାଇଁ ସ୍ପ୍ଲେଣ୍ଡା ଭଳି ଆର୍ଟିଫିସିଆଲ ସ୍ୱିଟ୍‌ନର ବ୍ୟବହାର ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସୁପାରିସ କରିଥିଲା।



**ଆଜିର ମନ୍ତବ୍ୟ**
ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ପ୍ରଦାନ କେରୁଥିବା କେନ୍ଦ୍ର ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ।
-ଦୀପେନ୍ଦ୍ର ହୁଡା, କଂଗ୍ରେସ ମୁଖପାତ୍ର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସା ବନ୍ଧା ଦେଇ ହଳଦୀ ଆଣ**
**ଶୋଇଲେ ଶୋଇବା ଉପାସେ ପୁଣ ।**

ଆଗକାଳରେ କଂସାବାସନର ବ୍ୟବହାର ଥିଲା । କଂସାବାସନ ବନ୍ଧା ଦେଇ ହଳଦୀ କିଣିବା ପରି ନ ଖାଇ ମୂଲ୍ୟବାନ ସାମଗ୍ରୀ କିଣିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପାସିଆ,**
**ଛ' ମାସିଆ ।**

ସାଧାରଣତଃ ସୂତାବୁଣା ଲୁଗାର ପରମାୟୁ ଛ' ମାସ ହୋଇଥାଏ। ଜିନିଷଟି ଯେତେବେଳେ କ୍ଷଣସ୍ଥାୟୀ ସେତେବେଳେ ତା'ର ମୂଲ୍ୟ ପ୍ରତି ଏତେ ଧ୍ୟାନ ନ ଦେଇ କୌଣସିମତେ କାମ ଚଳେଇ ଦେଲେ ଯାଏ। ଚାରି ଛ' ମାସ ଭିତରେ ଚିରିଗଲେ ପୁଣି ନୂଆ ଖଣ୍ଡେ ଆଣିବା ନେଇ ଭାବନା କରିବା ବା ଚିନ୍ତା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୨ ଥର ଆଲୋଚନା ପରେ ବି ତୁଟିପାରିଲାନି ଅମଲାଙ୍କ ସମସ୍ୟା

## ଆନ୍ଦୋଳନ ଜାରି ରହିବ କହିଲା ଅମଲା ସଂଘ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ତୁଟିପାରୁନି ରାଜ୍ୟସ୍ତରୀୟ ଅମଲା କର୍ମଚାରୀଙ୍କ ଦାବି ସମ୍ପର୍କିତ ସମସ୍ୟା। ୨ଥର ଆଲୋଚନା ପରେ ବି ଏ ପର୍ଯ୍ୟନ୍ତ କିଛି ସମାଧାନର ରାସ୍ତା ବାହାରିପାରିନାହିଁ। ଗତ ୨ ତାରିଖରେ ଅମଲା ମଞ୍ଚର ପ୍ରତିନିଧିମାନଙ୍କ ସହ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରଥମ ବୈଠକ କରିଥିଲେ। ହେଲେ ସେଥିରେ କିଛି ସମାଧାନ ହୋଇପାରି ନ ଥିଲା। ପୁଣିଥରେ ବୁଧବାର ଲୋକସେବା ଭବନ ଠାରେ ଜେନା ଅମଲା ପ୍ରତିନିଧିମାନଙ୍କ ସହ ପୁନର୍ବାର ବୈଠକ କରିବା ସତ୍ତ୍ୱେ କିଛି ସମାଧାନ ବାହାରିପାରି ନ ଥିବା ଜଣାପଡ଼ିଛି। ଆସନ୍ତା ଶୁକ୍ରବାର ଅମଲା ମଞ୍ଚର ଏକ ରାଜ୍ୟସ୍ତରୀୟ ବୈଠକ ବସିବାକୁ ଥିବାବେଳେ ସେଥିରେ ପୁଣି ଆନ୍ଦୋଳନ ଆଗକୁ ଜାରି ରଖିବା ଲାଗି ନିଷ୍ପତ୍ତି ନିଆଯିବ ବୋଲି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାସ ସୂଚନା ଦେଇଛନ୍ତି। ସେପଟେ ମୁଖ୍ୟ ଶାସନ ସଚିବ କିନ୍ତୁ ଅମଲାମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ଲାଗି ପରାମର୍ଶ ଦେଇଥିବା ସୂଚନା ଦିଆଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଗତ ୨ ତାରିଖରେ ଅମଲାମାନଙ୍କ ସହ ବୈଠକ ହୋଇଥିଲା। ସେଦିନ ସନ୍ଧ୍ୟାରେ ବାହାନଗା ରେଳ ଦୁର୍ଘଟଣା ଖବର ଆସିବା କ୍ଷଣି ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ସମସ୍ତେ ଉଦ୍ଧାର କାର୍ଯ୍ୟଠାରୁ ଆରମ୍ଭକରି ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ହେଲେ ଅମଲାମାନେ କିନ୍ତୁ ସେଥିରେ ସହଯୋଗ କରିବା ପରିବର୍ତ୍ତେ ଆନ୍ଦୋଳନ ଜାରି ରଖିଲେ।

ବୁଧବାର ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଅମଲା ମିଳିତ ମଞ୍ଚ ତରଫରୁ କନିଷ୍ଠ ସହାୟକଙ୍କ ପ୍ରବେଶିକା ଦରମା ହାର ଲେଭେଲ-୪ରୁ ଲେଭେଲ-୯(୪୨୦୦)କୁ ବୃଦ୍ଧି ପାଇଁ ସେମାନେ ଦାବି ରଖିଛନ୍ତି। ସେଥିପ୍ରତି ସରକାର ସହୃଦୟତାର ସହିତ ବିଚାରକରି ନିଷ୍ପତ୍ତି ଜଣାଇବେ ବୋଲି ସଂଘର ସମସ୍ତ ମୁଖ୍ୟଙ୍କୁ ଜଣାଯାଇଥିଲା। ଏ ସମ୍ପର୍କରେ ଜିଲାସ୍ତରରେ କାର୍ଯ୍ୟରତ ଅମଲାଙ୍କୁ ବୁଝାଇ କାର୍ଯ୍ୟରେ ଯୋଗଦାନ କରିବାକୁ ମଧ୍ୟ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଥିଲା। ହେଲେ ଅନୁରୋଧ ପରେ ମଧ୍ୟ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି। କେବଳ ସେତିକି ନୁହେଁ, ସରକାର ସେମାନଙ୍କ କଥା ଶୁଣୁନାହାନ୍ତି ବୋଲି ସାମାଜିକ ଓ ମୁଦ୍ରଣ ଗଣମାଧ୍ୟମରେ ମଧ୍ୟ ନକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। ସରକାର ଜିଲାସ୍ତରୀୟ ଅମଲାମାନଙ୍କ ଦାବି ପ୍ରତି ସଚେତନ ଅଛନ୍ତି। ଏହି ପ୍ରସ୍ତାବ ସମ୍ପର୍କରେ ସବିଶେଷ ନିରୀକ୍ଷଣ ଓ ଅନୁଶୀଳନ କରାଯାଇ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଖୁବ୍‌ଶୀଘ୍ର ସେମାନଙ୍କ ଦାବି ଉପସ୍ଥାପନ କରାଯିବ। ଆସନ୍ତା ମାସକ ମଧ୍ୟରେ ଏ ସମ୍ପର୍କରେ ପୁନର୍ବାର ଆଲୋଚନା କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ର ଏବଂ ଶଶାଙ୍କ ଶେଖର ଦାସ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନାରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାସ, ଆବାହକ ଚିତ୍ତରଞ୍ଜନ ତରାସିଆ, ଓଡ଼ିଶା ଅମଲା ସଂଘର ଅଧ୍ୟକ୍ଷ ହୃଦୟବିହାରୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।




-ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରି ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ତଦନ୍ତ, ରେଳମନ୍ତ୍ରୀଙ୍କ ଇସ୍ତଫା ଆଦି ଏକାଧିକ ଦାବି ନେଇ ବିଭିନ୍ନ ବାମଦଳ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ବିକ୍ଷୋଭ।

# ରେଳମନ୍ତ୍ରୀଙ୍କ ଇସ୍ତଫା, ଏସ୍‌ଆଇଟି ତଦନ୍ତ ଦାବିରେ ୧୨ ଦଳର ପ୍ରତିବାଦ

## ବାହାନଗା ରେଳ ଦୁର୍ଘଟଣା ପ୍ରସଙ୍ଗ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ସୁପ୍ରିମ୍‌କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସ୍‌ଆଇଟି) ଦ୍ୱାରା ବାହାନଗା ରେଳ ଦୁର୍ଘଟଣାର ତଦନ୍ତ କରାଯାଉ। କେନ୍ଦ୍ର ସରକାରଙ୍କ ହାତବାରିସୀ ସାଜି ଲୋକଙ୍କ ବିଶ୍ୱାସ ହରାଇଥିବାରୁ ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରାଯାଉ। ରେଳ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ। ସମସ୍ତ ମୃତକମାନଙ୍କ ଫୋଟୋ ସହିତ ସାର୍ବଜନୀନ ଭାବେ ସବୁ ଭାଷାର ଦୈନିକ ଖବରକାଗଜରେ ପ୍ରକାଶ କରାଯାଉ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ତତକ୍ଷଣାତ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଏହାସହ ପ୍ରତ୍ୟେକ ମୃତକ ପରିବାର ଏବଂ ଗୁରୁତର ଆହତ ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉ ବୋଲି ବୁଧବାର ରାଜ୍ୟର ୧୨ ରାଜନୈତିକ ଦଳ ଦାବି କରି ରାଜ୍ୟପାଳଙ୍କୁ ଭେଟିଛନ୍ତି। କଂଗ୍ରେସ ସମେତ ୧୨ ରାଜନୈତିକ ଦଳର ସଦସ୍ୟ ଏବଂ କାର୍ଯ୍ୟକର୍ତ୍ତାମାନେ ପୂର୍ବାହ୍ନ ୧୧ଟାରେ ସ୍ୱତନ୍ତ୍ର ସର୍କିଟ ହାଉସ୍ ଟାରୁ ଏକ ର୍ୟାଲିରେ ବାହାରି ରାଜଭବନ ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତାରେ ସେମାନଙ୍କୁ ପୋଲିସ୍ ଅଟକାଇଥିଲା। ଏହାପରେ ଏହିସବୁ ଦଳର ପ୍ରତିନିଧି ଓ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ରେଳମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ। ଏହାପରେ ଏହିସବୁ ଦଳର ଏକ ୧୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୨ ତାରିଖରେ ଏହି ଦାବି ନେଇ ଭୁବନେଶ୍ୱର ପୂର୍ବତଟ ରେଳ ପଥ ମୁଖ୍ୟାଳୟ, ବାଲେଶ୍ୱର ବ୍ରହ୍ମପୁର, ଏବଂ ରାଉରକେଲା ଠାରେ ଅନୁରୂପଭାବେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଘୋଷଣା ମଧ୍ୟ କରିଛନ୍ତି। ଏହି ପ୍ରତିବାଦ ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ-ଏମଏଲ(ଲିବେରେସନ), ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ଆମ ଆଦମୀ ପାର୍ଟି, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମାଜବାଦୀ ପାର୍ଟି, ଆର୍‌ଜେଡି, ସମତାକ୍ରାନ୍ତି ଦଳ, ଆରପିଆଇ, ସିପିଆଇ-ଏମଏଲ (ରେଡ ଷ୍ଟାର) ପ୍ରମୁଖ ୧୨ ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହୋଇଥିଲେ।

# ଅଲାରନାଥଙ୍କ ଦର୍ଶନ ପାଇଁ ଭିଡ଼

ବ୍ରହ୍ମଗିରି,୭। ୬(ଡି.ଏନ.ଏ)

ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ବୁଧବାର ପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଭିଡ଼ରେ ଜଣେ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ଅନ୍ୟପକ୍ଷରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ, ବିଦ୍ୟୁତ ବିଭାଗ, ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବୈଠକକୁ ସମସ୍ତ ବିଭାଗର ଅଧିକାରୀଙ୍କୁ ଡକାଯାଇଥିଲେ ମଧ୍ୟ କେତେଜଣ ଯୋଗ ଦେଇ ନ ଥିଲେ। ଫଳରେ ସମ୍ପୃକ୍ତ ବିଭାଗର କାର୍ଯ୍ୟରେ ବ୍ୟତିକ୍ରମ ଘଟିଛି। ଦର୍ଶନ ପାଇଁ ଭକ୍ତମାନେ ଲମ୍ୱାଧାଡ଼ିରେ ଦୀର୍ଘ ସମୟ ଧରି ଅସହ୍ୟ ଗରମ ଓ ଗୁଳୁଗୁଳିରେ ଛିଡ଼ା ହେଉଥିବାରୁ ଅଂଶୁଘାତର ଆଶଙ୍କା ରହୁଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ମନ୍ଦିର ନିକଟରେ ପ୍ରଥମ ଉପଚାର କେନ୍ଦ୍ର ଖୋଲି ଆମ୍ବୁଲାନ୍ସ ସହ ଡାକ୍ତର ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉପଚାର କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ଡାକ୍ତର ନ ଥିବାବେଳେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କାମ ଚଳାଇ ନିଆଯାଉଛି। ଫଳରେ ସେବାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୁଧବାର ଅଲାରନାଥଙ୍କୁ ଦର୍ଶନ ନିମନ୍ତେ କଳାହାଣ୍ଡି ଜିଲା ଭବାନୀପାଟଣାରୁ ଆସିଥିବା ସଙ୍ଗୀତା ସାହୁ (୪୯) ପ୍ରବଳ ଖରା ଯୋଗୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ମନ୍ଦିର ନିକଟରେ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତର ନ ଥିବାରୁ ଅଧଘଣ୍ଟା ଯାଏ ମହିଳା ଜଣକ ସେଠାରେ ପଡ଼ିରହିଥିଲେ। ତାଙ୍କୁ ବିଜେବି ସ୍ନାତକ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରି ସେବା ଯୋଗାଇ ଦେଇଥିଲେ। ପରେ ଏକ ଘରୋଇ ଅଟୋ ଯୋଗେ ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏଭଳି ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

**ଅସୁସ୍ଥ ହୋଇପଡ଼ିଲେ ମହିଳା ଭକ୍ତ**

## ପ୍ରଥମ ପୃଷ୍ଠାରୁ...

### ଆଶ୍ରୟ ନେବାକୁ ଯାଇ ...

ଉଦ୍ଧାର କାର୍ଯ୍ୟ କରିଥିଲେ। ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ପୂର୍ବତଟ ରେଳପଥ ସିପିଆର୍‌ଓ ବିଶ୍ୱଜିତ୍ ସାହୁ କହିଛନ୍ତି। ସାହୁଙ୍କ ସୂଚନାନୁଯାୟୀ, ମୃତାହତ ଶ୍ରମିକମାନେ ରେଲୱେ କାର୍ଯ୍ୟ ପାଇଁ ଠିକାଦାରଙ୍କ ଦ୍ୱାରା ନିୟୋଜିତ ଥିଲେ। ଷ୍ଟେଶନ ନିକଟ ସିକ୍ ଲାଇନରେ ଉକ୍ତ ମାଲବାହୀ ବଗିଗୁଡ଼ିକ ବଜୁରି ଓ ଚିପ୍ସ ବୋଝେଇ ହୋଇ ରହିଥିଲା, ଯାହାକି ମୌସୁମୀ ଋତୁ ପାଇଁ ଟ୍ରାକ୍ ମରାମତି ନିମନ୍ତେ ଆବଶ୍ୟକ ହୋଇଥାଏ । ତେବେ ଚେନ୍ ଓ ଜାମ୍ ଦିଆଯାଇ ବଗିଗୁଡ଼ିକୁ ରଖାଯାଇଥିଲା। ଏହାସତ୍ତ୍ୱେ ତାହା କିପରି ଗଡ଼ିଲା ତାହାର ଯାଞ୍ଚ ହେବ ବୋଲି ସିପିଆର୍‌ଓ ସାହୁ କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଶ୍ରମିକ ନେତା ପଦ୍ମନାଭ ରାଉତ ଏବଂ ଦୁଷ୍ମନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ରେଲୱେର ଅଦୂରଦର୍ଶିତା ଓ ଅବହେଳା ଯୋଗୁ ୬ଜଣ ନିରୀହଙ୍କ ଜୀବନଗଲା ବୋଲି କହିଛନ୍ତି। ବାହାନଗା ମୃତାହତଙ୍କ ଭଳି ଏହି ଘଟଣାର ମୃତାହତଙ୍କ ପରିବାରକୁ ଅନୁକମ୍ପା ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏହାସହିତ ଘଟଣାର ତଦନ୍ତ କରାଯାଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଥାଉକି ଘଟଣାସ୍ଥଳ ନିକଟରେ ୨୦୦୯ରେ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଋଷିଆରେ ଫସିଛନ୍ତି ...

ନାଗରିକ ଥିବା ଏୟାରପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଶେଷଜ୍ଞମାନେ ଉକ୍ତ ବିମାନକୁ ଯାଞ୍ଚ କରିବା ପରେ କହିଛନ୍ତି, ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଏକ ଫ୍ଲାଇଟ୍ ଆବଶ୍ୟକ। ଯାତ୍ରୀମାନଙ୍କୁ ମଗଦାନସ୍ଥିତ ଏକ ହୋଟେଲରେ ରଖାଯାଇଛି। ତେବେ ଗୋଟିଏ ରୁମ୍‌ରେ ୨୦ ଜଣ ଯାତ୍ରୀ ବିଶ୍ରାମ ନେଉଥିବା ବେଳର ଫଟୋ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ଏୟାର ଇଣ୍ଡିଆ ବୁଧବାର ଏକ ବିମାନକୁ ମଗଦାନକୁ ପଠାଇଛି। ସେଥିରେ ଯାତ୍ରୀଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଅନ୍ୟ ଜରୁରୀ ସାମଗ୍ରୀ ପଠାଯାଇଛି। ଉକ୍ତ ବୋଲିଂ ୭୭୭ ବିମାନ ସମସ୍ତ ଯାତ୍ରୀଙ୍କୁ ନେଇ ଗୁରୁବାର ସାନ୍‌ଫ୍ରାନ୍ସିସ୍କୋ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଇତିମଧ୍ୟରେ ସ୍ଥିତି ଉପରେ ୱାଶିଂଟନ୍‌ର ନଜର ରହିଥିବା ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର ବେଦାନ୍ତ ପଟେଲ (ଭାରତୀୟ ବଂଶୋଦ୍ଭବ) ସୂଚନା ଦେଇଛନ୍ତି। ଉତ୍ତରପୂର୍ବ ଋଷିଆର ଓଖୋସ୍କ ସାଗର ଉପକୂଳରେ ମଗଦାନ ଅବସ୍ଥିତ। ମଗଦାନ ଓବ୍ଲାଷ୍ଟର ପ୍ରଶାସନିକ କେନ୍ଦ୍ର ଅଧୀନରେ ଆସୁଥିବା ଏହି ଆଭ୍ୟନ୍ତରୀଣ ବନ୍ଦର ସହର ରାଜଧାନୀ ମସ୍କୋରୁ ୧୦,୧୬୭ କି.ମି. ଦୂରରେ ରହିଛି। ମସ୍କୋରୁ ମଗଦାନକୁ ବିମାନରେ ଗଲେ ପ୍ରାୟ ୭ ଘଣ୍ଟା ୩୭ ମିନିଟ୍ ଲାଗିଥାଏ।

### 'ମୋଦି, ଅଶ୍ୱିନୀଙ୍କ ନାଁରେ ...

ସେ କହିଛନ୍ତି, ଏହା ଉପରେ ବି ସିବିଆଇ ତଦନ୍ତ କରିବ ନା ଭାରତୀୟ ରେଳପଥର ସୁରକ୍ଷାରେ କିଛି ଗମ୍ଭୀର ଭୁଲ୍ ରହିଥିବା ବିଷୟ ମୋଦି ସରକାର ସ୍ୱୀକାର କରିବେ ବୋଲି ଜୟରାମ ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରୀୟ ରେଳ ସଂରକ୍ଷକ (ଆର୍‌ଆର୍‌ଏସ୍‌କେ) ପାଣ୍ଠିକୁ ଅଣଜରୁରୀ କାର୍ଯ୍ୟରେ ଖର୍ଚ୍ଚ କରାଯାଇଥିବା ନେଇ ୨୦୨୧ ମାର୍ଚ୍ଚରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଦେଇଥିବା ରିପୋର୍ଟର ମଧ୍ୟ ସେ ଅବତାରଣା କରିଛନ୍ତି।

### ଆଜି ଯୁକ୍ତ ୨ କଳା ...

୫,୮୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଯୁକ୍ତ ୨ ଖାତାଦେଖା ଆରମ୍ଭ ହୋଇଥିଲା। ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ' ୫ ତାରିଖ ଯାଏ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଖାତା ମୂଲ୍ୟାୟନ କରାଯାଇଥିଲା। ମେ ୩୧ରେ ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟ ଆଲୋଚନାରେ ନିମଜ୍ଜିତ କରାଇବ। ବନ୍ଧୁଙ୍କ ସହଯୋଗରେ ଆର୍ଥିକ ସୁଧାର ଆସିପାରେ। ମନରେ ଦୁଃଖ ରହିଥିଲେ ମଧ୍ୟ ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତାରୁ ସୁଫଳ ମିଳିବ।

**ବୃଷ** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ଭଲ ରହିବ ନାହିଁ। ପୂର୍ବପରି କର୍ମକ୍ଷେତ୍ରରେ ଆଉ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ମନରେ ବହୁତ କ୍ଷୋଭ ଆଣିବ। ରୋହିଣୀ ନକ୍ଷତ୍ରର ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** ମନ କଥା ଅନ୍ୟକୁ ଜଣାଇଲେ ମଧ୍ୟ ସହାନୁଭୂତି ପାଇବା ଦୁର୍ଲଭ ହେବ। ମୃଗଶିରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ଯେଉଁ କାମରେ ହାତ ଦେଲେ ତାହା ବିଗିଡ଼ି ଯାଉଥିବାରୁ ମନ ଭଲ ରହିବ ନାହିଁ। ଆଜି କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ।

**କର୍କଟ** ପରିସ୍ଥିତି ଅନୁକୂଳ ନ ହେବାରୁ ମନରେ ଉତ୍ସାହ ରହିବ ନାହିଁ। ପୁଣି ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କେତେକାଂଶରେ ଆଶା ପୂରଣ ହେବ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** କେତେକ କଷ୍ଟସାଧ୍ୟ କାର୍ଯ୍ୟ କରିବାକୁ ବାଧ୍ୟ ହୋଇପାରନ୍ତି। ମଘା ନକ୍ଷତ୍ରର କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମ ସମ୍ପନ୍ନ କରିପାରିବେ। ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟକୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପ୍ୟାୟିତ କରିବେ। କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି।

**ତୁଳା** କୌଣସି ପ୍ରକାରର ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ପଡ଼ୋଶୀ ସ୍ୱାର୍ଥ ହାସଲ ସକାଶେ କଳହ କରିପାରନ୍ତି। ଚିତ୍ରା ନକ୍ଷତ୍ରର କଚେରି ମାମଲାର ଶୁଣାଣି ବିଳମ୍ବ ହେବାରୁ ଦୁଶ୍ଚିନ୍ତା ବଢ଼ିଯିବ।

**ବିଛା** ଆଜିର କାମଗୁଡ଼ିକ ଠିକ୍‌ଠାକ୍ ହୋଇଯିବ। କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଆଦର, ଗୌରବରେ ଅତୀତ ଦୁଃଖକୁ ପାସୋରି ଦେଇ ପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ପ୍ରଶଂସିତ ହେବେ। ଅନୁରାଧା ଦୀର୍ଘ ଦିନର ପରିକଳ୍ପିତ ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ।

**ଧନୁ** ଆପଣଙ୍କର ପୂର୍ବ ସମସ୍ୟା ବଦଳି ଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ମୂଳା ନକ୍ଷତ୍ରର ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ଅଫିସ୍ କାମରେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ।

**ମକର** ଆଜି ମିଠା କଥା କହି ପ୍ରତ୍ୟେକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ଶ୍ରବଣା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କୁମ୍ଭ** ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଶତଭିଷା ନକ୍ଷତ୍ର ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମୀନ** ଆଜି ଆବଶ୍ୟକତାରୁ ଅଧିକ କହିବା ଅହିତକର ହେବ। ଯାହାକୁ ବିଶ୍ୱାସ କରି କିଛି ଗୋପନୀୟ କଥା କହିବେ, ସେହି ବ୍ୟକ୍ତିହିଁ ସବୁ ସମସ୍ୟା ସୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟିଯିବ। ରେବତୀ ନକ୍ଷତ୍ର ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ଆଷାଢ଼ କୃଷ୍ଣ ୫ମୀ ଗୁରୁବାର, ଶ୍ରୀମନ୍ଦିରରେ ଅଣସର ୫ମୀ ଓ ଫୁଲୁରୀଲାଗି, ଜୁନ୍ ୮ ତାରିଖ, ରାଶି ନକ୍ଷତ୍ର- ଶ୍ରବଣା/ମକର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୦ ଗତେ ଘ.୦୬।୦୩ ମଧ୍ୟେ, ଘ.୦୯।୩୪ ଗତେ ଘ.୧୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୪ ଗତେ ଘ.୦୩।୦୩ ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ପ୍ରମଥ ପଟ୍ଟନାୟକ ଓଆର୍ଇଏଟି ଅଧ୍ୟକ୍ଷ

**ଭୁବନେଶ୍ୱର,୭।୬(ବ୍ୟୁରୋ):** ପୂର୍ବତନ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ ଆପିଲେଟ ଟ୍ରିବ୍ୟୁନାଲ(ଓଆରଇଏଟି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହାଇକୋର୍ଟଙ୍କ ପରାମର୍ଶ କ୍ରମେ ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ) ଆକ୍ଟ-୨୦୧୬ର ସେକ୍ସନ-୪୬ର ସବ୍‌ସେକ୍ସନ(୨) ଅନୁଯାୟୀ ରାଜ୍ୟ ସରକାର ଏହି ନିଯୁକ୍ତି ଦେଇଛନ୍ତି। ଆସନ୍ତା ଜୁନ୍ ୩୦ ତାରିଖରୁ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ଗଲେ ବଣ୍ଡା,ଡିଡାଇ ଜନଜାତିର ୪୦ ସଦସ୍ୟ

**ମାଲକାନଗିରି,୭।୬(ଡି.ଏନ.ଏ.):** ମାଲାକନଗିରି ଜିଲାର ୨୦ ଜଣ ବଣ୍ଡା ଓ ଡିଡାଇ ଜନଜାତିର ୨୦ ସଦସ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣକ୍ରମେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ରାଷ୍ଟ୍ରପତି ସେମାନଙ୍କ ଚଳଣି ସମ୍ପର୍କରେ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେମାନେ ଏହି ଯାତ୍ରା କରିଥିବା ଜଣାପଡିଛି। ସେମାନଙ୍କ ଏହି ଯାତ୍ରା ବେଳେ ବଣ୍ଡା ଜନଜାତିର ପ୍ରୋଜେକ୍ଟ ଲିଡର (ପିଏଲ୍) ଉପସ୍ଥିତ ଥିଲେ। ଡିଡାଇ ଜନଜାତିର (ଏସଓ) କିରାଣି ନାୟକ ପତାକା ଦେଖାଇ ଏହି ଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

## 'ମୁକ୍ତା' ଯୋଜନାରେ ୩୭ ପୌର ସଂସ୍ଥା ପାଇଁ ୪୨୩.୮୭ କୋଟି ମଞ୍ଜୁର

**ମିଶନ ଶକ୍ତି ହାତରେ ରହିବ ସମସ୍ତ ପ୍ରକଳ୍ପ ଦାୟିତ୍ୱ**

**ଭୁବନେଶ୍ୱର,୭।୬(ବ୍ୟୁରୋ):** ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଜିଲାରେ ଥିବା ୩୭ଟି ପୌର ସଂସ୍ଥା ପାଇଁ ୪୨୩.୮୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହି ୧୦ଟି ଜିଲା ହେଲା ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ । ଆସନ୍ତା ୨ଟି ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲାର ପୌର ସଂସ୍ଥାଗୁଡ଼ିକ ଉକ୍ତ ଯୋଜନାରେ ସାମିଲ ହେବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜୁନ୍ ୨ ତାରିଖରେ ୩୭ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁକ୍ତା ଯୋଜନାରେ ସହରାଞ୍ଚଳରେ ହେଉଥିବା ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁକ୍ତା ଯୋଜନାରେ ସହରାଞ୍ଚଳରେ ଜଳବାୟୁ ନିରୋଧୀ କାର୍ଯ୍ୟ, ମିନି ପାର୍କ, ମୁକ୍ତାକାଶ ଜିମ୍, ପିଲାଙ୍କ ଖେଳିବା ସ୍ଥାନ, ଖେଳ ପଡିଆ, ୱାକିଂ ଟ୍ରାକ, ଭେଣ୍ଡିଂ ଜୋନ୍ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ବ୍ୟବହାର ଯୋଗ୍ୟ ସ୍ଥାନର ଉନ୍ନତୀକରଣ, ଜଳାଶୟ ବିକାଶ, ବହୁମୁଖୀ ଗୋଷ୍ଠୀ ସେଣ୍ଟର, ୱାଲ ପେଣ୍ଟିଂ, ସହର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ ଶ୍ରମିକଭିତ୍ତିକ କାର୍ଯ୍ୟ ଇତ୍ୟାଦି କରାଯାଉଛି। ପ୍ରତ୍ୟେକ ୱାର୍ଡ ପାଇଁ ବାର୍ଷିକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବ। ଏଥିରେ ସ୍ଥାନୀୟ ଲୋକ ଓ ସମ୍ପୃକ୍ତ ପ୍ରମୁଖ ସଂସ୍ଥା ଅଂଶ ଗ୍ରହଣ କରିବେ। ପ୍ରତ୍ୟେକ ପ୍ରକଳ୍ପ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା କରାଯିବ।

## ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୭।୬(ବ୍ୟୁରୋ):** ମୋଦି ସରକାର ଶାସନର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର ଏବଂ ବରଗଡ଼ ଜିଲାରେ ଆୟୋଜିତ ଗରିବ କଲ୍ୟାଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଏଥିଲାଗି ସେ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଥମ ଦିନରେ ଅର୍ଥାତ୍ ଗୁରୁବାର ସେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ଠାରେ ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ କାମାକ୍ଷାନଗରରେ କମ୍ୟୁନିଟି ରେଡ଼ିଓ-ରେଡ଼ିଓ ବସୁଧାର ଲୋକାର୍ପଣ ସମାରୋହରେ ଅଂଶଗ୍ରହଣ କରିବେ। ଏଥିସହ ଦଳର ସଂଯୁକ୍ତା ମୋର୍ଚ୍ଚା ବୈଠକରେ ଉପସ୍ଥିତ ରହି ସାଙ୍ଗଠନିକ ଆଲୋଚନା କରିବେ। ଦ୍ୱିତୀୟ ଦିନରେ ଧର୍ମେନ୍ଦ୍ର ଭୁବନେଶ୍ୱରଠାରେ ଦିଲୀପ ଶତପଥୀ ମେମୋରିଆଲ ରାଜ୍ୟସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜନଜାତୀୟ ଖେଳ ମହୋତ୍ସବ-୨୦୨୩ରେ ଯୋଗଦେବେ। ତୃତୀୟ ଦିନରେ ଦେବଗଡ଼ର ବଡ଼ବଗିଚା ଏବଂ ସମ୍ବଲପୁର ରେଙ୍ଗାଲି ବ୍ଲକରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ।

# ନିୟମ ମାନୁନାହାନ୍ତି ବହୁତଳ ଅଟ୍ଟାଳିକା

■ ବିପଜ୍ଜନକ ହେଉଛି ଭୂତଳ ଜଳ
■ ଏନ୍‌ଜିଟି କ୍ଷୁବ୍ଧ, ଯାଞ୍ଚ କରିବାକୁ ଏସ୍‌ପିସିବିକୁ ନିର୍ଦ୍ଦେଶ
■ ଆସନ୍ତା ସପ୍ତାହରେ ହେବ ଯାଞ୍ଚ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ରାଜ୍ୟର ସହରାଞ୍ଚଳରେ ଗଡ଼ି ଉଠୁଛି ମାଳ ମାଳ ବହୁତଳ ଅଟ୍ଟାଳିକା। ସେଥିରୁ ଅଧିକାଂଶ ଆପାର୍ଟମେଣ୍ଟ ଆଇନକାନୁନକୁ ନ ମାନି ପରିବେଶ ପାଇଁ ଘାତକ ସାଜୁଛନ୍ତି। ଆପାର୍ଟମେଣ୍ଟରୁ ବାହାରୁଥିବା ବର୍ଜ୍ୟବସ୍ତୁ, ବର୍ଜ୍ୟଜଳ ଓ ପାଇଖାନା ପାଣି ବିପଜ୍ଜନକ ହେଉଛି। ବହୁତଳ ଅଟ୍ଟାଳିକା ପାଇଁ ଅନୁମତି ଦେଉଥିବା ଡେଭଲପମେଣ୍ଟ ଅଥରଟି (ଉନ୍ନୟନ କର୍ତ୍ତୃପକ୍ଷ), ପରିବେଶ ସୁରକ୍ଷା ଦାୟିତ୍ୱରେ ଥିବା ରାଜ୍ୟ କିମ୍ବା କେନ୍ଦ୍ରୀୟ ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ଆପାର୍ଟମେଣ୍ଟରୁ ବାହାରୁଥିବା ବର୍ଜ୍ୟଜଳ ଭୂତଳ ଜଳକୁ ମଧ୍ୟ ପ୍ରଭାବିତ କଲାଣି। ଗୃହ ନିର୍ମାଣ ପ୍ଲାନ୍ ଅନୁମୋଦନ ପୂର୍ବରୁ ବିଲ୍ଡିଂ ରେଗୁଲେଶନକୁ ଏଡ଼େଇ ଭିତିରିଆ ଅନୁମତି ଦିଆଯାଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ତେବେ ଯାହା କିଛି ସର୍ତ୍ତ ରଖାଯାଉଛି ତାହାକୁ ଗୃହ ନିର୍ମାଣ ସଂସ୍ଥା ଅଣଦେଖା କରୁଛନ୍ତି। ଫଳରେ ପରିବେଶ ପ୍ରତି ଏହା ବିପଜ୍ଜନକ ହେବା ସହ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ଏଥିଯୋଗୁ ପାନୀୟଜଳ ମଧ୍ୟ ଅସୁରକ୍ଷିତ ହୋଇପଡିଛି। ବର୍ଜ୍ୟ ଜଳକୁ ଏଣେ ତେଣେ ଛାଡ଼ିବା, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) କାର୍ଯ୍ୟକାରୀ ନ କରିବା, ସୌରଶକ୍ତି ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ କରିବା, ବର୍ଷା ଜଳ ସଂରକ୍ଷଣ ଆଦି ଉପରେ ଆଦୌ ଗୁରୁତ୍ୱ ନ ଦେବା ଘଟଣାରେ ଗ୍ରୀନ୍ ଟ୍ରିବ୍ୟୁନାଲ କ୍ଷୁବ୍ଧ ହୋଇଛନ୍ତି।




ରାଜଧାନୀରେ ଥିବା ଏକ ପ୍ରତିଷ୍ଠିତ ଆପାର୍ଟମେଣ୍ଟରେ ଏଭଳି ଅବହେଳାକୁ ନେଇ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏନ୍‌ଜିଟି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି, କେନ୍ଦ୍ରୀୟ ଭୂତଳ ଜଳ କର୍ତ୍ତୃପକ୍ଷ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ କଡ଼ା ଭର୍ତ୍ସନା କରିଛନ୍ତି। ଆପାର୍ଟମେଣ୍ଟଗୁଡ଼ିକ ପରିବେଶ ପାଳନ ନିୟମକୁ କିପରି କାର୍ଯ୍ୟକାରୀ କରୁଛନ୍ତି ସେସବୁକୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଏନ୍‌ଜିଟିଗତ ୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ ରାଜ୍ୟରେ ଛୋଟ ବଡ଼ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟ ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁଯାୟୀ ଆପାର୍ଟମେଣ୍ଟରେ ବହୁ ସଂଖ୍ୟାରେ ଲୋକ ବସବାସ କରୁଥିବାରୁ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରିବା ବାଧ୍ୟତାମୂଳକ। ଏଥିପାଇଁ ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ଏନ୍‌ଓସି ଆଣିବାକୁ ହେବ । ଏସ୍‌ଟିପି ପାଇଁ ଏରିଏଶନ ଟ୍ୟାଙ୍କ, ମେମ୍ବ୍ରେନ୍ ଟ୍ୟାଙ୍କ୍, ଆନୋକ୍ସି ଟ୍ୟାଙ୍କ, ସ୍ଲଜ ହୋଲ୍ଡିଂ ଟ୍ୟାଙ୍କ ଓ ଶେଷରେ ବର୍ଜ୍ୟ ବିଶୋଧନ ଜଳ ଟ୍ୟାଙ୍କ ସ୍ଥାପନ କରାଯିବ, ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ସ୍ୱେରେଜ ଜଳକୁ ବିଶୋଧନ କରାଯିବ, ଯାହାକି ଭୂତଳ କିମ୍ବା ଭୂପୃଷ୍ଠ ଜଳକୁ ଏହା ପ୍ରଭାବିତ କରିବ ନାହିଁ। ମାତ୍ର ଏହି ଗାଇଡ୍‌ଲାଇନକୁ ପାଳନ କରାଯାଉ ନାହିଁ। ଏପରି କି ଆପାର୍ଟମେଣ୍ଟ ଆସୋସିଏଶନ ମଧ୍ୟ ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅନେକ ଆପାର୍ଟମେଣ୍ଟ ନାମକୁମାତ୍ର ଏସ୍‌ଟିପି କରିଥିଲେ ମଧ୍ୟ ପାଇଖାନାର ସମସ୍ତ ବର୍ଜ୍ୟ ବିନା ବିଶୋଧନରେ ଭୂଗର୍ଭସ୍ଥ ଜଳରେ ମିଶୁଛି। ଆପାର୍ଟମେଣ୍ଟଗୁଡ଼ିକରେ ସ୍ୱେରେଜ ଲାଇନ ନ ଥିବାରୁ ବର୍ଜ୍ୟଜଳକୁ ବାହାରକୁ କିମ୍ବା ଭୂଗର୍ଭକୁ ଛାଡ଼ି ଦିଆଯାଉଛି। ଫଳରେ ସମଗ୍ର ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଛି।

ସମାଜସେବୀ ତଥା ରେରା ଆକ୍ଟିଭିଷ୍ଟ ବିମଳେନ୍ଦୁ ପ୍ରଧାନ କହିଛନ୍ତି, ରାଜ୍ୟରେ ଥିବା ଆପାର୍ଟମେଣ୍ଟ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବେଶ ନିୟମ ଉଲ୍ଲଂଘନ କରୁଛନ୍ତି। ମାରାତ୍ମକ ସ୍ୱେରେଜ ପାଣିକୁ ଟ୍ରିଟ୍‌ମେଣ୍ଟ କରାଯାଉନାହିଁ। ବର୍ଜ୍ୟଜଳକୁ ଖୋଲା ଛାଡ଼ି ଦିଆଯାଉଛି। କେହି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଫଳରେ ବେଳକୁ ବେଳ ପରିବେଶ ବିଷାକ୍ତ ହେବାରେ ଲାଗିଛି। ଆଇନ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ବିଏମ୍‌ସି ଡେପୁଟି କମିଶନର ମନୋରଞ୍ଜନ ସାହୁ କହିଛନ୍ତି, ଆପାର୍ଟମେଣ୍ଟ ସ୍ୱେରେଜ ଦେଖିବା କାମ ୱାଟ୍‌କୋର। ବିଏମ୍‌ସିର ଏଥିରେ କିଛି ଭୂମିକା ନାହିଁ। ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି , ଆସନ୍ତା ସପ୍ତାହରୁ ଆପାର୍ଟମେଣ୍ଟଗୁଡ଼ିକରେ ପରିବେଶ ନିୟମ ପାଳନ ହେଉଛି କି ନାହିଁ ତାହା ମିଳିତ ଟିମ୍ ଜରିଆରେ ତଦାରଖ କରାଯିବ। ଆଇନ ଖିଲାପ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଓଡ଼ିଶାର ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି, ପିଲାଙ୍କୁ ମାଗଣା ପଢ଼ାଇବ କିଟ୍

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ବିଭିନ୍ନ ଦିଗରୁ ମୃତାହତଙ୍କ ପରିବାରକୁ ସହଯୋଗର ହାତ ବଢ଼ିବାରେ ଲାଗିଛି। ବୁଧବାର କିଟ୍ ପକ୍ଷରୁ ସହାୟତା ଘୋଷଣା କରାଯାଇଛି। ଓଡ଼ିଶାର ମୃତକଙ୍କ ପରିବାରରୁ ଜଣଙ୍କୁ କିଟ୍ କିମ୍ବା କିସ୍‌ରେ ଚାକିରି ମିଳିବା ସହ ଅନାଥ ପିଲାଙ୍କୁ ମାଗଣା ପାଠ ପଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୁର୍ଘଟଣାରେ ମୃତକଙ୍କ ପରିବାରର ଦୁଃଖ ଆମେ ଲାଘବ କରି ନ ପାରିଲେ ମଧ୍ୟ ସେମାନଙ୍କୁ କିଛି ସାହାଯ୍ୟ କରିପାରିଲେ ଆମେ ନିଜକୁ ଧନ୍ୟ ମନେକରିବୁ। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ୨୮୮ଜଣଙ୍କ ମଧ୍ୟରୁ ଓଡ଼ିଶାର ୩୯ଜଣ ରହିଛନ୍ତି। ଓଡ଼ିଶାର ଏହି ମୃତ ବ୍ୟକ୍ତିଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ କିଟ୍ କିମ୍ବା କିସ୍‌ରେ ନିଯୁକ୍ତି ପ୍ରଦାନ କରାଯିବ। ସେହିପରି ଏହି ଟ୍ରେନ୍ ଦୁର୍ଘଟଣାରେ ମାତାପିତାଙ୍କୁ ହରାଇଥିବା ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କଲେ କିଟ୍ ଓ କିସ୍‌ରେ ସେମାନଙ୍କୁ ପ୍ରଥମରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଯେ କୌଣସି ଶ୍ରେଣୀରେ ସେମାନଙ୍କ ଯୋଗ୍ୟତା ଅନୁସାରେ ମାଗଣାରେ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ କିଟ୍ ପକ୍ଷରୁ ଆବେଦନ ପ୍ରକ୍ରିୟା ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ଏହି ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ତୁରନ୍ତ ସହଯୋଗକୁ ଡ. ସାମନ୍ତ ଭୂୟସୀ ପ୍ରଶଂସା କରିଛନ୍ତି।



ଖବରଦାତା ସମ୍ମିଳନୀରେ କିଟ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସୂଚନା ଦେଉଛନ୍ତି।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ସରଣ୍ଡା,୭।୬(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ଥାନା ଭାଲୁପାଲି ଗ୍ରାମରେ ବୁଧବାର ଟ୍ରାକ୍ଟର ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅତାବିରା ଏନ୍‌ଏସି ୱାର୍ଡ ନଂ. ୩ ଅଧୀନ ଭାଲୁପାଲି ଗ୍ରାମର ବିନୋଦ ପଧାନ(୪୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁସାରେ, ବିନୋଦ ବୁଧବାର ଦିନ ୧୧ଟା ସମୟରେ ବିଲରେ ଟ୍ରାକ୍ଟରରେ ହଳ କରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଯିବାରୁ ସେ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଅତାବିରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ।

# ଆଇପିଏସ୍‌ସ୍ତରରେ ଅଦଳବଦଳ

**ଅରୁଣ ବୋଥ୍ରା କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ**

■ ଅମିତାଭ ଠାକୁରଙ୍କୁ ଜେଲ ଏଡିଜି ଅତିରିକ୍ତ ଦାୟିତ୍ୱ
■ ଦୀପ୍ତେଶ ପଟ୍ଟନାୟକ ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ରାଜ୍ୟ ସରକାର ବୁଧବାର ୧୯୯୬ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍)ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। କ୍ରୁଟ୍ ଅଧୀନରେ 'ମୋ ବସ୍' ବିଭିନ୍ନ ସହରରେ ଚଳପ୍ରଚଳ କରୁଛି। ସରକାର ମୋ ବସ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ୨୦୧୯ରେ କ୍ରୁଟ୍ ପରିଚାଳନା ଦାୟିତ୍ୱରେ ବୋଥ୍ରା ରହିଥିଲେ ଓ ଗତବର୍ଷ ତାଙ୍କୁ କ୍ରୁଟ୍ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ବିଏମ୍‌ସି(ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ) କମିଶନର ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

ସେହିପରି ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଦୀପ୍ତେଶ ପଟ୍ଟନାୟକଙ୍କୁ ଜେଲ ଆଇଜି ଦାୟିତ୍ୱରୁ ମୁକ୍ତ କରାଯାଇ କେବଳ ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ଅତିରିକ୍ତ ଭାବେ ଦୀପ୍ତେଶ ଏହି ଦାୟିତ୍ୱ ତୁଲାଉଥିଲେ। ସେହିପରି ରାଜ୍ୟ ପରିବହନ କମିଶନର ଭାବେ କାର୍ଯ୍ୟରତ ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ଅମିତାଭ ଠାକୁରଙ୍କୁ ଜେଲ ଏଡିଜି ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ଦେଇଛନ୍ତି।

# ସ୍କାନରରେ ୯ ଅଧିକାରୀ, କର୍ମଚାରୀ

## ବାହାନଗା ଟ୍ରେନ ଦୁର୍ଘଟଣା: ଦ୍ୱିତୀୟ ଦିନରେ ସିବିଆଇର ତନାଘନା





ରେଳ ଦୁର୍ଘଟଣା ସ୍ଥଳରେ ସିବିଆଇ ଓ ଫୋରେନସିକ୍ ଟିମ୍‌ର ତଦନ୍ତ।

**ରିଲେ ରୁମ୍ ସିଲ୍, ଅଧିକାରୀ ଓ କର୍ମଚାରୀଙ୍କ ମୋବାଇଲ୍ ସିଜ୍**

**ବାଲେଶ୍ୱର ଅଫିସ, ୭।୬**

ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଛି। ବୁଧବାର ଦ୍ୱିତୀୟ ଦିନରେ ସିବିଆଇ ସହିତ ଫୋରେନସିକ୍ ଟିମ୍ ବାହାନଗା ଷ୍ଟେଶନ ନିକଟ ଲେଭଲକ୍ରସିଂ, ଦୁର୍ଘଟଣାସ୍ଥଳ, ରେଳଷ୍ଟେଶନରେ ପହଞ୍ଚିଥିଲେ। ଅଧିକାରୀମାନେ ଷ୍ଟେଶନର ରିଲେ ରୁମ୍‌କୁ ସିଲ୍ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ୯ଜଣ କର୍ମଚାରୀଙ୍କୁ ସ୍କାନରରେ ରଖି ସିବିଆଇ ପଚରାଉଚରା କରିଛି। ସେହିପରି ବାହାନଗା ଷ୍ଟେଶନରେ ଦୁର୍ଘଟଣା ସମୟରେ ଡ୍ୟୁଟିରେ ଥିବା ଅଧିକାରୀ ଓ କର୍ମଚାରୀଙ୍କର ମୋବାଇଲ୍ ସିଜ୍ କରିଛି ସିବିଆଇ। ଅନ୍ୟପକ୍ଷରେ ସାଇଣ୍ଟିଫିକ୍ ଟିମ୍ ଦୁର୍ଘଟଣାସ୍ଥଳରୁ ମିଳିଥିବା ବିଭିନ୍ନ ପ୍ରମାଣ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ଜଣାପଡ଼ିଛି।

ମଙ୍ଗଳବାର ମଧ୍ୟ ଅଢ଼େଇ ଘଣ୍ଟା ଧରି ସିବିଆଇ ଅଧିକାରୀମାନେ ରେଳ ଦୁର୍ଘଟଣା ସମୟରେ ଦାୟିତ୍ୱରେ ଥିବା ଷ୍ଟେଶନ ମାଷ୍ଟର, ଏସ୍‌ଏସ୍‌ଇ, ଏସ୍‌ଆଣ୍ଡଟି, ୨ଜଣ ଟେକ୍ନିକାଲ ପର୍ସନ, ୨ଜଣ ହେଲପର, ଗେଟ୍‌ମ୍ୟାନ୍, ପଏଣ୍ଟ ମ୍ୟାନଙ୍କୁ ପଚରାଉଚରା କରିଥିଲେ। ସିବିଆଇ ଅଧିକାରୀ ପ୍ୟାନେଲ୍ ବୋର୍ଡ ଓ ରିଲେ ରୁମ୍‌ରେ ଦୀର୍ଘ ସମୟ ଧରି ତନାଘନା କରିଥିଲେ। ସିବିଆଇର ୫ଜଣିଆ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ଇଣ୍ଟରଲକିଂ ପଏଣ୍ଟ ତନଖି କରିଥିଲା। ଲୁପ୍ ଲାଇନ, ମେନ୍ ଲାଇନ୍ ଭିତରେ କେତେ ଦୂର ଥାଏ ଓ ଟ୍ରାକ୍ ଚେଞ୍ଜ୍ କିପରି ହୁଏ ଏସବୁ ଦେଖିଥିଲା। ସେଠାରୁ ସିଧା ସିଲ୍ ହୋଇଥିବା ଦକ୍ଷିଣ କ୍ୟାବିନ୍‌କୁ ଯାଇଥିଲା ସିବିଆଇ ଟିମ୍। ସେହିପରି ପୂରା ଟିମ୍ ନିର୍ମାଣାଧୀନ ରେଳଲାଇନରେ ଚାଲି ଚାଲି ଷ୍ଟେଶନ ମ୍ୟାନେଜର ରୁମ୍‌ରେ ଥିବା ପ୍ୟାନେଲ ବୋର୍ଡ ରୁମ୍‌ରେ ପହଞ୍ଚିଥିଲା । ଷ୍ଟେଶନ ମାଷ୍ଟରଙ୍କୁ ରେଲୱେ ସେଫ୍ଟି କମିଶନର ପଚରାଉଚରା କରୁଥିବା ଯୋଗୁ ସିନିୟର୍ ଷ୍ଟେଶନ ମ୍ୟାନେଜରଙ୍କୁ ସିବିଆଇ ଜେରା କରିଛି। ସେହିପରି ସିଗନାଲ ରୁମ୍‌ରେ ପ୍ରାୟ ୧୫ରୁ ୨୦ ମିନିଟ ଛାନଭିନ କରିଥିଲା ସିବିଆଇ ଟିମ୍। ଅନ୍ୟପଟେ ପୁନରୁଦ୍ଧାର କାର୍ଯ୍ୟ ବୁଧବାର ସୁଦ୍ଧା ଶେଷ ହେବା ନେଇ ଏକପ୍ରକାର ନିଶ୍ଚିତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ରେଳ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ହେବା ନେଇ ଆଶା କରାଯାଉଛି।

## ୫୦୦ ଟଙ୍କା ପାଇଁ ସାଙ୍ଗ ଗଳା କାଟିଲେ

**ବାସୁଦେବପୁର,୭।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବାଷଠୀ ଗ୍ରାମ ଛକରେ ୫୦୦ ଟଙ୍କାକୁ କେନ୍ଦ୍ର କରି ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗଙ୍କ ଗଳାକୁ ବ୍ଲେଡରେ କାଟିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ପୌରପାଳିକା ଅଧୀନ ବାଲିନଗର ଗ୍ରାମର ରତ୍ନାକର ମଲିକ(୧୮) ତାଙ୍କ ସାଙ୍ଗ ବାଷଠୀ ଗ୍ରାମର ଦୀପକ ବାରିକଙ୍କୁ ୫୦୦ ଟଙ୍କା ଧାର ଦେଇଥିଲେ। ଧାର ଟଙ୍କା ଫେରାଇବାକୁ ରତ୍ନାକରଙ୍କୁ ବୁଧବାର ସନ୍ଧ୍ୟାରେ ଦୀପକ ଡାକିଥିଲେ। ରତ୍ନାକର ସେଠାରେ ପହଞ୍ଚିବା ପରେ ତାଙ୍କ ଗଳାକୁ ଦୀପକ ବ୍ଲେଡରେ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

**କଟକ ଅଫିସ,୭।୬:** ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କୁ ବୁଧବାର କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଭେଟିଥିଲେ। ତାଙ୍କ ସହ ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ସଞ୍ଜୟ ନିର୍ମଳ ଏସ୍‌ସିବି ମେଡିକାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କ ସହ କଥା ହୋଇଥିଲେ। ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ମେଡିକାଲରେ ଭର୍ତ୍ତି ହୋଇଥିବା ୨୦୧ ଆହତଙ୍କ ମଧ୍ୟରୁ ଏବେ ୧୧୯ ଜଣ ଚିକିତ୍ସାଧୀନ ଥିବା ଓ ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଥିବା କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ, ସହାୟତା ବିଷୟରେ ଉଲ୍ଲେଖ କରି ମେଡିକାଲର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏହି କଠିନ କାର୍ଯ୍ୟକୁ ସଫଳ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଟୁଡୁ ଧନ୍ୟବାଦ ଜଣାଇଥିଲେ।

DAYANAND INSTITUTE
Dhanupali, Sambalpur- 768005
Helpline- 8763032587, 9938895475, 9437158817
ADMISSION OPEN
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796



“ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା’ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। **–ଶ୍ରୀମା**

# ଉପବାସ ଭଙ୍ଗର ରହସ୍ୟ



ଦେବଦତ୍ତ ପଟ୍ଟନାୟକ

ଆଧ୍ୟାତ୍ମିକ ପରମ୍ପରାରେ ଉପବାସର ଗୁରୁତ୍ୱ ଯଥେଷ୍ଟ ରହିଛି। ଏହା ଆମେ ଚାହୁଁଥିବା ଶାରୀରିକ ସୁଖରୁ ବଞ୍ଚିତ କରି ଆମକୁ ଦିବ୍ୟ ପଥର ପଥିକ କରେ। ଏଥିରୁ ପୁଣ୍ୟ ମିଳେ। ଉପବାସ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଏ ଓ ମନୁଷ୍ୟକୁ କର୍ମ ରୂପକ ଶିଡ଼ିରେ ଉପରକୁ ଉଠିବାରେ ସାହାଯ୍ୟ କରିଥାଏ। ଫଳରେ ମଣିଷ ମହତ୍ କର୍ମ କରି ଜ୍ଞାନ ଲାଭ କରିବାରେ ସକ୍ଷମ ହୋଇଥାଏ। ତିନୋଟି ଧର୍ମ ଅର୍ଥାତ୍ ବୁଦ୍ଧଧର୍ମ, ଜୈନଧର୍ମ ଓ ହିନ୍ଦୁଧର୍ମରେ ଉପବାସ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏହି ତିନୋଟି ଧର୍ମର ଧର୍ମୀୟ ପରମ୍ପରାରେ ଉପବାସ ସମ୍ପର୍କରେ ଅନେକ କାହାଣୀ ଅଛି। କେମିତି ଉପବାସ କରିବ ଓ ତାହାକୁ ଭାଙ୍ଗିବ, ସେ ବିଷୟରେ ଏହି କାହାଣୀଗୁଡ଼ିକରେ ବର୍ଣ୍ଣନା କରାଯାଇଛି। ଉଦାହରଣ ସ୍ୱରୂପ, ଜୀବନର ଯନ୍ତ୍ରଣା କାହିଁକି ରହିଛି ତାହାର ଉତ୍ତର ସିଦ୍ଧାର୍ଥ ଗୌତମ ପ୍ରାରମ୍ଭିକ ସ୍ତରରେ ଖୋଜିଥିଲେ। ଏହି ଉତ୍ତର ପାଇବା ପାଇଁ ଉପବାସ କରିବାକୁ ସିଦ୍ଧାର୍ଥଙ୍କୁ ମୁନିମାନେ ଉପଦେଶ ଦେଇଥିଲେ। ପରେ ମୁନିଙ୍କ ଉପଦେଶ ଗ୍ରହଣ କରି ଗୌତମ ଉପବାସ ଆରମ୍ଭ କରିଥିଲେ। ଦିନ ପରେ ଦିନ ଗଡ଼ି ଚାଲିଲା। ଧୀରେ ଧୀରେ ଉପବାସ ଗମ୍ଭୀର ସ୍ତରକୁ ଯିବା ଦ୍ୱାରା ସେ ବହୁତ ଦୁର୍ବଳ ହୋଇଗଲେ, ଏପରିକି ଚାଲିପାରିଲେନି। ସେହି ସମୟରେ ସୁଜାତା ନାମ୍ନୀ ଜଣେ ମହିଳା ତାଙ୍କୁ କ୍ଷୀରରେ ପ୍ରସ୍ତୁତ ଅନ୍ନ ଖାଇବାକୁ ଦେଇଥିଲେ। ଗୌତମ ସୁସ୍ଥ ହେବା ଯାଏ ସେ ତାଙ୍କର ସେବା କରୁଥିଲେ। କୁହାଯାଏ, ଅଙ୍ଗେ ନିଭେଇଲେ ହିଁ ଜଣେ ଅନୁଭବ କରିପାରେ। ସେହି ସ୍ଥିତି ଆସିଥିଲା ଗୌତମଙ୍କ ଉପବାସ ପରବର୍ତ୍ତୀ ଜୀବନରେ। ଏହି ଉପବାସରୁ ସେ ଅନେକ କିଛି ଅନୁଭବ କରିଥିଲେ। ଶରୀରକୁ ଅତ୍ୟଧିକ ଯନ୍ତ୍ରଣା ଦେଇ ମୋକ୍ଷ ଲାଭ କରିହୁଏ ନାହିଁ ବୋଲି ସେ ଅବଗତ ହୋଇଥିଲେ। ପରେ ସେ ଯେତେବେଳେ ଦିବ୍ୟ ଜ୍ଞାନ ଲାଭ କଲେ, ସେତେବେଳେ ଯାତ୍ରା କରୁଥିବା ଦୁଇ ବଣିକ ବୁଦ୍ଧଙ୍କୁ ଖାଇବାକୁ ଦେଇଥିଲେ। ସେମାନେ କାହିଁକି ବୁଦ୍ଧଙ୍କୁ ଖାଇବାକୁ ଦେଇଥିଲେ ତାହାର ବି ଏକ କାରଣ ରହିଛି। ସେହି ଦୁଇ ବଣିକ ତାଙ୍କ ଗନ୍ତବ୍ୟ ପଥରେ ଆଗାଉଥିବା ବେଳେ ଜଣେ ଦିବ୍ୟ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ସେ କହିଥିଲେ ଯେ, ବୁଦ୍ଧଙ୍କୁ ଖାଇବାକୁ ଦେଲେ ସେମାନେ ଜୀବନରେ ଶ୍ରେଷ୍ଠ ଫଳ ପାଇବେ ଏବଂ ଏହା ସେମାନଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିବ। ଏହା ଜାଣିବା ପରେ ବଣିକଦ୍ୱୟ ବୁଦ୍ଧଙ୍କୁ ଖାଇବାକୁ ଦେଲେ ଓ ତାଙ୍କଠାରୁ ତାଙ୍କ କେଶ ଗ୍ରହଣ କରିଥିଲେ। ଏହି କେଶକୁ ବ୍ୟବହାର କରି ସେମାନେ ସ୍ତୂପ ନିର୍ମାଣ କରିଥିଲେ। କେବଳ ଏତିକିରେ ସେମାନେ ଅଟକି ନ ଯାଇ ବୌଦ୍ଧଧର୍ମ ପ୍ରଚାରରେ ନିଜକୁ ସାମିଲ କରିଦେଇଥିଲେ। ସେହି ଦୁଇ ବଣିକଙ୍କ ମଧ୍ୟରୁ ଜଣେ ପୃଥିବୀର ଉତ୍ତର ଭାଗରେ ବୌଦ୍ଧଧର୍ମ ପ୍ରଚାର ପ୍ରସାର କରିଥିଲେ। ଏହାକୁ ସେ ଗାନ୍ଧାରାଯାଏ ସମ୍ପ୍ରସାରିତ କରିଥିଲେ। ଆଉ ଜଣେ ବୌଦ୍ଧଧର୍ମକୁ ପୃଥିବୀର ଦକ୍ଷିଣାଞ୍ଚଳରେ ପହଞ୍ଚାଇଥିଲେ। ଅମରାବତୀରୁ ଆରମ୍ଭ କରି ଶ୍ରୀଲଙ୍କା ଓ ବର୍ମାରେ ସେ ଏହାକୁ ପ୍ରତିଷ୍ଠିତ କରିପାରିଥିଲେ।



କେବଳ ବୌଦ୍ଧଧର୍ମ ନୁହେଁ, ଜୈନଧର୍ମରେ ବି ଉପବାସର ମହତ୍ତ୍ୱ ପ୍ରତିପାଦିତ ହୋଇଛି ଓ ବୌଦ୍ଧଧର୍ମ ଭଳି ସମାନ ପ୍ରକାର କାହାଣୀ ମଧ ଏଥିରେ ଦେଖିବାକୁ ମିଳେ। ଜୈନ ପରମ୍ପରାରେ, ପୃଥିବୀର ଏବକାର ଯୁଗ ବା କଳ୍ପର ପ୍ରଥମ ତୀର୍ଥଙ୍କର ହେଉଛନ୍ତି ଋଷଭନାଥ। ସେ ଉପବାସ କରି ଅକ୍ଷୟତୃତୀୟା ଭଳି ପବିତ୍ର ଦିନରେ ତାହା ଭଙ୍ଗ କରିଥିଲେ। ଏହି ଦିନ ରାଜା ଶ୍ରେୟ ତାଙ୍କୁ ଆଖୁରସ ପିଇବାକୁ ଦେଇଥିଲେ ଓ ତାହା ସେ ଗ୍ରହଣ କରିଥିଲେ। ଆଖୁରସ ପିଇବା ପରେ ଋଷଭନାଥ ତାଙ୍କ ଉପବାସ ଭଙ୍ଗ କରିଥିଲେ। ଆଖୁରସର ସ୍ୱାସ୍ଥ୍ୟ ପ୍ରତି ବହୁ ମୂଲ୍ୟ ରହିଛି ଓ ଏହାକୁ ଅତି ଶୁଭ ବୋଲି ମନେକରାଯାଏ। ଏହି ଭାରତରେ ଆଖୁ ହିଁ ସର୍ବପ୍ରଥମେ ଚାଷ କରାଯାଇଥିଲା। ସେଥିପାଇଁ ଋଷଭନାଥ ଓ ରାମଙ୍କ ଭଳି ଭାରତର ପୁରାତନ ରାଜାମାନେ ଏହାକୁ ପ୍ରଥମେ ଆଣିଥିଲେ ଓ ଏହାର ବ୍ୟବହାର କରିଥିଲେ। ଅକ୍ଷୟ ଶବ୍ଦର ଇଖୁ ବା ଆଖୁ ସହ ସମ୍ପର୍କ ରହିଛି ବୋଲି କୁହାଯାଇପାରେ। ସମୟ କ୍ରମେ ଇକ୍ଷୁ ତୃତୀୟା ସମ୍ଭବତଃ ଅକ୍ଷୟତୃତୀୟା ହୋଇଥାଇପାରେ। ଏହି ଯୁଗର ୨୪ତମ ତୀର୍ଥଙ୍କର ଭାବେ ମହାବୀର ଖ୍ୟାତ। ତାଙ୍କ ସଂଯମୀ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଥିଲା ଉପବାସ। ସେ ଉପବାସ କରିବା ପରେ ତାହା ଭଙ୍ଗ କରିଥିଲେ, ଯାହାକୁ ନେଇ ଅତି ରୋଚକ କାହାଣୀଟିଏ ଅଛି। ମହାବୀର ଶପଥ କରିଥିଲେ ଯେ, ଜଣେ କ୍ରନ୍ଦନରତା ରାଜକୁମାରୀ ଯେପର୍ଯ୍ୟନ୍ତ ତାଙ୍କୁ ପତଳା ଡାଲି ଖାଇବାକୁ ଦେଇନାହାନ୍ତି, ସେଯାଏ ସେ କେବେ ବି ବସିବେ ନାହିଁ। କେବଳ ଏତିକି ନୁହେଁ, ରାଜକୁମାରୀଙ୍କୁ ନେଇ ମଧ କିଛି ଅଜବ ସର୍ତ୍ତ ବି ବାଡ଼ିଥିଲେ ମହାବୀର। କହିଥିଲେ, ସେହି ରାଜକୁମାରୀ ଲଣ୍ଡା ହୋଇଥିବେ ଓ ତାଙ୍କ ପାଦ ଚାରିପାଖରେ ଚେନବାଳ ବେଡ଼ି ଥିବ, ଅର୍ଥାତ୍ ବନ୍ଦୀ ଅବସ୍ଥାରେ ରହିଥିବେ। କେହି ଭାବି ପାରି ନ ଥିବେ ଯେ, ଏପରି ଜଣେ ରାଜକୁମାରୀ ଆସି ମହାବୀରଙ୍କୁ ଡାଲି ଖାଇବାକୁ ଦେବେ। କିନ୍ତୁ ବାସ୍ତବରେ ଏହା ଘଟିଲା। ଚନ୍ଦ୍ରବାଳା ନାମ୍ନୀ ଜଣେ ରାଜକୁମାରୀଙ୍କୁ ଅପହରଣ କରାଯାଇ ଜଣେ ବଣିକଙ୍କ ଘରେ କ୍ରୀତଦାସ ଭାବେ କାମ କରିବାକୁ ବିକ୍ରି କରିଦିଆଯାଇଥିଲା। ଅସୁନ୍ଦର ଦେଖାଯିବା ପାଇଁ ତାଙ୍କୁ ଲଣ୍ଡା କରିଦିଆଯାଇଥିଲା। ସେହି ଚନ୍ଦ୍ରବାଳା ହିଁ ତାଙ୍କୁ ଖାଇବାକୁ ଦିଆଯାଇଥିବା ଡାଲିକୁ ମହାବୀରଙ୍କୁ ଅର୍ପଣ କରିଦେଇଥିଲେ। ସେ ଅନୁଭବ କରିଥିଲେ, ଜଣେ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଲେ ପୁଣ୍ୟ ପ୍ରାପ୍ତ ହେବ ଓ ଜୀବନର ଦୁଃଖ ଅପସରି ଯିବ। ଏହା ବ୍ୟତୀତ ସେ ମଧ ଉପଲବ୍ଧି କରିଥିଲେ ଯେ, ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଲେ ଦୁର୍ଭାଗ୍ୟ ଚାଲିଯିବ। ମହାବୀରଙ୍କୁ ଡାଲି ଖାଇବାକୁ ଦେଇ ତାଙ୍କ ଉପବାସ ଭଙ୍ଗ କରି ଚନ୍ଦ୍ରବାଳା ବହୁ ସୌଭାଗ୍ୟ ଲାଭ କରିଥିଲେ।

ହିନ୍ଦୁଧର୍ମ କଥା ଦେଖାଯାଉ। ମହାଭାରତର ଏକ କାହାଣୀ ବି ଉପବାସ ସମ୍ପର୍କରେ ସୂଚିତ କରୁଥିବାର ଲୋକକଥା ଆମେ ଶୁଣିବାକୁ ପାଉ। କାହାଣୀଟି ଏହିପରି। ଜଣେ ସନ୍ନ୍ୟାସୀ ୧୪ ବର୍ଷ ଧରି ଉପବାସ କରିଥିଲେ। ତାଙ୍କର ଏହି ଉପବାସ ଭଙ୍ଗ କରିବା ଲାଗି ଗୋଟିଏ ଫଳ ସଂରକ୍ଷିତ କରି ରଖାଯାଇଥିଲା। କିନ୍ତୁ ଦ୍ରୌପଦୀ ଏହାକୁ ହଠାତ୍ ତୋଳି ଦେଲେ। ଫଳରେ ଦ୍ରୌପଦୀଙ୍କ ମନରେ ଭୟ ଆସିଲା କାଳେ ସନ୍ନ୍ୟାସୀ ତାଙ୍କୁ ଅଭିଶାପ ଦେବେ। ଏହି ଭୟରେ ସେ ତୋଳିଥିବା ଫଳଟିକୁ ଗଛରେ ପୁଣି ଶାଖାରେ ଲଗାଇଦେଲେ ବା ଯୋଡ଼ିଦେଲେ। ଦ୍ରୌପଦୀ ଏଭଳି କରିପାରିବା ପଛରେ ଏକ ସତ୍ୟ ଲୁଚି ରହିଛି, ଯାହାକୁ କେହି ବି ଜାଣିନାହାନ୍ତି। ଲୋକକଥାର କାହାଣୀରେ ଏହା ବର୍ଣ୍ଣନା କରାଯାଇଛି ଯେ, କର୍ଣ୍ଣଙ୍କ ପ୍ରତି ଥିବା ତାଙ୍କର ଗୁପ୍ତ ପ୍ରେମଭାବକୁ ପ୍ରକାଶ କରିଛନ୍ତି ଓ ଏହି ପ୍ରେମର ଶକ୍ତି ବଳରେ ସେ ଗଛ ଶାଖାରେ ଫଳ ଯୋଡ଼ିଦେବାରେ ସକ୍ଷମ ହୋଇପାରିଛନ୍ତି। ଏଣୁ ଦ୍ରୌପଦୀଙ୍କ କାର୍ଯ୍ୟକୁ ନିରୀକ୍ଷଣ କରିବା ପୂର୍ବରୁ ସେ ଗଛରେ ପୁଣି ଲଗାଇଦେଇଥିବା ଫଳଟିକୁ ଆମେ ଖାଇବା ଉଚିତ। ତେବେ ସେହି ଫଳ କ’ଣ ଜାଣନ୍ତି ତ? ତାହା ହେଉଛି ଜାମୁକୋଳି। ଥରେ ଖାଇ ଦେଖ, ଯଦି ତାହା ତୁମ ଜିଭକୁ ବାଇଗଣୀ ରଙ୍ଗ କରିଦେଲା, ତେବେ ଜାଣିବ ଯେ, ତୁମର ବି ଗୁପ୍ତ ରଖିବା ଭଳି ଏକ ରହସ୍ୟ ରହିଛି।

–devduttofficial@gmail.com

## ଅଦ୍ଭୁତ ମଣିଷ



ସଚ୍ଚିଦାନନ୍ଦ ଦାଶ

ଏ ଯୁଗର ମଣିଷ ବଡ଼ ଅଦ୍ଭୁତ। କେତେବେଳେ ଏପଟେ ଭଲ କେତେବେଳେ ସେପଟେ ଖରାପ। ଆ’ ପାଖରେ ଭଲେଇହେଲାଣି ତ, ତା’ ପାଖରେ କଳେଇ ହେଲାଣି। ଏ ଦୁନିଆରେ ମଣିଷର ସମ୍ପର୍କପରସ୍ପର ମଧ୍ୟରେ ଖୁବ୍ ପରିପୂରକରେ ଚାଲିଛି।

କଲେଜ ଯୁବକ ଦୁଇଦଳ ହୋଇ ବାଡ଼ିଆପିଟା ହେଲେଣି, ମାତ୍ର ଅନ୍ୟ ଯୁବକମାନେ ନୀରବଦ୍ରଷ୍ଟା ହୋଇ ମୋବାଇଲରେ ଫଟୋ ଉଠାଇବାରେ ବ୍ୟସ୍ତ। ଧନ୍ୟ ହେ ଅଦ୍ଭୁତ ମଣିଷ ! ଏହିପରି ଆହୁରି ଅନେକ ଉଦାହରଣ ନିଆଯାଇପାରେ। ସମାଜଟା କାଳକ୍ରମେ ରୁଗ୍ଣ ହୋଇଯାଉଛି। ପ୍ରକୃତରେ ଯେଉଁମାନେ ଉପରୋକ୍ତ ପ୍ରକାର ଦୁଷ୍କର୍ମ ଘଟାଉଛନ୍ତି, ସେମାନେ ଏକ ପ୍ରକାର ଅଦ୍ଭୁତ ମଣିଷ କହିଲେ ଚଳେ। ପୁଣି ଯେଉଁମାନେ ନୀରବଦ୍ରଷ୍ଟା ହୋଇ ରହୁଛନ୍ତି, ସେମାନେ ଆହୁରି ଅଦ୍ଭୁତ କହିଲେ ଅତ୍ୟୁକ୍ତି ହେବନାହିଁ। ଭୋଟବେଳେ ଦଳ ତରଫରୁ ଲୋକଙ୍କୁ ଟଙ୍କା ବଣ୍ଟାଚାଲିଛି, ରାମବାବୁ ସରପଞ୍ଚ କହିଲେ, ‘‘ସମସ୍ତେ ଅମୁକ ଲୋକକୁ ଭୋଟ ଦିଅ’’, ବର୍ଷା ଯୁଆଡ଼େ ଛତା ସିଆଡ଼େ ନୀତି ଲାଗୁ ହୋଇଗଲା। ସମସ୍ତେ ସେଇ ଲୋକକୁ ଭୋଟ ଦେବାକୁ ଲାଗିଲେ। ବର୍ଷା ଆଡ଼େ, ଛତା ସାଡ଼େ ନୀତିର ପକ୍ଷ ହୋଇ କେହି ବାହାରିଲେ ନାହିଁ। ଏଇ ତ ଅଦ୍ଭୁତ ମଣିଷ। ଛତାକୁ ଛାଡ଼ି କେହି ଟିକେ ବର୍ଷାର କଷ୍ଟ ନେବାକୁ ଚାହୁଁନାହାନ୍ତି। କିଛି ଲୋକ ରଙ୍ଗ ବଦଳାଇବା ଏଣ୍ଡୁଅ ପରି ଆ’ ପାଖରେ ଛଳନା ତା’ ପାଖରେ କଳନା କରି ଚାଲିଛନ୍ତି। ଫଳରେ କାଳକ୍ରମେ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ରାଜନେତା ଚୟନରେ ଏ ମଣିଷମାନଙ୍କ ମଧ୍ୟରେ ମତାନ୍ତର, ମନାନ୍ତର, ହିଂସା, ଦ୍ୱେଷ ଇତ୍ୟାଦି ଲାଗିରହିଛି। ନେତା ବା ରାଜା ଚୟନରେ ଏକ ସୁନ୍ଦର ଉଦାହରଣଟିଏ ଅବତାରଣା କରିବାକୁ ମନେକରୁଛି। ଗୋଟିଏ ଦେଶରେ ଜଣେ ସୁଦକ୍ଷ ଏବଂ ପ୍ରଜାବତ୍ସଳ ରାଜା ଥିଲେ। ରାଜାଙ୍କର କିଛି ସନ୍ତାନ ସନ୍ତତି ନ ଥିଲା। ବାର୍ଦ୍ଧକ୍ୟ ଆସିବାରୁ ରାଜା ଜଣେ ଉତ୍ତରାଧିକାରୀ ବାଛିବା ପାଇଁ ଇଚ୍ଛାକଲେ। ସେଥିପାଇଁ ମନ୍ତ୍ରୀଙ୍କୁ ଡକାଇଲେ ଏବଂ ସମସ୍ତ ବିଷୟରେ ଅବଗତ କରାଇଲେ। ଯୁବରାଜ ଚୟନ ପାଇଁ ଡେଙ୍ଗୁରା ପିଟାହେଲା। ବହୁ ଯୁବକ ନିଜକୁ ସୁସଜ୍ଜିତ କରିବାକୁ ଲାଗିଲେ, ଯେହେତୁ ଯୁବରାଜ ଚୟନ ବହୁତ ବଡ଼ ସୁଯୋଗ ହାତକୁ ଆସିଛି। ମାତ୍ର ଗୋଟିଏ ଗରିବଚାଷୀ ପୁଅ ଯୁବରାଜ ପ୍ରତିଦ୍ୱନ୍ଦ୍ୱିତାରେ ଯୋଗ ଦେବା ପାଇଁ ମନ ବଳାଇଲା। ଗରିବ ପିଲାଟିଏ ତା’ର ବାପାଙ୍କୁ ଭଲ ଡ୍ରେସ୍ ହଲେ କିଣିବା ପାଇଁ କହିଲା। ବାପାଙ୍କର ଆଶା ନ ଥିଲା, ସତରେ କ’ଣ ପୁଅ ଯୁବରାଜ ହେବ ? ସେ ଖାଲି ମିଛଟାରେ ମାତିଛି। ଶୀତଦିନ ହୋଇଥାଏ ପିତା ପୁତ୍ର ପାଇଁ ଗୋଟିଏ ପୋଷାକ ଏବଂ ସ୍ୱେଟର କିଣିଦେଲେ। ଯୁବରାଜ ଚୟନର ଦିନଧାର୍ଯ୍ୟ ପୂର୍ବରୁ ରାଜା ଛଦ୍ମବେଶରେ ପ୍ରତିଯୋଗୀମାନଙ୍କୁ ଭେଟିବାକୁ ଲାଗିଲେ। ରାଜା ଖାଲି ଦେହରେ ଦାଢ଼ି ରଖି ଯାଇ ରାଜ୍ୟ ସାରା ବୁଲିଲେ। କେତେଜଣ ପ୍ରତିଯୋଗୀଙ୍କୁ ଭେଟିଲେ, କିଛି ଖାଇବାକୁ ପଇସା ଏବଂ ଶୀତରୁ ରକ୍ଷା ପାଇଁ ଏକ ପୋଷାକ ପାଇଁ ଅନୁରୋଧ କଲେ, ମାତ୍ର ସେମାନେ ରାଜାଙ୍କୁ ଘଉଡ଼େଇଦେଇ କହିଲେ, ‘‘ଆମେ କିଛି ଦେଇପାରିବୁନି ? ରାଜା ସେଠାରୁ ବିଦାହୋଇ ଚାଲି ଆସିଲେ। ଇତିମଧ୍ୟରେ ସେ କୃଷକର ପୁଅଟି ହାଟରୁ ଚାଲିଚାଲି ଯାଇ ଥକ୍କା ହୋଇ ଗୋଟିଏ ଜାଗାରେ ବସି ପଡ଼ିଥିଲା। ରାଜା ଆସି ତାକୁ ଦେଖାକରି କିଛି ଖାଇବାକୁ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଗରମ ବସ୍ତ୍ରଟିଏ ଦେବାପାଇଁ ଅନୁରୋଧ କଲେ।

କୃଷକର ପୁଅ ହାଟରୁ ଆଣିଥିବା କଦଳୀ ରାଜାଙ୍କ ହାତକୁ ବଢ଼ାଇଦେଲା ଏବଂ ନିଜ ଦେହରୁ ଗରମ ପୋଷାକଟି ବାହାରକରି ରାଜାଙ୍କୁ ପ୍ରଦାନକଲା। ରାଜା ତା’ ନାଁଟି ପଚାରି ରାଜ ଉଆସକୁ ଫେରି ଆସିଲେ। ଯୁବରାଜ ଚୟନ ଦିନ ଆସିଲା। ସମସ୍ତ ଯୁବକ ରାଜ ଉଆସରେ ରୁଣ୍ଡହେଲେ, ରାଜା ସଙ୍ଗେ ସଙ୍ଗେ ସେହି ଗରିବ କୃଷକ ପୁଅକୁ ପାଖକୁ ଡାକିଲେ ଏବଂ କହିଲେ, ‘‘ତୁ ଏ ଦେଶର ରାଜା ହେବୁ ମୋ ଅନ୍ତେ।’’ ଅନ୍ୟ ପ୍ରତିଯୋଗୀ ଏବଂ ମନ୍ତ୍ରୀ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଏହା ଥିଲା ଏକ ସତ୍‌ମାର୍ଗର ରାଜା ଚୟନ ପ୍ରକ୍ରିୟା।

ମାତ୍ର ଆଜିର ଏ ଅଦ୍ଭୁତ ମଣିଷ ସମସ୍ତ ପ୍ରକାର ନିର୍ମଳତା ଏବଂ ନିଷ୍ଠାପରତାର ବ୍ୟତିକ୍ରମ। ଏ ମଣିଷ କାହାଠାରୁ ପ୍ରଶଂସା ପାଇଲେ ଅହଂକାର କରେ, କାହାଠାରୁ ଅପମାନ ପାଇଲେ କ୍ରୋଧିତ ହୋଇପଡ଼େ। ଭୁଲ୍‌କୁ ଖୋଜୁଥିବା ଅଦ୍ଭୁତ ମଣିଷର ସ୍ୱଭାବ କେବଳ ସେହି ମାଛି ପରି ହିଁ ହୋଇଥାଏ ; ଯିଏକି ମଣିଷର ଶରୀର ସବୁଠୁ ସୁନ୍ଦର ଅଙ୍ଗପ୍ରତ୍ୟଙ୍ଗକୁ ଛାଡ଼ି କେବଳ କ୍ଷତସ୍ଥାନରେ ବସିଥାଏ।

ମୋ : ୯୯୩୮୧୮୧୩୨୦

## ଏଇ ଭାରତରେ

ଘର ପାଖରେ ଗାଡ଼ିରେ ଲାଇବ୍ରେରି ପହଞ୍ଚିଯାଉଛି, ଚିକିତ୍ସା ସେବା ବି ଉପଲବ୍ଧ ହୋଇପାରୁଛି। କିନ୍ତୁ ଦୁଆର ମୁହଁରେ ମ୍ୟୁଜିୟମ ପହଞ୍ଚିବା ଖବର କେବେ ଶୁଣିଛନ୍ତି କି? ହଁ ଏଭଳି ଏକ ବ୍ୟବସ୍ଥା କରିଛି ଛତ୍ରପତି ଶିବାଜୀ ମହାରାଜା ବାସ୍ତୁ ସଂଗ୍ରହାଳୟ। ଏହା ‘ମୁଜିୟମ ଅନ୍ ହ୍ୱିଲ’ ଆରମ୍ଭ କରିଛି। ଏହି ମ୍ୟୁଜିୟମକୁ ମହାରାଷ୍ଟ୍ରର ବିଭିନ୍ନ ଗ୍ରାମୀଣ ଅଞ୍ଚଳକୁ ନିଆଯାଇ ପିଲାମାନଙ୍କୁ ତାହା ଦେଖିବାର ସୁଯୋଗ ଦିଆଯାଉଛି। ଏହି ମ୍ୟୁଜିୟମ ୨୦୧୫ରେ ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ଏହା ୧୪ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିପାରିଛି ଓ ମୋଟରେ କର୍ନାଟକ, ମହାରାଷ୍ଟ୍ର, ଗୋଆ, ଗୁଜରାଟ, ହରିୟାଣା ଓ ଦିଲ୍ଲୀରେ ୮୫,୩୫୯ କି.ମି. ଦୂରତା ଅତିକ୍ରମ କରିସାରିଛି। ଏବେ ସୁଦ୍ଧା ଦେଶରେ ୭୦୦ରୁ ଊର୍ଦ୍ଧ୍ୱ ସହରକୁ ଏହା ଯାଇସାରିଲାଣି। ଏହି ମ୍ୟୁଜିୟମକୁ ସଞ୍ଚାଳନ କରୁଛନ୍ତି କୃତ୍ତିକା ମହାତ୍ରେ। ମ୍ୟୁଜିୟମରେ ବିଜ୍ଞାନ, ଇତିହାସ, ପୁରାତନ ଖେଳର ସାମଗ୍ରୀ ସବୁ ଦେଖିବାକୁ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୮

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାନେତ୍ରୀ ପଦରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜିନ୍ଦର କାଉର ଭଟ୍ଟଲଙ୍କ ଇସ୍ତଫା ପ୍ରଦାନ।
- ଦିଲ୍ଲୀ ପ୍ରଦେଶ କଂଗ୍ରେସର ମୁଖ୍ୟ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିଳା ଦୀକ୍ଷିତ ନିଯୁକ୍ତ।
- ପରମାଣୁ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ବନ୍ଦ ରଖିବା ଲାଗି ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବକୁ ଭାରତର ଅଗ୍ରାହ୍ୟ।

# ଜାତି ଥେରାପି



ଅଧ୍ୟାପକ ଗୋପବନ୍ଧୁ

କଣ୍ଟାକୁ କଣ୍ଟାରେ କଢ଼ାଯାଏ। ସର୍ପବିଷର ପ୍ରତିଷେଧକ ସର୍ପ ବିଷରୁ ତିଆରି କରାଯାଏ। ବସନ୍ତ ରୋଗର ପ୍ରତିଷେଧକ ବସନ୍ତ ରୋଗର ଜୀବାଣୁରୁ ତିଆରି ହୁଏ। ହୋମିଓପାଥି ଚିକିତ୍ସାରେ ରୋଗର ମାତ୍ରା ବଢ଼ାଇ ଚିକିତ୍ସା କରାଯାଏ। ଫଳରେ ଦେହରେ ସେହି ରୋଗ ବିରୋଧରେ ପ୍ରତିଷେଧକ ତିଆରି ହୁଏ। ଠିକ୍ ସେହିପରି ଭାରତବର୍ଷରେ ଜାତିପ୍ରଥା ରୂପକ ଯେଉଁ ଭୟଙ୍କର ବ୍ୟାଧି କାୟା ବିସ୍ତାର କରି ରହିଛି ତାହାର ସମାପ୍ତି ପାଇଁ ସେହି ଜାତିର ପ୍ରୟୋଗ ସର୍ବାପେକ୍ଷା ଅଧିକ ଫଳପ୍ରଦ ମାର୍ଗ। ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ ‘ଜାତି ଥେରାପି’ ବୋଲି କୁହାଯାଇପାରେ। ଏବେ ଦେଶରେ ଜାତି ଥେରାପିର ଆବଶ୍ୟକତା ପଡ଼ିଛି ଏହି ବ୍ୟାଧିରୁ ମୁକ୍ତି ପାଇଁ।

ସମ୍ବିଧାନ ନିର୍ମାତାମାନେ ଏ କଥାକୁ ଠିକ୍ ଭାବେ ବୁଝିଥିଲେ। ତେଣୁ ଜାତିକୁ ସ୍ୱୀକୃତି ଦେଇ ଅନଗ୍ରସର ଜାତିସମୂହର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏମାନେ ଜାତିଗୋଷ୍ଠୀ ତିଆରିକରି ସଂରକ୍ଷଣ ମାଧ୍ୟମରେ ବିକଶିତ ହେବାର ବ୍ୟବସ୍ଥା କରିଥିଲେ। ଫଳରେ ସମ୍ବିଧାନସମ୍ମତ ଭାବେ ସାମାଜିକ ଓ ଆର୍ଥିକ ସ୍ଥିତିର ତାରତମ୍ୟକୁ ଦେଖି ଏମାନଙ୍କୁ ଏସ୍‌ଟି, ଏସ୍‌ସି ଓ ଓବିସି ଭାବେ ବର୍ଗୀକରଣ କରାଯାଇଛି। ଏଠାରେ ଜାତି ବିରୋଧରେ ଜାତିଗୋଷ୍ଠୀର ପ୍ରୟୋଗ ହୋଇଛି। ଅର୍ଥାତ ଜାତି ଥେରାପିର ଉପଯୋଗ ହୋଇଛି। ଗୋଟିଏ କଥା ସ୍ପଷ୍ଟ ଯେ, କେବଳ ଭାଷଣବାଜିରେ ଜାତି ହଟିବ ନାହିଁ। ଏହା ହଟିବ ଅନଗ୍ରସର ଜାତିସମୂହର ବିକାଶ ଓ ପ୍ରତ୍ୟେକ ବିଭାଗରେ ସେମାନେ ସମାନ ଭାଗୀଦାରି ପ୍ରାପ୍ତ ହେବା ଦ୍ୱାରା। କାରଣ ବର୍ତ୍ତମାନର ଜାତି ବ୍ୟବସ୍ଥା ବଞ୍ଚିଛି ସାମାଜିକ ଓ ଆର୍ଥିକ ବିକାଶର ତାରତମ୍ୟରୁ ଜାତ ଅହଂକାର ଯୋଗୁ। ଏହି ଅହଂକାର ସେହିଦିନ ଧ୍ୱଂସହେବ ଯେଉଁଦିନ ଅନଗ୍ରସର ଜାତିସମୂହ ବିକଶିତ ହୋଇ ଅଗ୍ରସର ଜାତିସମୂହ ସହିତ ସମକକ୍ଷ ହୋଇଯିବେ।

ତେଣୁକରି ଯେଉଁମାନେ ଜାତି ଆଧାରରେ ସମାନ ଅଧିକାର ପାଇଁ ଲଢୁଛନ୍ତି ସେମାନଙ୍କୁ ଜାତିବାଦୀ ବୋଲି କୁହାଯାଇପାରିବ ନାହିଁ। ଅନେକ ସମୟରେ ଏମାନେ ପ୍ରଚଳିତ ସାମାଜିକ ତାଡନାର ଶିକାର ହୋଇ ଜାତି ସଂଗଠନ ମାଧ୍ୟମରେ କିଛି ପାଇବାକୁ ଚେଷ୍ଟା କଲେ ତାଙ୍କୁ ଜାତିବାଦୀ ବୋଲି ଜୋରରେ ପ୍ରଚାର ହୁଏ। ଅନ୍ୟପକ୍ଷରେ ଜାତି ଆଧାରରେ ଏମାନଙ୍କୁ ତାଙ୍କ ସମାନ ଅଧିକାରରୁ ବଞ୍ଚିତ କଲେ ତାଙ୍କୁ ଜାତିବାଦୀ କୁହାଯାଏ ନାହିଁ। ବରଂ ଅଭିଯୋଗକାରୀ ପ୍ରଗତିବାଦୀର ଆଖ୍ୟା ନେଇ ସମାଜରେ ଘୂରିବୁଲନ୍ତି। ଯେଉଁ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରିବାକୁ ଦିଆଯାଏ ନାହିଁ ଓ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେବାକୁ ଦିଆଯାଏ ନାହିଁ, ସେମାନେ ଏ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। ଯେଉଁ ଆଦିବାସୀମାନେ ସଂଗଠିତ ହୋଇ ଜୀବନଧାରଣର ସର୍ବନିମ୍ନ ସୁବିଧା ସୁଯୋଗ ମାଗନ୍ତି ତାଙ୍କୁ ଜାତିବାଦୀ କୁହାଯାଏ। ନିଜର ଆଦିମ ପରମ୍ପରା ମୁତାବକ ଜଳ, ଜମି ଓ ଜଙ୍ଗଲ ଉପରେ ଏମାନେ ଯେତେବେଳେ ସାମୂହିକ ମାଲିକାନା ଦାବିକରନ୍ତି ତାଙ୍କୁ ଜାତିବାଦୀ କୁହାଯାଏ। ଓବିସିମାନେ ନିଜର ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। କୌଣସି ଜାତି ରାଜନୈତିକ ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇ ପ୍ରତିନିଧି ଦାବି ଉଠାଇଲେ ସେ ଜାତିବାଦୀ। ଅଥଚ ଯେଉଁମାନେ ଏମାନଙ୍କୁ ଏ ସୁବିଧାରୁ ବଞ୍ଚିତ କରନ୍ତି ସେମାନେ ହେଉଛନ୍ତି ପ୍ରଗତିବାଦୀ ବୋଲି ଧାରଣା ସୃଷ୍ଟି କରନ୍ତି। ପ୍ରକୃତପକ୍ଷେ ଏମାନେ ହେଉଛନ୍ତି ଅସଲ ଜାତିବାଦୀ। ପ୍ରଗତିବାଦୀ ମୁଖାତଳେ ଏମାନଙ୍କ



ଜାତିବାଦୀ ଚେହେରା ଲୁଚିଥାଏ। ଏମାନେ ସମତାଭିତ୍ତିକ ସମାଜକୁ ଗ୍ରହଣ କରିପାରନ୍ତି ନାହିଁ। ସାମ୍ବିଧାନିକ ବ୍ୟବସ୍ଥାକୁ ମଧ୍ୟ ମାନନ୍ତି ନାହିଁ।

ପ୍ରଗତିବାଦୀ ମୁଖାତଳେ ଲୁଚିଥିବା ଏହି ଜାତିବାଦୀ ଗୋଷ୍ଠୀ ସଂରକ୍ଷଣ ବ୍ୟବସ୍ଥା ବିରୋଧରେ ତ ଜୋରସୋରରେ ପ୍ରଚାର କରନ୍ତି, କିନ୍ତୁ ଜାତି ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ। ଜାତିକୁ ହଟାଇବା ପାଇଁ ଏମାନଙ୍କ ନିକଟରେ କୌଣସି ଏଜେଣ୍ଡା ନ ଥାଏ। ଏମାନେ ପୁଣି ବହୁ ଭାଗରେ ବିଭକ୍ତ। କିଏ ହେତୁବାଦୀ ତ କିଏ ତର୍କବୁଦ୍ଧିବାଦୀ, କିଏ ବିଜ୍ଞାନବାଦୀ ତ କିଏ ମାନବବାଦୀ। ଜାତି କଥା କହିଲେ ଏମାନଙ୍କ ମୁହଁ ବନ୍ଦ ହୋଇଯାଏ। ବେଶି ପ୍ରଶ୍ନ କଲେ କହନ୍ତି ଆମେ ଜାତିରେ ବିଶ୍ୱାସ କରୁନା। ତୁମ ପାଖରେ ଜାତିକୁ ଉଠାଇବା ପାଇଁ କିଛି ଏଜେଣ୍ଡା ଅଛି ନା ନାହିଁ ପ୍ରଶ୍ନ କଲେ ମୁହଁ ଚୁପ। ସଭା ସମିତିରେ ସିନା ଏମାନେ ଜାତିବାଦ ବିରୋଧରେ ଭାଷଣ ଦିଅନ୍ତି, କିନ୍ତୁ ଘରକୁ ଗଲେ ସବୁକିଛି ପୂର୍ବପରି। ନା ଏମାନେ ଦେହରେ ଥିବା ଜାତିଗତ ଚିହ୍ନକୁ ଛାଡ଼ିପାରନ୍ତି, ନା ନାମ ପଛର ଜାତିସୂଚକ ଟାଇଟେଲକୁ ଛାଡିପାରନ୍ତି। ଧର୍ମ ଓ ସଂସ୍କୃତିର ଆଳରେ ନିଜର ଜାତିଗତ ସ୍ୱତନ୍ତ୍ରତାକୁ ବଜାୟ ରଖିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତି।

ସାଧୀନତାର ଦୀର୍ଘ ବର୍ଷ ପରେ ବି ଜାତି ବ୍ୟବସ୍ଥା ତା’ର କଳୁଷିତ କାୟା ବିସ୍ତାର କରି ରଖିଛି ଏହି ଜାତିବାଦୀଙ୍କ ପାଇଁ। ଅନେକ ସମୟରେ ଜାତିବାଦକୁ ହଟାଇବା କଥା ନ କହି ଏହାର ସପକ୍ଷରେ ଯୁକ୍ତି କରନ୍ତି। ଏହି ବ୍ୟବସ୍ଥାର ଗୁଣଗାନ କରନ୍ତି। ଧର୍ମ ଓ ସଂସ୍କୃତିର ଆବରଣ ପିନ୍ଧାଇ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଚେଷ୍ଟା କରନ୍ତି। ଯେଉଁମାନେ ପ୍ରକୃତରେ ଜାତିପ୍ରଥାର ବିରୋଧୀ ତାଙ୍କୁ ନାନାଭାବେ ଭର୍ତ୍ସନା କରନ୍ତି। ଫଳସ୍ୱରୂପ ଦେଶରେ ଜାତିବାଦ କମିବାର ନାମ ନେଉନାହିଁ। ରାଜନୀତି ଜାତିବାଦକୁ ପ୍ରୋତ୍ସାହିତ କରିଆସିଛି। ଗୋଟିଏ ଦୁଇଟି ଜାତି ଏଥିପାଇଁ ଦାୟୀ। ସେମାନେ ସମସ୍ତ କ୍ଷମତା ନିଜ ହାତରେ ରଖିବାକୁ ଚାହାନ୍ତି। ଏମାନେ କଳେବଳେ କୌଶଳେ ରାଜନୈତିକ, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। ଏହାହିଁ ମାରାତ୍ମକ ଜାତିବାଦ। ଯେଉଁମାନେ ନିଜର ସଂଖ୍ୟାନୁପାତିକ ଭାଗ ପାଇଁ ଲଢୁଛନ୍ତି ସେମାନଙ୍କୁ କଦାପି ଜାତିବାଦୀ ବୋଲି କହିହେବ ନାହିଁ। ସେହିମାନଙ୍କୁ ଜାତିବାଦୀ ବୋଲି କୁହାଯିବ ଯେଉଁମାନେ ଅନ୍ୟମାନଙ୍କୁ ତାଙ୍କ ସଂଖ୍ୟାନୁପାତିକ ପ୍ରାପ୍ୟ ଦେଉନାହାନ୍ତି।

ଜାତି ବ୍ୟବସ୍ଥାର ସମାପ୍ତି ପାଇଁ ଅନଗ୍ରସର ଜାତି ସମୂହର ବିକାଶ ଜରୁରୀ ହୋଇଥିବା ଯୋଗୁ ଏମାନେ ବିକାଶର ଲକ୍ଷ୍ୟ ନେଇ ସଙ୍ଗଠିତ ହେବା ଜରୁରୀ। ଏମାନେ ନିଜ ମଧ୍ୟରେ ଥିବା ଜାତି ବିଦ୍ୱେଷ ଓ ଜାତିଗତ ଭାବନାକୁ ସମାପ୍ତ କରିବା ଆବଶ୍ୟକ। ଏହା ନ ହେଲେ ଜାତିବାଦ ଭିନ୍ନରୂପରେ ଆତ୍ମପ୍ରକାଶ କରିବ। ଯେଉଁ ଅଗ୍ରସର ଗୋଷ୍ଠୀ ବିକାଶର ଚରମ ସୀମାରେ ପହଞ୍ଚିଛନ୍ତି ସେମାନେ ପଛକୁ ଦେଖିବା ଜରୁରୀ ଯେ କେଉଁମାନେ ବିକାଶର ଦୌଡ଼ରେ ପଛରେ ପଡ଼ିଯାଇଛନ୍ତି। ଏମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ମାନିବା ଦରକାର ଓ ସମତାଭିତ୍ତିକ ସମାଜକୁ ସ୍ୱୀକାର କରିବା ଦରକାର। ଏହା ତାଙ୍କ ସାମାଜିକ ଓ ନାଗରିକତ୍ୱର ଦାୟିତ୍ୱ ମଧ୍ୟ। ଏହାଛଡ଼ା ଜାତିବିହୀନ ସମାଜ ଗଠନ କରିବା ପାଇଁ ଏମାନଙ୍କୁ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ଆବଶ୍ୟକ ହେଲେ ଧାର୍ମିକ ଓ ସାଂସ୍କୃତିକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହା ନ ହେଲେ ଅନଗ୍ରସର ଜାତିସମୂହ ନିକଟରେ କଣ୍ଟାକୁ କଣ୍ଟାରେ କାଢ଼ିବା ସଦୃଶ ଜାତିକୁ ଜାତି ଦ୍ୱାରା ହଟାଇବା ପାଇଁ ଜାତି ଥେରାପିର ଆଶ୍ରୟ ନେବାକୁ ପଡ଼ିବ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ– ୭୦୦୮୯୭୬୧୮୦**

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 3 | 2 | 5 | | | 6 | |
| 6 | | 8 | | | | | | |
| | | | | | | 1 | | 8 |
| | 6 | | 9 | | | | | |
| | | 9 | | 1 | | | | 5 |
| | | 7 | | 4 | | 3 | | |
| | 4 | | | | | 7 | 5 | 3 |
| | | | | | 5 | 4 | | |
| | | | | | 1 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 1 | 5 | 7 | 4 | 3 | 9 | 6 |
| 7 | 9 | 6 | 1 | 2 | 3 | 5 | 4 | 8 |
| 5 | 4 | 3 | 6 | 9 | 8 | 7 | 2 | 1 |
| 8 | 7 | 4 | 3 | 6 | 5 | 2 | 1 | 9 |
| 6 | 3 | 2 | 4 | 1 | 9 | 8 | 7 | 5 |
| 9 | 1 | 5 | 2 | 8 | 7 | 6 | 3 | 4 |
| 4 | 2 | 8 | 7 | 5 | 1 | 9 | 6 | 3 |
| 3 | 5 | 7 | 9 | 4 | 6 | 1 | 8 | 2 |
| 1 | 6 | 9 | 8 | 3 | 2 | 4 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ କାଟ ନିତିଦିନିଆ

ମହାଶୟ,

ବିଦ୍ୟୁତ୍ ବଳକା ରାଜ୍ୟ ଓଡ଼ିଶାରେ ବିଦ୍ୟୁତ୍‌କାଟ ହେଉ ନାହିଁ ବୋଲି ଶକ୍ତିମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିଭଳି ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାଓ୍ୱାର ଟ୍ରିପ୍ ହେଉଛି ବୋଲି ସଫେଇ ଦେବା ସହ ୨୦୨୫ ସୁଦ୍ଧା ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମୀକ୍ଷା ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଯାଉଛି ବୋଲି କହିଥିଲେ। ଏତଦ୍‌ବ୍ୟତୀତ ଅକ୍ଷୟ ଶକ୍ତି ଚୁକ୍ତି ସ୍ୱାକ୍ଷରିତ, ପ୍ରଗତିଶୀଳ ଅକ୍ଷୟଶକ୍ତି ନୀତି, ଗ୍ରାମାଞ୍ଚଳରେ ଦୈନିକ ବିଦ୍ୟୁତ୍ ଯୋଗାଣରେ ବୃଦ୍ଧି, ବିଭିନ୍ନ ଗ୍ରୀଡ୍ କାର୍ଯ୍ୟକ୍ଷମ, ବିଦ୍ୟୁତ୍ ସଂଯୋଗ ପ୍ରଦାନ, ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ସୂଚନା ଦେଇ ବିଦ୍ୟୁତ୍ କାଟ ପ୍ରଶ୍ନକୁ ଏଡ଼ାଇଗଲେ। ତେବେ ବିଦ୍ୟୁତ୍ ବଳକା ରାଜ୍ୟରେ ବିଦ୍ୟୁତ୍ କାଟ ଏକ ନିତିଦିନିଆ ଘଟଣା ହୋଇଯାଇଛି। ରାଜଧାନୀରେ ବିଦ୍ୟୁତ୍ କାଟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ ହେଉଛି।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ଯାଇଛି ମିଳାଇ କାହିଁ
ଜଳେ ଥଳେ ଆକାଶେ ଆଲୋକେ
କେବେ ସୁଖେ ହସି
ଏଥି ଲୁହ ଢାଳି କେବେ ମହାଶୋକେ।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କଲେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ

**ଟ୍ରେନ୍ ଦୁର୍ଘଟଣାରେ ମୃତ, ଆହତଙ୍କ ଉଦ୍ଦେଶ୍ୟରେ**



**ଖଡ଼ିଆଳ,୭।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ ଦୁର୍ଘଟଣାରେ ମୃତ ଓ ଗୁରୁତର ଆହତଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲାର (ବର୍ତ୍ତମାନ ଖଡ଼ିଆଳରେ ଅବସ୍ଥାପିତ) ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅସର ଶିକ୍ଷକ ଜ୍ଞାନପ୍ରକାଶ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୧ ହଜାର ୫ ଶହ ଟଙ୍କାର ଚେକ ପଠାଇଛନ୍ତି। ୧୯୯୩ରେ ରାଜ୍ୟପାଳ ପୁରସ୍କାର ପାଇଥିବା ୧୦ ହଜାର ଟଙ୍କାକୁ ନୂଆପଡା କଲ୍ୟାଣ ଆଶ୍ରମକୁ ଦାନ କରିଥିଲେ। ସେହିପରି ୧୯୯୯ରେ ଓଡ଼ିଶାର ମହାବାତ୍ୟାରେ ମୃତ ଓ ଆହତ ଲୋକମାଙ୍କ ପାଇଁ ୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିଲେ। ସେହିପରି ନୂଆପଡା ପତୋରାସ୍ଥିତ ବୁଢ଼ାଦେଓ ଆବାସିକ ବିଦ୍ୟାଳୟକୁ ୫୦ ହଜାର ଟଙ୍କା ସହଯୋଗ କରିଥିଲେ। ସିଂ ସବୁବେଳେ ଦୁଃଖୀ ଲୋକମାନଙ୍କ ସହିତ ରହିଥିବା କହିଛନ୍ତି।

### ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ନୂଆପଡ଼ା ଅଫିସ,୭।୬:** ନୂଆପଡା ସଦର ମହକୁମାସ୍ଥିତ ଜିଲା ଦେୱାନୀ ଓ ଫୌଜଦାରୀ ଅଦାଲତରେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ସମବେତ ପ୍ରାର୍ଥନା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଓକିଲ ସଂଘ ଜିଲା ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ସହ ସମ୍ପାଦକ ପୁରୁଷୋତମ ସୋନି, ବାପି ଦାସ, ଅନୁପ ଶର୍ମା, ଅଶୋକ କ୍ଷିତିଶ ବୋଧନକର, ରାମେଶ ଭୋଇ, କାର୍ତ୍ତିକେଶ୍ୱର ମହାରଣା, କୁମୁଦ ହୋତା, ଅଜୟ ଶର୍ମା, ନିର୍ମଳ ପଟ୍ଟନାୟକ, ଅମିତାଭ ବୋଷ, ବିବେକ ଯୋଶୀ, ପ୍ରକାଶ ସେନାପତି, ଘାସିରାମ ବାଗ, ଯୋଗେଶ ସାହୁ, ବେଣୁଧର ପ୍ରଧାନ, ଅଶ୍ୱନୀ ବାଗ, ଦେଓଧର ସାହୁ, ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋମନା ବସଷ୍ଟାଣ୍ଡ ପାଖରେ ଅଞ୍ଚଳର ଯୁବକମାନଙ୍କୁ ନେଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଶାହରୁଖ ଖାନ, ପ୍ରବିନ ଭୋଇ, ଅଲକେଶ ମିଶ୍ର, ଆକାଶ ପ୍ରଧାନ, ଜିତେନ୍ଦ୍ର ଛୋଟରାୟ, ଜୟ ଭାରତ ସରାଫ, ହିରୋ ମଲ୍ଲିକ, ଚନ୍ଦ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ପରିବେଶ ଦିବସରେ ଫଳ, ଫୁଲ ଚାରା ରୋପଣ

**ନୂଆପଡା ଅଫିସ,୭।୬:** ନୂଆପଡା ସଦର ବ୍ଲକ କୁଲିଆବନ୍ଧା ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରକୃତି ବନ୍ଧୁ ଶିକ୍ଷକ କିଶୋର କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଶାନକୁଣ୍ଡା ସାଧନା କେନ୍ଦ୍ର ସଂଯୋଜକ ଦିନେଶ ମାଝି ମୁଖ୍ୟଅତିଥି, ଭାରତ ଇଣ୍ଡିଆନ ଫାଉଣ୍ଡେଶନର ଶିକ୍ଷା ସହଯୋଗୀ ଛବିଳ କୁମାର ନିଆଲ ସମ୍ମାନିତ ଅତିଥି ଓ ଶିକ୍ଷକ ଗୁଣ ସାଗର ଭୋଇ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଛାତ୍ରୀଛାତ୍ରମାନେ ନିଜକୁ ପରିବେଶ ପ୍ରେମୀ ଭାବରେ ଗଢି ତୋଳିବା ସହ ବର୍ଷକୁ ଅତି କମରେ ଗୋଟିଏ ଗଛ ଲଗାଇ ଯତ୍ନ ନେବା ପାଇଁ ଆହ୍ୱାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ଲାଷ୍ଟିକ ବର୍ଜନ, ଦୋକାନ କିମ୍ବା ହାଟକୁ ଗଲେ ସାଙ୍ଗରେ ବ୍ୟାଗ ଧରି ଯାଆନ୍ତୁ ବୋଲି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନରେ ସୁରେଶ ରଣା ପ୍ରଥମ, ନମିତା କେଉଟ ଦ୍ୱିତୀୟ ଓ ପ୍ରେମଶଙ୍କର ହଂସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧରେ ସୁରେଶ ରଣା ପ୍ରଥମ, ଏନ୍. କୁମାର ପାଣ୍ଡେ ଦ୍ୱିତୀୟ ଓ ଲକ୍ଷ୍ମୀକାନ୍ତ ପଟେଲ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବିଦ୍ୟାଳୟ ପ୍ରାଙ୍ଗଣରେ ଫଳ, ଫୁଲ ଚାରା ରୋପଣ କରାଯାଇଥିଲା।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ

**ଭବାନୀପାଟଣା,୭।୬(ସ୍ୱ.ପ୍ର.)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲାଙ୍କ ପ୍ରତିବାଦ।

**ସପ୍ତମ ଦିନରେ ମିଳିତ ଅମଲା ମଞ୍ଚର ଆନ୍ଦୋଳନ**

■ ସାମିଲ ହେଲେ କଳାହାଣ୍ଡି, ନୂଆପଡା ଜିଲାର ଅମଲା

କଳାହାଣ୍ଡି ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଚାଲିଥିବା ପ୍ରତିବାଦ ବୁଧବାର ସପ୍ତମ ଦିନରେ ପହଞ୍ଚିଛି। ମଞ୍ଚର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁଣ୍ଡଙ୍କ ନେତୃତ୍ୱରେ ଆନ୍ଦୋଳନର ସପ୍ତମ ଦିନରେ ଭବାନୀପାଟଣାରେ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୧୩ଟି ବ୍ଲକର ବିଭିନ୍ନ ଅଫିସରେ କାର୍ଯ୍ୟରତ ପ୍ରାୟ ୭୦୦ ଅମଲା ଏକତ୍ରିତ ହୋଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ହୋଇଥିବା ଗଣଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ଏହି ଗଣଆନ୍ଦୋଳନରେ ପଡୋଶୀ ନୂଆପଡା ଜିଲାର ମିଳିତ ଅମଲା ମଞ୍ଚ କର୍ମକର୍ତ୍ତାମାନେ ତଥା ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସଭା କାର୍ଯ୍ୟ ଆରମ୍ଭରେ ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାସହ ଅମଲାମାନଙ୍କ ଦ୍ୱାରା ଦାନ କରାଯାଇଥିବା ସହାୟତା ରାଶି ସମୁଦାୟ ଟ.୩୧,୧୦୧.୦୦ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ପ୍ରକାଶ ପାଇଛି। ବ୍ଲକସ୍ତରରେ ଏହି ପ୍ରତିବାଦ ଜାରି ରହିଥିବା ବେଳେ ଜିଲାରେ ମଧ୍ୟ ଏହା ତୀବ୍ରତର ହେଉଛି। ଫଳରେ ଜିଲାର ସରକାରୀ କାର୍ଯ୍ୟ ସବୁ ଠପ ହୋଇଯାଇଛି। ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଥାଉ କି, ପ୍ରଥମ ଥର ୨୦୧୩ରେ କନିଷ୍ଠ ସହାୟକମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକରୁ ଯୁକ୍ତ ୨ ହୋଇଥିଲା। ୨୦୧୭ରେ କନିଷ୍ଠ ସହାୟକ ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନକୁ ବୃଦ୍ଧି କରାଯାଇଥିଲା। ମାତ୍ର ଦରମାରେ କୌଣସି ପରିବର୍ତ୍ତନ କିମ୍ବା ବୃଦ୍ଧି ଘଟି ନ ଥିଲା। ତେଣୁ ମୂଳ ଦରମା ଲେଭେଲ-୯ ଗ୍ରେଡ ପେ-୪୨୦୦ କରିବା ପାଇଁ ଦାବି ସଂକ୍ରାନ୍ତୀୟ ଦାବିପତ୍ର ବାରମ୍ବାର ସରକାରଙ୍କୁ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ଗତ ମେ ୨୨ରୁ ୩୧ ସମସ୍ତ ଅମଲା କଳାବ୍ୟାଜ୍ ପରିଧାନ ପୂର୍ବକ ନିଜ ଅଫିସରେ ପ୍ରତିବାଦ କରିଥିଲେ। ଏହି ଦାବି ଉପରେ ସରକାର କିଛି ପଦକ୍ଷେପ ନେଇ ନ ଥିବାରୁ ଜୁନ ୨ ତାରିଖରୁ ସମୂହ ଛୁଟିରେ ଯାଇଛନ୍ତି। ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦରେ ବରିଷ୍ଠ ଅମଲା ସୁକାନ୍ତ ମହାପାତ୍ର, ଅଲେଖ ନାଏକ, ରୂପକେଶରୀ ଦଳେଇ, ବ୍ରଜବନ୍ଧୁ ମୁଣ୍ଡ, ରାଜକିଶୋର ସାହୁ, ଟଙ୍କଧର ସାହୁ, ରତ୍ନାକର ଧଙ୍ଗଡାମାଝି, ବିଶ୍ୱନାଥ ମୁଣ୍ଡ, ମନୋରଞ୍ଜନ ଛତ୍ରପାଲ, ସୁଶାନ୍ତ ମେହେର, ମନୀଷା ସାହୁ, ଚିନ୍ମୟୀ ଠାକୁର, କୃଷ୍ଣାରାଣୀ ନାଏକ, ଲବ ମେହେର, ଜଗତ ନାରାୟଣ ହୋତା, ବିହାରୀ ମହାନନ୍ଦ, ଜଗତରାମ ଗହୀର, ଲକ୍ଷ୍ମଣ ବଛା, ବିଶ୍ ପାଢ଼ୀ, ସୁନୀଲ କାନୁନଗୋ, ଅର୍ଜୁନ ମେହେର, ଶିଶିର ଦାସ, ସୁବାଷ ପ୍ରଧାନ, ସୁଦୀପ୍ତ ସିଂ, ଦେବରାଜ ଛତ୍ରୀଆ, ନୂଆପଡାରୁ ମଦନ ସାହୁ, ପବନ ସୋନି ପ୍ରମୁଖ ସାମିଲ ହୋଇଥିଲେ।

# ଅମଲା ସଂଘର ଧାରଣା, ସରକାରୀ କାର୍ଯ୍ୟ ଠପ୍

**ଖଡ଼ିଆଳ,୭।୬(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ, ଟାଳଟୁଳ ଓ କାଳକ୍ଷେପଣ ନୀତି ପ୍ରତିବାଦରେ ଗତ ୧ ତାରିଖରୁ ଜିଲାସ୍ତରୀୟ ଅମଲାଙ୍କ ଚାଲିଥିବା ସମୂହ ଛୁଟି ଓ ଧାରଣା ୭ ଦିନରେ ପହଞ୍ଚିଛି। ଦାବି ପୂରଣ ନେଇ ଜିଦରେ ଅଡ଼ି ବସିଥିବା ବେଳେ ସେବା ନ ପାଇ ସାଧାରଣ ଲୋକେ ବହୁବିଧ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଓଡ଼ିଶା ଅମଲା ମହାସଂଘ ସେମାନଙ୍କ ଗ୍ରେଡ ପେ ବୃଦ୍ଧି କରିବା, ଲେବୁଲ ୪ରୁ ସେମାନଙ୍କୁ ଲେବୁଲ ୯କୁ ଆଣିବା ପାଇଁ ଦାବି ଉପସ୍ଥାପନ କରି ଆସୁଥିଲେ। ୧ ତାରିଖରୁ ଜିଲାସ୍ତରୀୟ ଅମଲା ସଂଘ ସାମୂହିକ ଛୁଟିରେ ଯିବା ସହ ୨୦୦ରୁ ଊର୍ଦ୍ଧ୍ୱ ଅମଲା ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଏହି ଧାରଣା ଯୋଗୁ ବିଭିନ୍ନ କାର୍ଯ୍ୟାଳୟରେ କାମ ଠପ ହୋଇଥିବା ବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରକାର ଯଥାଶୀଘ୍ର ଅମଲାଙ୍କ ଦାବି ଗ୍ରହଣ କରି ଅଚଳାବସ୍ଥା ଦୂର ପାଇଁ ସାଧାରଣ ଲୋକେ ନିବେଦନ କରିଛନ୍ତି। ଲବିରାମ ମାଝି, ଅଜୟ କୁମାର ଶବର, ଅଶ୍ୱିନୀ କୁମାର ପଣ୍ଡା, ପ୍ରମୋଦ ଖମାରୀ, ଧନ୍ୱନ୍ତରୀ ଚଲାନ, ବଳଭଦ୍ର ମାଝି, ମାନସ କୁମାର ପତି, ମୋହମ୍ମଦ କଲାମ, ସରୋଜ ହୋତା, ପୁଷ୍ପଲତା ମାଝି, କିଆମଣି ମହାନନ୍ଦ, ନିରୁପମା ଭରାସଗରିଆ, ରାଧାମୋହନ ଶବର, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।



ଅମଲାମାନେ ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଜଳକଷ୍ଟ ଦୂର ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ



ପାନୀୟ ଜଳ ସମସ୍ୟା ନେଇ ହଂସପଡା ଗାଁ ମହିଳା, ଗ୍ରାମବାସୀ ଅଭିଯୋଗ ପାଇଁ ଆସିଛନ୍ତି।

**ହଂସପଡା ଗାଁର ମହିଳା, ଗ୍ରାମବାସୀ**

**କୋକସରା,୭।୬(ଡି.ଏନ.ଏ.)**

ଢ଼ହ ଢ଼ହ ଖରା, ସତେ ଯେମିତି ଆକଶରୁ ଅଗ୍ନିବର୍ଷା ହେଉଛି। ଦିନ ୧୦ଟା ପରେ ପାରଦ ୪୨ ଡିଗ୍ରୀ ଉପରେ ରହୁଥିବା ବେଳେ ଜଳକଷ୍ଟ ପାଇଁ ଖରାକୁ ଖାତିର ନ କରି ବ୍ଲକ ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଗାଁର ମହିଳା ଓ ଗ୍ରାମବାସୀ। ଗାଁରେ ଥିବା ସମସ୍ତ ନଳକୂପ ଓ ପୋଖରୀ ଶୁଖିଯିବା ପରେ ଗ୍ରାମବାସୀ ସ୍ଥାନୀୟ ଟେମରା ସରପଞ୍ଚଙ୍କ ନିକଟରେ ଫେରାଦ ପରେ ମଧ୍ୟ କୌଣସି ଆଶୁ ସମାଧାନ ନ ହେବାରୁ ବୁଧବାର ହଂସପଡାର ମହିଳାମାନେ ଟାଣଖରାକୁ ଖାତିର ନ କରି ବିଡିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗ ସମୟରେ ବିଡିଓ ଉତ୍ତମ ବାଗଙ୍କ ସହ ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ବାଗ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ। ମହିଳାମାନେ ଅଭିଯୋଗ କରି ଶୀଘ୍ର ପାନୀୟ ଜଳକଷ୍ଟ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ଆସନ୍ତା ସପ୍ତାହ ମଧ୍ୟରେ ପାନୀୟ ଜଳ ପାଇଁ ନଳକୂପ ଖନନ ସହ ପୋଖରୀ କାର୍ଯ୍ୟ ମଧ୍ୟ କରାଯାଇ ଜଳକଷ୍ଟ ଦୂର କରିବାକୁ ବିଡିଓ ଓ ବିଧାୟକ ପ୍ରତିନିଧି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସମୟରେ ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ହଂସପଡା ଗାଁର ମହିଳା ଭାନୁମତି ନାଏକ, ମହେନ୍ଦ୍ରି ନାଏକ, ଯମୁନା ବେମାଲ, ସୋନି ନାଏକ, ତୁଳସୀ ନାଏକ, ସୁମନୀ ନାଏକ, ମମିତା ନାଏକ, ମଇନା ନାଏକ, ଚନ୍ଦ୍ରା ନାଏକ, ରୁକ୍ମଣୀ ନାଏକ, ରୁନି ନାଏକ, ଅନୁପମା ନାଏକ, ଲାଲା ନାଏକ, ଯୋଗା ନାଏକ, ଦେବକୀ ନାଏକ, ଲାଲ ହଂସ, ଉଦୟ ନାଏକ ସମେତ ଅନ୍ୟ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କା ସହ ସୁନା, ରୁପା ଅଳଙ୍କାର ଲୁଟ୍

**ଖୁଦପେଜ ଗ୍ରାମରେ ସଶସ୍ତ୍ର ଡକାୟତି**

**ଖଡ଼ିଆଳ,୭।୬(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଥାନା ଖୁଦପେଜ ଗ୍ରାମରେ ସୁନ୍ଦରଶ୍ୟାମ ଶତପଥୀଙ୍କ ଘରେ ମଙ୍ଗଳବାର ରାତ୍ରି ସାଢେ ୯ଟାରେ ମୁଖାପିନ୍ଧା ସଶସ୍ତ୍ର ଡ଼କାୟତ ହୋଇଛି। ଘରେ ପଶି ପରିବାର ସଦସ୍ୟଙ୍କ ହାତଗୋଡ଼ ବାନ୍ଧି ଅତର୍କିତ ଆକ୍ରମଣ କରିଥିଲେ। ଘର ଜଣେ ଶିଶୁ ମୁଣ୍ଡରେ ବନ୍ଧୁକ ରଖି ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ସମସ୍ତଙ୍କୁ ହାତ ବାନ୍ଧି ଘରେ ଥିବା ଟଙ୍କା, ସୁନା, ରୁପ ଓ ମହିଳାମାନଙ୍କ ମଙ୍ଗଳ ସୂତ୍ର ମଧ୍ୟ ଲୁଟି ନେଇଥିବା ଜଣାପଡ଼ିଛି। ଡକାୟତମାନେ ୩ଜଣଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଆଘାତ କରିଛନ୍ତି। ସୁନ୍ଦର ଶ୍ୟାମଙ୍କୁ ମୁଣ୍ଡପଛ ପଟେ ବନ୍ଧୁକରେ ଆଘାତ କରିଥିବା ବେଳେ ତାଙ୍କୁ ପ୍ରଥମେ ଖଡ଼ିଆଳ ହସ୍ପିଟାଲ ଓ ପରେ ନୂଆପଡା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ପରିବାର ଲୋକେ କହିଛନ୍ତି। ସୁନ୍ଦରଙ୍କ ବାପା ଭରତଙ୍କ ମୁଣ୍ଡରେ ଆଘାତ କରିଛନ୍ତି ଓ ମା'ଙ୍କ ଗୋଡ଼ରେ ବାଡେଇଛନ୍ତି। ସଶସ୍ତ୍ର ଡ଼କାୟତମାନଙ୍କ ମଧ୍ୟରୁ କିଛି ଚିହ୍ନା ମୁହଁ ଥିବା ବେଳେ ଅନେକ ମୁଖା ପିନ୍ଧିଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ଘଟଣାସ୍ଥଳରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଆର ଗୁଣ୍ଡାଲା ରେଡ୍ଡୀ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ତଦନ୍ତ କରୁଥିବା ବେଳେ ଡ୍ରଗ ସ୍କ୍ୱାଡ ମଧ୍ୟ ପହଞ୍ଚି ତଦନ୍ତ ଚାଳାଇଛି।

# କଂଗ୍ରେସର ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ



ବୈଠକରେ ଯୋଗଦେଇଥିବା ଦଳୀୟ ନେତୃମଣ୍ଡଳୀ।

**ପଲମ,୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଡାକବଙ୍ଗଳା ପ୍ରାଙ୍ଗଣରେ ନର୍ଲା ବ୍ଲକ କଂଗ୍ରେସ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ କଂଗ୍ରେସ ସଭାପତି ସମିର ଚାନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ କିପରି କ୍ଷମତାକୁ ଫେରିବ ସେ ବିଷୟ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ପିସିସି ସଭ୍ୟ ଓ ନର୍ଲା ପର୍ଯ୍ୟବେକ୍ଷକ ବିଭୁତି ଭୁଷଣ ମହାକୁଡ, ପସିସି ମେମ୍ବର ଟିକେମନ ଦିପ, ଜିଲା ମହିଳା କଂଗ୍ରେସ ସଭାପତି ମହେନ୍ଦ୍ରୀ ସାହୁ, ସୁରେଶ ଚୌଧୁରୀ, ପ୍ରକାଶ ମାଝି, ବ୍ଲକ ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ର, ଯୁବ କଂଗ୍ରେସ ନିର୍ବାଚନ ମଣ୍ଡଳୀ ସଭାପତି ସାନୁ ଶର୍ମା, ରାଜକୁମାର ସରାଫ, ରଜନୀ କୁମାର, ସୁଦାମ ଚରଣ ପଧାନ, ତନୁ ମାଝି, ବାବୁଲୁ ଜାନୀ, ଭଗବାନ ସାହୁ, ବଳରାମ ମାଝି, ମମିତା ସାହୁ, ମଳୟ ବାଗ, ଆଦିତ୍ୟ ସାହୁ, ନିତିଶ ବାଗ, ସନ୍ତୋଷ ବାଗଙ୍କ ସମେତ ନର୍ଲା ବ୍ଲକର ୨୬ଟି ପଞ୍ଚାୟତର କଂଗ୍ରେସ ସଭାପତି ଓ ସମ୍ପାଦକଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। କିପରି ଭାବେ ଜନସାଧାରଣ କଂଗ୍ରେସକୁ ବହୁ ସଂଖ୍ୟାରେ ଗୁରୁତ୍ୱ ଦେବେ ସେ ବିଷୟରେ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିଥିଲେ।

# ରାଜ୍ୟପାଳଙ୍କୁ ସାରସ୍ୱତ ଉପହାର ପ୍ରଦାନ

**ଖଡ଼ିଆଳ,୭।୬(ଡି.ଏନ.ଏ.)**

ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ୭ମ କବିତା ସଙ୍କଳନ -ତଥାପି ତୁଳସୀ, ପ୍ରଥମ ଗଳ୍ପ ସଂକଳନ -ଭାଗ୍ୟର ଭାଗଫଳ ସାରସ୍ୱତ ଉପହାର ପ୍ରଦାନ କରିଥିଲେ। ଏହି ସମୟରେ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ବିଶିଷ୍ଟ କବି ରକ୍ଷକ ନାୟକ ଏବଂ ସାରସ୍ୱତ ସାହିତ୍ୟ ସମ୍ପାଦକ କବି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ଡା ଗୀତାଶ୍ରୀ ପ୍ରିୟମ୍ବଦା ଜଣେ ବକ୍ତା, କବୀ, ଗାଳ୍ପିକା, ବିଭିନ୍ନ ସଭା ସମିତି, ମଞ୍ଚ ସଂଯୋଜିକ, ସଞ୍ଚାଳିକା ଅଟନ୍ତି।



ରାଜ୍ୟପାଳଙ୍କୁ ସାରସ୍ୱତ ଉପହାର ପ୍ରଦାନ କରାଯାଉଛି।

# ଲଳିତାଙ୍କୁ ମେଡିକାଲରେ ଭର୍ତ୍ତି କଲା ପ୍ରଶାସନ

**ନୂଆପଡ଼ା ଅଫିସ,୭।୬**



ଜିଲା ମୁଖ୍ୟ ଚିକିତ୍ସାଳୟରେ ରୁପସିଂ ମାଝିଙ୍କ ସ୍ତ୍ରୀ ଲଳିତା ଚିକିତ୍ସିତ ହେଉଛନ୍ତି।

**ଧରିତ୍ରୀ ପ୍ରଭାବ**

**ମା'ଙ୍କ ଚିକିତ୍ସା ପାଇଁ ଝିଅପୁଅ ଦାଦନ ଯିବା ଘଟଣା**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ପଞ୍ଚାୟତ କାଶିପଲା ଗାଁ ଲଳିତା ଶବରଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ମା'ଙ୍କ ଚିକିତ୍ସା ପାଇଁ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଛନ୍ତି ଝିଅ, ପୁଅ ସମ୍ପର୍କିତ ଏକ ଖବର ଗତ ୫ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଇଛି।

ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଳିତାଙ୍କୁ ଭର୍ତ୍ତି କରାଯାଇଛି। ଲଳିତା ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନେକ ପ୍ରକାର ରୋଗରେ ପୀଡିତ ହୋଇଥିଲେ। ତାଙ୍କ ଚିକିତ୍ସା ପାଇଁ ତାଙ୍କ ସ୍ୱାମୀ ରପୁସିଂ ଶବର (୫୦) ଜିଲା ତଥା ଜିଲା ବାହାର ଡାକ୍ତରଖାନା ଯାଇ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଲଳିତାଙ୍କୁ ବଞ୍ଚାଇବା ପାଇଁ ଜମି, ଗହଣା ସବୁ ବନ୍ଧକ ରଖି ସାରିଲେଣି। ମୁଁ ଜଣେ ଗରିବ ଆଦିବାସୀ ଶ୍ରେଣୀର ଲୋକ। ଦିନମଜୁରି କରି ପରିବାରର ୬ଜଣ ସଦସ୍ୟ ବହୁତ କଷ୍ଟରେ ଚଳୁଥିଲୁ। ଟଙ୍କା ଅଭାବରୁ ଝିଅପୁଅଙ୍କୁ ଅଧିକ ପଢାଇ ପାରିଲି ନାହିଁ। ପରିବାର କୁଲିମଜୁରୀ କରି ଚଳିବା ସହ ଯାହା ଘରେ ଥିଲା, ତାହା ସବୁ ସ୍ତ୍ରୀଙ୍କ ପାଇଁ ଖର୍ଚ୍ଚ ହେଲା। ଟଙ୍କା ଅଭାବରୁ ଝିଅ ଓ ପୁଅକୁ ହାଇଦ୍ରାବାଦ ଇଟା ତିଆରି କରିବା ପାଇଁ ପଠାଇ ଦେଇଛି। ସେମାନେ ଟଙ୍କା ଧରି ଆସିଲେ ଅନ୍ୟ କେଉଁଠି ଚିକିତ୍ସା ପାଇଁ ନେବୁ ବୋଲି ଲଳିତାଙ୍କ ସ୍ୱାମୀ ରୁପସିଂ ଶବର କହିଛନ୍ତି। ଝିଅପୁଅର ଆସିବା ବାଟକୁ ଅନାଇ ବସିଥିଲି। ହେଲେ ଧରିତ୍ରୀ ଖବରରେ ଲଳିତାଙ୍କ ବିଷୟରେ ଖବର ପ୍ରକାଶ ହେବା ପରେ ଜିଲା ପ୍ରଶାସନ ଆମ ଦୁଃଖ ଜାଣି ପାରି ମୋ ସ୍ତ୍ରୀଙ୍କୁ ଆଣି ଚିକିତ୍ସା କରୁଛନ୍ତି। ଜଗନ୍ନାଥ ମୋ ସ୍ତ୍ରୀଙ୍କୁ ଶୀଘ୍ର ଭଲ କରନ୍ତୁ। ଦୁଃଖ ଶୁଣିଥିବା ଜିଲା ପ୍ରଶାସନ, ଧରିତ୍ରୀକୁ ମୋର କୋଟି କୋଟି ଧନ୍ୟବାଦ ବୋଲି ପ୍ରଶଂସା କରୁଛନ୍ତି ଲଳିତାଙ୍କ ସ୍ୱାମୀ ରୁପସିଂ।

**ମନ୍ତ୍ରୀଙ୍କ ଦ୍ୱାରା ପୋଲିସ ଗେଷ୍ଟ ହାଉସ ଉଦଘାଟିତ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ପୋଲିସ ପକ୍ଷରୁ ନିର୍ମିତ ହୋଇଥିବା ପୋଲିସ ଗେଷ୍ଟ ହାଉସ ବୁଧବାର ଉଦଘାଟିତ ହୋଇଯାଇଛି। ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗ ଦେଇଥିଲେ। ବୌଦ୍ଧ ସହରର ମେଡିକାଲ ଛକଠାରେ ଏହି ଗେଷ୍ଟ ହାଉସ ନିର୍ମିତ ହୋଇଛି। ଉତ୍ସବରେ ଜିଲା ହାବିଲଦାର କନଷ୍ଟେବଳ ସଂଘର ସଭାପତି ବୁଲୁ ମିଶ୍ର, ସଂପାଦକ ହୃଷିକେଶ ମେହେର, ସମସ୍ତ ହାବିଲଦର ଓ କନଷ୍ଟେବଳ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଗ୍ରୀଷ୍ମରେ ତୃଷାର୍ତ୍ତଙ୍କୁ ସରବତ ବିତରଣ



ସୋନପୁର,୭।୬(ନି.ପ୍ର.): ସୁବର୍ଣ୍ଣପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ତେଣୁ ବିଶ୍ୱ ହିନ୍ଦୁ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ତୃଷାର୍ତ୍ତଙ୍କୁ ମଙ୍ଗଳବାର ସରବତ ବିତରଣ କରା ଯାଇଥିଲା। ନଳିନୀ ଛକଠାରେ ଖରାରେ ହାଟକୁ ଆସୁଥିବା ଲୋକଙ୍କୁ ଏହି ସରବତ ପ୍ରଦାନ କର ଯାଇଥିଲା। ପରିଷଦର ଜିଲା ସଭାପତି ଗଣପତି ପାଢ଼ୀ, ସମ୍ପାଦକ ଗଣେଶ ପ୍ରଧାନ, ରଜନୀକାନ୍ତ ରଥ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ପୂର୍ଣ୍ଣିମା ସା, ଓଁକାର ଶର୍ମା, ରଞ୍ଜନ ବଗର୍ତ୍ତି, ଜିତୁ ବଡମାଳୀ ଓ ସ୍ୱରୂପ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ସୁବଳୟାରେ ରକ୍ତଦାନ ଶିବିର

ଅମରପାଲି,୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗାରେ ଘଟିଯାଇଥିବା ରେଳ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯାତ୍ରୀମାନଙ୍କ ପାଇଁ ରକ୍ତର ଅଭାବ ଦୂର କରିବା ଉଦ୍ଦେଶ୍ୟରେ ସୋନପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ କଲ୍ୟାଣ ମଣ୍ଡପଠାରେ ଓଡିଶା ମୋ ପରିବାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇଏସଏର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୱାଇଏସଏର ସଭାପତି ତଥା ସୁବଳୟା ମହାବିଦ୍ୟାଳୟ ଅଧକ୍ଷ ଭୋଲାନାଥ କର୍ମୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଜୋନ ୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ,ଓଡିଶା ମୋ ପରିବାରର ଜିଲା ସଂଯୋଜକ ରଞ୍ଜିତ ରଥ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ୱର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରେଳଯାତ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜଣେ କିରାଣିରେ ଚାଲିଛି ବିନିକା ଏନଏସି ଅଫିସ

ବିନିକା,୭।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସରେ ୩ ଗୋଟି ମଞ୍ଜୁରୀପ୍ରାପ୍ତ କିରାଣି ପଦବୀ ରହିଛି। ସେଥିମଧ୍ୟରୁ ଜଣେ କିରାଣି ଦୀର୍ଘ ୩ ବର୍ଷ ହେବ ଛୁଟିରେ ରହିଥିବା ବେଳେ ଆଉ ଜଣଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ନିଯୁକ୍ତି ଦେଉନାହାନ୍ତି। ଗତ ୨୦୧୮ରୁ ଆଜି ପର୍ଯ୍ୟନ୍ତ ୨ଜଣ ଟିକସ ସଂଗ୍ରାହକ, ୩ ଜଣ ଅତିରିକ୍ତ ଟିକସ ସଂଗ୍ରାହକ, ଜଣେ ଲାଇଟ ସୁପରଭାଇଜର ନିଜ ପଦବୀରେ ଥାଇ ଅଫିସରେ କିରାଣି କାମ କରୁଥିଲେ। ବର୍ତ୍ତମାନ ଏହି କର୍ମଚାରୀମାନେ ଅବସର ନେଇଛନ୍ତି। ଏହାପରେ ସରକାର ସେମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ନ ଦେଇ ଏସବୁ ପଦବୀକୁ ଉଚ୍ଛେଦ କରିଛନ୍ତି। ଏପରି କି ଜଣେ ପିଅନ ଓ ରାତ୍ର ଜଗୁଆଳି ମଧ ଅବସର ନେବା ପରେ ସେହି ପଦବୀକୁ ଉଚ୍ଛେଦ କରାଯାଇଛି। ଏନଏସିର କାର୍ଯ୍ୟ ବଢି ଯାଇଥିବା ବେଳେ ଜଣେ ମାତ୍ର କିରାଣିରେ ଅଫିସ କାର୍ଯ୍ୟ କରିବା କଷ୍ଟକର ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ କିରାଣି ନିଯୁକ୍ତି କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ପ୍ରତ୍ୟେକ ପଞ୍ଚାୟତରେ ଖୋଲିଲା ପାଠାଗାର

ବୌଦ୍ଧ,୭।୬(ସ୍ୱ.ପ୍ର.)



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଭାସି ଜରିଆରେ ପାଠାଗାର ଶୁଭାରମ୍ଭ କରାଯାଉଛି।

**ବୌଦ୍ଧ ଜିଲା**

- ରାଜ୍ୟରେ ପ୍ରଥମ କରି ବୌଦ୍ଧ ଜିଲାର ସମସ୍ତ ପଞ୍ଚାୟତରେ ପାଠାଗାର ଓ ଭିଡିଓ ସମ୍ମିଳନୀ ଗୃହ

ବୌଦ୍ଧ ଜିଲାରେ ଥିବା ୩ ଗୋଟି ବ୍ଲକର ୬୯ ଗୋଟି ଗ୍ରାମପଞ୍ଚାୟତରେ ପାଠାଗାର ଓ ଭିଡିଓ ସମ୍ମିଳନୀ ଗୃହ ବୁଧବାର ଆଭାସି ଜରିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ କହିଥିଲେ ଯେ ରାଜ୍ୟର ବିକାଶରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ୯୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ଜିଲାରେ ଏହି ପାଠାଗାରାଗୁଡିକ ଶିକ୍ଷାର ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଜିଲାର ବିକାଶରେ ସହାୟକ ହେବ। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀକକ୍ଷ ଠାରେ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗଦେଇ ପାଠାଗାରଗୁଡିକ ସୁପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଆଭାସୀ ଜରିଆରେ ୬୯ଟି ଗ୍ରାମ ପଞ୍ଚାୟତର କର୍ମକର୍ତ୍ତା ଓ ଅଧିକାରୀ, ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗଦେଇ ପାଠଗାର ଖୋଲାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତର ସରପଞ୍ଚ ସୌଦାମିନୀ ମଲ୍ଲିକ, ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର କହଁର ଓ ବୌଦ୍ଧ ବ୍ଲକ ବ୍ରାହ୍ମଣିପାଲି ପଞ୍ଚାୟତର ସରପଞ୍ଚ ଅରୁଣ ବାଘ ଏବଂ ଖୁଣ୍ଟବନ୍ଧ ପଞ୍ଚାୟତର ସରପଞ୍ଚ ଚୁନି ମହାନନ୍ଦିଆ ପ୍ରମୁଖ ଆଭାସୀ ଜରିଆରେ ପାଠାଗାର ଓ ଭିଡିଓ ସମ୍ମିଳନୀ କକ୍ଷ ସ୍ଥାପନ ନେଇ ନିଜର ଖୁସି ବ୍ୟକ୍ତ କରିଥିଲେ। ଜିଲାପାଳ ସାହୁ ସ୍ୱାଗତ ଭାଷଣ ପ୍ରଦାନ ସହିତ ଏହି ପାଠାଗାର ଓ ସମ୍ମିଳନୀ କକ୍ଷର ସୁପରିଚାଳନା ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ ରାଜ୍ୟରେ ପ୍ରଥମ କରି ବୌଦ୍ଧ ଜିଲାର ସମସ୍ତ ପଞ୍ଚାୟତରେ ପାଠାଗାର ସ୍ଥାପନ କରାଯାଇଛି। ପାଠାଗାର ମାଧ୍ୟମରେ ଇ-ଲାଇବ୍ରେରୀ ଖୋଲାଯାଇ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରୀ ଓ ବୟସ୍କ ଲୋକଙ୍କ ପାଇଁ ଉପାଦେୟ ୮୦ ହଜାର ପୁସ୍ତକକୁ ଯୋଡାଯାଇଛି। ଏହାବ୍ୟତୀତ ପ୍ରତ୍ୟେକ ପାଠାଗାରକୁ ୫୦ ହଜାର ଟଙ୍କା ମୂଲ୍ୟର ବହି ଯୋଗାଇ ଦିଆଯାଇଛି। ଜନସାଧାରଣ ଏହି ପାଠାଗାରର ଉପଯୋଗ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନିଜର ତଥା ଜିଲା ଓ ରାଜ୍ୟର ସାମଗ୍ରିକ ବିକାଶରେ ସାମିଲ ହେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ଡେପୁଟି କଲେକ୍ଟର ଝରଣା ପ୍ରଧାନ,ସତ୍ୟଜିତ ମହାପାତ୍ର, ଶାଶ୍ୱତ ପ୍ରଧାନ, ହୃଷୀକେଶ ତ୍ରିପାଠୀ, ଜିଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମ, ଜିଲା ଜରୁରୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିରଞ୍ଚି ଧରୁଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ପ୍ରଧାନ, ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଘର ସଚେତନତା ରଥର ଶୁଭାରମ୍ଭ

ଅମରପାଲି,୭।୬(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ସର୍ମ୍ପକରେ ସଚେତନତା ସୃଷ୍ଟି ପାଇଁ ବୀରମହାରାଜପୁର ବ୍ଲକରେ ରଥ ପରିକ୍ରମା ଆରମ୍ଭ ହୋଇଛି। ରାଜ୍ୟରେ ଗରିବ ଲୋକଙ୍କୁ ଗୃହ ନିର୍ମାଣରେ ସହଯୋଗ କରିବା ପାଇଁ ମୋ ଘର ଯୋଜନା ହୋଇଛି। ଏହି ଯୋଜନାରେ ନୂତନ ଗୃହ ନିର୍ମାଣ,ସଂପ୍ରସାରଣ, ଉନ୍ନତୀକରଣ ଓ ସମ୍ପୂର୍ଣ୍ଣ କରିବା ପାଇଁ ଯେପରି ଅଧିକରୁ ଅଧିକ ହିତାଧିକାରୀ ଆବେଦନ କରିବେ ଏବଂ ଏହି ଯୋଜନାର ଲାଭ ଉଠାଇବେ ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ଉକ୍ତ ରଥ ବୁଲିବ।ଏନେଇ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ଶାନ୍ତି ଲୁହା ଓ ବ୍ଲକ ଉପାଧକ୍ଷ ନାରାୟଣ ଲୁହା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଚମ୍ପମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରଥ ବ୍ଲକର ସମସ୍ତ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରିବ। ମୋ ଘର ଯୋଜନାର ସଫଳ ରୂପାୟନ ପାଇଁ ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକର ସମସ୍ତ ଅଧିକାରୀଙ୍କୁ ନେଇ ଏକ ବୈଠକ ମଧ୍ୟ କରାଯାଇଛି। ଯେଭଳି ଉକ୍ତ ଯୋଜନାର ସଫଳ ରୂପାୟନ ହୋଇପାରିବ ସେନେଇ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ବୀରମହାରାଜପୁରରେ ମୋ ଘର ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

# ଖୁଣ୍ଟିଗୋରା ଓ ମୁଣ୍ଡାପଡା ଚିକିତ୍ସାଳୟ ପାଇଲା କାୟାକଳ୍ପ ପୁରସ୍କାର

ବୌଦ୍ଧ,୭।୬(ସ୍ୱ.ପ୍ର.)

**କାୟାକଳ୍ପ ପୁରସ୍କାର ବିତରଣ ସମାରୋହ**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଚଳିତବର୍ଷ ପାଇଁ କାୟାକଳ୍ପ ପୁରସ୍କାର ବିତରଣ ସମାରୋହ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ,ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଜିଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ। ସୂଚନା ମୁତାବକ ଚଳିତବର୍ଷ ପାଇଁ କଣ୍ଟାମାଳ ବ୍ଲକର ଖୁଣ୍ଟିଗୋରା ଓ ବୌଦ୍ଧ ବ୍ଲକର ମୁଣ୍ଡାପଡା ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଉଁଶୁଣୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଡେଣୀଗଡ କାୟାକଳ୍ପ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରେ ପ୍ରଶଂସିତ ହେବା ସହିତ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହାବ୍ୟତୀତ ଜିଲାସ୍ତରରେ ଚାରିଛକ, ତଳଗାଁ, ବଘିଆପଡା,ଘଣ୍ଟାପଡା, ଛତ୍ରଙ୍ଗ, ବିଳାସପୁର, କୁଶଙ୍ଗ, ବୀରନରସିଂହପୁର, ଖରଭୂଇଁ ଓ ଢୁକୁଲୁଣ୍ଡା ଚିକିତ୍ସାଳୟକୁ ଜିଲାସ୍ତରରେ କାୟାକଳ୍ପ କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚିକିତ୍ସାଳୟଗୁଡିକରେ ଉତ୍ତମ ପରିବେଶ,ପରିଷ୍କାର ପରିଛନ୍ନତା, କର୍ମଚାରୀମାନଙ୍କ ସମୟାନୁବର୍ତ୍ତିତା ଓ ଉତ୍ତମ ରୋଗୀ ସେବା ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବ ଅବସରରେ ଅନ୍ୟତମ ଅତିଥି ଭାବରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପଜିଲାପାଳ ରବିନ୍ଦ୍ରନାଥ କହଁର , ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଡା. ବିକେଆରସି ହେମ୍ବ୍ରମ,ଏଡିଏମଓ ମେଡିକାଲ ଡା. ସଂଘମିତ୍ରା ପଣ୍ଡା ଓ ଡିପିଏମ ରୂପକ ମହାପାତ୍ରଙ୍କ ସମେତ ଜିଲାସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ରୋଗୀସେବା ଓ ସମସ୍ୟା ସଂପର୍କରେ ସମୀକ୍ଷା କରିଥିଲେ।



କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ଓ ଅନ୍ୟ ଅଧିକାରୀ।

# ବିନିକା ଅଞ୍ଚଳରେ ଅବାଧ ମଦ କାରବାର



ଜବତ ହୋଇଥିବା ମଦ।

ବିନିକା,୭।୬(ଡି.ଏନ. ଏ.)

- ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ
- ବିଦେଶୀ ମଦ ଜବତ: ଜଣେ ଗିରଫ

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଚୋରା ମଦର ଅବାଧ କାରବାର ଚାଲିଛି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ନରେ ଅଡାକଷା ଗ୍ରାମର ଏସଏଚଜି ମହିଳାମାନେ ବିନିକା ଥାନାକୁ ଆସି କୁଚିଆ ମଦ ଦୋକାନ ବନ୍ଦ କରିବା ପାଇଁ ହୋ ହାଲ୍ଲା କରିବା ସହିତ ବିନିକା ଭାରପ୍ରାପ୍ତ ଥାନା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହି ଅଞ୍ଚଳରେ ମଦ କାରବାର ଯୋଗୁ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛ। ମଦ ପାଇଁ ପ୍ରତିଦିନ ଅଧିକାଂଶ ବ୍ୟକ୍ତିଙ୍କ ଘରେ ପାଟିତୁଣ୍ଡ, ଗଣ୍ଡଗୋଳ, ମାଡ଼ମାରିବା ଓ ଚୋରି ଡକାୟତ ହେଉଛି। ଯୁବପିଢ଼ି ଅବାଟରେ ଯାଉଥିବା ଦେଖିବାକୁ ମିଳୁଛି। ଏପରିକି ସ୍ତ୍ରୀକୁ ମାଡ଼ ମାରିବା, ନିର୍ଯାତନା ଦେବା ଭଳି ଅଭିଯୋଗ ହେଉଛି। ଯଥାଶୀଘ୍ର ମଦ ଦୋକାନ ବନ୍ଦ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଆଇଆଇସିଙ୍କ ଅନୁପସ୍ଥିତିରେ ଦାବିପତ୍ରକୁ ଗ୍ରହଣ କରି ଏସଆଇ ରବୀନ୍ଦ୍ର କୁମାର ସାହୁ ଅଡାକଷା ଗ୍ରାମକୁ ଯାଇ ମଦ ଦୋକାନ କରିଥିବା ଏକ ଦମ୍ପତିଙ୍କ ମଦ ଦୋକାନ ବନ୍ଦ କରିଥିଲେ। ପୁଣି ବିଳମ୍ବିତ ରାତ୍ରିରେ ସାହୁ ଓ ଏସଆଇ ଆନନ୍ଦ ନାଏକ ଭବାନୀପାଲି ର ଏକ ଢ଼ାବାରେ ଚଢାଉ କରି ୭୬ ଲିଟର ବିଦେଶୀ ମଦ ଜବତ କରିଥିଲେ। ଏହି ଘଟଣାରେ ଅସୁରଗଡ଼ ଗ୍ରାମର ଅଭିଯୁକ୍ତ ଗଇନୁ ଭୋଇଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। କେସ ନଂ ୧୨୫। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଭଣ୍ଡାର ଗ୍ରାମର ଜଣେ ଯୁବକ ମଦ ନିଶାରେ ଉର୍ଲେ ହନୁମାନ ଛକ କଲଭଟ ଉପରେ ବସି ମଦ ବୋତଲ ଭାଙ୍ଗି ନିଜ ତଣ୍ଟିକୁ ନିଜେ କାଟୁଥିଲେ। ସ୍ଥାନୀୟ ଲୋକେ ତାଙ୍କ ଠାରୁ ଭଙ୍ଗା ବୋତଲ ଛଡାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ପୋଲିସ ଜମା ଦେଇଥିଲେ। ମଦ ବେପାରୀ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ପାଇଁ ଏବେ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଯଥାଶୀଘ୍ର ମଦ ଦୋକାନ ଉପରେ ରୋକ ଲଗା ନ ଗଲେ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସ୍ଥାନୀୟ ଲୋକେ ସଜବାଜ ହେଉଥିବା ଜାଣିବାକୁ ମିଳିଛି।

# ବୃଦ୍ଧ ଜେଜେ କାନ୍ଧରେ ନାବାଳକ ନାତି

**ଆହାର କେନ୍ଦ୍ରରୁ ଉଦ୍ଧାର କଲା ପ୍ରଶାସନ**

ବୌଦ୍ଧ,୭।୬(ସ୍ୱ.ପ୍ର.)

ମୁଣ୍ଡ ଉପରେ ତହ ତହ ଟାଣ ଖରା, ହାତରେ ବାଡି। ଖାଲି ପାଦରେ ଚାଲି ଚାଲି ଜେଜେ ଓ ନାତି ପହଞ୍ଚିଥିଲେ ବୌଦ୍ଧ ଆହାର କେନ୍ଦ୍ରରେ। ଉଦ୍ଦେଶ୍ୟ ଥିଲା କିଛି ଖାଦ୍ୟ ମିଳିଗଲେ ଓଳିଏ ଚଳିଯିବେ। ଏଭଳି ଅବସ୍ଥାରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ସହିତ ତାଙ୍କର ୮ ବର୍ଷର ନାତିକୁ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ଆହାର କେନ୍ଦ୍ର ନିକଟରୁ ଉଦ୍ଧାର କରାଯାଇ ଆଶ୍ରୟ କେନ୍ଦ୍ରରେ ରଖାଯାଇଛି। ସୂଚନା ମୁତାବକ, ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ କମଳପୁର ଗ୍ରାମର ଦ୍ୱିତିୟା ମାଝିଙ୍କ ପୁଅ ଦୁଇବର୍ଷ ହେଲା କୌଣସି କାରଣରୁ ଘର ଛାଡି ବାହାରେ ବୁଲିବାରୁ ତାଙ୍କ ସ୍ତ୍ରୀ ଦୁଇ ଛୁଆଙ୍କୁ ଛାଡି କେଉଁଆଡେ ଚାଲି ଯାଇଥିଲେ। ଫଳରେ ଦୁଇ ନାବାଳକ ନାତିନାତୁଣୀଙ୍କ ଦାୟିତ୍ୱ ବୃଦ୍ଧ ଜେଜେଙ୍କ ଉପରେ ପଡିଥିଲା। ପରେ ନାତୁଣୀ ଆଈ ପାଖରେ ରହି ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ନାବାଳକ ନାତିକୁ ଧରି ଜେଜେ ଦ୍ୱିତିୟା ବିଭିନ୍ନ ଲୋକଙ୍କ ନିକଟରୁ ମାଗିଯାଚି ତାକୁ ପ୍ରତିପୋଷଣ କରି ଆସୁଛନ୍ତି। ମଙ୍ଗଳବାର ଆହାର କେନ୍ଦ୍ର ନିକଟରେ ଉଭୟ ଜେଜେ ଓ ନାତିକୁ ଦେଖି କେନ୍ଦ୍ରର କର୍ମଚାରୀମାନେ ଏ ସଂପର୍କରେ ଏନଏସି କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଫଳରେ ବୌଦ୍ଧ ଏନଏସି ପକ୍ଷରୁ ଉଭୟଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ତେବେ ନାତିର ଭବିଷ୍ୟତ ସୁରକ୍ଷା ଓ ଥଇଥାନ ପାଇଁ ଜେଜେବାପା ଦ୍ୱିତିୟା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

# ବିଜେଡିର କ୍ୟାଣ୍ଡେଲ ଶୋଭାଯାତ୍ରା

ଅମରପାଲି,୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜେଡିପକ୍ଷରୁ ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରେଳ ଯାତ୍ରୀଙ୍କ ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ଥିଲେ। ବ୍ଲକ ସମ୍ମୁଖରୁ ବାହାରିଥିବା ଏହି ଶୋଭାଯାତ୍ରା ବୀରମହାରାଜପୁର ମୁଖ୍ୟ ଛକ ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ସମୂହ ଦୀପଦାନ କରିବା ସହ ମୃତ ରେଳଯାତ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଆତ୍ମାର ବ୍ଲକ ଅଧକ୍ଷ ବିବସ୍ୱତୀ ପଣ୍ଡା, କିଶୋର ହୋତା, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟଞ୍ଜିବ ମିଶ୍ର, ମୁର୍ଷୁଣ୍ଟି ସରପଞ୍ଚ ମନୋଜ କୁମାର ସାହୁ, ସୁରୁ ନାରାୟଣ ମହାକୁର, ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସଇନ୍ଦୁ ସାହୁ, ବିନୋବାନନ୍ଦ ପଧାନ, ଦିଲିପ ଜଗଦଲା, ସଂଗ୍ରାମ କମ୍ପ, ଲଳିତ ପାତ୍ର, ତିର ପଧାନ, କୃଷ୍ଣଚନ୍ଦ୍ର ମେହେର, ବିଦ୍ୟାଧର ସାହୁ, ରାମେଶ୍ୱର ମହାକୁର, ଶମ୍ଭୁ ପାଲେ, ବୁଲୁ ପଧାନ, ପୃଥୀରାଜ ମହାକୁର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ବୀରମହାରାଜପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା।

# ଗଛକଟାକୁ ନେଇ ଗଣ୍ଡଗୋଳ: ତିଲେଇମାଲ ଗ୍ରାମ ପୁରୁଷଶୂନ୍ୟ

ଅମରପାଲି,୭।୬(ଡି.ଏନ.ଏ.)

**ସୁବଳୟା ପୋଲିସ ଏଏସଆଇଙ୍କୁ ଗ୍ରାମବାସୀ ମାଡ଼ ମାରିବା ଘଟଣା**

- ତଦନ୍ତ ନିରପେକ୍ଷ ନ ଥିଲା:ଗ୍ରାମବାସୀ
- ତଦନ୍ତ ବେଳେ ଲୋକେ କରିଥିଲେ ଆକ୍ରମଣ:ପୋଲିସ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନାର ଏଏସଆଇ ଗୌରହରି ମେହେରଙ୍କୁ ତିଲେଇମାଲ ଗ୍ରାମର କେତେଜଣ ବ୍ୟକ୍ତି ଆକ୍ରମଣ କରିବା ସହିତ ମାଡ ମାରିଛନ୍ତି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସାଧା ପୋଷାକରେ ତଦନ୍ତ ପାଇଁ ଆସିଥିବା ଏଏସଆଇଙ୍କ ତଦନ୍ତ ନିରପେକ୍ଷ ନ ଥିଲା। ଅପରପକ୍ଷେ ତଦନ୍ତ ବେଳେ ଲୋକେ ଆକ୍ରମଣ କରିଥିବା ପୋଲିସ ଅଭିଯୋଗ କରିଛି। ପୋଲିସ ଏନେଇ ୭ଜଣ ବ୍ୟକ୍ତିଙ୍କ ସମେତ ଅନ୍ୟ କେତେଜଣ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁକରିଛି। ପୋଲିସକୁ ଆକ୍ରମଣ କରିବା ଘଟଣାକୁ ନେଇ ପୋଲିସ ତିଲେଇମାଲ ଗ୍ରାମକୁ ଯାଇ ତଦନ୍ତ କରିଛି। ମାତ୍ର ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଛି। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗଛ କଟାକୁ ନେଇ ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମର ଦୁଇ ଭାଇ ରତ୍ନମଣି ପଧାନ ଓ ସୁବାସ ପଧାନଙ୍କ ମଧ୍ୟରେ ରବିବାର ଗଣ୍ଡଗୋଳ ହୋଇଥିଲା। ଏନେଇ ରନ୍ତମଣି ସେହିଦିନ ସନ୍ଧ୍ୟାରେ ପ୍ରଥମେ ସୁବଳୟା ଥାନାକୁ ଯାଇ ଅଭିଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିବା ସେ ପ୍ରକାଶ କରିଛନ୍ତି। ପରେ ସୁବାସ ମଧ୍ୟ ସୁବଳୟା ଥାନାରେ ଉକ୍ତ ଗଣ୍ଡଗୋଳକୁ ନେଇ ଅଭିଯୋଗ କରିଥିଲେ। ସୁବାସଙ୍କ ଅଭିଯୋଗ ମତେ କେସ ନଂ ୮୦/୨୩ରେ ଏକ ମାମଲା ରୁଜୁ କରିଥିଲା ପୋଲିସ। ପରେ ପୁଣିଥରେ ସୋମବାର ରତ୍ନମଣି ଥାନାକୁ ଯାଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କେସ ନଂ ୮୧/୨୩ରେ ମାମଲା ରୁଜୁ କରିଥିବା ପୋଲିସ କହିଛି। ମାତ୍ର ଏନେଇ ରତ୍ନମଣିଙ୍କୁ ସୂଚନା ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଏଏସଆଇ ଗୌରହରି ମେହେର ଓ ଗ୍ରାମରକ୍ଷୀ ରବୀଚନ୍ଦ୍ର ବିଭାର ତିଲେଇମାଲ ଯାଇ ତଦନ୍ତ କରିଥିଲେ।

ରତ୍ନମଣି ଗୋଟିଏ ଶାଗୁଆନ ଗଛ କାଟି ତାର ଗଣ୍ଡିକୁ ରଖିଥିଲେ। ତାଙ୍କ ଭାଇ ସୁବାସ ଉକ୍ତ କାଠ ଗଣ୍ଡିକୁ ନେଇ ଯାଇଥିଲେ। ତେଣୁ ରତ୍ନମଣି ଏହାକୁ ନେଇ ଅଭିଯୋଗ କରିଥିଲେ। ପୋଲିସ ଗ୍ରାମକୁ ଯାଇ ଉକ୍ତ କାଠଗଣ୍ଡି ଜବତ କରି ସେମାନଙ୍କ ବାପାଙ୍କ ଜିମା ଦେଇଥିଲେ। ଯେହେତୁ ସୁବାସଙ୍କ ପାଖରେ ତାଙ୍କ ବାପା ରହୁଛନ୍ତି, ତେଣୁ ତାଙ୍କୁ କାଠଗଣ୍ଡି ଦେବାରୁ ଗ୍ରାମବାସୀ ତଦନ୍ତ ନିରପେକ୍ଷ ହେଉ ନ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ପୋଲିସ ଏଏସଆଇଙ୍କୁ ଗୋଡାଇ ଗୋଡାଇ ମାଡ ମାରିଥିଲେ। ଏ ସର୍ମ୍ପକରେ ଖବରପାଇ ଭାରପ୍ରାପ୍ତ ଥାନା ଅଧିକାରୀ ଦିପ୍ତିରଞ୍ଜନ ଦିଗାଲ ପୋଲିସ ଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚି ଏଏସଆଇ ମେହେରଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷରେ ରତ୍ନମଣିଙ୍କ ସ୍ତ୍ରୀ ସୁବଳୟା ଥାନା ଅଧିକାରୀ ଦିଗାଲଙ୍କ ନାମରେ ଦୁର୍ବ୍ୟବହାର କରିଥିବା ନେଇ ବୀରମହାରାଜପୁର ଏସଡିପିଓ ଏବଂ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଅଭିଯୋଗ କରିଛନ୍ତି। ଏନେଇ ବୀରମହାରାଜପୁର ଏସଡିପିଓ ଡୋଳାମଣି ଭୋଇଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ,୭।୬: ଝାଡ଼ଖଣ୍ଡକୁ ଗଞ୍ଜେଇ ଚାଲାଣ ବେଳେ ରାଉରକେଲା ଅବକାରୀ ବିଭାଗ ଓ ବନ୍ଧମୁଣ୍ଡା ଆର୍‌ପିଏଫ୍ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ବୁଧବାର ନୂଆଗାଁ ରେଲୱେ ଷ୍ଟେଶନ ନିକଟରେ ମିଳିତ ଭାବେ ଚଢାଉ କରି ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସନ୍ତୋଷ କୁମାର ପ୍ରସାଦ (୪୦) ଏବଂ ସେ ବିହାର ରୋହିତାସ ଜିଲା ବିଶେନିଖୁର୍ଦ୍ଦାର ସ୍ଥାୟୀ ବାସିନ୍ଦା। ସନ୍ତୋଷ କଳାହାଣ୍ଡି ଅଞ୍ଚଳରୁ ଗଞ୍ଜେଇ ଆଣି ଝାଡ଼ଖଣ୍ଡକୁ ଚାଲାଣ କରୁଥିଲେ। ଏ ନେଇ ରାଉରକେଲା ଅବକାରୀ ଥାନାରେ ଏକ ମାମଲା (ନଂ.୯୧।୨୩) ରୁଜୁ ହୋଇଛି। ଚଢାଉରେ ଅବକାରୀ ଏସ୍‌ଆଇ ଶ୍ରୀଧର ମହାନ୍ତି, ଏଏସ୍‌ଆଇ ସୁନୀତା କେରକେଟା, କନଷ୍ଟେବଲ ନବୀନ ଭୂୟାଁ, ସପନ କୁମାର ସାହୁ, ରେଣୁ କିରୋ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

### ଏନ୍‌ଟିପିସି ଡୁଲଙ୍ଗା ଖଣି ପ୍ରକଳ୍ପର ନୂତନ ମୁଖ୍ୟ କେ. ଚନ୍ଦ୍ରଶେଖର



ସୁନ୍ଦରଗଡ଼,୭।୬(ଡି.ଏନ୍.ଏ.): ଏନ୍‌ଟିପିସି ଡୁଲଙ୍ଗା ଖଣି ପ୍ରକଳ୍ପର ନୂତନ ମୁଖ୍ୟଭାବେ କେ. ଚନ୍ଦ୍ରଶେଖର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶକ୍ତି କ୍ଷେତ୍ରରେ ୩ ଦଶନ୍ଧିରୁ ଅଧିକ ସମୟ ଅତିବାହିତ କରି ବିଭିନ୍ନ ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଥିଲେ। ଜ୍ଞାନ ଓ ଦକ୍ଷତା ବିନିଯୋଗ କରି ନୂତନ ପ୍ରକଳ୍ପକୁ ଆଗେଇ ନେବେ ବୋଲି ଚନ୍ଦ୍ରଶେଖର ପ୍ରକାଶ କରିଛନ୍ତି। ଅପରେସନ୍, କମିଶନ ଏବଂ ଟେଷ୍ଟିଂ, ଇନ୍ଧନ ପରିଚାଳନା ଏବଂ ମେକାନିକାଲ୍ ଫ୍ୟାବ୍ରିକେସନ୍ ଇତ୍ୟାଦି ବିଭିନ୍ନ ବିଭାଗରେ ତାଙ୍କର ବିବିଧ ପୃଷ୍ଠଭୂମି ଏବଂ ପ୍ରମାଣିତ ନେତୃତ୍ୱ ଦକ୍ଷତା ତାଙ୍କୁ ପ୍ରୋଜେକ୍ଟ ହେଡ୍ ଭୂମିକା ପାଇଁ ଏକ ଉତ୍କୃଷ୍ଟ ଅଧିକାରୀଭାବେ ପ୍ରମାଣିତ କରିବ ବୋଲି କର୍ମଚାରୀମାନେ କହିଛନ୍ତି।

### ଜମି ବିବାଦକୁ ନେଇ ଯୁବକଙ୍କୁ ଆକ୍ରମଣ

ରାଉରକେଲା ଅଫିସ,୭।୬: ଜମିଜାଗା ବିବାଦକୁ ନେଇ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ରାଉରକେଲା ସେକ୍ଟର-୧୯ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ୪୪/୨୩)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସେକ୍ଟର-୨୦ ସ୍ଥିତ ମିଶ୍ର ଖଟାଲ ବସ୍ତିରେ ସହଦେବ ବଡାଇକ ପରିବାର ସହ ବାସ କରନ୍ତି। ବୁଧବାର ସକାଳ ସମୟରେ ତାଙ୍କ ଘର ପାଖରେ ଥିବା ଖାଲି ଜାଗାରେ ଗାଈ ବାନ୍ଧୁଥିବା ସମୟରେ ଉକ୍ତ ବସ୍ତିରେ ରହୁଥିବା ଅଖିଳେସ ଯାଦବ ତାଙ୍କୁ ବାରଣ କରିଥିଲେ। ପରେ ଏହି କଥାକୁ ନେଇ ୨ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଖିଳେସ ରାଗିଯାଇ ଏକ ଲୁହାରଡରେ ସହଦେବଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଏଥିରେ ସହଦେବ ମୁଣ୍ଡ ଓ ପିଠିରେ ଖୁବ ଜୋରରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସହଦେବଙ୍କୁ ଆର୍‌ଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ବିଭିନ୍ନ ଯୋଜନାର ସମୀକ୍ଷା

ସୁନ୍ଦରଗଡ଼,୭।୭(ଡି.ଏନ୍.ଏ.)



ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ସମୀକ୍ଷାରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ, ଜିଲାପାଳ ଓ ଅନ୍ୟ କର୍ମଚାରୀ।

ସୁନ୍ଦରଗଡ଼ ଜିଲା ଗସ୍ତ କରି ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ଡ. ପରାଗ ଗାଭାଲି ଜିଲାର ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ଜିଲାର ସ୍ୱାସ୍ଥ୍ୟ କ୍ଷେତ୍ର, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଜିଲାବାସୀଙ୍କ ଜୀବିକା, ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ, ବାଲା ମଡେଲ ଅଙ୍ଗନୱାଡି କେନ୍ଦ୍ର, ଶିଶୁଙ୍କୁ ଦିଆଯାଉଥିବା ପୁଷ୍ଟି ଯୁକ୍ତ ଖାଦ୍ୟ ଚିକି, ସ୍ପିରୁଲିନା ଆଦି ସମ୍ପର୍କରେ ମଧ କହିଥିଲେ। ଜିଲା ଯୋଗାଣ ଅଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ୨୦୧୩, ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା ଆଦି ସମ୍ପର୍କରେ ଜିଲାର ସ୍ଥିତି ଉପରେ ଉପସ୍ଥାପନା କରିବା ସହିତ ପିଭିଟିଜି ଏବଂ ଟ୍ରାନ୍ସଜେଣ୍ଡର ମାନଙ୍କର ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମ୍ପର୍କିତ ସୂଚନା ଦେଇଥିଲେ। ମୃତ୍ୟୁ, ଆଧାର ଜନିତ ସମସ୍ୟା, ବାହାଘର କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ଆଦି ଯୋଗୁ ରାଶନ କାର୍ଡରୁ ନାମ ବାଦ୍ ପଡ଼ିଥିବା ତାଲିକା ତଥା ନୂତନ ରାଶନ କାର୍ଡ ଆବେଦନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଯୋଜନା ଯଥା ମମତା, ମାତୃଜ୍ୟୋତି, ମା' ଗୃହ ଆଦି ଉପରେ ଉପସ୍ଥାପନା କରିବା ସହିତ ଜନସ୍ୱାସ୍ଥ୍ୟ ପୁଷ୍ଟିକର ସମସ୍ୟା, ଗୁରୁତର ପୁଷ୍ଟିହୀନତା ସମସ୍ୟା ଆଦିର ପରିଚାଳନା, ଆଇରନ୍ ଏବଂ ଫଲିକ ଏସିଡ ଟାବଲେଟ, ଡାକ୍ତରଖାନାରେ ପ୍ରସବ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଉପରେ ଆଲୋଚନା କରିବା ସହ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥିତି, ବାଲା ମଡ଼େଲ ଅଙ୍ଗନୱାଡି, ଛତୁଆ ବଣ୍ଟନ ଆଦି ବିଷୟରେ କହିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସିଇଓଡିଏମ୍‌ଏଫ୍,ସଦର ତଥା ବଣାଇଁ ଉପଜିଲାପାଳ, ଅତିରିକ୍ତ ଉପଜିଲାପାଳ ପାନପୋଷ, ସଦର, ଟାଙ୍ଗରପାଲି ଓ ସବ୍‌ଡେଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁନ୍ଦରଗଡ଼ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଗିରଫ

ରାଉରକେଲା ଅଫିସ,୭।୬

ଜଣେ ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଉଦିତନଗର ପୋଲିସ ବୁଧବାର ତାଙ୍କ ଜ୍ୱାଇଁଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୁକେଶ ରାୟ(୩୮)। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୬।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଖରାଦିନ ଛୁଟି ଥିବାରୁ ବାସନ୍ତୀ କଲୋନୀ ଆମ୍ବେଡ଼କର ବସ୍ତିର ଜୟନ୍ତୀ ସରେନଙ୍କ ଘରକୁ ତାଙ୍କ ଝିଅ ପୂଜା ରାୟ ଦୁଇ ଛୁଆଙ୍କୁ ଧରି ବୁଲିବାକୁ ଆସିଥିଲେ। ମଙ୍ଗଳବାର ରାତିରେ ପୂଜାଙ୍କ ସ୍ୱାମୀ ମୁକେଶ ନିଶାସକ୍ତ ଅବସ୍ଥାରେ ଶାଶୁଘରକୁ ଯାଇ ପାଟିତୁଣ୍ଡ କରିଥିଲେ। ଏହାକୁ ଜୟନ୍ତୀ ବାରଣ କରିବାରୁ ମୁକେଶ ତାଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

# ସହର ସାରା ଦେଶୀ ମଦ ପାଉଚ ବିକ୍ରି

ରାଉରକେଲା ଅଫିସ,୭।୬

**ନାମକୁ ମାତ୍ର ଲାଇସେନ୍ସପ୍ରାପ୍ତ ମଦ ଭାଟି ବନ୍ଦ**

ରାଉରକେଲା ସହରରେ ପ୍ରାୟ ୧୪ ମାସ ହେଲା ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଖୋଲୁନାହିଁ। ତଥାପି ସହର ସାରା ଦେଶୀ ମଦ ପାଉଚ ବିକ୍ରି ଚାଲିଛି। ଦେଶୀ ମହୁଲି ମଦ ଚୋରା କାରବାର ଓ ଦେଶୀ ମଦ ପାଉଚ ଖୁଚୁରା ବ୍ୟବସାୟ ବଢ଼ିବାରେ ଲାଗିଛି। ସହରର ପ୍ରତି ଗଳିକନ୍ଦିରେ ବେଧଡ଼କ ଚାଲିଛି ଏହି କାରବାର। ଟ୍ରାଫିକ ଗେଟ୍ ବଜାରରୁ ଆରମ୍ଭ କରି ମାଲଗୋଦାମ, ତିଳିକାନଗର, ବନ୍ଧମୁଣ୍ଡା, ଗୋପବନ୍ଧୁପାଲି, ରେଲୱେ କଲୋନୀ, ମଧୁସୂଦନପାଲି, ଇନ୍ଦିରା ନଗର, ଟିମ୍ବର କଲୋନୀ, ଗଙ୍ଗାଧରପାଲୀ, ସେକ୍ଟର-୨ ଖରିଆ ବାହାଲ ବସ୍ତି, ସେକ୍ଟର-୫ ଗୋଲଘର, କବି ସମ୍ରାଟପାଲି, ସୁଭାଷପାଲି, ତାରାତାରିଣୀପାଲୀ, ବାଗୁଡି ବସ୍ତି, ପାନପୋଷର ମଣିଲଲୋନୀ, ବାଂଲାଟୋଲୀ, ଦେଓଗାଁ, ବେଦବ୍ୟାସୀରେ ବ୍ୟାପକ ଦେଶୀ ମଦ କାରବାର ଚାଲିଛି।

ସୂଚନା ଅନୁସାରେ, ରାଉରକେଲା ଅବକାରୀ ଜିଲାର ବିରମିତ୍ରପୁର, ଜବାଘାଟ, କୋଇଡା, ରାଉରକେଲା, କୁଆଁରମୁଣ୍ଡା, ଡୁମେର୍ତା ଓ ବଣେଇ ଆଦି ୭ଟି ସ୍ଥାନରେ ପାଉଚ ମଦ ପ୍ରସ୍ତୁତି ଓ ବିକ୍ରି ପାଇଁ ଅନୁମତି ରହିଛି। ଉକ୍ତ ମଦଭାଟିଗୁଡିକରୁ ରାଉରକେଲା, କୁଆଁରମୁଣ୍ଡା ଓ ଡୁମେର୍ତା ମଦଭାଟି ୧୪ ମାସ ହେଲା ବନ୍ଦ ରହିଛି। ଏହାସତ୍ତ୍ୱେ ଏହି ଅଞ୍ଚଳରେ ପ୍ରବଳ ଦେଶୀ ପାଉଚ ମଦ ବିକ୍ରି ହେବା ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ସୂଚନା ଅନୁସାରେ, ରାଉରକେଲା ଦେଶୀ ମଦଭାଟିର ମଦ କେବଳ ରାଉରକେଲାରେ ବିକ୍ରି ହେବା କଥା। କିନ୍ତୁ ଉକ୍ତ ମଦଭାଟି ବନ୍ଦ ରହିଥିବା ବେଳେ ସହରର ପ୍ରତି ଗଳିକନ୍ଦିରେ ଦେଶୀ ମଦ ବିକ୍ରି ହେଉଛି। ରାଉରକେଲା ସହରରେ ବେଆଇନ ଦେଶୀ ମଦ କାରବାର ବୃଦ୍ଧିକୁ ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ରାଜନୈତିକ ଦଳ ଇତିମଧ୍ୟରେ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ତଥାପି ସହରରେ ବେଆଇନ ଦେଶୀମଦ କାରବାର ଚାଲିଛି। ଏ ନେଇ ରାଉରକେଲା ଅବକାରୀ ବିଭାଗ ଏସ୍‌ଆଇ ଶ୍ରୀଧର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଅବକାରୀ ବିଭାଗ ନିୟମିତ ଏଭଳି ବେଆଇନ ଦେଶୀମଦ କାରବାର କରୁଥିବା ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ସହରରେ ବେଆଇନ ଦେଶୀ ମଦ କାରବାର ଉପରେ ନଜର ରହିଛି। ଆଗକୁ ବେଆଇନ ମଦ କାରବାର ହେଉଥିବା ସ୍ଥାନରେ ବିଭାଗ ପକ୍ଷରୁ ଜୋରଦାର ଚଢାଉ କରାଯିବ ବୋଲି ମହାନ୍ତି କହିଥିଲେ।

## ରୋଲିଂ ମିଲ୍‌ରେ କାମ କରୁଥିବା ବେଳେ ଶ୍ରମିକ ମୃତ

କୁଆଁରମୁଣ୍ଡା,୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ନିକଟରେ ଥିବା ଗଣେଶ ମେଟାଲିକ୍ସ କାରଖାନାର ରୋଲିଂ ମିଲରେ ଲୁହାଛଡ଼ କାଟୁଥିବା ବେଳେ ଜଣେ ଶ୍ରମିକଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ମଝାପଡ଼ା ପତ୍ରାଟୋଲିର ମାରୀୟାନୁସ ସୋରେଙ୍ଗ(୩୪)। ପୋଲିସ ମୃତ ଦେହକୁ ରାଉରକେଲା ସରକାରୀ ଚିକିତ୍ସାଳୟ ଶବାଗାରରେ ରଖିଛି। ଗୁରୁବାର ମୃତକଙ୍କ ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ମାରୀୟାନୁସ ବୁଧବାର ମଧ୍ୟାହ୍ନରେ ରୋଲିଙ୍ଗ ମିଲରେ ଲୁହାଛଡ଼ କାଟୁଥିଲା ବେଳେ ଏକ ଛଡ଼ ଖସି ଯାଇ ତାଙ୍କ ଛାତିରେ ପଶି ଯାଇଥିଲା। ଫଳରେ ମାରୀୟାନୁସ ଗୁରୁତର ହୋପଡ଼ିଥିଲେ। କାରଖାନା ପକ୍ଷରୁ ତାଙ୍କୁ ତୁରନ୍ତ ରାଉରକେଲାର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ପକ୍ଷରେ ତାଙ୍କ ମୃତ୍ୟୁ ବାବଦକୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ କର୍ମଚାରୀ ସଂଘ ଦାବି କରିଛି।

# ବେଦବ୍ୟାସରେ ନଦୀ ବଞ୍ଚାଅ, ପରିବେଶ ବଞ୍ଚାଅ କାର୍ଯ୍ୟକ୍ରମ




ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରୁଥିବା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା।

ରାଉରକେଲା ଅଫିସ, ୭।୬

ଗତ ୧ରୁ ୭ତାରିଖ ପର୍ଯ୍ୟନ୍ତ ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ଦେଶର ନଦୀ ବଞ୍ଚାଅ, ପରିବେଶ ବଞ୍ଚାଅ ଅଭିଯାନ କରାଯାଉଛି। ଏହି କ୍ରମରେ ବୁଧବାର ଲୋକ ଶକ୍ତି ଅଭିଯାନ, ଫୋରମ ଫର ଗ୍ରାମ ସଭା କମିଟି, କପଣ୍ଡ ଜଙ୍ଗଲ ସୁରକ୍ଷା ସମିତି ଓ ଖଣ୍ଡାଧାର ସୁରକ୍ଷା ସମିତି ପକ୍ଷରୁ ବ୍ରାହ୍ମଣୀ ଓ ତାର ଉପନଦୀଗୁଡ଼ିକର ସୁରକ୍ଷା ପାଇଁ ବେଦବ୍ୟାସ ସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ସଦସ୍ୟମାନେ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ପରିବେଶ ସୁରକ୍ଷା ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କହିଥିଲେ, ପରିବେଶ ସୁରକ୍ଷା, ଜୈବ ବିବିଧତା, ସଂରକ୍ଷଣ ଆଇନ ପ୍ରମୁଖ ନିୟମାବଳୀକୁ ପ୍ରଦୂଷଣ କରୁଥିବା କମ୍ପାନୀମାନେ ଉଲଂଘନ କରୁଛନ୍ତି। ସରକାର ଏଥିରେ ନିରବଦ୍ରଷ୍ଟା ସାଜିଛି। ଏହାର ପ୍ରତିବାଦ କରିବାକୁ ପଡ଼ିବ ଓ ଜନସାଧାରଣଙ୍କୁ ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିବଲ ଟପ୍ପୋ, ସୁନୀତା ଡୁଙ୍ଗଡୁଙ୍ଗ, କେଦାର ମୁଣ୍ଡାରୀ, ଜିତ୍ ବାହନ, ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ସ୍ଥାନୀୟ ଯୋଗ ଦେଇଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ




କୁନି କୁନି ପିଲାମାନେ ଓ ସିମେଣ୍ଟ କାରଖାନାର ମୁଖ୍ୟ, କର୍ମଚାରୀ ହାତରେ ପ୍ଲାକାର୍ଡ ଧରି ସଚେତନ କରୁଛନ୍ତି।

ରାଜଗାଙ୍ଗପୁର,୭।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏକ ମିନି ସାଇକ୍ଲୋଥନ୍ ହୋଇଥିଲା। ସାଇକ୍ଲୋଥନ୍ ବିର୍ସା ଖେଳ ପଡ଼ିଆରୁ ଆରମ୍ଭ ହୋଇ ସମଗ୍ର ସହର ପରିକ୍ରମା କରି ରାଜଗାଙ୍ଗପୁର କ୍ଲବଠାରେ ଶେଷ ହୋଇଥିଲା। କାରଖାନା ପରିସରରେ ମୋଟ ୪୬୬ ଚାରା ରୋପଣ କରାଯାଇଥିଲା । ଏଥିସହ ଡାଲମିଆ ବିଦ୍ୟାମନ୍ଦିର ଏବଂ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣି କଲୋନିରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିରେ ବୃକ୍ଷରୋପଣ, ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଏବଂ ପୁରସ୍କାର ବିତରଣ ପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ଲିନ୍ ଡ୍ରାଇଭ୍ ପଦକ୍ଷେପର ଏକ ଅଂଶଭାବେ ରାଜଗାଙ୍ଗପୁର ରେଳ ଷ୍ଟେଶନରେ ଯାତ୍ରୀଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରାଯିବା ସହ ଷ୍ଟେଶନ ପରିସରକୁ ସଫା କରିବା ସହିତ ବୃକ୍ଷରୋପଣ କରାଯାଇଥିଲା। ସେଭ୍ ଏନର୍ଜି ପଦକ୍ଷେପ ଅନ୍ତର୍ଗତ ଡିଭିଏମ୍ ବିଦ୍ୟାଳୟକୁ ସୋଲାର ବିଦ୍ୟାଳୟରେ ପରିଣତ କରିବା ପାଇଁ ସୋଲାର ପ୍ୟାନେଲ୍ ଉଦ୍‌ଘାଟନ କରାଯାଇଥିଲା। ସଙ୍ଗମ ମହିଳା ମଣ୍ଡଳର ସଦସ୍ୟମାନଙ୍କ ଦ୍ୱାରା କୃତ୍ରିମ ଉଦ୍ୟାନ ପ୍ରସ୍ତୁତ କରାଯାଇଥିଲା। ରାତିରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ଜିରୋ ଲାଇଟ୍ ଆୱାର ପାଳନ କରିବା ସହିତ ବିଶ୍ୱ ପରିବେଶ ଦିବସ ଶେଷ ହୋଇଥିଲା। କମ୍ପାନୀର ସିଏସ୍‌ଆର୍ ପକ୍ଷରୁ ମଧ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ୪୦ ଏସ୍‌ଏଚ୍‌ଜି ମହିଳା ସଦସ୍ୟ ଏବଂ ଛାତ୍ରମାନଙ୍କ ଦ୍ୱାରା ସାଇକେଲ୍ ରାଲି ହୋଇଥିଲା। ଡିସିବିଏଲ ଆର୍‌ଆଣ୍ଡ‌ଆର୍ ଟିମ୍ ଓ କାଟାଙ୍ଗ ଆର୍‌ଆଣ୍ଡଆର କଲୋନିରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ଏହାକୁ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

## ରାଜ୍ୟପାଳଙ୍କୁ ସାରସ୍ୱତ ଉପହାର ପ୍ରଦାନ

ଖଡ଼ିଆଲ,୭।୬(ଡି.ଏନ.ଏ.)

ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ୭ମ କବିତା ସଙ୍କଳନ -ତଥାପି ତୁଳସୀ, ପ୍ରଥମ ଗଳ୍ପ ସଂକଳନ -ଭାଗ୍ୟର ଭାଗଫଳ ସାରସ୍ୱତ ଉପହାର ପ୍ରଦାନ କରିଥିଲେ। ଏହି ସମୟରେ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ବିଶିଷ୍ଟ କବି ରକ୍ଷକ ନାୟକ ଏବଂ ସାରସ୍ୱତ ସାହିତ୍ୟ ସମ୍ପାଦକ କବି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ଡା ଗୀତାଶ୍ରୀ ପ୍ରିୟମ୍ବଦା ଜଣେ ବକ୍ତା, କବୀ, ଗାଳ୍ପିକା, ବିଭିନ୍ନ ସଭା ସମିତି, ମଞ୍ଚ ସଂଯୋଜିକ, ସଞ୍ଚାଳିକା ଅଟନ୍ତି।

## ଷ୍ଟିଲ୍‌ସିଟିରେ ଗ୍ରୀଷ୍ମ ଫଳ ମେଳା ଉଦ୍‌ଘାଟିତ

ରାଉରକେଲା ଅଫିସ, ୭।୬

କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ବୁଧବାର ସନ୍ଧ୍ୟାରେ ଓରମାସ ଓ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସେକ୍ଟର-୧୯ ଆମ୍ବାଗାନରେ ଗ୍ରୀଷ୍ମ ଫଳ ମେଳା ଉଦଘାଟିତ ହୋଇଛି। ସ୍ଥାନୀୟ କୃଷକ, ଏସ୍‌ଏଚ୍‌ଜି ଓ ଆଗ୍ରୋ କମ୍ପାନୀ ମାନଙ୍କ ଦ୍ୱାରା କୃଷି ଉତ୍ପାଦ ଗୁଡ଼ିକ ଏଥିରେ ସ୍ଥାନ ପାଇଛି। ଉକ୍ତ ମେଳାକୁ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମିତ୍ରଭାନୁ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ସତ୍ୟବାନ ମହାଜନ, ଡିଏଫ୍‌ଓ ଯଶୋବନ୍ତ ସେଠୀ, ଡିଆଇପିଆରଓ ସୀମା ଫାତିମା ଏକ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ଗଜପତି, ବରଗଡ଼, ମୟୂରଭଞ୍ଜ, ରାୟଗଡ଼ା, ବଲାଙ୍ଗୀର, ଗଞ୍ଜାମ, ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର, ନୂଆଗାଁ, ଲେଫ୍ରିପଡ଼ା, ଲହୁଣୀପଡ଼ା ସମେତ ବିଭିନ୍ନ ବ୍ଲକରୁ ପ୍ରାୟ ୧୩ଟି ଏସ୍‌ଏଚ୍‌ଜି ଓ ଆଗ୍ରୋ କମ୍ପାନୀ ମେଳାରେ ଭାଗ ନେଇଛନ୍ତି। ମେଳାରେ ସୁନ୍ଦରୀ, ଦଶହରୀ, ତୋତାପୁରୀ, ବାଇଗଣପଲେଇ, ଲଙ୍ଗଡ଼ା, କୃଷ୍ଣଭୋଗ, ଆମ୍ରପାଲୀ ସମେତ ବିଭିନ୍ନ କିସମର ଆମ୍ବ, ସପୁରୀ, ଲିଚୁ, ବେଲ, ତରଭୁଜ ଓ ଅନ୍ୟାନ୍ୟ ଫଳର ପସରା ରହିଛି। ଏତଦ୍ ବ୍ୟତୀତ, ଗଞ୍ଜାମର ପ୍ରସିଦ୍ଧ ଆମ୍ବ ଆଚାର ବିକ୍ରି କରାଯାଉଛି। ଏହି ମେଳା ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୯ଟାରୁ ରାତି ୧୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମେଳା ଖୋଲା ରହିବ ବୋଲି କୁହାଯାଇଛି।

# ଗୀତାରାଣୀ ଖଣି ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଟେନ୍‌ସା, ୭।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ୍‌ର ଡେଙ୍ଗୁଲା ପଞ୍ଚାୟତସ୍ଥିତ ରାଇକେଲା ଲୌହଖଣିର ଗୀତାରାଣୀ ଖଣି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଗୀତାରାଣୀ ଖଣିର ଜେନେରାଲ ମ୍ୟାନେଜର ବିବି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଡେଙ୍ଗୁଲା ଫରେଷ୍ଟର କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ଖଣି ସିଇଓ ସୁମିତି ପଟେଲ, ଖଣି ମ୍ୟାନେଜର ପି.କେ ସାହୁ, ପ୍ରଶାସନ ବିଭାଗର ତ୍ରିନାଥ ମହାପାତ୍ର ଯୋଗଦେଇଥିଲେ। ଗଛ ଆମର ବନ୍ଧୁ, ଛୋଟ ପିଲାଙ୍କୁ ପାଳିପୋଷି ଯେପରି ବଡ଼ କରାଯାଏ ସେହିପରି ଗଛଟିଏ ବଞ୍ଚାଇବାକୁ ସେତିକି କଷ୍ଟ କରିବା ଆବଶ୍ୟକ। ଗଛ ଆମକୁ ଜୀବନ ଦେଇଥାଏ ବୋଲି ଅତିଥିମାନେ କହିଥିଲେ। ପରେ ଖଣି ପରିସରରେ ଅତିଥିମାନଙ୍କ ସହିତ ଖଣି କର୍ମଚାରୀ ମିଶି ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଦେବାଶିଷ ରାଉତ, ସଚିଦାନନ୍ଦ ଗିରିଙ୍କ ସମେତ ଗୀତାରାଣୀ ଖଣିର ବରିଷ୍ଠ ଅଧିକାରୀ ଯୋଗ ଦେଇ ଚାରା ରୋପଣରେ ସହାୟତା କରିଥିଲେ।




ଗୀତାରାଣୀ ଖଣି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ।

# ଇଏସ୍‌ଆଇ ଡାକ୍ତରଖାନା ଆଗରେ ଧାରଣା

ରାଉରକେଲା ଅଫିସ,୭।୬



ମଜଦୂର ୟୁନିୟନ ପକ୍ଷରୁ ଧାରଣା ଦିଆଯାଇଛି।

ଇଏସ୍‌ଆଇ ଡିସପେନସରିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ପକ୍ଷରୁ ବୁଧବାର ରାଉରକେଲା ଡିସପେନସରି ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଉପ ସାଧାରଣ ସମ୍ପାଦକ ବିମାନ ମାଇତି, ସମ୍ପାଦକ ଯଯାତି କେଶରୀ ସାହୁ, ତାଜମୁନ ନେହାର, ଅଜିତ ଏକ୍କା ପ୍ରମୁଖ ଯୋଗଦେଇ ବୀମାଭୁକ୍ତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଚିକିତ୍ସାରେ କିଭଳି ସମସ୍ତ ପ୍ରକାର ସୁବିଧା ମିଳିପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ରାଉରକେଲା ଇଏସ୍‌ଆଇ ଡିସପେନସରିରେ ସର୍ବଦା ଆବଶ୍ୟକ ସଂଖ୍ୟକ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ପାରାମେଡିକାଲ, ଲାବ୍ ଟେକ୍ନିସିଆନ, ରେଡିଓଗ୍ରାଫର ଓ କର୍ମଚାରୀ ଅଭାବ ରହିଛନ୍ତି। କେତେକ ଡାକ୍ତର ଡିସପେନସରିକୁ ଠିକ୍ ସମୟରେ ଆସୁନାହାନ୍ତି। ରୋଗୀମାନଙ୍କୁ ଆବଶ୍ୟକ ସଂଖ୍ୟକ ଔଷଧ ମିଳୁନାହିଁ। ଏଭଳି ସମସ୍ୟାକୁ ନେଇ ଗତ ୭ ତାରିଖରେ ସିଟୁ ନେତୃତ୍ୱରେ ଇଏସଆଇ ରାଉରକେଲା ସୁପରିଟେଣ୍ଡେଣ୍ଟ ଡାକ୍ତର ମନୋଜ କୁମାର ହାଁସଦାଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ୧୫ ଦିନ ଭିତରେ ଏହି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପ୍ରତିଶ୍ରୁତିକୁ ମାସେ ବିତିଯାଇଥିଲେ ମଧ୍ୟ ଆଜିଯାଏ କୌଣସି ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ବୁଧବାର ପୁଣି ଗଣଧାରଣା ଦିଆଯାଇଥିଲା। ଧାରଣାରେ ଶ୍ରମିକ ନେତା ସମ୍ବିତ ସୁଇଁ, ରଞ୍ଜନ ବେହେରା, କ୍ଷୀରୋଦ ବେହେରା, ଡ. ଦିବାକର ରାଓ, ସରୋଜ ବାର୍ଲା, ଅନୀଲ ସ, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

**କୋକସରା,୭।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମଜୁରସାହି ଗ୍ରାମର ବନ ବିହାରୀ ନିଆଲଙ୍କ ୧୪ ବର୍ଷର ପୁଅ ଦିନେଶ କୁମାର ନିଆଲ (ଚିଣ୍ଟୁ) ମଙ୍ଗଳବାରଠାରୁ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ବାପା କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଦିନେଶ ଚଳିତବର୍ଷ ଅଷ୍ଟମ ଶ୍ରେଣୀରେ ନାମ ଖେଲାଇଛନ୍ତି। ମଙ୍ଗଳବାର ଦିନେଶ ନିକଟସ୍ଥ ଫୁପଗାଁ ସାପ୍ତାହିକ ବଜାରକୁ ଯାଇ ଆଉ ଘରକୁ ଫେରି ନାହାନ୍ତି। ପରିବାରବର୍ଗ ଦିନେଶଙ୍କ ସାଙ୍ଗସାଥିଙ୍କୁ ପଚାରିବା ସହ ଖୋଜାଖୋଜି ପରେ ମଧ କୌଣସି ସନ୍ଧାନ ନ ମିଳିବାରୁ ବୁଧବାର କୋକସରା ଥାନାରେ ନିଖୋଜ ରହିଥିବା ନେଇ ଅଭିଯୋଗ କରିଛନ୍ତି। କୋକସରା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

### ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**ଭବାନୀପାଟଣା,୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ବଳାତ୍କାର ମାମଲାରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଭୁଜବଳ ପହରିଆ ବୋଲି ଜଣାପଡିଥିବାବେଳେ ତାଙ୍କ ଘର ମଙ୍ଗଳପୁର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୪ ତାରିଖରେ ବୃଦ୍ଧା ଜଣକ କେନାଲକୁ ଗାଧୋଇ ଯାଇ ଫେରୁଥିବାବେଳେ ଟ୍ରାକ୍ଟର ଡ୍ରାଇଭର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଜୟପାଟଣା ଥାନରେ ଏକ ମାମଲା (ନଂ.୧୧୮/୨୩) ରୁଜୁ ହୋଇଛି।

### ଶିଶୁ ଶ୍ରମିକ ନିରାକରଣ ସଚେତନ ରଥର ଶୁଭାରମ୍ଭ

**ନୂଆପଡ଼ା ଅଫିସ,୭।୬:** ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଜିଲାପାଳ ହେମକାନ୍ତ ସାଏ ଉଦଘାଟନ କରିଛନ୍ତି। ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସାଏଙ୍କ ସମେତ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଅତିରିକ୍ତ ଶ୍ରମ ଅଧିକାରୀ ଦିବ୍ୟା ଶଙ୍କର ଧରୁଆ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିଶୁ ଶ୍ରମିକ ନିୟୋଜନ ଏକ ଦଣ୍ଡନୀୟ ଅପରାଧ। ସମସ୍ତେ ସଚେତନ ହୋଇ ଶିଶୁଙ୍କ ଅଧିକାର ଉପରେ କାମ କରିବା ଓ ଶିଶୁ ଶ୍ରମ ମୁକ୍ତ ଓଡିଶା ଆମର ସଂକଳ୍ପ ନେବା ବୋଲି ଆହ୍ୱାନ କରିଥିଲେ। ସଚେତନତା ରଥ ଜିଲାର ୫ଟି ବ୍ଲକର ୧୩୧ଟି ପଞ୍ଚାୟତ ପରିକ୍ରମା କରିବା ସହ ଦାଦନ ପ୍ରବଣ ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦେବା ସହରାଞ୍ଚଳରେ ଦୋକାନବଜାରରେ ନିୟୋଜିତ ଶିଶୁ ଶ୍ରମିକ ଉପରେ ଦୃଢ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ସୁବ୍ରତ ସିଂ, ଶିବାଙ୍ଗି ମହାପାତ୍ର, ସସ୍ମିତା ମୋହନା ପ୍ରମୁଖ ସହଯୋଗ କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ରାତ୍ରିକାଳୀନ ଚିକିତ୍ସା ସେବା ମିଳୁନି

**ଲୋଇସିଂହା,୭।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତ୍ରିକାଳୀନ ସମୟରେ ରୋଗୀଙ୍କୁ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ମଙ୍ଗଳବାର ରାତିରେ ବୁର୍ଡା ଗ୍ରାମର ଜଣେ ରୋଗୀ ଚିକିତ୍ସା ନ ପାଇ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି। ବୁର୍ଡା ଗ୍ରାମର ରମେଶ ନାଏକ ଗୁରୁତର ହୋଇପଡିଥିଲେ। ଗୋଡାହାତ ଟାଣି ନେବାରୁ ପରିବାର ଲୋକେ ଭୟଭୀତ ହୋଇ ପଡିଥିଲେ। ରମେଶଙ୍କ ବିଧବା ମା ଗ୍ରାମର ଓକିଲ ବାଗଙ୍କ ଅଟୋରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଆଉଟ ଡୋରରେ ଡାକ୍ତର ନ ଥିବାବେଳେ ନର୍ସ ଚେମ୍ବରକୁ ଯାଇଥିଲେ। ଚେମ୍ବର ଖୋଲା ଥିଲେ ମଧ୍ୟ ସେଠାରେ ଡାକ୍ତର କିମ୍ବା ନର୍ସ କେହି ନ ଥିଲେ। ଲେବର ରୁମ୍ ବାହାରେ ରହି ବହୁ ଡାକ ଦେବା ସତ୍ତ୍ୱେ ମଧ୍ୟ କେହି ଶୁଣି ନ ଥିଲେ। ଏପରିକି ଡାକ୍ତରଖାନ ସିକ୍ୟୁରିଟି ଗାର୍ଡଙ୍କ ଦେଖା ମିଳି ନ ଥିଲା । ଡାକ୍ତରଖାନା ବାହାରେ ଥିବା କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ଆସି ଏସବୁ କହିଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ଡାକ୍ତରଖାନାର କୌଣସି କର୍ମଚାରୀଙ୍କୁ ଦେଖା ନ ପାଇ ରାତି ପ୍ରାୟ ଅଢେଇଟା ସମୟରେ ଘରକୁ ଫେରି ଆସିଥିବା ଅଟୋ ଡ୍ରାଇଭର ବାଗ ଏବଂ ରମେଶଙ୍କ ବିଧବା ମା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶେଖରଲାଲ ପଧାନଙ୍କୁ ପଚାରିବାରୁ , ନର୍ସ ଏବଂ ଡାକ୍ତର ବସିବା ଚେମ୍ବର ଖାଲିଥିବା ଏକ ଭିଡିଓ ମୋର ହସ୍ତଗତ ହୋଇଛି । ଏ ନେଇ ତଦନ୍ତ କରିବେ ବୋଲି ସେ କହିଥିଲେ।

# ସ୍ମାର୍ଟ ଶ୍ମଶାନ, ରାଜେନ୍ଦ୍ର ପାର୍କ ଶୀଘ୍ର କାର୍ଯ୍ୟକ୍ଷମ ହେଉ

**ବଲାଙ୍ଗୀର ଅଫିସ, ୭।୬**


ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ପୌରାଧକ୍ଷା ଲିକା ସାହୁଙ୍କୁ ଦାବିପତ୍ର ଦେଉଛନ୍ତି।

ବଲାଙ୍ଗୀର–ଟିଟିଲାଗଡ ଜାତୀୟ ରାଜପଥ କଡରେ ଥିବା ସ୍ମାର୍ଟ ଶ୍ମଶାନ ଓ ରାଜେନ୍ଦ୍ର ପାର୍କଙ୍କୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବି ନେଇ 'ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ' ସଦସ୍ୟମାନେ ପୌରାଧକ୍ଷା ଲିକା ସାହୁ ଓ ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ବୁଧବାର ଦାବିପତ୍ର ଦେଇଛନ୍ତି। ସ୍ମାର୍ଟ ଶ୍ମଶାନରେ ଅତ୍ୟାଧୁନିକ ବୈଦ୍ୟୁତିକ ମେଶିନ ସାହାର୍ଯ୍ୟରେ ଶବ ସତ୍କାର କରାଯିବା ସୁବିଧା ରହିଛି। ପାଖାପାଖି ଏକ ବର୍ଷ ହେବ ଏହା ବଲାଙ୍ଗୀର ପୌର ପରିଷଦ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ସତ୍ତ୍ୱେ ଟେକ୍‌ନିକାଲ ଅପରେଟର ନିଯୁକ୍ତି ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହି ଅତ୍ୟାଧୁନିକ ବୈଦ୍ୟୁତିକ ମେଶିନକୁ ଅପରେଟ କରିବା ପାଇଁ ଜଣେ ଟେକନିକାଲ ଅପରେଟର ନିୟୋଜିତ କରାଯାଇ ପାରିନାହିଁ। ଫଳରେ ସ୍ମାର୍ଟ ଶ୍ମଶାନ ବ୍ୟବହାର ଯୋଗ୍ୟ ହୋଇ ନ ପାରି ଜନସାଧାରଣଙ୍କ ସେବାରେ ଲାଗି ପାରୁନାହିଁ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସଙ୍ଗଠନ ସଦସ୍ୟମାନେ ଦାବି କରିଥିଲେ। ସେହିପରି କରୋନା ମହାମାରୀ ସମୟରୁ ବଲାଙ୍ଗୀର ପୌର

**ପୌରାଧକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର**

ପରିଷଦ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାଜେନ୍ଦ୍ର ପାର୍କ ବନ୍ଦ ପଡିଛି। ଏହାକୁ ନବୀକରଣ କରାଯିବା ନିମନ୍ତେ ବନ୍ଦ କରାଯାଇଥିଲା। ପାଖାପାଖି ତିନି ବର୍ଷ ବିତିଯାଇଥିଲେ ମଧ ସର୍ବସାଧାରଣଙ୍କ ନିମନ୍ତେ ପାର୍କ ଖୋଲା ଯାଇନାହିଁ। ରାଜେନ୍ଦ୍ର ପାର୍କର ନବୀକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ଜନସାଧାରଣଙ୍କ ନିମନ୍ତେ ଖୋଲାଯିବାକୁ ଦାବି କରାଯାଇଥିଲା। ଏଦିଗରେ ଶୀଘ୍ର ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପୌରାଧକ୍ଷା ସାହୁ ଓ ନିର୍ବାହୀ ଅଧିକାରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ନିର୍ବାହୀ ଅଧିକାରୀ ମିଶ୍ର ସ୍ମାର୍ଟ ଶ୍ମଶାନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଅତିଶୀଘ୍ର ସ୍ମାର୍ଟ ଶ୍ମଶାନ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜେନ୍ଦ୍ର ପାର୍କର ନବୀକରଣ କାର୍ଯ୍ୟ ଆଉ ଅଳ୍ପ ବାକି ରହିଛି। ଯଥାଶୀଘ୍ର ସେହି କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରାଯାଇ ଚଳିତ ମାସ ଶେଷ ସୁଦ୍ଧା ରାଜେନ୍ଦ୍ର ପାର୍କକୁ ଖୋଲାଯିବ ବୋଲି କହିଥିଲେ। ସଙ୍ଗଠନ ପକ୍ଷରୁ ଦାବିପତ୍ର ଦେବାବେଳେ ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥି, ରବୀନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ସେଠ୍, ଜୟଦେବ କର, ଶ୍ୱେତା ସାହୁ, ପ୍ରଶାନ୍ତ ମିଶ୍ର, ଦେବରାଜ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋସଲ କ୍ରାନ୍ତି ଦଳର ୧୭ତମ ପ୍ରତିଷ୍ଠା ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୭।୬**

କୋସଲ କ୍ରାନ୍ତିଦଳ (କେକେଡ଼ି)ର ପ୍ରତିଷ୍ଠା ସମ୍ମିଳନୀ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। କେକେଡ଼ିର ରାଜ୍ୟ ସଭାପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କୋସଲାଞ୍ଚଳର ବିଭିନ୍ନ ଜିଲାର ପ୍ରତିନିଧି ଯୋଗ ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶାର ବାହାନଗା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ ଲୋକଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହା ସହ ନେତା ସ୍ୱର୍ଗତ ରମେଶ ଚନ୍ଦ୍ର ନାଏକ, କେଦାର ନାଥ ପଟେଲ ଓ ବେଣୁଧର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ସମ୍ମିଳନୀ ପ୍ରାରମ୍ଭରେ ଦଳ ମହାସଚିବ ଅବଦୁଲ ଜମାଲ ଖାଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପରେ ସଙ୍ଗଠନର ରାମଚନ୍ଦ୍ର ଅମାତ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି କୋସଲକ୍ରାନ୍ତି ଦଳର ପ୍ରତିଷ୍ଠାତା ସଭାପତି ତଥା କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ବୃହତ୍ତର କୋସଲ ଆନ୍ଦୋଳନର ସଫଳତା ପାଇଁ ସବୁ କୋସଲବାଦୀ ସଙ୍ଗଠନ ଏକ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ କୋସଲବାଦୀ ସଙ୍ଗଠକ ମନୋଜ ରାଉତିଆ, ହୃଦାନନ୍ଦ ବେହେରା, ବିଭୂଦତ୍ତ ମିଶ୍ର, ପ୍ରଭାସ ମିଶ୍ର, ମନୋରଜନ ସାହୁ, ଭରତ ଚନ୍ଦ୍ର ପୃଷ୍ଟି, ରବିଶଙ୍କର ମିଶ୍ର, ପ୍ରସନ୍ନ ନେଗୀ, ଡୋଲାମଣି ପ୍ରଧାନ, ରଣରାଜ ସିଂଦେଓ ଉଦବୋଧନ ଦେଇଥିଲେ। ସମ୍ମିଳନୀରେ କେକେଡ଼ିର କେନ୍ଦ୍ରୀୟ ସଭାପତି ଭାବେ ଅବଦୁଲ ଜମାଲ ଖାଁ, ସାଧାରଣ ସମ୍ପାଦକ ଭାବେ ରାମଚନ୍ଦ୍ର ଅମାତ ଓ କୋଷାଧକ୍ଷ ଭାବେ ଶରତ ଚନ୍ଦ୍ର ହୋତା ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ କମିଟି ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି କରାଯାଇଥିଲା।



କେକେଡି ପ୍ରତିଷ୍ଠା ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

# ହରିଶଙ୍କରର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ବୈଠକ


ବୈଠକରେ ବିଭିନ୍ନ ସମାଜର କର୍ମକର୍ତ୍ତା, ଦେବୋତ୍ତର କମିଟି ସଦସ୍ୟ ଉପସ୍ଥିତ।

**ଖପ୍ରାଖୋଲ, ୭।୬(ଡି.ଏନ.ଏ.)**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ସମ୍ମୁଖରେ ଏହା ହୋଇଥିଲା। ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ବିଜୟାନନ୍ଦ ସେଠୀ ବୈଠକରେ ଅଧକ୍ଷତା କରିଥିଲେ। ହରିଶଙ୍କର ମନ୍ଦିର ପାରିପାର୍ଶ୍ୱିକ ମଡେଲ ପ୍ଲାନ ଉପରେ ଆଲୋଚନା କରିବା ସହ ବିଭିନ୍ନ କାମ, ପାର୍କ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ସମାଜର ଧାର୍ମିକ ଭାବନା, ପୂଜା ପୀଠ ସ୍ଥିତାବସ୍ଥା, ପର୍ଯ୍ୟଟକଙ୍କ ସମାଗମ ଉପରେ ଆଲୋଚନା ହୋଇଥିଲା। ବୈଠକରେ କୁଲତା ସମାଜ ମନ୍ଦିର କମିଟି ସଭାପତି ଜ୍ଞାନ ସିଂ ଭୋଇ, ଭିକାରୀ ଚରଣ ବିଶାଳ, କ୍ଷମାନିଧି ଭୋଇ, କଳକାହ୍ନୁ ସାହୁ, ବସୁଦେବ ଗଡତ୍ୟା, ହଳଧର ଭୋଇ, ଚତୁର୍ଭୁଜ ସାହୁ, ବିଂଝାଲ ସମାଜର କେଶବ ବରିହା, ମିନିକେତନ ବରିହା, ଗୋରେଖନାଥ ବରିହା, ଗଣ୍ଡ ସମାଜର ବିପ୍ର ବିଶି, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଦେବୋତ୍ତର କମିଟି ସଦସ୍ୟ ରୋହିତ ମେହେର, ଅଭୟ ତ୍ରିପାଠୀ, ସନ୍ତୋଷ ଭାଇଁସାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ପୋଡ଼ିଦେଲେ ଦୁର୍ବୃତ୍ତ

**ସଇଁତଲା, ୭।୬ (ଡି.ଏନ.ଏ)**

ସଇଁତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ଫାଣ୍ଡି ଦୁକାଲ ଘାଟ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଜଣକ ଘର ପୋଡ଼ିଦେଇଥିବା ସହ ଜୀବନରେ ମାରିଦେବାର ଧମକ ଦେଇଥିବା ଟିକ୍ରାପଡ଼ା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଟିକ୍ରାପଡ଼ା ପଞ୍ଚାୟତ ଦୁକାଲଘାଟ ଗ୍ରାମର ବୁଲୁ ବନଗୁଲା (୨୫) ମଙ୍ଗଳବାର ରାତିରେ ଖାଇସାରି ପରିବାର ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ସହ ତାଙ୍କ ସ୍ତ୍ରୀ ପିନ୍ଧିଥିବା ସୁନାହାର ନେଇଯାଇ ପରିବାରର ସମସ୍ତଙ୍କୁ ମାଡ଼ ମାରିଥିଲେ। ପରେ ତାର ଘରକୁ ନିଆଁ ଲଗାଇଦେଇଥିଲେ। ଘର ପୋଡୁଥିବା ଦେଖି ଗ୍ରାମର ବନ ବାଗ, ସତ୍ୟବାନ ବନଗୁଲା, ନିର୍ମଳ ମଲ୍ଲିକ, ଦୀନବନ୍ଧୁ ବଗର୍ତ୍ତୀ, ଦୁର୍ଯ୍ୟୋଧନ ମାଝୀ, ସୁଶୀଳ ସୁନାନୀ, ଘାସି ଚିନ୍ଦା, ସୁରୁବୁଡୁ ଚିନ୍ଦାନୀ ପ୍ରମୁଖ ସେଠାରେ ପହଞ୍ଚିଥିଲେ। ସେମାନେ ସେଠାରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ମାରିଥିଲେ। ପରେ ଗ୍ରାମବାସୀ ମିଳିତ ଭାବରେ ଘରେ ଲାଗିଥିବା ନିଆଁ ଲିଭାଇଥିଲେ। ଘଟଣାକୁ ନେଇ ବୁଲୁ ଟିକ୍ରାପଡ଼ା ଫାଣ୍ଡିରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଟିକ୍ରାପଡ଼ା ପୋଲିସ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଓମ୍ ଶାନ୍ତି ଯୋଗପୀଠର ସଭା

**ବଲାଙ୍ଗୀର ଅଫିସ, ୭।୬**

ବଲାଙ୍ଗୀର ରାଜେନ୍ଦ୍ର ପାର୍କଠାରେ ଓମ୍ ଶାନ୍ତି ଯୋଗପୀଠର ତ୍ରୟମାସିକ ସଭା ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଛି। ସମ୍ପାଦକ ଚୁଡେନ୍ଦ୍ର କୁମାର ବେହେରା ପୂର୍ବ ସଭାର ବିଷୟବସ୍ତୁ ଅନୁମୋଦନ କରିଥିଲେ। ସଭାରେ ମୁଖ୍ୟତଃ ସଭ୍ୟମାନେ ନିୟମିତ ଯୋଗ କେନ୍ଦ୍ରରେ ଯୋଗଦାନ, ନୂତନ ସଭ୍ୟ ସଂଗ୍ରହ, ବାର୍ଷିକ ସଭ୍ୟ ଚାନ୍ଦା, ଆଗାମୀ ଦିନରେ ଯୋଗକେନ୍ଦ୍ର ପକ୍ଷରୁ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ, ବାର୍ଷିକ ବଣଭୋଜି, ବାର୍ଷିକ ଅଡିଟ, ଗୁରୁ ପୂର୍ଣ୍ଣିମା, ଜଳଶାୟୀ ପାଳନ କରିବାକୁ ମତ ଦେଇଥିଲେ। କୋଷାଧକ୍ଷ ସତ୍ୟନାରାୟଣ ନାଏକ ବାର୍ଷିକ ଆୟବ୍ୟୟ ଉପସ୍ଥାପପନ କରିଥିଲେ। ସଭାରେ ସତ୍ୟନନ୍ଦ ସାହୁଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା। ସଭାରେ ତ୍ରିଲୋଚନ ଦାଶ, ବିନୟ କୁମାର ମିଶ୍ର, ଦାମୋଦର ଓତା, ଜଗଦୀଶ ପ୍ରସାଦ ଅଗ୍ରୱାଲ, ସୁରଥ ବେହେରା, ପ୍ରମୋଦ ଗୁରୁ, ସୁରେନ୍ଦ୍ର ନେଗୀ, ଶିବ ନାରାୟଣ ମାହାଣା, ମନୋରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ପଟେଲ, ଦେବୀ ପ୍ରସାଦ ଅଗ୍ରୱାଲ, ସାଜନ ଅଗ୍ରୱାଲ, ସୁଦାମ ପ୍ରସାଦ ଅଗ୍ରୱାଲ, ଚନ୍ଦ୍ର ପ୍ରସାଦ ଅଗ୍ରୱାଲ ଓ ସତ୍ୟାନନ୍ଦ ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହସମ୍ପାଦକ ରୋହିତ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।


ବଲାଙ୍ଗୀର ରାଜେନ୍ଦ୍ର ପାର୍କଠାରେ ଓମ୍ ଶାନ୍ତି ଯୋଗପୀଠର ତ୍ରୟମାସିକ ସଭାରେ ଉପସ୍ଥିତ ସଦସ୍ୟ।

# ପାଟିରେ ମାଛ ପଶିଯିବାରୁ ଶ୍ରମିକଙ୍କ ମୃତ୍ୟୁ

**ଟିଟିଲାଗଡ଼, ୭।୬ (ଡି.ଏନ.ଏ)**

ଗ୍ରାମ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ଏକ ମାଛ ପାଟିରେ ପଶିଯିବାରୁ ଟିଟିଲାଗଡ ବ୍ଲକ ଦିଗସିରା ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦ୍ର ମାଝୀ (୫୧)। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ଚନ୍ଦ୍ର ନିଜ କାମ ସାରି ଅପରାହ୍ନ ପ୍ରାୟ ୧ଟାରେ ପୋଖରୀରେ ଗାଧୋଉଥିବାବେଳେ ଏକ କଣ୍ଟାଯୁକ୍ତ କଉ ମାଛ ତାଙ୍କ ପାଟି ଭିତରେ ପଶିଯାଇଥିଲା। ତଣ୍ଟି ପାଖରେ ଉକ୍ତ ମାଛଟି ଅଟକି ଯାଇଥିବାବେଳେ ପରିବାର ଲୋକେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ତେବେ ଏଠାରୁ ଡାକ୍ତର ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ମଧ ଡାକ୍ତର ମାଛ ବାହାର କରି ନ ପାରି ବୁର୍ଲା ପଠାଇଥିଲେ। ରାତିରେ ବଲାଙ୍ଗିରରୁ ନେବା ବାଟରେ ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ଘରକୁ ମୃତଦେହ ଅଣାଯିବା ପରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ନେଇ ଟିଟିଲାଗଡ ବିଡିଓ ଏବଂ ତହସିଲଦାରଙ୍କୁ ଜଣାଇଥିବା ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବୈଷ୍ଣବ ମହାନନ୍ଦ କହିଛନ୍ତି। ଗରିବ ଚନ୍ଦ୍ରଙ୍କ ଦୁଇ ଝିଅ ଏବଂ ଦୁଇ ପୁଅ ଅଛନ୍ତି। ଘରେ ଏକମାତ୍ର ରୋଜଗାରକ୍ଷମ ଚନ୍ଦ୍ରଙ୍କ ମୃତ୍ୟୁ ନେଇ ପରିବାର ଚିନ୍ତିତ ହୋଇପଡିଛନ୍ତି। ଏନେଇ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ହରେକୃଷ୍ଣ ମହତାବ ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର

**ଲୋଇସିଂହା, ୭।୬(ଡି.ଏନ.ଏ)**

ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲକୁ ୨୦୨୩ ପାଇଁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଶିକ୍ଷକ ଭକ୍ତବନ୍ଧୁ ନାଏକ ଏହି ଉତ୍ସବରେ ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ମୁଖ୍ୟ ଅତିଥି ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ପୁରସ୍କାର ବିଦ୍ୟାଳୟର ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଥିବା ଶିକ୍ଷକ ନାଏକ ଓ ପ୍ରଧାନ ଶିକ୍ଷକ ଉଦ୍ଧବ ପଟେଲ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ସବୁଜ ବଳୟ ସୃଷ୍ଟି କରି ବିଦ୍ୟାଳୟର ସୁନାମକୁ ଦ୍ୱିଗୁଣିତ କରିବାକୁ ସଂକଳ୍ପ ବଦ୍ଧ ବୋଲି ଶିକ୍ଷାନୁଷ୍ଠାନ ତରଫରୁ କୁହାଯାଇଛି।


ଶିକ୍ଷକ ଭକ୍ତବନ୍ଧୁ ନାଏକ ମୁଖ୍ୟଅତିଥିଙ୍କ ଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

# ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀ ନିଯୁକ୍ତି ଦିଆଯାଉ

**ଲାଠୋର, ୭।୬(ଡି.ଏନ୍.ଏ.)**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପ୍ରାଣୀ ଚିକିତ୍ସାଳୟରେ ବର୍ଷ ବର୍ଷ ଧରି ବିଭିନ୍ନ ପଦବୀ ଖାଲି ପଡ଼ିରହିଥିଲେ ମଧ ସେଠାରେ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ସ୍ଥାନୀୟ ଜନସାଧାରଣ ଗାଈ, ବଳଦ, ଛେଳି, ମେଣ୍ଢା ଇତ୍ୟାଦି ପ୍ରାଣୀକୁ ନେଇ ନାନା ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଠୋର ଗ୍ରାମରେ ଏକ ପ୍ରାଣୀ ଚିକିତ୍ସାଳୟ ରହିଛି। ଏତେ ପୁରୁଣା ଚିକିତ୍ସାଳୟ ହୋଇଥିଲେ ମଧ ଏଠାରେ ବରାବର କର୍ମଚାରୀ ଅଭାବ ଲାଗି ରହିଛି। ଏହି ଚିକିତ୍ସାଳୟ ଉପରେ ଅଞ୍ଚଳର ୩୪ଖଣ୍ଡ ଗ୍ରାମବାସୀଙ୍କ ସହ ତୁରେକେଲା ବ୍ଲକ ଅଧିନ ମହୁଲପାଟି ଏବଂ ହଲନଭଟା ପଞ୍ଚାୟତର ୧୦ ଖଣ୍ଡ ଏହିପରି ସମୁଦାୟ ୪୩ ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରି ଚଳୁଛନ୍ତି। ସଂଖ୍ୟାଧିକ ଗ୍ରାମବାସୀ ନିର୍ଭର କରୁଥିବା ହେତୁ ସୁବିଧା ଦୃଷ୍ଟିରୁ ସାନଗୁର୍ଜିଭଟା ଏବଂ ସାହାଜପାଣି ନାମରେ ଦୁଇ ଗୋଟି ପ୍ରାଣୀ ସହାୟକ କେନ୍ଦ୍ର ମଧ ଖୋଲାଗଲା।



ଲାଠୋର ପ୍ରାଣୀ ଚିକିତ୍ସାଳୟ।

ହେଲେ କର୍ମଚାରୀ ନିଯୁକ୍ତି ଦିଆଗଲା ନାହିଁ। ବର୍ତ୍ତମାନ ଲାଠୋର ଚିକିତ୍ସାଳୟରେ କେବଳ ଜଣେ ମାତ୍ର ପ୍ରାଣୀ ଚିକିତ୍ସକ ଡ଼ା.କାରୋ ମାରାଣ୍ଡି ନିଯୁକ୍ତ ରହିଥିବା ବେଳେ ଦୁଇଗୋଟି ପ୍ରାଣୀ ସହାୟକ କେନ୍ଦ୍ର ସାନଗୁର୍ଜିଭଟାରେ ଏଲଆଇ ରମାକାନ୍ତ ଖମାରୀ ଏବଂ ସାହାଜପାଣିରେ ଗଣେଶ ପଧାନ ଏଲଆଇ ଭାବେ ନିଯୁକ୍ତ ରହିଛନ୍ତି। ନିୟମ ଅନୁସାରେ ଲାଠୋର ଚିକିତ୍ସାଳୟରେ ଚିକିତ୍ସକଙ୍କ ସହ ଜଣେ ପରିଚାରକ(ଆଟାଣ୍ଡାଣ୍ଟ) ଏବଂ ଜଣେ ୱାଚର ନିଯୁକ୍ତି ଦେବା ସହ ଦୁଇ ଗୋଟି ପ୍ରାଣୀ ସହାୟକ କେନ୍ଦ୍ରରେ ଜଣେ ଲେଖାଏଁ ପରିଚାରକ ନିଯୁକ୍ତି ଦେବା କଥା। ହେଲେ ଏଠାରେ ଆବଶ୍ୟକତା ରହିଥିବା କର୍ମଚାରୀ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ଅଞ୍ଚଳର ଅଧିବାସୀ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। କର୍ମଚାରୀ ଅଭାବ ହେତୁ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ଯୋଗୁ ଅଞ୍ଚଳର ଲୋକ ଘରେ ଘରେ ରଖିଥିବା ଗୃହପାଳିତ ପଶୁ ଆଉ ରଖିବାକୁ ଉଚିତ ମନେ ନ କରି ବିକ୍ରୟ କରି ଦେଉଛନ୍ତି। ଏହି କାରଣ ଯୋଗୁ ଲାଠୋର ଅଞ୍ଚଳରୁ କ୍ରମାଗତ ଭାବେ ଦେଶୀ ଗୋରୁ, ଛେଳି, ମେଣ୍ଢା ଲୋପ ପାଇବାରେ ଲାଗିଛି। ତେଣୁ ଆବଶ୍ୟକତା ମୁତାବକ କର୍ମଚାରୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

ବରାବର କର୍ମଚାରୀ ଅଭାବ ଲାଗି ରହିଥିବାବେଳେ ଏଠାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କୁ ଅନ୍ୟତ୍ର ବଦଳି କରାଯିବା ପରିସ୍ଥିତିକୁ ଆହୁରି ସଙ୍ଗିନ କରି ପକାଇବା ଆଶଙ୍କା ସୃଷ୍ଟି କରୁଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ଼ା. ସପ୍ନେଶ୍ୱର ନାଏକଙ୍କୁ ପଚାରିବାରୁ କିଛି କହିପାରିବି ନାହିଁ ବୋଲି କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ଼ା.ସନ୍ତୋଷ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ବର୍ତ୍ତମାନ ଆମ ପାଖରେ କର୍ମଚାରୀ ଅଭାବ ରହିଛି। ଯେଉଁ ସ୍ଥାନମାନଙ୍କରେ କର୍ମଚାରୀ ଅଭାବ ରହିଛି ସେଠାରେ ନିଯୁକ୍ତି ଦେବାକୁ ଉପର ମହଲକୁ ସୁପାରିସ କରିଛି ବୋଲି କହିଥିଲେ।

## ସଂକ୍ଷେପରେ

### ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

**କୋକସରା,୭।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମଜୁରସାହି ଗ୍ରାମର ବନ ବିହାରୀ ନିଆଲଙ୍କ ୧୪ ବର୍ଷର ପୁଅ ଦିନେଶ କୁମାର ନିଆଲ (ଟିଣ୍ଟୁ) ମଙ୍ଗଳବାରଠାରୁ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ବାପା କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଦିନେଶ ଚଳିତବର୍ଷ ଅଷ୍ଟମ ଶ୍ରେଣୀରେ ନାମ ଖେଳାଇଛନ୍ତି। ମଙ୍ଗଳବାର ଦିନେଶ ନିକଟସ୍ଥ ଫୁପଗାଁ ସାପ୍ତାହିକ ବଜାରକୁ ଯାଇ ଆଉ ଘରକୁ ଫେରି ନାହାନ୍ତି। ପରିବାରବର୍ଗ ଦିନେଶଙ୍କ ସାଙ୍ଗସାଥିଙ୍କୁ ପଚାରିବା ସହ ଖୋଜାଖୋଜି ପରେ ମଧ କୌଣସି ସନ୍ଧାନ ନ ମିଳିବାରୁ ବୁଧବାର କୋକସରା ଥାନାରେ ନିଖୋଜ ରହିଥିବା ନେଇ ଅଭିଯୋଗ କରିଛନ୍ତି। କୋକସରା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

### ଦେବଦର୍ହାରେ ବିଜେଡି କର୍ମୀ ସମ୍ମିଳନୀ

**ପଦ୍ମପୁର ୭।୬(ଡିଏନଏ):** ପାଇକମାଳ ବ୍ଲକର ଚର୍ଦାପାଲି ଗ୍ରାମପଞ୍ଚାୟତ ଦେବଦର୍ହାଠାରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଟଲି ବିଧାୟକ ସୁଶାନ୍ତ ସିଂ, ବିଧାୟିକା ବର୍ଷା ସିଂ ବରିହା, ଜୀବନ ବିନ୍ଧୁର ଜିଲା ସଂଯୋଜକ ଗୌରହରି ମିଶ୍ର, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ବ୍ଲକ ଅଧକ୍ଷା ଭାବନା ସିଂ, ବିଜେଡି ବ୍ଲକ ସଭାପତିଙ୍କ ସମେତ ଜନପ୍ରତିନିଧି ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ଗତ ପଦ୍ମପୁର ଉପନିର୍ବାଚନରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ପାଳନ କରାଯାଇଥିବା ନେଇ ଆଲୋଚନା କରାଯାଇଥିଲା।

### ଡ୍ରାଇଭର ଧନୁର୍ଜୟଙ୍କ ଶେଷକୃତ୍ୟ ସମ୍ପନ୍ନ

**ପାଇକମାଳ, ୭।୬(ଡି.ଏନ.ଏ.):** ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଡ୍ରାଇଭର ଧନୁର୍ଜୟ ପାଣ୍ଡେ (୪୮)ଙ୍କ ମୃତଦେହ ବୁଧବାର ରାତି ୧୧ଟାରେ ତାଙ୍କ ନିଜ ଗ୍ରାମ ବରଗଡ ଜିଲା ପାଇକମାଳ ବ୍ଲକ ହିରାପୁରର ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଡ୍ରାଇଭର ଧନୁର୍ଜୟଙ୍କ ମୃତଦେହକୁ ପ୍ରଦୀପଙ୍କ ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ଭବାନୀ ଆପାଟମେଣ୍ଟରେ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୃତକଙ୍କ ଆତ୍ମୀୟସ୍ୱଜନ ଭୁବନେଶ୍ୱର ଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଥିଲା। ବୁଧବାର ରାତି ୧୧ଟାରେ ମୃତଦେହ ହିରାପୁରରେ ପହଞ୍ଚିବା ପରେ ଗ୍ରାମବାସୀ ଓ ବନ୍ଧୁ ପରିଜନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଉଲ୍ଲେଖନୀୟ, ଧନୁର୍ଜୟ ଦୀର୍ଘ ୯ ବର୍ଷ ହେଲା ପ୍ରଦୀପ ପୁରୋହିତଙ୍କ ଗାଡ଼ି ଚଳାଉଥିଲେ।

### ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**ଭବାନୀପାଟଣା,୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ବଳାତ୍କାର ମାମଲାରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଭୁଜବଳ ପହରିଆ ବୋଲି ଜଣାପଡିଥିବାବେଳେ ତାଙ୍କ ଘର ମଙ୍ଗଳପୁର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୪ ତାରିଖରେ ବୃଦ୍ଧା ଜଣକ କେନାଲକୁ ଗାଧୋଇ ଯାଇ ଫେରୁଥିବାବେଳେ ଟ୍ରାକ୍ଟର ଡ୍ରାଇଭର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

# ଆଶାଜନକ ନୁହେଁ ଧାନର ଏମ୍‌ଏସ୍‌ପି ବୃଦ୍ଧି

**ବରଗଡ଼ ଅଫିସ୍,୭।୬**

କେନ୍ଦ୍ର ସରକାର ବୁଧବାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କାରୁ ୨୧୮୩ ଟଙ୍କା ଏବଂ ଗ୍ରେଡ୍-ଏ(ଏଫଏକ୍ୟୁ) ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କାରୁ ୨୨୬୩ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ସାଧାରଣ ଧାନରେ କୁଇଣ୍ଟାଲ ପ୍ରତି ୧୪୩ ଟଙ୍କା ଏବଂ ଗ୍ରେଡ୍-ଏ ଧାନରେ କୁଇଣ୍ଟାଲ ପ୍ରତି ୧୬୩ ଟଙ୍କା ବୃଦ୍ଧିକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଧାନର ଏଭଳି ସହାୟକ ମୂଲ୍ୟ ବୃଦ୍ଧି ଯୋଗୁ ଚାଷୀମାନେ ଲାଭବାନ ହେବେ ବୋଲି ଭାଜପା କହିଛି। ଡିଜେଲ, ପେଟ୍ରୋଲ, ଡାଲି, ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ସାର, କୀଟନାଶକ ଭଳି କୃଷିକ୍ଷେତ୍ରରେ ବ୍ୟବହୃତ ସାମଗ୍ରୀ ଦର ଯେଭଳି ବହୁଗୁଣିତ ହୋଇଛି, ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀଙ୍କ ପାଇଁ ଲଲିପପ୍ ସଦୃଶ ବୋଲି ବିରୋଧୀ କଂଗ୍ରେସ ଏବଂ ବିଜେଡ଼ି କହିଛି। ସେହିପରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଆଶାଜନକ ହୋଇପାରିନାହିଁ ବୋଲି ଚାଷୀ ସଙ୍ଗଠନ ଗୁଡ଼ିକ କହିଛନ୍ତି ।

### ସ୍ୱପ୍ନରେ ଚାଷୀଙ୍କ ୨ଗୁଣା ଆୟ



"ପ୍ରତି ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କେନ୍ଦ୍ର ସରକାର ବୃଦ୍ଧି କରିଥାନ୍ତି। କରୋନା ଯୋଗୁ ଚାଷୀଙ୍କ ଆର୍ଥିକ ଅବସ୍ଥା ଏପର୍ଯ୍ୟନ୍ତ ସୁଧୁରିନାହିଁ। ସେହିପରି ଏଥର ନିର୍ବାଚନ ବର୍ଷ। ଫଳରେ ଅନ୍ୟ ବର୍ଷ ତୁଳନାରେ ଶିଳ୍ପଜାତ ଦ୍ରବ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରବୃଦ୍ଧି ଅନୁପାତରେ ଏଥର ସରକାର ଧାନର ସହାୟକ ମୂଲ୍ୟ ଯଥେଷ୍ଟ ବୃଦ୍ଧି କରିବେ ବୋଲି ଚାଷୀମାନେ ଆଶା ରଖିଥିଲେ। କିନ୍ତୁ ତାହା ହେଲାନାହିଁ। ୨୦୦୮ରେ ଧାନର ଏମ୍‌ଏସ୍‌ପି ୧୩ପ୍ରତିଶତ ବୃଦ୍ଧି ହୋଇଥିବାବେଳେ ଏଥର କେବଳ ୬.୫୫ ପ୍ରତିଶତ ବୃଦ୍ଧି ପାଇଛି। ଚାଷୀଙ୍କୁ ଉତ୍ପାଦନ ଖର୍ଚ୍ଚ ମଧ୍ୟ ମିଳିବ ନାହିଁ ଏବଂ ୨ଗୁଣା ଆୟ ସ୍ୱପ୍ନରେ ରହିଯାଇଛି ।

**-ରମେଶ ମହାପାତ୍ର, ଚାଷୀନେତା**

### ଚାଷୀଙ୍କ ପାଇଁ ଉପହାସ



"କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନକୁ ତୀବ୍ର କରିଥିଲେ। ସରକାର ବାଧ୍ୟ ହୋଇ ସେହି ଆଇନ ପ୍ରତ୍ୟାହାର କରି ନେଇଥିଲେ। ସେତେବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦେବାକୁ ମଧ୍ୟ ଦାବି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ଦାବି ପୂରଣ ହୋଇନାହିଁ। ଅନ୍ୟପଟେ ସାର, କୀଟନାଶକର ଦରବୃଦ୍ଧି ବହୁଗୁଣିତ ହୋଇଛି। ସେହିପରି ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟରୁ ବଞ୍ଚିତ ହେଉଥିବାବେଳେ ବଜାର ବ୍ୟବସ୍ଥା ମଧ୍ୟ ଠିକ୍ ନାହିଁ। ଏଭଳି ସ୍ଥଳେ ଧାନ କି.ଗ୍ରା ପ୍ରତି ମାତ୍ର ୧ଟଙ୍କା ୪୩ ପଇସା ବୃଦ୍ଧି କରିବା ଚାଷୀଙ୍କ ପାଇଁ ଉପହାସ ସଦୃଶ ଛଡ଼ା ଅନ୍ୟ କିଛି ନୁହେଁ ।

**-ହର ବଣିଆ, ଚାଷୀନେତା**

### ୨୯୩୦ଟଙ୍କାକୁ ବୃଦ୍ଧି ହେଉ ଧାନର ଏମ୍‌ଏସ୍‌ପି



"ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ୨୦୧୮ ମସିହାରୁ ଦାବି ହୋଇ ଆସୁଛି। ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ତାକୁ କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ। କିନ୍ତୁ କେନ୍ଦ୍ରର ମୋଦି ସରକାର ରନ୍ଧନ ଗ୍ୟାସଠାରୁ ଆରମ୍ଭ କରି ଡିଜେଲ, ପେଟ୍ରୋଲ, ତେଲ, ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରକୁ ଯଥେଷ୍ଟ ବୃଦ୍ଧି କରିଛନ୍ତି। ଫଳରେ ଚାଷୀ, ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପୁଞ୍ଜିପତି ଲାଭବାନ ହେଉଛନ୍ତି। ଚାଷୀଙ୍କ ପ୍ରତି ଯଦି ଦରଦ ଅଛି କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରନ୍ତୁ।

**-ଦେବେଶ ଆଚାର୍ଯ୍ୟ, ବିଜେଡ଼ି ବିଧାୟକ**

### ନିର୍ବାଚନରେ ଜବାବ ଦେବେ ଚାଷୀ



"କେନ୍ଦ୍ରର ଭାଜପା ସରକାର ୨୦୧୪ରୁ ଶାସନକୁ ଆସିଛି। ଶାସନର ୯ବର୍ଷ ମଧ୍ୟରେ ଚାଷୀଙ୍କ ହିତ ପାଇଁ କିଛି ଯୋଜନା କରିନାହିଁ। ଅପରପକ୍ଷେ ଚାଷୀଙ୍କ ଉପରେ ଭାଜପା ସରକାର କିଭଳି ଅନ୍ୟାୟ, ଅତ୍ୟାଚାର କରିଛି, ତାକୁ ସାରା ଦେଶବାସୀ ଦେଖିଛନ୍ତି। ନୂତନ କୃଷି ଆଇନ ଆଣି ବିରୋଧ ପରେ ପ୍ରତ୍ୟାହାର କରିବା, ଧାନର ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ନଦେବା, ରାସାୟନିକ ସାର ଦର ଦ୍ୱିଗୁଣିତ କରିବା ଭଳି ଅନେକ ଦୃଷ୍ଟାନ୍ତ ରହିଛି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଭାଜପା ଚାଷୀଙ୍କୁ ଭକୁଆ ବନାଇବାକୁ ପ୍ରୟାସ କରୁଛି। ନିର୍ବାଚନରେ ଚାଷୀମାନେ ନିଶ୍ଚିତ ଭାବେ ଏହାର ଉଚିତ ଜବାବ ଦେବେ ।

**-ପାଣ୍ଡବ କର୍ଣ୍ଣ, କଂଗ୍ରେସ ନେତା**

### ସୁଦୃଢ଼ ହେବ ଚାଷୀଙ୍କ ଆର୍ଥିକ ସ୍ଥିତି



"କେନ୍ଦ୍ର ସରକାର ଚାଷୀଙ୍କ ହିତ ପାଇଁ ବହୁବିଧ ଯୋଜନା ହାତକୁ ନେଇଛନ୍ତି । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଭଳି ଅନେକ ଯୋଜନା ରହିଛି। ଚାଷୀମାନେ ଏହି ଯୋଜନାରୁ ଯେଭଳି ଉପକୃତ ହେଉଛନ୍ତି, ଏବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ଚାଷୀଙ୍କୁ ଆହୁରି ଲାଭାନ୍ୱିତ କରିବ। ବିଗତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ୧୦୦ ଟଙ୍କା ବୃଦ୍ଧି ହୋଇଥିଲା। କିନ୍ତୁ ଏଥର ସାଧାରଣ ଧାନରେ କୁଇଣ୍ଟାଲ ପ୍ରତି ୧୪୩ ଏବଂ ଗ୍ରେଡ୍-ଏ ଧାନରେ କୁଇଣ୍ଟାଲ ପ୍ରତି ୧୬୩ ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ନିଶ୍ଚିତ ଭାବେ ଆହୁରି ସୁଦୃଢ଼ ହେବ ।

**-ରବି ନାରାୟଣ ଦାଶ, ଭାଜପା ନେତା**

## ପାଟିରେ ମାଛ ପଶିଯିବାରୁ ଶ୍ରମିକଙ୍କ ମୃତ୍ୟୁ

**ଟିଟିଲାଗଡ଼, ୭।୬ (ଡି.ଏନ.ଏ)**

ଗ୍ରାମ ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ଏକ ମାଛ ପାଟିରେ ପଶିଯିବାରୁ ଟିଟିଲାଗଡ ବ୍ଲକ ଦିଗସିରା ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦ୍ର ମାଝୀ (୫୧)। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ଚନ୍ଦ୍ର ନିଜ କାମ ସାରି ଅପରାହ୍ନ ପ୍ରାୟ ୧ଟାରେ ପୋଖରୀରେ ଗାଧୋଉଥିବାବେଳେ ଏକ କଣ୍ଟାଯୁକ୍ତ କଉ ମାଛ ତାଙ୍କ ପାଟି ଭିତରେ ପଶିଯାଇଥିଲା। ତଣ୍ଟି ପାଖରେ ଉକ୍ତ ମାଛଟି ଅଟକି ଯାଇଥିବାବେଳେ ପରିବାର ଲୋକେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ତେବେ ଏଠାରୁ ଡାକ୍ତର ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ମଧ ଡାକ୍ତର ମାଛ ବାହାର କରି ନ ପାରି ବୁର୍ଲା ପଠାଇଥିଲେ। ରାତିରେ ବଲାଙ୍ଗିରରୁ ନେବା ବାଟରେ ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ଘରକୁ ମୃତଦେହ ଅଣାଯିବା ପରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ନେଇ ଟିଟିଲାଗଡ ବିଡିଓ ଏବଂ ତହସିଲଦାରଙ୍କୁ ଜଣାଇଥିବା ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବୈଷ୍ଣବ ମହାନନ୍ଦ କହିଛନ୍ତି। ଗରିବ ଚନ୍ଦ୍ରଙ୍କ ଦୁଇ ଝିଅ ଏବଂ ଦୁଇ ପୁଅ ଅଛନ୍ତି। ଘରେ ଏକମାତ୍ର ରୋଜଗାରକ୍ଷମ ଚନ୍ଦ୍ରଙ୍କ ମୃତ୍ୟୁ ନେଇ ପରିବାର ଚିନ୍ତିତ ହୋଇପଡିଛନ୍ତି। ଏନେଇ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

**ବରଗଡ଼ ଅଫିସ୍,୭।୬**

**ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ**

ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବୋଲି ଭାଜପା ଅଭିଯୋଗ କରିଛି। ବୁଧବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ଆଇନ ସେଲ୍‌ର ଜିଲା ସଂଯୋଜକ ମାନଭଞ୍ଜନ ତ୍ରିପାଠୀ କହିଥିଲେ, ୨୦୨୧ରୁ ଏପର୍ଯ୍ୟନ୍ତ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୧୫୫୨ ମୋବାଇଲ ଫୋନ ଚୋରି ହୋଇଛି। ସେଥିରୁ କେବଳ ୨୧୨ ମୋବାଇଲକୁ ପୋଲିସ ଉଦ୍ଧାର କରିଛି। ଏହାସହିତ ଜିଲାରେ ବେଆଇନ ମଦ, ଜୁଆ, ସଟ୍ଟା, କଫ ସିରପ୍ କାରବାର ବଢ଼ି ଚାଲିଥିବାବେଳେ ତାହା ରୋକିବାରେ ପୋଲିସ ନିଷ୍କ୍ରିୟ ହୋଇ ପଡ଼ିଥିବା ସେ ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଦଳର ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ମହେଶ୍ୱର ପାଣ୍ଡେ, ହୃଷୀକେଶ ଭୋଇ, ହୃଷୀକେଶ ବେହେରା, ରାଜାରାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦିନ ଦ୍ୱିପ୍ରହରରେ ଲୁଟ୍, ଆକ୍ରମଣ, ହତ୍ୟାକାଣ୍ଡ ଘଟୁଥିବା ସେମାନେ ଅଭିଯୋଗ କରିଥିଲେ। ବରଗଡ଼ ରେଳ ଷ୍ଟେଶନରେ ନିକଟରେ ଜଣେ ସିଆରପିଏଫ୍ ଯବାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାବେଳେ ଗାଇସିଲେଟ ଥାନା ଆଇଆଇସି ଭିଜିଲାନ୍ସ ଜାଲରେ ପଡ଼ିବା ଘଟଣାରୁ ପୋଲିସ ବିଭାଗରେ କିଭଳି ଦୁର୍ନୀତି ଚାଲିଛି, ତାହା ସ୍ପଷ୍ଟ ଅନୁମେୟ ବୋଲି ସେମାନେ କହିଥିଲେ। ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ରାଜ୍ୟର ଗୃହ ବିଭାଗ ବିଫଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ ।

## ବିକ୍ଷୋଭ ପ୍ରଦର୍ଶନ କଲା ଅମଲା ସଂଘ

**ବରପାଲି,୭।୬(ଡି.ଏନ.ଏ.)**

ଜିଲାସ୍ତରୀୟ ମିଳିତ ଅମଲା ସଂଘର ବରପାଲି ଶାଖା ପକ୍ଷରୁ ବୁଧବାର ବରପାଲି ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମାନ ଶିକ୍ଷାଗତ ଯୋଗ୍ୟତାକୁ ସମାନ ଦରମା ଦାବି ନେଇ ୬ଦିନ ହେଲା ରାଜ୍ୟ ସାରା ଅମଲାମାନେ କଲମ ଛାଡ ଆନ୍ଦୋଳନରେ ଯୋଗ ଦେଇଥିଲେ ମଧ ଆଜି ଯାଏଁ ସରକାର କୌଣସି ନିର୍ଭର ପ୍ରତିଶ୍ରୁତି ଦେଇ ନ ଥିବାରୁ ବୁଧବାର ସଂଘ ପକ୍ଷରୁ ବ୍ଲକ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସଂଘର ସମ୍ପାଦକ ଜ୍ଞାନ ପ୍ରକାଶ ସାହୁଙ୍କ ସମେତ ସଞ୍ଜୟ ଭୋଇ, ଦେବଦତ୍ତ ବଢେଇ, ଆନନ୍ଦିନୀ ଦେବତା, ସରୋଜ ବଢେଇ, ଅନୁସୟା ମାଝୀ, ଅତୁଲ ପଟେଲ, ଉତ୍ତର ଷାଣ୍ଢ, ଅକ୍ଷୟ ଭୋଇ, ନନ୍ଦିନୀ କୁମ୍ଭାର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଚାରାଧୀନ ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୭।୬**

**ଝିକିଝିକି ଗଣହତ୍ୟା ଘଟଣା**

ବରଗଡ଼ ଜିଲା ଭଟଲି ଥାନା ନାରଙ୍ଗପୁର ପଞ୍ଚାୟତ ଝିକିଝିକି ଗ୍ରାମରେ ଗତ ମେ' ୨୩ତାରିଖ ସଂଘଟିତ ଗଣହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଶିବ ବାଗ(୫୮)ଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସେ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିବାବେଳେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଜେଲ୍ କର୍ମଚାରୀ ତାଙ୍କୁ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସନ୍ଧ୍ୟା ୬ଟା ୨୫ମିନିଟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ତାଙ୍କ ମୃତଦେହ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ପୁନିରାମ ବାଗଙ୍କୁ ପଚାରିବାରୁ ସେ କହିଥିଲେ, ଗତ ମେ ୨୪ତାରିଖରୁ ମୃତ ଶିବ ସବଜେଲ୍‌ର ୱାର୍ଡ ନଂ-୬ରେ ରହି ଆସୁଥିଲେ। ବୁଧବାର ସକାଳେ ତାଙ୍କର ପରିସ୍ରା ହେଉ ନ ଥିବା ଶିବ ବାଗ କହିଥିଲେ। ଫଳରେ ଜେଲ କର୍ମଚାରୀମାନେ ତାଙ୍କୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ବାଗ କହିଛନ୍ତି।

ଉଲ୍ଲେଖନୀୟ, ଗତ ମେ ୨୨ତାରିଖରେ ଜମିଜମା ବିବାଦ ତଥା ପୂର୍ବ ଶତ୍ରୁତା କାରଣରୁ ଅଭିଯୁକ୍ତ ଶିବ ତାଙ୍କ ସ୍ତ୍ରୀ ପାର୍ବତୀ(୫୦), ପୁଅ ନକୁଳ(୨୭)ଙ୍କ ସହ ମିଶି ଗ୍ରାମର ଗୁରୁଦେବ, ସ୍ତ୍ରୀ ଶିବାଗ୍ରୀ(୪୦), ପୁଅ ଚୂଡ଼ାମଣି(୧୫) ଏବଂ ଝିଅ ଶ୍ରାବଣୀ(୧୦)ଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଘଟଣାର ପରଦିନ ପୋଲିସ ମୃତଦେହ ଉଦ୍ଧାର ସହ ଭଟଲି ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୧୮।୨୩) ରୁଜୁ କରିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଶିବ, ସ୍ତ୍ରୀ ପାର୍ବତୀ ଏବଂ ପୁଅ ନକୁଳଙ୍କୁ ଗିରଫ କରିଥିଲା ଏବଂ ମେ ୨୪ରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଥିଲା।

## ଯାଦବ କଲ୍ୟାଣ ମଣ୍ଡପର ଭୂମି ପୂଜନୋତ୍ସବ

**ପଦ୍ମପୁର/ଝାରବନ୍ଧ,୭।୬(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଝାରବନ୍ଧଠାରେ ଯାଦବ ସମାଜର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଭୂମିପୂଜନ କରିଛନ୍ତି। ଅମୃତ ବନଛୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯାଦବ ସାଂସ୍କୃତିକ ସଭାପତି ରାଜୁ ଘିବେଲା, ନନ୍ଦଲାଲ ମହାପାତ୍ର, ହୃଷୀକେଶ ବରିହା, ବିଜୟ କେତନ ପ୍ରଧାନ, ଆଞ୍ଚଳିକ ଯାଦବ ସମାଜ ସଭାପତି ଧ୍ରୁବଚରଣ ହାତୀ, ରାଜବୋଡାସମ୍ବର ଯାଦବ ସମାଜ ଉପସଭାପତି ସତ୍ତୁ ଥପା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆରଦ୍ରା କୁମାର ବାଗ ମଞ୍ଚ ପରିଚାଳନା କରିଥିଲେ। ମୀନ ବାଗ, ଦେବାର୍ଚ୍ଚନ ବାଗ, କଂଗ୍ରେସ ହଂସ, ଦିବ୍ୟ କିଶୋର ପାଣ୍ଡେ, ଯୁବ ଯାଦବ ସମାଜ ସଭାପତି ଉମେଶ ବନଛୋର ଓ ସମସ୍ତ ଗ୍ରାମ ପଞ୍ଚାୟତର ଯାଦବ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପରୀକ୍ଷାରେ ସଫଳତା ପାଇଥିବା ଆଦ୍ୟାଶା ବନଛୋର, ରୀତାଞ୍ଜଳି ଥପା, ଜ୍ୟୋସ୍ନା ମଲ୍ଲିକ, ମେଘା ବାଗ, ବିଦ୍ୟୁସ୍ମିତା ବାଗ, ସ୍ମୃତି ସମୀକ୍ଷା ହାତୀ, ସ୍ୱସ୍ତି ଶୋଭାଙ୍ଗି ବାଗ, ବର୍ଷା ପୋଢଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।





ବିଧାୟିକା ଯାଦବ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଘର ପୋଡ଼ିଦେଲେ ଦୁର୍ବୃତ୍ତ

**ସଇଁତଲା, ୭।୬ (ଡି.ଏନ.ଏ)**

ସଇଁତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ଫାଣ୍ଡି ଦୁକାଲ ଘାଟ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଜଣକ ଘର ପୋଡ଼ିଦେଇଥିବା ସହ ଜୀବନରେ ମାରିଦେବାର ଧମକ ଦେଇଥିବା ଟିକ୍ରାପଡ଼ା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଟିକ୍ରାପଡ଼ା ପଞ୍ଚାୟତ ଦୁକାଲଘାଟ ଗ୍ରାମର ବୁଲୁ ବନଗୁଲା (୨୫) ମଙ୍ଗଳବାର ରାତିରେ ଖାଇସାରି ପରିବାର ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ସହ ତାଙ୍କ ସ୍ତ୍ରୀ ପିନ୍ଧିଥିବା ସୁନାହାର ନେଇଯାଇ ପରିବାରର ସମସ୍ତଙ୍କୁ ମାଡ଼ ମାରିଥିଲେ। ପରେ ତାର ଘରକୁ ନିଆଁ ଲଗାଇଦେଇଥିଲେ।

## ବରଗଡ଼ ଜାଗୁଆର, ବୁଲ୍ସ ବିଜୟୀ

**ବରଗଡ଼ ଅଫିସ୍,୭।୬**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ମହମ୍ମଦ ସଲିମ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଜାଗୁଆର ଦଳ ବିଜୟୀ ହୋଇଛି । ବରଗଡ଼ ଜାଗୁଆର ଦଳ ଟସ୍ ଜିତି ବ୍ୟାଟିଂ କରିବା ପାଇଁ ପ୍ରତିପକ୍ଷ ସ୍ୱାଗ ହିଟର୍ସକୁ ଆମନ୍ତ୍ରଣ କରିଥିଲା। ଦଳର ଦେବେଶ ବଗାରଙ୍କ ୩୫, ସ୍ୱରାଜ ନାଗଙ୍କ ୨୭, ଅମିତ ମହାରଣାଙ୍କ ୨୮ରନ ସହାୟତାରେ ସ୍ୱାଗ ହିଟର୍ସ ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ୍ ହରାଇ ୧୬୦ରନ ସଂଗ୍ରହ କରିଥିଲା। ବରଗଡ଼ ଜାଗୁଆର ଦଳ ପକ୍ଷରୁ ସୋମେଶ ମାହାଣା ୨୩ରନ ବିନିମୟରେ ୩, ପ୍ରିୟାଂଶୁ ଦାଶ ୨୭ରନ ବିନିମୟରେ ୨, ଅତୁଲ୍ୟ କର୍ଣ୍ଣ ୩୬ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବରଗଡ଼ ଜାଗୁଆର ଦଳର ସନ୍ଦେଶ ସୁବାସ ରଞ୍ଜନ ପୂଜାରୀଙ୍କ ୫୧, ଦୀପକ ବେହେରାଙ୍କ ୪୩, ଶ୍ରୀକାନ୍ତ ପ୍ରଧାନଙ୍କ ୨୯ରନ ସହାୟତାରେ ୫ଉଇକେଟ୍ ହରାଇ ୧୬୫ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ତାପସ ପ୍ରଧାନ ୩୨ରନ ବିନିମୟରେ ୨, ଗୌର ଗୋପାଳ ଦାଶ ୨୮ରନ୍ ବିନିମୟରେ ୨ ଏବଂ ସାଜନ ସାହୁ ୨୮ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ ।

ସେହିପରି ମଙ୍ଗଳବାର ବରଗଡ଼ ବୁଲ୍ସ ଏବଂ ବରଗଡ଼ ଲାୟନ୍ସ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ବୁଲ୍ସ ବିଜୟୀ ହୋଇଥିଲା। ବରଗଡ଼ ଟାଇଟନ୍ସ ଦଳ ପ୍ରଥମେ ବ୍ୟାଟିଂ କରି ଦଳର ଅକ୍ଷୟ ତନସନାଙ୍କ ୪୯, ଗୋବିନ୍ଦ ଦୋରାଙ୍କ ୨୫ରନ ସହାୟତାରେ ୭ଉଇକେଟ୍ ହରାଇ ୧୬୮ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ଦେବବ୍ରତ ପ୍ରଧାନ ୨୦ରନ ବିନିମୟରେ ୩, ଅମରଜିତ ସିଂ ୨୪ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ଜବାବରେ ବରଗଡ଼ ବୁଲ୍ସ ଦଳର ଅଜିତ ସ୍ୱାଇଁଙ୍କ ୪୯, ସୁଶାନ୍ତ ଗୁପ୍ତାଙ୍କ ୪୪, ଅବିନାଶଙ୍କ ସିଂଙ୍କ ୨୬ରନ ସହାୟତାରେ ୭ଉଇକେଟ୍ ହରାଇ ୧୭୨ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ସୋମେଶ ମାହାନା ୩୨ରନ ବିନିମୟରେ ୨, ଆଜାଦ ପ୍ରଧାନ ୩୨ରନ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ। ଚୂଡ଼ାମଣି ପାଢ଼ୀ, ସଞ୍ଜୟ ନାୟକ, ଅକ୍ଷୟ ସାହାଣୀ, ହନୁ ଅଗ୍ରୱାଲ ମ୍ୟାଚ୍ ପରିଚାଳନା କରିଥିଲେ ।

## ଗଡଗଡଦଲା ଗାଁରେ ଜଳକଷ୍ଟ

**ବରପାଲି,୭।୬(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ଲେଣ୍ଡା ଗ୍ରାମପଞ୍ଚାୟତର ଗଡଗଡଦଲା ଗ୍ରାମରେ ପାଣି ସମସ୍ୟା ଦେଖାଦେଇଛି। ଫଳରେ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବରପାଲି ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଏହି ଗାଁରେ ପାଣି ସମସ୍ୟା ରହିଥିଲେ ମଧ୍ୟ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବରଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ଲେଣ୍ଡା ଗ୍ରାମପଞ୍ଚାୟତର ଗଡଗଡଦଲା ଗାଁର ଜନସଂଖ୍ୟା ପ୍ରାୟ ଏକ ହଜାର ହେବ। ଏହି ଗ୍ରାମର ମୁଖ୍ୟ ବ୍ୟବସାୟ ହେଲା ଗୋ ପାଳନ। ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଗୋଟିଏ ବନ୍ଧ (ପୋଖରୀ) ଓ ଗୋଟିଏ ମୁଡ଼ା (କ୍ଷୁଦ୍ର ପୋଖରୀ) ରହିଛି । ତେବେ ଗ୍ରୀଷ୍ମଋତୁ ପୂର୍ବରୁ ଏହି ଜଳାଶୟ ଶୁଖିଲା ପଡ଼ି ରହିଛି। ଏପରିକି ପୋଖରୀ ଭିତରେ ଅପରାହ୍ନରେ ପିଲାମାନେ କ୍ରିକେଟ ଖେଳୁଛନ୍ତି। ୨୦୨୧ରେ ୫ ଲକ୍ଷ ଟଙ୍କାର ମାଟି କାମ କରାଯାଇଥିବା ବନ୍ଧ ହୁଡ଼ାରେ ଲାଗି ଥିବା ଏକ ନାମଫଳକରୁ ଜଣାପଡ଼ିଥିଲା। ଏ ନେଇ ଗ୍ରାମବାସୀଙ୍କୁ ପଚାରିବାରୁ କାମ ଠିକ୍‌ରେ ହୋଇ ନ ଥିବାରୁ ଆଜି ଏହି ଅବସ୍ଥା ବୋଲି କହିଥିଲେ। ଗ୍ରାମର ସମୁଦାୟ ୮ଟି ନଳକୂପରୁ ଯଥେଷ୍ଟ ପାଣି ବାହାରୁନାହିଁ। ଗ୍ରାମରେ ଜଳାଭାବ ଯୋଗୁ ସମସ୍ତେ କଷ୍ଟ ଭୋଗୁଛନ୍ତି। ଏ ନେଇ ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ପଚାରିବାରୁ ତୁରନ୍ତ ଗଡଗଡଦଲା ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।



ଗାଁରେ ଶୁଖିଲା ପଡିଥିବା ପୋଖରୀ।

## ସଂକ୍ଷେପରେ

### ଟାଉନ ହାଇସ୍କୁଲର ଆଲୁମ୍ନି ବୈଠକ

ସମ୍ବଲପୁର,୭।୬(ବ୍ୟୁରୋ): ନୃସିଂହ ଗୁରୁ ଟାଉନ ହାଇସ୍କୁଲ ଆଲୁମ୍ନି ବୈଠକ ସଭାପତି ଡ. ପରେଶ ଦାନି ସଭାପତିତ୍ୱ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଅଡିଟୋରିୟମ ପୁନରୁଦ୍ଧାର ତଥା ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ନିଯୁକ୍ତି, ଅବିଲମ୍ବେ ସ୍କୁଲ ଜାଗାର ପଟ୍ଟା ପ୍ରଦାନ, ସ୍କୁଲ ଗୃହର ମରାମତି ଦାବି କରିଥିଲେ। କୈଳାଶ ମିସ୍ତ୍ରୀ ଗତ ସମାବେଶର ଆୟବ୍ୟୟ ପାଠ କରିଥିଲେ। ଗୋରେଖ ଲାଲ ଦାଶ, ବିଜୟ ପ୍ରଧାନ, ହରିଶ କକଡ, ଅମୂଲ୍ୟ ମିଶ୍ର ସ୍କୁଲ ପାଇଁ ବିଭିନ୍ନ ଉପାଦେୟ ବିଷୟରେ ଆଲୋଚନା କରିଥିଲେ । ଅଶୋକ ପଣ୍ଡା, କୁଶ ସାହୁ, ଦୀପକ ବେହେରା, ହରିଶ କକଡ, ଧଜ ସାହୁ, ଦିଲୀପ ମିଶ୍ରଙ୍କୁ ଆଜୀବନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଶେଷରେ ଉପସଭାପତି ଅଖିଳ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଫାଇଲେରିଆ ନିରାକରଣ ସଚେତନତା ସଭା

କୁଚିଣ୍ଡା,୭।୬(ଡି.ଏନ.ଏ.): କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକସ୍ତରୀୟ ଫାଇଲେରିଆ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ସାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ଈଶ୍ୱର ଚନ୍ଦ୍ର ମୁଣ୍ଡା ଯୋଗଦେଇ ଫାଇଲେରିଆର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆସନ୍ତା ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହେବାକୁ ଯାଉଛି। ତେଣୁ ଏହାକୁ ସଫଳ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିରେ ଅତିରିକ୍ତ ବିଡିଓ ସହଦେବ ନନ୍ଦ, ବିପିଏମ୍ ଟିପେନ୍ସନ ବେହେରା ଯୋଗଦେଇ ଆଲୋଚନା କରିଥିଲେ। ୧୭ଗୋଟି ପଞ୍ଚାୟତର କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଏମ୍‌ବିକେମାନେ ଉପସ୍ଥିତ ଥିଲେ। କୁନ୍ତରା ସ୍ୱାସ୍ଥ୍ୟକେନ୍ଦ୍ରର ଭିବିଡିଟିଏସ୍ ସଞ୍ଜୟ ପଟେଲ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଶେଷରେ ଧନ୍ୟବାଦ ଦେଇଥିଲେ।

### ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ୧୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୭।୬(ଡି.ଏନ୍.ଏ.): ମାଟ୍ରିକ ପରୀକ୍ଷାରେ ଦେବଗଡ଼ ଜିଲାର ଶ୍ରେଷ୍ଠ ୧୦ ସ୍ଥାନରେ ଥିବା ଛାତ୍ରୀଛାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ଉପାଧ୍ୟାୟ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆବଶ୍ୟକୀୟ ଦିଗ ଉପରେ ଆଲୋକପାତ କରିବା ସହ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଏଫଓ ମଗର ଧାନାଜି ରାଓସ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗ ଦେଇଥିଲେ। ଜଲା ବିଜ୍ଞାନ ନିରୀକ୍ଷକ ଦୁଃଖୀ ବନ୍ଧୁ ଭୁକ୍ତା, ଲକ୍ଷ୍ମୀକାନ୍ତ ରାଉତରାୟ, ପ୍ରାଣବନ୍ଧୁ ଘଡେଇ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନାଲ କାମକୁ ନେଇ ଚାଷୀ ଅସନ୍ତୋଷ

- ଫାଟହୋଇ ଉଠିଯାଉଛି କଂକ୍ରିଟ
- ଡ୍ରଇଁ, ଏଷ୍ଟିମେଟ ଅନୁସାରେ ହେଉନି କାମ

ସମ୍ବଲପୁର,୭।୬(ବ୍ୟୁରୋ)

ଝୁଝୁମୁରା ବ୍ଲକରେ କ୍ଷୁଦ୍ର ଜଳସେଚନ (ଏମ୍‌ଆଇ) ବିଭାଗ ପକ୍ଷରୁ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା କେନାଲ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଗତବର୍ଷ କାମ ଆରମ୍ଭ ହେବା ସମୟରେ ଲୋକେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। କାମର ମାନ ଯାଞ୍ଚ କରା ନ ଗଲେ ଆଗାମୀ ଦିନରେ ଭିଜିଲାନ୍ସ ଦ୍ୱାରା ଯାଞ୍ଚ କରାଯିବାକୁ ଦାବି କରିବେ ବୋଲି ଚାଷୀମାନେ କହିଛନ୍ତି।

ଚାଷୀଙ୍କ ଅଭିଯୋଗକ୍ରମେ, ଜରାଙ୍ଗ ଗ୍ରାମ ଦେଇ ପୂର୍ବରୁ କେନାଲ ରହିଛି।


ଝୁଝୁମୁରା ଅଞ୍ଚଳରେ କେନାଲ କାମ କରାଯାଉଛି।

ଏହି କେନାଲ ପାଣିରେ ଲାଙ୍ଗବାହାଳ, ଜରାଙ୍ଗ, ଅମଲିପାଏନ, କୟାକୁଦ, ଘିଚାପାଲି, ଅନ୍ଧାରୀ ଆଦି ଗ୍ରାମର ଶହଶହ ଏକର ଜମି ଚାଷ ହୋଇଥାଏ। ଝରଣାପାଣି ପ୍ରବାହିତ ହେବା ସହ ଡ୍ୟାମ୍ ପାଣି ମଧ୍ୟ କେନାଲରେ ଆସିଥାଏ। କେନାଲ ପୁନଃଉଦ୍ଧାର କରିବା ପାଇଁ ଦାବି କରିବା ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ ନିର୍ମାଣ କାମ ହାତକୁ ନିଆଯାଇଥିଲା। ହେଲେ ଡ୍ରଇଁ ଓ ଏଷ୍ଟିମେଟ ଅନୁସାରେ କାମ ହେଉ ନାହିଁ। କଂକ୍ରିଟ ମିଶ୍ରଣରେ ଅନିୟମିତତା ହେବା ସହ ଢଳେଇ ମଧ୍ୟ ଠିକ୍ ଭାବେ ହେଉ ନାହିଁ। ଫଳରେ ଗୋଟିଏ ପଟେ କାମ ଚାଲୁଥିବାବେଳେ ଅନ୍ୟପଟେ କଂକ୍ରିଟରେ ଫାଟ ହୋଇ ଉଠିଯାଉଛି। ଯେଉଁଭଳି ଭାବେ କାମ ହେଉଛି ତାହା ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ କେବଳ ତାଗିଦ କରି ଛାଡି ଦେଉଛନ୍ତି। ତେଣୁ କାମର ମାନ ଯାଞ୍ଚ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏ ବିଭାଗୀୟ ଜେଇ ଲକ୍ଷ୍ମଣ ମାଝି କହିଛନ୍ତି, ଚାଷୀମାନେ କେନାଲ କାମ ନେଇ ଅଭିଯୋଗ କରିଛନ୍ତି। କାମର ମାନ ଯାଞ୍ଚ କରାଯିବ ବୋଲି ସେ କହିଥିଲେ।

# ପୋଲିସ ଏସ୍‌ଆଇଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର, ୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନାମରେ ଜଣେ ମହିଳା ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି। ବୁର୍ଲା ଥାନା ଅନ୍ତର୍ଗତ କିରବା ଅଞ୍ଚଳର ପରମିତା ଧଳ ନାମ୍ନୀ ମହିଳା ବୁଧବାର ପୋଲିସ ଅଧିକାରୀ ଅଭିନ୍ନ ମିଶ୍ରଙ୍କ ନାମରେ ସମ୍ବଲପୁର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ବୁର୍ଲା କିରବା ଛକରେ ସେ ଏକ ଚା' ଦୋକାନ କରିଛନ୍ତି। ହେଲେ ପୋଲିସ ଅଧିକାରୀ ଅଭିନ୍ନ ବାରମ୍ବାର ଦୋକାନକୁ ଆସି ମାସିକିଆ ବଟି ମାଗୁଛନ୍ତି। ରାତି ଅଧରେ ଦୋକାନକୁ ଆସି ସାମଗ୍ରୀ ଫିଙ୍ଗାଫିଙ୍ଗି କରି ଟଙ୍କା ନେଇଯାଉଛନ୍ତି। ପଚାରିଲେ ନିଶାଦ୍ରବ୍ୟ ବିକ୍ରି କରୁଥିବା ନେଇ ଯାଞ୍ଚ ହେଉଛି ବୋଲି ଧମକଚମକ ଦେଉଛନ୍ତି। ପୂର୍ବରୁ ମାସିକ ୧ହଜାର ଟଙ୍କା ନେଉଥିଲେ। ଏବେ ୩ହଜାର ଟଙ୍କା ନେବାକୁ ଦାବି କରିଛନ୍ତି। ନ ହେଲେ ମିଛ କେସ୍ କରି ଜେଲରେ ପୂରାଇଦେବାକୁ ଧମକ ଦେଉଛନ୍ତି। ଏହାସହ ଯେତେବେଳେ ଆସିଲେ ଶାରୀରିକ ସମ୍ପର୍କ ରଖିବାକୁ ମଧ୍ୟ ବାଧ୍ୟ କରୁଛନ୍ତି। ସ୍ୱାମୀ ପାରାଲିସିସ୍ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତେଣୁ ଚା' ଦୋକାନ କରି ପରିବାର ଚଳାଉଛି। କେବେ କେମିତି ନିଶାଦ୍ରବ୍ୟ ବିକ୍ରି କରେ। ଏହି ଅଞ୍ଚଳରେ ଅନେକ ଲୋକ ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ହେଲେ ଥାନା ଅଧିକାରୀ ବାରମ୍ବାର ଆକ୍ରୋଶମୂଳକ ଭାବରେ ମତେ ହଇରାଣ କରୁଛନ୍ତି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ ଅଭିନ୍ନ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ମହିଳା ଜଣକ ମୋତେ ବଦ୍‌ନାମ କରିବା ପାଇଁ ଚେଷ୍ଟା କରୁଛନ୍ତି। କାରଣ ବହୁ ବର୍ଷରୁ ସେ ନିଶା କାରବାର କରୁଛନ୍ତି। କିରବା ଗ୍ରାମବାସୀ ଏହାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଏକସପ୍ତାହ ଭିତରେ ତାଙ୍କ ଦୋକାନରୁ ବହୁ ପରିମାଣର ନିଶା ସାମଗ୍ରୀ ଜବତ ସହ ତାଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଛି। ତଦନ୍ତ ହେଲେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

# ଅନ୍ତେବାସୀ ଜ୍ୟୋତିଙ୍କ ହାତ ଧରିଲେ ପ୍ରତିପାଲ

## ଶିଶୁ ଯତ୍ନ ଅନୁଷ୍ଠାନରେ ଆଦର୍ଶ ବିବାହ

ସମ୍ବଲପୁର,୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ବରଗାଁ ଛଞ୍ଚାନପାଲିସ୍ଥିତ ରୁକ୍ମିଣୀଲାଠ ବାଲ ନିକେତନରେ ବୁଧବାର ଅନ୍ତେବାସୀ ଜ୍ୟୋତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ଼ର ପ୍ରତିପାଲ (ପ୍ରବୀଣ)ଙ୍କ ସହ ପାରମ୍ପରିକ ରୀତି ନୀତିରେ ଏହି ବିବାହ ସମ୍ପନ୍ନ ହୋଇଛି। ମାଙ୍ଗଳିକ କାର୍ଯ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସବିତା ଦାସ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ


ବାଳନିକେତନରେ ବିବାହ ଉତ୍ସବ।

ଆଶୀର୍ବାଦ ଦେଇଥିଲେ। ସମ୍ବଲପୁର ବାଟେମୁରାର ଜ୍ୟୋତିବାଇ ଅଗ୍ରୱାଲ ଓ ମଞ୍ଜୁ ଅଗ୍ରୱାଲ କନ୍ୟାଦାନ କରିଥିଲେ। ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଜିଲା ପ୍ରଶାସନ ତରଫରୁ ଏହି ଦମ୍ପତିକୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ଓପିଟିସିଏଲ୍ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୭।୬(ବ୍ୟୁରୋ)

ଓଡ଼ିଶା ଇଲେକ୍ଟ୍ରିସିଟି ପ୍ରଶାସନିକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଅନୁଷ୍ଠାନର ଆବାହକ ସୁବାସ କୁମାର ତିୱାରୀ ଏକ ପ୍ରେସ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ବହୁ ବର୍ଷ ହେବ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟଦକ୍ଷତା ଓ ସରକାରୀ ନିୟମ ଅନୁସାରେ ଗ୍ରେଡ ପେ ବୃଦ୍ଧି ପାଇଁ ଦାବି କରିଆସୁଛନ୍ତି। ହେଲେ କେବଳ ପ୍ରତିଶ୍ରୁତି ଦିଆଯାଉଛି। ଫଳରେ ଟିପିଡବ୍ଲୁଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିଏନ୍‌ଓଡିଏଲ୍, ଓପିଟିସିଏଲ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ମିଳିତ ଭାବେ ସ୍ୱର ଉତ୍ତୋଳନ କରୁଛନ୍ତ। ଗତ ୫ ତାରିଖରେ ଓପିଟିସିଏଲ୍ ସିଏମ୍‌ଡି ଓ ମାନବ ସମ୍ବଳ ନିର୍ଦ୍ଦେଶକଙ୍କୁ ଭେଟି ଦାବି ପତ୍ର ଦେବା ସହ ଆଲୋଚନା କରିଥିଲେ। ଗ୍ରେଡପେ ୪୨୦୦ କରିବାକୁ ଦାବି କରିଥିଲେ। ମିଳିତ ମଞ୍ଚର ଯୁଧିଷ୍ଠିର ବିଶ୍ୱାଳ, ଶିବ ପ୍ରସାଦ ସେଠୀ, ନିରୋଦ କୁମାର ଦାସ, ଅନିଲ କୁମାର ଦେବତା, ଅମିତ ମହାପାତ୍ର, ମୁକୁନ୍ଦ ମିର୍ଦ୍ଧା, ଚିନ୍ମୟ କୁମାର ରଥ, ଆଲୋଚନାରେ ଭାଗ ନେଇଥିଲେ।

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏମ୍‌ସିଏଲ୍ ପୁରସ୍କୃତ

ସମ୍ବଲପୁର,୭।୬(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମଙ୍ଗଳବାର କର୍ପୋରେଟ୍ ବର୍ଗ ଅଧୀନରେ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବାରୁ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛି। ସମାରୋହରେ କେନ୍ଦ୍ର ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସଚିବ ଅମ୍ରିତ ଲାଲ ମୀନା, କୋଇଲା ଇଣ୍ଡିଆ ଲିମିଟେଡ୍ ଅଧକ୍ଷ ପ୍ରମୋଦ ଅଗ୍ରୱାଲ, ଏମ୍. ନାଗାରାଜୁ ମଧ୍ୟ ଉପସ୍ଥିତ ଥିଲେ। କୋଇଲା ଇଣ୍ଡିଆ ଲିମିଟେଡ୍‌ର ଅଗ୍ରଣୀ ସହାୟକ କମ୍ପାନୀ ଏମ୍‌ସିଏଲ୍ କୋଇଲା ଖଣି ବ୍ୟବସାୟରେ ଉତ୍ପାଦନ ଓ ଉତ୍ପାଦକତା, ନିରାପତ୍ତା, ଗୁଣବତ୍ତାର କର୍ପୋରେଟ୍ ବର୍ଗରେ ସଫଳତା ପାଇଁ ଏହି ପୁରସ୍କାର ପାଇଛି। ବ୍ୟକ୍ତିଗତ ବର୍ଗରେ ମଧ୍ୟ ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଏମ୍‌ସିଏଲ୍ ଓ.ପି. ସିଂ, କେଶବ ରାଓ ନିର୍ଦ୍ଦେଶକ(ପର୍ସନାଲ), ପି.କେ. ପଟେଲ, ସିଭିଓ, ଜେ.କେ. ବୋରାହ, ନିର୍ଦ୍ଦେଶକ(ବୈଷୟିକ), ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ) ପୁରସ୍କାର ଜିତିଛନ୍ତି।


 କୋଇଲା ମନ୍ତ୍ରୀଙ୍କଠାରୁ ଏମ୍‌ସିଏଲ୍ ପୁରସ୍କୃତ ହେଉଛି।

# ସ୍ୱାଭିମାନ ରକ୍ଷା ପାଇଁ ଆନ୍ଦୋଳନ ତୀବ୍ର ହେବ



ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବିଶେଷ।

ସମ୍ବଲପୁର,୭।୬(ବ୍ୟୁରୋ)

## ହୀରାଖଣ୍ଡ ସାମ୍ମୁଖ୍ୟ ପ୍ରତିଷ୍ଠା ଦିବସ

ଓଡ଼ିଶା ସାଂସ୍କୃତିକ ସମାଜ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ହୀରାଖଣ୍ଡ ସାମ୍ମୁଖ୍ୟ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବରେ ନୃତ୍ୟଗୁରୁ ରଣଜିତ ନାଗ ଯୋଗଦେଇଥିଲେ। ହୀରାଖଣ୍ଡ ଅନନ୍ୟ କଳା ଓ ସଂସ୍କୃତିର ବାହକ। ଆଜି ସମଗ୍ର ବିଶ୍ୱରେ ଏହା ସ୍ୱୀକୃତି ଲାଭ କରିଛି। ଅଞ୍ଚଳର ସ୍ୱାଭିମାନ ରକ୍ଷା ସକାଶେ ହୀରାଖଣ୍ଡ ଆନ୍ଦୋଳନକୁ ତୀବ୍ରତର କରିବାକୁ ହେବ ବୋଲି ମତପ୍ରକାଶ ପାଇଥିଲା। ଉପସଭାପତି ଦୀପକ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଖିଳ ପଟ୍ଟନାୟକ ହୀରାଖଣ୍ଡ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଗୁରୁ ଗଙ୍ଗାଧର ଦାସ, ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା, ନାଟ୍ୟକାର ଅତିଶ କୁମାର ଶତପଥୀ, ସମ୍ବଲପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଯୁବଉଦୟନ ପାଇଁ ଏହାର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପଙ୍କଜିନୀ ମେହେର, ପ୍ରଶାନ୍ତ ପାଟଯୋଶୀ, ରାମାନୁଜ ପଣ୍ଡା ପ୍ରମୁଖ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁରୀ କବିତା ପାଠୋତ୍ସବରେ ଭାଗନେଇଥିବା କବି ଓ କବୟିତ୍ରୀମାନଙ୍କୁ ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ ପ୍ରଶଂସାପତ୍ର ବିତରଣ କରାଯାଇଥିଲା। ଡ. ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିବାବେଳେ ବିଜୟ ଲକ୍ଷ୍ମୀ ବେହେରା ଧନ୍ୟବାଦ ଦେଇଥିଲେ ।

## ଶ୍ୟାମ୍ ମେଟାଲିକ୍ସ ପକ୍ଷରୁ ରକ୍ତଦାନ ଶିବିର

ରେଙ୍ଗାଲି,୭।୬(ଡି.ଏନ୍.ଏ.)

ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ସରକାରୀ ଡାକ୍ତରଖାନାରେ ରକ୍ତଦାନ ଶିବିର ହୋଇଥିଲା। ସମ୍ବଲପୁର ରୋଟାରି କ୍ଲବ ଓ ରେଙ୍ଗାଲି ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିର ଆୟୋଜନରେ ରୋଟାରି କ୍ଲବ ସମ୍ବଲପୁରର ଆସିଷ୍ଟାଣ୍ଟ ଗଭର୍ନର ଏମ୍‌ଡି ପରଭେଜ ଅଲି ଖାନ, ପ୍ରେସିଡେଣ୍ଟ ପ୍ରମୋଦ ଅଗ୍ରୱାଲ, ସେକ୍ରେଟାରି ଆନନ୍ଦ ମିଶ୍ର, ବିଲାଲ ମଲ୍ଲିକ, ଶ୍ୟାମ ମେଟାଲିକ୍ସ ପକ୍ଷରୁ ନିପେଶ ରଞ୍ଜନ ନାଥ, ସରୋଜ ନାୟକ, ବାବୁଲୁ ରାଉତ, ବିନାୟକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁଯତ୍ନ ଅନୁଷ୍ଠାନର ୫ ଅନ୍ତେବାସୀଙ୍କୁ ବିବାହ ସହାୟତା

ସମ୍ବଲପୁର,୭।୬(ବ୍ୟୁରୋ)

ଜିଲାପାଳ ଅନନ୍ୟା ଦାସ ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ୫ ଅନ୍ତେବାସୀଙ୍କୁ ବୁଧବାର ୫୦ ହଜାର ଟଙ୍କା ଲେଖାଏ ବିବାହ ସହାୟତା ରାଶି ପ୍ରଦାନ କରିଛନ୍ତି। ରେଙ୍ଗାଲିର ଗଣେଶ ଖେଡ଼ିଆଙ୍କୁ ବିବାହ କରିଥିବା ଧନକଉଡା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ସୁରଭି ଖେଡ଼ିଆଙ୍କୁ ଜିଲାପାଳ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଧନକଉଡା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ କସ୍ତୁରୀ ମୁଣ୍ଡାଙ୍କୁ ଏହି ସହାୟତା ଦିଆଯାଇଛି। କସ୍ତୁରୀ ଶିବ ବିଭରଙ୍କୁ ବିବାହ କରି ବର୍ତ୍ତମାନ ବନ୍ଧପାଲି ଟିପିଲିମାରେ ରହୁଛନ୍ତି। ଧନକଉଡ଼ା ଶିଶୁ ଯତ୍ନ ଅନୁଷ୍ଠାନର ତରଙ୍ଗିନୀ ସାହୁ ଯିଏ କି ଦେଓଗଡ଼ର ଚୁନା ସାହୁଙ୍କୁ ବିବାହ କରିଛନ୍ତି ତାଙ୍କୁ ସହାୟତା ପ୍ରଦାନ କରାଯାଇଛି। ସେହିପରି ବଲାଙ୍ଗୀରରେ ବିବାହ କରିଥିବା ରୁକ୍ମିଣୀଲାଠ ବାଲ ନିକେତନର ଅନ୍ତେବାସୀ କୋମଳୀ ବଡେଇ ଓ ଗଣେଶ ସାହୁଙ୍କୁ ବିବାହ କରି ଧନକଉଡାରେ ରହୁଥିବା ରୁକ୍ମିଣୀଲାଠ ବାଲ ନିକେତନର ଅନ୍ତେବାସୀ ଅରୁଣା କାଟାଙ୍କୁ ସହାୟତା ଦିଆଯାଇଛି। ସହାୟତା ପ୍ରଦାନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ।

# ପାଉଁଶ ଡମ୍ପିଂ ଦ୍ୱାରା ପରିବେଶ ପ୍ରଦୂଷିତ

## ତହସିଲଦାରଙ୍କୁ ଅଭିଯୋଗ

କୁଚିଣ୍ଡା,୭।୬(ଡି.ଏନ୍.ଏ.)

କୁଚିଣ୍ଡା ବାଇପାସ୍ ରାସ୍ତା ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଝାରସୁଗୁଡ଼ା କାରଖାନାରୁ ନିର୍ଗତ ପାଉଁଶ ଡମ୍ପିଂ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବାରୁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ବେଆଇନ ପାଉଁଶ ଡମ୍ପିଂ ବନ୍ଦ ନେଇ ପଦକ୍ଷେପ ନେବାକୁ କୁଚିଣ୍ଡା ୱାର୍ଡ ନଂ.୯ର ଦୁଃଖବନ୍ଧୁ କିଷାନ କୁଚିଣ୍ଡା ତହସିଲଦାରଙ୍କଠାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।

ଦୁଃଖବନ୍ଧୁଙ୍କ ଅଭିଯୋଗକ୍ରମେ ଜାତୀୟ ରାଜପଥ କୁଣ୍ଡାପୋଷି ପେଟ୍ରୋଲ ପମ୍ପ ନିକଟରେ ରହିଥିବା ତାଙ୍କ ଘର ନିକଟରେ ବାମରା ବ୍ଲକ ଜରାବଗା ପଞ୍ଚାୟତ ଅଞ୍ଚଳର ଜଣେ ବ୍ୟକ୍ତି ଝାରସୁଗୁଡ଼ା ଅଞ୍ଚଳର


ଘର କାନ୍ଥକୁ ଲାଗି ପାଉଁଶରେ ରାସ୍ତା ନିର୍ମାଣ ଚାଲିଛି।

କାରଖାନାରୁ ନିର୍ଗତ ପାଉଁଶ ଆଣି ଦୀର୍ଘଦିନ ହେବ ଏଠାରେ ଡମ୍ପିଂ କରିଆସୁଛନ୍ତି। ବାରମ୍ବାର ମନା କରିବା ସତ୍ତ୍ୱେ ସେ କର୍ଣ୍ଣପାତ କରୁନାହାନ୍ତି। ପବନ ଦ୍ୱାରା ପାଉଁଶ ଉଡ଼ି ତାଙ୍କ ଘର ଓ ପାଖ ଜମିରେ ପଡୁଛି। କାରଖାନାରୁ ନିର୍ଗତ ପାଉଁଶ ବାହାରେ କିମ୍ବା କୌଣସି ଜନବସତିରେ ପକାଇବା ନିୟମ ବିରୁଦ୍ଧ। ହେଲେ ସମ୍ପୃକ୍ତ ବ୍ୟକ୍ତି ସିଧାସଳଖ ଏନ୍‌ଏସି ଅଞ୍ଚଳର ଜନବସତିରେ ପକାଉଥିବାରୁ ଏଥିରେ ସମସ୍ତେ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ଏଠାରୁ ବେଆଇନ ଡମ୍ପିଂ ହଟାଇବାକୁ ଦୁଃଖବନ୍ଧୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରସନ୍ନ ଟେଟେଙ୍କୁ ପଚାରିବାରେ ଅଭିଯୋଗ ଉପରେ ତଦନ୍ତକରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୨୫ ପରିବାରକୁ ଉଚ୍ଛେଦ କଲା ବନ ବିଭାଗ

## ସଂରକ୍ଷିତ ଜଙ୍ଗଲରେ ବେଆଇନ ବସତି ସ୍ଥାପନ

ନାକଟିଦେଉଳ,୭।୬(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ବସତି ସ୍ଥାପନ କରିଥିବା ୨୫ ପରିବାରକୁ ବୁଧବାର ବନ ବିଭାଗ ଉଚ୍ଛେଦ କରିଛି।

ସୂଚନା ଅନୁସାରେ ଦୀର୍ଘବର୍ଷ ହେବ ଝାଡ଼ଖଣ୍ଡର କେତେଜଣ ବ୍ୟକ୍ତି ଅଞ୍ଚଳକୁ ଆସି ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ବେଆଇନ ଭାବେ ବସବାସ କରିଆସୁଛନ୍ତି। ଏମାନଙ୍କ ଅବାଧ ପ୍ରବେଶ ଫଳରେ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଶାନ୍ତି ବ୍ୟାହତ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଥିଲେ। ଏପରିସ୍ଥଳେ ବନ ବିଭାଗ ପୋଲିସ ସହାୟତାରେ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲର ଟିଠେଇଦରଠାରେ ଜେସିବି



ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଉଛି।

ମେଶିନ ସାହାଯ୍ୟରେ ୧୫ ପରିବାରକୁ ଉଚ୍ଛେଦ କରିଥିଲା। ସେହିପରି ନିକଟସ୍ଥ ପଡ଼ିଆବାହାଲ ବନାଞ୍ଚଳରେ ସମ୍ବଲପୁର ବନବିଭାଗ ଚଢାଉ କରି ୧୦ ପରିବାରକୁ ଉଚ୍ଛେଦ କରିଛି। ରେଢାଖୋଲ ସହକାରୀ ବନ ସଂରକ୍ଷକ ଦେବୀପ୍ରସାଦ ରାଉତଙ୍କ ନେତୃତ୍ୱରେ ଚଢାଉ କରାଯାଇଥିବା ବେଳେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ନାକଟିଦେଉଳ ଭାରପ୍ରାପ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସିଣ୍ଡା ଥାନା ପୋଲିସ ସହିତ ନାକଟିଦେଉଳ ରେଞ୍ଜ ଅଫିସର ଅଶ୍ୱିନୀ କୁମାର ବେହେରା, ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଫିସର ସୁରେନ୍ଦ୍ର କୁମାର ସାହୁ, ଚାରମାଳ ରେଞ୍ଜ ଅଫିସର ଦର୍ଶନିଆ ଭୋଇ, ବଡ଼ମାଳ ରେଞ୍ଜ ଅଫିସର ପ୍ରଦୀପ କୁମାର ସେଠୀ, ବଡ଼ବାହାଲ ରେଞ୍ଜ ଅଫିସର ପ୍ରଜ୍ଞାପାରମିତା ଦୀପପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସମ୍ଭାଗସ୍ତରୀୟ କାର୍ଯ୍ୟାଳୟ ସହାୟକ କାର୍ଯ୍ୟଶାଳା

ବଲାଙ୍ଗୀର ଅଫିସ, ୭।୫: ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ଦକ୍ଷିଣ ପଶ୍ଚିମ ସମ୍ଭାଗ ବଲାଙ୍ଗୀର ଜିଲା କାର୍ଯ୍ୟାଳୟ ସହାୟକ କାର୍ଯ୍ୟଶାଳା ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମ ସମ୍ଭାଗ କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା ମୁଖ୍ୟଅତିଥି, ଚୁଡାପାଲି ସରସ୍ୱତୀ ଶିଶୁ ମନ୍ଦିର ପୂର୍ବତନ ସଭାପତି ଲୋକନାଥ କୁମୁରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲାର ଜିଲା ପ୍ରମୁଖ ରାମକୁମାର ମିଶ୍ର କାର୍ଯ୍ୟଶାଳା ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବଲାଙ୍ଗୀର ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଲକ୍ଷ୍ମୀନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବଲାଙ୍ଗୀର ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର କାର୍ଯ୍ୟଶାଳାର ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟଶାଳାରେ ଜିଲାର ୫ଟି ସଙ୍କୁଳରୁ ୪୧ ଜଣ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ସହବିଭାଗ ନିରୀକ୍ଷକ ମନୋରଞ୍ଜନ କର ଉପସ୍ଥିତ ଥିଲେ। ବିଦ୍ୟାଳୟ ସଭାପତି ନୃପଧର ନାହାକ, ଉପସଭାପତି କ୍ଷେତ୍ରବାସୀ ଭୋଇ, ସମ୍ପାଦକ ସୂର୍ଯ୍ୟମଣି ମେହେର, କୋଷାଧ୍ୟକ୍ଷ ଲମ୍ବୋଦର ପଟେଲ, ପ୍ରଧାନ ଆଚାର୍ଯ୍ୟ ଶମ୍ଭୁପ୍ରସାଦ ମହାକୁର, ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ କାର୍ଯ୍ୟଶାଳା ସମ୍ପାଦିତ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟଶାଳାର ଉଦ୍‌ଯାପନୀ ଦିବସରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

ବୌଦ୍ଧ/ବଘିଆପଡା,୭।୬ (ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ପୋଲିସ ଚଢାଉ କରି ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ନିକଟରେ ଦୁଇ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଗୁରୁଜିମୁଣ୍ଡା ପଟୁ ବୌଦ୍ଧ ଆଡକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ବୌଦ୍ଧ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଘିଆପଡା ଫରେଷ୍ଟ ଅଫିସ ନିକଟରେ ଜଗି ରହିଥିଲେ। ଏହି ସମୟରେ ବାଇକ୍‌ରେ ଆସୁଥିବା ଦୁଇଜଣ ବ୍ୟକ୍ତି ଙ୍କୁ ଦେଖି ସନ୍ଦେହରେ ଗାଡି ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ବସ୍ତାରେ ଥିବା ଗଞ୍ଜେଇ ଓ ବାଇକ୍ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ହରଭଙ୍ଗା ବ୍ଲକ ଲାଣ୍ଡିବନ୍ଧ ଗ୍ରାମର ରଞ୍ଜନ ବାଘ(୩୪) ଓ ରାଧାନଗର ଗ୍ରାମର ସ୍ୱାଧୀନ ଦେହୁରୀ(୨୫)ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଜବତ ହୋଇଛି। ଏନେଇ ବୌଦ୍ଧ ଥାନାରେ ନଂ ୨୨୪/୨୩ରେ ମାମଲା ରୁଜୁ ହୋଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବୌଦ୍ଧ,୭।୬(ସ୍ୱ.ପ୍ର.): ବୌଦ୍ଧ ଥାନା ଜହ୍ନାପଙ୍ଗ ଫାଣ୍ଡି ଅଧୀନ ରାମପୁର ଛକଠାରେ ବୁଧବାର ଅପରାହ୍ନରେ କେତେଜଣ ଯୁବକ ତେଲିବନ୍ଧ ଗ୍ରାମର ହରିହର ପ୍ରଧାନ (୪୦)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଆକ୍ରମଣର କାରଣ ଜଣାପଡିନାହିଁ। ପ୍ରକାଶ ଯେ, ହରିହର କୌଣସି କାମରେ ରାମପୁର ଆଡକୁ ଯାଉଥିବା ବେଳେ ଯୁବକମାନେ ତାଙ୍କୁ ବାଟରେ ଅଟକାଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକ ଏନେଇ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ମାଠିଆପଦରକୁ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଘୋଷଣା କର

ନୂଆପଡ଼ା ଅଫିସ,୭।୬



ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ ବୃନ୍ଦ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ମାଠିଆପଦର ଗାଁକୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା କରାଯାଉ। ଏ ନେଇ ବୁଧବାର ଗ୍ରାମବାସୀ ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୨ରେ ସରକାରଙ୍କ ପକ୍ଷରୁ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ଅନେକ ଗ୍ରାମକୁ ବୁଡି ଅଞ୍ଚଳ ଘୋଷଣା କରାଯାଇଥିଲା। କିନ୍ତୁ ମାଠିଆପଦର ଗାଁର ଜମି ସବୁ ପ୍ରକଳ୍ପରେ ବୁଡିଯାଇଥିବା ବେଳେ ଉକ୍ତ ଗାଁକୁ ବୁଡି ଅଞ୍ଚଳ ଘୋଷଣା କରାଗଲା ନାହିଁ। ତିଖାଲି ପ୍ରକଳ୍ପର ଏଫଆରଏଲ ଖୁଣ୍ଟ ଗାଁକୁ ଲାଗି ରହିଛି। ବର୍ଷା ଦିନରେ ପ୍ରକଳ୍ପର ପାଣି ଗାଁ ଭିତରକୁ ପଶି ଆସୁଛି। ଭବିଷ୍ୟତରେ ପ୍ରକଳ୍ପର ପାଣି ଗାଁକୁ ସମ୍ପୂର୍ଣ୍ଣ ମାଡି ଯିବାର ଆଶଙ୍କା ରହିଛି। ବର୍ଷା ଦିନ ହେଲେ ରାସ୍ତା ପାଣିରେ ବୁଡି ଯାଉଥିବରୁ ଯାତାୟାତରେ ଅସୁବିଧା ହେଉଛି। ଜମି ସବୁ ପ୍ରକଳ୍ପରେ ବୁଡିଯିବାରୁ ଗାଁରେ କୌଣସି ଚାଷ କରି ନ ପାରି ନିକମା ହୋଇ ଟଙ୍କିଆ ଚାଉଳ ଭରସାରେ ରହିଛୁ। କେତେ ଦିନ ଟଙ୍କିଆ ଚାଉଳ ଭରସାରେ ରହିବୁ। ଆମକୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା କରି ସହାୟତା ରାଶି ପ୍ରଦାନ କଲେ ଗାଁ ଛାଡି ଅନ୍ୟତ୍ର ଯାଇ ସୁଖ ଶାନ୍ତିରେ ଜୀବନ ଯାପନ କରିବୁ ବୋଲି ଗ୍ରାମବାସୀ କହିଛନ୍ତି। ଗିରିବ ସେନା ଆବାହକ ରବି ମଙ୍ଗରାଜଙ୍କ ସମେତ ଗ୍ରାମ୍ୟ କମିଟି ସଭାପତି ସୁବାସ କଟା, ସମ୍ପାଦକ ସାଗର କରୁଆ, ଉପସଭାପତି ଗଦାଧର ଶଗରିଆ, ସହସମ୍ପାଦକ ସନ୍ତୋଷ ବନଛୋର, କୋଷାଧ୍ୟକ୍ଷ ଚୂଡ଼ମଣି କରୁଆ, ପୁଷ୍ପ ଶଗରିଆ, ଶଶି କପୁର ବନଛୋର, କୈଳାସ କଟା, ଜଳନ୍ଧର କଟା, ଭଜନ ଶଗରିଆ, ସୁନ୍ଦର ଚିନ୍ଦା ପ୍ରମୁଖ ବୁଡି ଅଞ୍ଚଳ ଘୋଷଣା କରିବାକୁ ଦାବି କରିଛନ୍ତି।

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

# ପୂଜ୍ୟପୂଜା: ସଂସ୍କୃତି ଓ ସଂସ୍କାରର ଅସ୍ମିତା-ଶୀର୍ଷକ ଆଲୋଚନା

ଭବାନୀପାଟଣା,୭।୬(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଲେଖକ କଳା ପରିଷଦ ସଭାଗୃହରେ ପରିଷଦର ଉପସଭାପତି ଡ. ତପନ କୁମାର ରଥଙ୍କ ପୌରୋହିତ୍ୟରେ 'ପୂଜ୍ୟପୂଜା:ସଂସ୍କୃତି ଓ ସଂସ୍କାରର ଅସ୍ମିତା' ପ୍ରସଙ୍ଗ ନେଇ ମଙ୍ଗଳବାର ଏକ ସାରସ୍ୱତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ପୂଜ୍ୟାପୂଜା ଅନୁଷ୍ଠାନ ଓ କଳାହାଣ୍ଡି ଲେଖକ କଳା ପରିଷଦ ମିଳିତ ପ୍ରଯୋଜନାରେ ସାହିତ୍ୟିକ ସୀତାବଲ୍ଲଭ ମହାପାତ୍ର, ପରଶୁରାମ ଦ୍ୱିବେଦୀ, ରାମନାରାୟଣ ମିଶ୍ର, ବିରଜା ପ୍ରସାଦ ଶତପଥୀ, ରମାକାନ୍ତ ମିଶ୍ର ଓ ସୁବାସ ଚନ୍ଦ୍ର ସାହୁ ମଞ୍ଚାସୀନ ହୋଇଥିଲେ। ଏଥିରେ ପୂଜାପୂଜା ପରମ୍ପରାକୁ ଅଧିକ କ୍ରିୟାନ୍ୱୟନ କଲେ ଉତ୍ତର ପିଢ଼ି ମାଟିର ପ୍ରତିଭାଙ୍କୁ ମନେ ରଖିବେ। ଅନ୍ୟଥା ସମାଜ, ଜାତି ଓ ଦେଶ ପାଇଁ ସମର୍ପିତ ଆତ୍ମାଙ୍କୁ ଭୁଲି ଭବିଷ୍ୟତ ଭୁଲ୍ କରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଡ. ଦାଶରଥି ଆଚାର୍ଯ୍ୟ, ହେମନ୍ତ ମୁଣ୍ଡ, ଆଦିତ୍ୟ ମିଶ୍ର, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ସ୍ୱର୍ଣ୍ଣକାନ୍ତି ବୈକାର, ବିରଞ୍ଚି ନାରାୟଣ ମୁଣ୍ଡ, ରୂପକେଶରୀ ଦଳାଇ ପ୍ରମୁଖ ଭାଗ ନେଇଥିବାବେଳେ ଗୋପାଳ ସାହୁ, ସୌରଭ ମହାପାତ୍ର, ଶେଷଦେବ ମିଶ୍ର, ତାପସ ପଟେଲ ସହଯୋଗ କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା ଓ କୋଷାଧକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ଆୟୋଜିତ ଆଲୋଚନା ସଭାରେ ଉପସ୍ଥିତ ଅତିଥି।

# ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଉଦ୍‌ଯାପିତ



ଉଦ୍‌ଯାପନୀ ସମାରୋହରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଜୁନାଗଡ଼,୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗତ ୨୪ ତାରିଖଠୁ ଚାଲିଥିବା ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କର୍ମଶାଳା (ବନଜୋର୍) ଉଦ୍‌ଯାପିତ ହୋଇଯାଇଛି। ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କର୍ମଶାଳାରେ ୪୦ଜଣ ଖେଳାଳି ପ୍ରଶିକ୍ଷଣ ନେଇଥିଲେ। ସେମାନଙ୍କୁ କୋଚ୍ ରଞ୍ଜିତ କୁମାର ବାନ୍ଧ, ଗୌରୀ ଶଙ୍କର ବିଶି ଓ ନରେଶ୍ୱର ସୁନାନି ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ଦାସ, ସନ୍ଦୀପ କୁମାର ମିଶ୍ର, ମନୋରଞ୍ଜନ ଦାସ, ସୁରେନ କୁମାର ଗୋଏଲ, ମାନସ ରଞ୍ଜନ ସାହୁ, ଉମେଶ କୁମାର ଜୈନ, ନୀତିଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏଶନ୍ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସମୀର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଖେଳାଳିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସକାଶେ କ୍ୟାଣ୍ଡେଲ ଶୋଭାଯାତ୍ରା

ମୁରିବାହାଲ, ୭।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଙ୍କେଲ ଗ୍ରାମ ପଞ୍ଚାୟତ ସଦର ମହଲୁମାଠାରେ ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ରେଳ ଦୁର୍ଘଟଣାରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ନେତୃତ୍ୱରେ ବଙ୍କେଲ ଗ୍ରାମରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗତ ୨ ତାରିଖ ବାଲେଶ୍ୱର ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି, ଆହତ ହୋଇଥିବା ବ୍ୟକ୍ତିଙ୍କର ଆରୋଗ୍ୟ କାମନା କରିଥିଲେ। ଏହା ପରେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶହଶହ ଜନସାଧାରଣ ଯୋଗଦେଇଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ବେଶ ପାଣିଗ୍ରାହୀ, ତୁଷାର ବାଗ, ପୂର୍ଣ୍ଣ ସାହୁ, ଚନ୍ଦ୍ର ବାଗ, ମେଘ ବାଗ, ଖେତୁ ପାଣିଗ୍ରାହୀ, ରଜନୀ ବାଗ, ପ୍ରତିମା ଆଡ଼ୁଆଡ,ବଲ କୁମ୍ଭାର, ବଲମ ବରଗାଁ, କୁରୁପତି ଆଡ଼ୁଆଡ, ହୃଷୀ ଆଡ଼ୁଆଡ, ପଞ୍ଚା ବାଗ, ସନ୍ତ ମୁଗ୍ରୀ, ଦିଲୀପ ମହାନନ୍ଦ, ଲିଙ୍ଗ ଯାନୀ, ନିତ୍ୟା ନାଗ, ଜଗବନ୍ଧୁ ବାଗ, ରୋହିତ ଟାକ୍ରୀ, ବିଜୟ ବାଗ, ଦିଲୀପ ପୃଷ୍ଟି, ଜୟକିଶାନ ବାଗ, ଦୁର୍ଯ୍ୟୋଧନ ବେହେରା, କଷ୍ୟପ ସରାଫ, ପିଣ୍ଟୁ ଦୀପ, ବିନୋଦ ଦୀପ, ପାର୍ଥ ପ୍ରଧାନୀ ଲମ୍ବୁଧର ବରଗାଁ, ବରୁଣ ଲୁହା, ଅଗସ୍ତି ବାଗ, ମୋହନ ହାତୀ, ହରସି ଚନ୍ଦନ ସହିତ ଶହ ଶହ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ଶେଷରେ ସମସ୍ତେ ଏକାଠି ରୁଣ୍ଡହୋଇ ସେହି ଅମର ଆତ୍ମାମାନଙ୍କ ପାଇଁ ନିରବ ପ୍ରାର୍ଥନା କରିଥିଲେ।

# ବିଶ୍ୱ ପରିବେଶ ଦିବସରେ ଅଧ୍ୟାପକ ମୋହନ ଚରଣ ବିଶି ସମ୍ମାନିତ

କୋକସରା,୭।୬(ଡି.ଏନ.ଏ.)

ବିଶ୍ୱ ପରିବେଶ ଦିବସରେ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ସୋମବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୩୬ ବେଳକୁ ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବା ପାଇଁ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ବୃକ୍ଷ ରୋପଣ, ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଜଙ୍ଗିରା ଗ୍ରାମର ରମେଶ ଚନ୍ଦ୍ର ମିଶ୍ରଙ୍କୁ ପ୍ରେରଣା 'ଗ୍ରୀନମ୍ୟାନ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ମୁଖ୍ୟବକ୍ତା ଭାବେ ବିଶ୍ୱବ୍ୟାଙ୍କର ପରାମର୍ଶଦାତା ପ୍ରଫେସର କୁମରବର ଦାଶ, ଇଂ. ବିଶ୍ୱ ମୋହନ ପଟ୍ଟନାୟକ ଓ ମେଜର କଳ୍ପନା ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ମିଶ୍ରଙ୍କୁ 'ଗ୍ରୀନମ୍ୟାନ ସମ୍ମାନ' ପ୍ରଦାନ ସହ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା କଲେଜର ଅଧ୍ୟାପକ ତଥା ରେଡକ୍ରସ ପରାମର୍ଶ ଦାତା ପରିବେଶ ପ୍ରେମୀ ମୋହନ ଚରଣ ବିଷିଙ୍କୁ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ ଓ ପରିବେଶ ସଚେତନତା ପାଇଁ ସଭାର ମୁଖ୍ୟଅତିଥି ରାଉତ ମାନପତ୍ର ପ୍ରଦାନ କରିବା ସହ କଳାହାଣ୍ଡି ଜିଲା ଗ୍ରୀନ ଆର୍ମି କମାଣ୍ଡାଣ୍ଟ ଭାବେ ସମ୍ବର୍ଦ୍ଧିତ କରିଥିଲେ। ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମିର କମାଡାଣ୍ଟ ଡ. ଦିଲୀପ କୁମାର ଶ୍ରୀଚନ୍ଦନ ବିଷିଙ୍କ ପରିବେଶ ସଂରକ୍ଷଣ ଓ ସଚେତନତା କାର୍ଯ୍ୟକୁ ପ୍ରଶଂସା କରିଥିଲେ।




କାର୍ଯ୍ୟକ୍ରମରେ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମେଧାବୀ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସମାରୋହ

ବେହେରା,୭।୬(ଡି.ଏନ.ଏ.)



ଅତିଥିଙ୍କ ସହିତ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

କଳାହାଣ୍ଡି ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନ ମିଳିତ ଆନୁକୂଲ୍ୟରେ ମେଧାବୀ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଯାଇଛି। ସଙ୍ଗଠନ ସଭାପତି ଭବେଶ ଗଇଁତାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା ବିଜୟ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପଞ୍ଚାନନ ଦୁରିଆ, ସମ୍ମାନିତ ଅତିଥି ଭାବେ ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଶୁଶିଲା ଅଗ୍ରୱାଲ, ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ଚରଣ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଆଇନଜିବୀ ବିଶ୍ୱନାଥ କର ପ୍ରମୁଖ ଯୋଗଦେଇ ମେଧାବୀ ବିଦ୍ୟାର୍ଥୀମାନଙ୍କୁ ଏକ ସୁସ୍ଥ, ସମୃଦ୍ଧଶାଳୀ ସମାଜ ଗଠନ କରିବା ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ କରିଥିବା ବେଳେ କ୍ରିଡା ଶିକ୍ଷକ ସୁରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ଶୁଶିଲ ଚନ୍ଦ୍ର ନାଗ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୨ ବାଣିଜ୍ୟ କଳାହାଣ୍ଡି ଜିଲା ଟପ୍ପର ଛାତ୍ରୀ ତନିସା ବଂଶଲ ଏବଂ ଦଣ୍ଡପାଟ ଅଞ୍ଚଳର ଛାତ୍ର ଡୋଲେନ୍ଦ୍ର ଦୁରିଆଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଦଣ୍ଡପାଟ ଅଞ୍ଚଳର ୧୪ଟି ଉଚ୍ଚ ବିଦ୍ୟାଳୟର ୧୬ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସଂଯୋଜକ ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଦସ୍ୟ ଭିକାରୀ ଚରଣ ଗୋପାଳ, ଚାନ୍ଦିନୀ ଭୋଇ ଏବଂ ଉତ୍ପାଦକ ଗୋଷ୍ଠୀର ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

# ପରିବେଶକୁ ନେଇ ଚିନ୍ତନ ସଭା

ଟିଟିଲାଗଡ଼, ୭।୬(ଡି.ଏନ.ଏ)

ପରିବେଶରେ ଅସନ୍ତୁଳ, ପଡିଆ ଜମି, ଧ୍ୱଂସ ପ୍ରାୟ ଜଙ୍ଗଲ ସମ୍ପଦ, ରାସ୍ତା ପ୍ରଶସ୍ତୀକରଣ, ନୂତନ ରେଳ ଧାରଣା ତିଆରି ନେଇ ଟିଟିଲାଗଡ଼ ଅଞ୍ଚଳରେ ହଜାର ହଜାର ବୃକ୍ଷ କଟାଚାଲିଛି। ଏନେଇ ଗ୍ରୀଷ୍ମ ଋତୁରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇଛି। ଏହାର ପ୍ରଭାବ ସିଧାସଳଖ ଗରିବ ଶ୍ରମିକ, ଚାଷୀଙ୍କ ଉପରେ ପଡୁଥିବା ଟିଟିଲାଗଡ ବ୍ଲକ ଲୁଥୁରବନ୍ଧ ଖେଳ ପଡ଼ିଆଠାରେ ପ୍ରସ୍ତାବିତ ସାହାରା ବିଦ୍ୟୁତ୍ ପ୍ରକଳ୍ପ ବିରୋଧି ମଞ୍ଚ ପକ୍ଷରୁ ନଦୀ ଓ ପରିବେଶ ସୁରକ୍ଷା ଅଭିଯାନ ସପ୍ତାହ ଅବସରରେ ଉପସ୍ଥିତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏହାର ମୁକାବିଲା ପାଇଁ ସରକାରୀସ୍ତରରେ ଦୀର୍ଘ ମିଆଦି ଯୋଜନା ନ ହେଲେ ସାଧାରଣ ଜନତା ପୋକମାଛି ପରି ମରିବା ଭଳି ପରିସ୍ଥିତି ଉପୁଜିବା ସୁନିଶ୍ଚିତ। ଏନେଇ ନାଗରିକ ଆଗଭର ସହ ବିକଳ୍ପ ଚିନ୍ତା କରିବା ଆବଶ୍ୟକତା ରହିଥିବା ମତପ୍ରକାଶ ପାଇଥିଲା। ସାହାରା ପ୍ରକଳ୍ପ ବିରୋଧି ମଞ୍ଚର ଆବାହକ ବାଳକୃଷ୍ଣ ଷାଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନ୍ୟାଶନାଲ ଏଲାଏନ୍ସ ଅଫ ପିପୁଲ ମୁଭମେଣ୍ଟ (ଏନଏପିଏମ)ର ରାଜ୍ୟ ଆବାହକ ସତ୍ୟ ବନଛୋର, ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ, ମାନ୍ଧାତା ସ୍ମୃତି କମିଟି ଅଧକ୍ଷ କାଳିନ୍ଦ୍ରୀ ମାଝି, ଫଟୁ ମହାନନ୍ଦ, ରାଜେନ୍ଦ୍ର ଜାନୀ, ପ୍ରଫୁଲ୍ଲ ଛତର, ଖଗେଶ୍ୱର ଛତର, ଲଛମନ ବାଗ, ରାଜନ ଭୋଇ, ମଦନା ବାଗ, ଅହଲ୍ୟା ଭୋଇ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ସାହୁ, ବୈବସ୍ୱତ ସାହୁ, ତ୍ରିଲୋଚନ ସାହୁ, ଟେଙ୍ଗନା ଛତର, ଧ୍ରୁବ ଛତର, ଗୋକୁଳ ମାଝୀ, ଧନେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ଅତିଥି।

# ଶାସ୍ତ୍ରୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ କାୟାକଳ୍ପ କମାଣ୍ଡେବଲ ପୁରସ୍କାର

ବଲାଙ୍ଗୀର ଅଫିସ, ୭।୬




ଜିଲାପାଳ ଚଞ୍ଚଳ ରାଣା କାୟାକଳ୍ପ କମାଣ୍ଡେବଲ ପୁରସ୍କାର ପ୍ରଦାନ କରୁଛନ୍ତି।

ସାମାଜିକ ଅନୁଷ୍ଠାନ ନ୍ୟାଶନାଲ ପିସ୍ ୟୁନିସନ ପରିଚାଳିତ ଶାସ୍ତ୍ରୀନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତବର୍ଷର ସର୍ବୋତ୍କୃଷ୍ଟ କାୟାକଳ୍ପ କମାଣ୍ଡେବୁଲ ପୁରସ୍କାର ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟକାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣାଙ୍କଠାରୁ ଅନୁଷ୍ଠାନର ସ୍ୱାସ୍ଥ୍ୟସେବିକା ଗଣ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଉପପ୍ରୋଜେକ୍ଟ ମେନେଜର ରାମାନୁଜ ପଣ୍ଡା କାୟାକଳ୍ପ ପୁରସ୍କାର ଟ୍ରଫି ଓ ୫୦ ହଜାର ଟଙ୍କା ଅର୍ଥରାଶି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିଏମ୍‌ଓ ଡା. କୁବେର ମହନ୍ତ, ଅତିରିକ୍ତ ଜିଲା ଲୋକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି, ଡା. ସୁଧା ବାର୍ଲା, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ ଉପସ୍ଥିତ ଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟୋଜିତ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଚିକିତ୍ସାଳୟର ବିଭିନ୍ନ ଦିଗକୁ ଅନୁଧ୍ୟାନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚିକିତ୍ସାଳୟର ସବିଶେଷ ସ୍ୱଚ୍ଛତା, ପ୍ରତ୍ୟେକ ବିଭାଗ ଯଥା ସ୍ୱାସ୍ଥ୍ୟ ପରୀକ୍ଷାଗାର, ଡ୍ରେସିଂ କକ୍ଷ, ଓପିଡି କକ୍ଷ, ସ୍ୱାସ୍ଥ୍ୟ ବିଶେଷଜ୍ଞ କକ୍ଷ, ଔଷଧୀୟ ବଗିଚା ଓ ପରିବେଶ, ସ୍ୱାସ୍ଥ୍ୟ ସଙ୍ଗଠନର ସୁରକ୍ଷା ଓ ସୁନ୍ଦରତା ତଥା ଦାୟିତ୍ୱରେ ଥିବା ବିଭିନ୍ନ କର୍ମଚାରୀଙ୍କ ଦକ୍ଷତା ଇତ୍ୟାଦି ଉପରେ ଏହି ପୁରସ୍କାରକୁ ନିଶ୍ଚିତ କରାଯାଇଥାଏ। ଲଗାତାର ଭାବେ ୪ ବର୍ଷ ଧରି ଶାସ୍ତ୍ରୀନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ କାୟାକଳ୍ପ କମାଣ୍ଡେବଲ ପୁରସ୍କାର ଲାଭ କରୁଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟରଞ୍ଜନ ମିଶ୍ର ଓ ଚେୟାରମ୍ୟାନ ରବି ରଞ୍ଜନ ପୂଜାରୀ ଅନୁଷ୍ଠାନର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ସମ୍ଭାଗସ୍ତରୀୟ କାର୍ଯ୍ୟାଳୟ ସହାୟକ କାର୍ଯ୍ୟଶାଳା

**ବଲାଙ୍ଗୀର ଅଫିସ, ୭।୬:** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ଦକ୍ଷିଣ ପଶ୍ଚିମ ସମ୍ଭାଗ ବଲାଙ୍ଗୀର ଜିଲା କାର୍ଯ୍ୟାଳୟ ସହାୟକ କାର୍ଯ୍ୟଶାଳା ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମ ସମ୍ଭାଗ କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା ମୁଖ୍ୟଅତିଥି, ଚୁଡାପାଲି ସରସ୍ୱତୀ ଶିଶୁ ମନ୍ଦିର ପୂର୍ବତନ ସଭାପତି ଲୋକନାଥ କୁମୁରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲାର ଜିଲା ପ୍ରମୁଖ ରାମକୁମାର ମିଶ୍ର କାର୍ଯ୍ୟଶାଳା ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବଲାଙ୍ଗୀର ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଲକ୍ଷ୍ମୀନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବଲାଙ୍ଗୀର ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର କାର୍ଯ୍ୟଶାଳାର ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟଶାଳାରେ ଜିଲାର ୫ଟି ସଙ୍କୁଳରୁ ୪୧ ଜଣ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ସହବିଭାଗ ନିରୀକ୍ଷକ ମନୋରଞ୍ଜନ କର ଉପସ୍ଥିତ ଥିଲେ। ବିଦ୍ୟାଳୟ ସଭାପତି ରୂପଧର ନାହାକ, ଉପସଭାପତି କ୍ଷେତ୍ରବାସୀ ଭୋଇ, ସମ୍ପାଦକ ସୂର୍ଯ୍ୟମଣି ମେହେର, କୋଷାଧ୍ୟକ୍ଷ ଲମ୍ବୋଦର ପଟେଲ, ପ୍ରଧାନ ଆଚାର୍ଯ୍ୟ ଶମ୍ଭୁପ୍ରସାଦ ମହାକୁର, ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ କାର୍ଯ୍ୟଶାଳା ସମ୍ପାଦିତ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟଶାଳାର ଉଦ୍‌ଯାପନୀ ଦିବସରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

**ବୌଦ୍ଧ/ବଘିଆପଡା,୭।୬ (ସ୍ୱ.ପ୍ର./ଡି.ଏନ.ଏ.):** ବୌଦ୍ଧ ପୋଲିସ ଚଢାଉ କରି ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ନିକଟରେ ଦୁଇ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଗୁରୁଜିମୁଣ୍ଡା ପଟୁ ବୌଦ୍ଧ ଆଡକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ବୌଦ୍ଧ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଘିଆପଡା ଫରେଷ୍ଟ ଅଫିସ ନିକଟରେ ଜଗି ରହିଥିଲେ। ଏହି ସମୟରେ ବାଇକ୍‌ରେ ଆସୁଥିବା ଦୁଇଜଣ ବ୍ୟକ୍ତି ଙ୍କୁ ଦେଖି ସନ୍ଦେହରେ ଗାଡି ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ବସ୍ତାରେ ଥିବା ଗଞ୍ଜେଇ ଓ ବାଇକ୍ ଜବତ କରିଥିଲେ । ଏହି ଘଟଣାରେ ପୋଲିସ ହରଭଙ୍ଗା ବ୍ଲକ ଲାଣ୍ଡିବନ୍ଧ ଗ୍ରାମର ରଞ୍ଜନ ବାଘ(୩୪) ଓ ରାଧାନଗର ଗ୍ରାମର ସ୍ୱାଧୀନ ଦେହୁରୀ(୨୫)ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଜବତ ହୋଇଛି । ଏନେଇ ବୌଦ୍ଧ ଥାନାରେ ନଂ ୨୨୪/୨୩ରେ ମାମଲା ରୁଜୁ ହୋଇଛି ।



ନାଟକ ଅନ୍ଧାଯୁଗର ଏକ ଦୃଶ୍ୟ।

# ନାଟକ ଅନ୍ଧାଯୁଗ ମଞ୍ଚସ୍ଥ

## ସମର ଥିଏଟର ଫେଷ୍ଟିଭାଲ ଉଦ୍‌ଘାଟିତ

ରାଉରକେଲା ଅଫିସ, ୭।୬

ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ଓ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ସିଭିକ ସେଣ୍ଟର ଠାରେ ବୁଧବାର ସନ୍ଧ୍ୟାରେ ସମର ଥିଏଟର ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ସନ୍ଧ୍ୟାରେ ଆରଏସପି ଇଡ଼ି (ପିଏଣ୍ଡଏ) ପ୍ରମୋଦ ଶତପଥୀ ଏହାର ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଡ଼ି ରିଫ୍ରାକ୍ଟେରୀ କମ୍ପାନୀ ନିର୍ଦ୍ଦେଶକ ରାଜେଶ ସିଂ, ଏନ୍‌ଏସ୍‌ଡ଼ିର ପ୍ରାଧ୍ୟାପକ ଅରୁଣ ମଲ୍ଲିକ, ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେହିପରି ବଲିଉଡ୍ କଳାକାର ହିମାନୀ ଶିବପୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକାର ଧର୍ମବୀର ଭାରତୀଙ୍କ ରଚିତ ଓ ରାମ ଗୋପାଳ ବଜାଜଙ୍କ ନିର୍ଦ୍ଦେଶିକ ନାଟକ ‘ଅନ୍ଧାଯୁଗ’ ମଞ୍ଚସ୍ଥ ହୋଇଥିଲା। ମହାଭାରତ ଯୁଦ୍ଧର କାହାଣୀ ଉପରେ ଏହି ନାଟକ ଆଧାରିତ ଥିଲା। କୁରୁକ୍ଷେତ୍ରରେ କୁଢ଼ କୁଢ଼ ଶବ, ବିଚଳିତ ମହାଭାରତର ମହାଚରିତ୍ର ବିଦୁର, ଧୃତରାଷ୍ଟ୍ର ଓ ବିଚଳିତ ସୈନିକ ମାନଙ୍କ ମନୋଦଶା ଓ କୃଷ୍ଣଙ୍କ ଚରିତ୍ରକୁ ଜୀବନ୍ତ ଭାବେ ପରିବେଷଣ କରିଥିଲେ ବାହାର ରାଜ୍ୟରୁ ଆସିଥିବା କଳାକାରମାନେ। ପ୍ରାରମ୍ଭରେ ପ୍ରଫେସର ସମର ମୁଦୁଲି କାହାଣୀ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅନୀଲ ମଲ୍ଲିକ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଆରଏସପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଶଶାଙ୍କ ପଟ୍ଟନାୟକ, ଛାୟାକାନ୍ତ ଶର୍ମା, ବିଜୟ ପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଳୟ ଶତପଥୀ, ସସ୍ମିତା ବେଜଙ୍କ ସମେତ ବହୁ କଳାକାର ଓ ନାଟ୍ୟ ପ୍ରେମୀ ଉପସ୍ଥିତ ଥିଲେ।

## ପୂଜ୍ୟପୂଜା: ସଂସ୍କୃତି ଓ ସଂସ୍କାରର ଅସ୍ମିତା ଶୀର୍ଷକ ଆଲୋଚନା

ଭବାନୀପାଟଣା,୭।୬(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଲେଖକ କଳା ପରିଷଦ ସଭାଗୃହରେ ପରିଷଦର ଉପସଭାପତି ଡ. ତପନ କୁମାର ରଥଙ୍କ ପୌରୋହିତ୍ୟରେ ‘ପୂଜ୍ୟପୂଜା:ସଂସ୍କୃତି ଓ ସଂସ୍କାରର ଅସ୍ମିତା’ ପ୍ରସଙ୍ଗ ନେଇ ମଙ୍ଗଳବାର ଏକ ସାରସ୍ୱତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ପୂଜ୍ୟାପୂଜା ଅନୁଷ୍ଠାନ ଓ କଳାହାଣ୍ଡି ଲେଖକ କଳା ପରିଷଦ ମିଳିତ ପ୍ରଯୋଜନାରେ ସାହିତ୍ୟିକ ସୀତାବଲ୍ଲଭ ମହାପାତ୍ର, ପରଶୁରାମ ଦ୍ୱିବେଦୀ, ରାମନାରାୟଣ ମିଶ୍ର, ବିରଜା ପ୍ରସାଦ ଶତପଥୀ, ରମାକାନ୍ତ ମିଶ୍ର ଓ ସୁବାସ ଚନ୍ଦ୍ର ସାହୁ ମଞ୍ଚାସୀନ ହୋଇଥିଲେ। ଏଥିରେ ପୂଜାପୂଜା ପରମ୍ପରାକୁ ଅଧିକ କ୍ରିୟାନ୍ୱୟନ କଲେ ଉତ୍ତର ପିଢ଼ି ମାଟିର ପ୍ରତିଭାଙ୍କୁ ମନେ ରଖିବେ। ଅନ୍ୟଥା ସମାଜ, ଜାତି ଓ ଦେଶ ପାଇଁ ସମର୍ପିତ ଆତ୍ମାଙ୍କୁ ଭୁଲି ଭବିଷ୍ୟତ ଭୁଲ୍ କରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଡ. ଦାଶରଥି ଆଚାର୍ଯ୍ୟ, ହେମନ୍ତ ମୁଣ୍ଡ, ଆଦିତ୍ୟ ମିଶ୍ର, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ସ୍ୱର୍ଣ୍ଣକାନ୍ତି ବୈକାର, ବିରଞ୍ଚି ନାରାୟଣ ମୁଣ୍ଡ, ରୂପକେଶରୀ ଦଳାଇ ପ୍ରମୁଖ ଭାଗ ନେଇଥିବାବେଳେ ଗୋପାଳ ସାହୁ, ସୌରଭ ମହାପାତ୍ର, ଶେଷଦେବ ମିଶ୍ର, ତାପସ ପଟେଲ ସହଯୋଗ କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା ଓ କୋଷାଧ୍ୟକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ ଆଲୋଚନା ସଭାରେ ଉପସ୍ଥିତ ଅତିଥି।

## ମା’ ବାପାଙ୍କ ପ୍ରତିପୋଷଣ ପାଇଁ ଭିକ୍ଷାବୃତ୍ତି କରୁଛି ପୁଅ

ରାଉରକେଲା ଅଫିସ,୭।୬

ରାଉରକେଲା ବେଦବ୍ୟାସର ଗୋପାପାଳୀ ଝରାପଡ଼ାର ଜଣେ ୧୭ବର୍ଷର ବାଳକ ଦୁର୍ବଳ ଅବସ୍ଥାରେ ନିଜ ମା’ ବାପାଙ୍କ ପ୍ରତିପୋଷଣ ପାଇଁ ଭିକ୍ଷାବୃତ୍ତି କରୁଛନ୍ତି। କ୍ରିଷ୍ଟା ଝରା ଜନ୍ମରୁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମରି ମରି ବଂଚୁଛନ୍ତି। ଆର୍ଥିକ ଅଭାବରୁ କ୍ରିଷ୍ଟାଙ୍କ ଚିକିତ୍ସା ହୋଇ ପାରୁନାହିଁ। ଶୀରର ଚର୍ମ ଝଡ଼ୁଥିବା ବେଳେ ହାଡ଼ ପୋପରା ହେବାକୁ ବସିଲାଣି। କ୍ରିଷ୍ଟାଙ୍କ ପରିବାର କହିଲେ ମା’ ଗୁରୁବାରୀ(୩୭) ବାପା ମୁକୁନ(୫୧)। ଖାଦ୍ୟ ଅଭାବରୁ ଦୀର୍ଘବର୍ଷରୁ ମୁକୁନ୍ଦ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ଗୁରୁବାରୀ ମୁକୁନଙ୍କ ଦେଖାଶୁଣା କରୁଛନ୍ତି। କ୍ରିଷ୍ଟା ଦୈନିକ ଭିକ୍ଷାବୃତ୍ତି କରି ଯାହା ଦି ପଇସା ଆଣୁଛନ୍ତି ସେଥିରେ ପରିବାରର ଦୁଇଓଳି ପେଟପୁରା ଖଇବା ବ୍ୟବସ୍ଥା ହୋଇପାରୁନାହିଁ। ଏପଟେ ମୁଣ୍ଡ ଗୁଞ୍ଜିବା ପାଇଁ ନିଜର ବୋଲି ଘର ଖଣ୍ଡିଏ ନାହିଁ। ଜଣେ ବ୍ୟକ୍ତିଙ୍କ ଭଙ୍ଗା ଦଦରା ତାଳଛପର ମାଟି ଘରେ ଦୀର୍ଘ ୨୫ ବର୍ଷ ହେଲା ଜୀବନ ବିତାଇ ଆସୁଛନ୍ତି। ସରକାରୀ ଯୋଜନା କହିଲେ କେବଳ ମାସିକ ୧୫କେଜି ରାସନ ଚାଉଳ। ଏହାବ୍ୟତିତ ପରିବାରକୁ ଅନ୍ୟ କୌଣସି ପ୍ରକାରର ସରକାରୀ ସହାୟତା ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପରିବାରଟି ଦରିଦ୍ର ସୀମାରେଖ ତଳେ ଥିଲେ ସୁଦ୍ଧା ଏଏଓ୍ୱାଇ ସ୍କିମରେ ସାମିଲ କରାଗଲା ନାହିଁ। ପୂର୍ବରୁ ଯେଉଁ ଦାରିଦ୍ର ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଥିଲେ ସେମାନଙ୍କୁ ହିଁ ଏହାର ଲାଭ ମିଳିବ। ବର୍ତ୍ତମାନ ନୂଆଁ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ବନ୍ଦ ହୋଇଯାଇଛି। ଏମିତିକି ଏପର୍ଯ୍ୟନ୍ତ ରୋଗାଗ୍ରସ୍ତ କ୍ରିଷ୍ଟାର ଆଧାରକାର୍ଡ ମଧ୍ୟ ହୋଇପାରିନାହିଁ। ତୁରନ୍ତ ଗରିବ ଅସହାୟ ପରିବାର ପାଇଁ ସରକାର ଓ ପ୍ରଶାସନଙ୍କ ତରଫରୁ ଆବଶ୍ୟକୀୟ ସାହାର୍ଯ୍ୟ ସହଯୋଗ ଯୋଗାଇ ଦିଆଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ଆର୍‌ଏମ୍‌ସି ବିଏସ୍‌ଏସ୍‌ଓ ଚେତାବନୀ ବଡେଇଙ୍କୁ ପଚାରିବାରୁ, ଏ ବିଷୟ ନିଶ୍ଚିତ ଭାବେ ସମ୍ବେଦନଶୀଳ। ଗୁରୁବାର ଉକ୍ତ ପରିବାର ପାଖକୁ ଯାଇ ତାଙ୍କ ପାଖରୁ ପ୍ରାମାଣିକ ପତ୍ର ସଂଗ୍ରହ କରିବୁ। ଏହାପରେ ଆରଜିଏଚ୍‌ରେ ଅଜଣାରୋଗର ପୀଡ଼ିତ ପିଲାର ରୋଗ ସମ୍ପର୍କିତ ନିଦାନ ଖୋଜବୁ। ପରିବାରର ଯୋଗ୍ୟତା ମୁତାବକ ସରକାରୀ ଯୋଜନା ପ୍ରଦାନ ପାଇଁ ସମସ୍ତ ପ୍ରକାରର ସହଯୋଗ କରାଯିବା ବୋଲି କହିଥିଲେ। ଏସିଏସ୍‌ଓ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ , ବର୍ତ୍ତମାନ ଆଉ ଏଏଓ୍ୱାଇ ଯୋଜନାରେ ସାମିଲ କରିବା ଅସମ୍ଭବ। ପିଲାର ଆଧାରକାର୍ଡ ହେଲେ ତାଙ୍କ ନାଁରେ ରାସନ ଆଡ୍ କରାଯିବ ବୋଲି ଦର୍ଶାଇଥିଲେ।



ଘର ସମ୍ମୁଖରେ ରୋଗଗ୍ରସ୍ତ ମା’ଙ୍କ ସହ କ୍ରୀଷ୍ଟା।

## ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସକାଶେ କ୍ୟାଣ୍ଡେଲ ଶୋଭାଯାତ୍ରା

ମୁରିବାହାଲ, ୭।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଙ୍କେଲ ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ରେଳ ଦୁର୍ଘଟଣାରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ନେତୃତ୍ୱରେ ବଙ୍କେଲ ଗ୍ରାମରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗତ ୨ ତାରିଖ ବାଲେଶ୍ୱର ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି, ଆହତ ହୋଇଥିବା ବ୍ୟକ୍ତିଙ୍କର ଆରୋଗ୍ୟ କାମନା କରିଥିଲେ। ଏହା ପରେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶହଶହ ଜନସାଧାରଣ ଯୋଗଦେଇଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ବେଣ ପାଣିଗ୍ରାହୀ, ତୁଷାର ବାଗ, ପୂର୍ଣ୍ଣ ସାହୁ, ଚନ୍ଦ୍ର ବାଗ, ମେଘ ବାଗ, ଖେତ୍ରୁ ପାଣିଗ୍ରାହୀ, ରଜନୀ ବାଗ, ପ୍ରତିମା ଆଡ଼ୁଆଡ,ପାର୍ଥ ପ୍ରଧାନୀ ଲମ୍ବୋଧର ବରଗାଁ, ବରୁଣ ଲୁହା, ଅଗସ୍ତି ବାଗ, ମୋହନ ହାତୀ, ହରସି ଚନ୍ଦନ ସହିତ ଶହ ଶହ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

## ବିଶ୍ୱ ପରିବେଶ ଦିବସରେ ଅଧ୍ୟାପକ ମୋହନ ଚରଣ ବିଶି ସମ୍ମାନିତ

କୋକସରା,୭।୬(ଡି.ଏନ.ଏ.)

ବିଶ୍ୱ ପରିବେଶ ଦିବସରେ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ସୋମବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୩୬ ବେଳକୁ ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବା ପାଇଁ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ବୃକ୍ଷ ରୋପଣ, ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଜଙ୍ଗିରା ଗ୍ରାମର ରମେଶ ଚନ୍ଦ୍ର ମିଶ୍ରଙ୍କୁ ପ୍ରେରଣା ‘ଗ୍ରୀନମ୍ୟାନ ସମ୍ମାନ’ ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ମୁଖ୍ୟବକ୍ତା ଭାବେ ବିଶ୍ୱବ୍ୟାଙ୍କର ପରାମର୍ଶଦାତା ପ୍ରଫେସର କୁମରବର ଦାଶ, ଇଂ. ବିଶ୍ୱ ମୋହନ ପଟ୍ଟନାୟକ ଓ ମେଜର କଳ୍ପନା ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ମିଶ୍ରଙ୍କୁ ‘ଗ୍ରୀନମ୍ୟାନ ସମ୍ମାନ’ ପ୍ରଦାନ ସହ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବୌଦ୍ଧ,୭।୬(ସ୍ୱ.ପ୍ର.):** ବୌଦ୍ଧ ଥାନା ଜହ୍ନାପଙ୍ଗ ଫାଣ୍ଡି ଅଧୀନ ରାମପୁର ଛକଠାରେ ବୁଧବାର ଅପରାହ୍ନରେ କେତେଜଣ ଯୁବକ ତେଲିବନ୍ଧ ଗ୍ରାମର ହରିହର ପ୍ରଧାନ ( ୪୦)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଆକ୍ରମଣର କାରଣ ଜଣାପଡିନାହିଁ । ପ୍ରକାଶ ଯେ, ହରିହର କୌଣସି କାମରେ ରାମପୁର ଆଡକୁ ଯାଉଥିବା ବେଳେ ଯୁବକମାନେ ତାଙ୍କୁ ବାଟରେ ଅଟକାଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକ ଏନେଇ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଦେବଗଡ, ୭।୬(ଡି.ଏନ.ଏ.)

ପବିତ୍ର ରଥଯାତ୍ରା ୨୦ ଜୁନଠାରୁ ୧ ଜୁଲାଇ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ରଥଯାତ୍ରା କମିଟିର ସଭ୍ୟ ଓ ଜିଲା ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ଦେବଗଡ଼ଠାରେ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା କମିଟିର ସଦସ୍ୟ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ରଥଯାତ୍ରାରେ ରାସ୍ତାରେ ବିଜୁଳି ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଜଳ ଯୋଗାଣ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପାଇଁ ପୋଲିସ ମୁତୟନ, ରାସ୍ତାରେ ଅଳିଆ ଆବର୍ଜନା ପାଇଁ ଡଷ୍ଟବିନି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ,ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଜିଲାସ୍ତରୀୟ ଅଧିକାରୀ, ଜଗନ୍ନାଥ ମନ୍ଦିର ସଭାପତି ଅର୍ଜୁନ କୁମାର ଆଚାର୍ଯ୍ୟ ଓ ଜଗନ୍ନାଥ କମିଟି ମେମ୍ବର ଓ ପୋଲିସ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ।

# କେନ୍ଦୁପତ୍ର ତୋଳାଳି କର୍ମଚାରୀଙ୍କ ସମାବେଶ

ଦେବଗଡ଼,୭।୬(ଡି.ଏନ୍.ଏ.)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନ କ୍ରମେ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ନେତୃତ୍ୱରେ ଦେବଗଡ଼ ଡିଭିଜନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଗୋପାଳ ଜି ମନ୍ଦିର ଠାରୁ ଶତାଧିକ କେନ୍ଦୁପତ୍ର ତୋଳାଳୀ ଏବଂ କର୍ମଚାରୀ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ରାଜ୍ୟ ସଭାପତି ବିଜୟ ମହାନ୍ତି ଏହି ସଭାରେ ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ୨୦୧୪-୧୫ରେ ତଥା ପ୍ରୋତ୍ସାହନ ଏବଂ ସାମାଜିକ ନିରାପତ୍ତା ମୂଳକ ବିଭିନ୍ନ ସହାୟତା ୨୦୨୨ ମସିହା ପର୍ଯ୍ୟନ୍ତ ପାଇ ଆସୁଛନ୍ତି। ହେଲେ ୨୦୨୨ରେ କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଣ୍ଟନ ବେଳେ ବୋନସ ଦେବାରେ ବ୍ୟତିକ୍ରମ କରାଯାଇ ବୋନସ ଦିଆ ଯାଇନାହିଁ। ଏହା ଫଳରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନେ ଅତିମାତ୍ରାରେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି। ଆର୍ଥିକ ସହାୟତା ନାମରେ ଦିଆ ଯାଇଥିବା ୧୦୦୦ ଟଙ୍କା ଏବଂ ୧୫୦୦ ଟଙ୍କାକୁ ସରକାର ନିଜର ରଜକୋଷରୁ ଦେଲେ ସଂଘ ତାକୁ ସ୍ୱାଗତ କରିବ, କିନ୍ତୁ ବୋନସ ନ ଦେଇ କେନ୍ଦୁପତ୍ରର ଲାଭାଂଶରୁ ଆର୍ଥିକ ସହାୟତା ଦେବା ଯୋଗୁଁ ତୋଳାଳୀ ଏବଂ ଅଧିକାଂଶ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ସହିତ କନ୍ୟା ବିବାହ ପାଇଁ ୫୦୦୦୦ଟଙ୍କା ସାମଜିକ ନିରାପତ୍ତା ସହାୟତା, ଦୀର୍ଘ ୫ ବର୍ଷ ହେଲା ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି କରା ନ ଯିବା ଯୋଗୁଁ ଶତାଧିକ କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି। ତେଣୁ ତୁରନ୍ତ ସର୍ବନିମ୍ନ ମଜୁରୀ ଘୋଷଣା ପାଇଁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ର ବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧାପନ୍ତରିଆ ଭାବେ ଅଛି। ଏହାକୁ ଅତିଶୀଘ୍ର ଚୂଡ଼ାନ୍ତ କରିବା ପାଇଁ ମଧ ଦାବି ହୋଇଛି। ଥରେ ବୋନସ ଦେବା ବନ୍ଦ ହୋଇଗଲେ ଭବିଷ୍ୟତ ପାଇଁ ରହିବ ନାହିଁ। ଯାହାକି କେନ୍ଦୁପତ୍ର ଶ୍ରମିକଙ୍କ ହକ ଓ ଅଧିକାର। ଆମେ କେନ୍ଦୁପତ୍ର ତୋଳାଳୀ କର୍ମଚାରୀ ଦୟାର ପାତ୍ର ନ ହୋଇ ପୂର୍ବ ଅଧିକାର କୁ ସାବ୍ୟସ୍ତ କରିବା ଏବଂ କେଏଲଡିବି ବୋର୍ଡର (ଯେଉଁ ବୋର୍ଡ ର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ଅଛନ୍ତି) ମତାମତ ନ ନେଇ ଏକଚାଟିଆ ଭାବରେ ନିଆ ଯାଉଥିବା ବିଭିନ୍ନ ନିଷ୍ପତ୍ତି ଓ ଘୋଷଣା ଶ୍ରମିକଙ୍କ ହିତ ବିରୋଧରେ ଯାଉଥିବା ଯୋଗୁଁ ଏହାକୁ ବିରୋଧ କରିବା ସହ ତୁରନ୍ତ କେଏଲଡିବି ବୈଠକ ଆହ୍ୱାନ ପାଇଁ ଦାବି କରୁଛୁ ବୋଲି ମହାନ୍ତି କହିଥିଲେ। ସଂଘ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ତୋଳାଳୀ ଏବଂ କର୍ମଚାରୀଙ୍କ ଦାବୀକୁ ନ୍ୟାର୍ଯ୍ୟ ଦାବି କହିବା ସହ ସମସ୍ତ ଦାବି ସରକାର ପୂରଣ ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯବି ବୋଲି ଚେତବାନୀ ଦେଇଛନ୍ତି। ଏଥିରେ ତୋଳାଳୀ, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଉପସ୍ଥିତ ରହିବା ସହ ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ,ଜିଲ୍ଲା କୃଷକ ସଂଗଠନର ସଭାପତି ପ୍ରମୋଦ କୁମାର ଝାଙ୍କର,ପୂର୍ବତନ ଡିଭିଜନ ସମ୍ପାଦକ ବିଶନାଥ ସ୍ୱାଇଁ, ପରଖିତ ବେହେରା, ଗନ୍ଧର୍ବ ପ୍ରଧାନ, ଭଗବାନ ବେହେରା,ଦୁଃଖବନ୍ଧୁ ବେହେରା , ହୃଦାନନ୍ଦ ପ୍ରଧାନ, ଗୁରୁଚରଣ ପ୍ରଧାନ , ଜ୍ଞାନ ଗଡ଼ନାୟକ, ଅରୁଣ ପ୍ରଧାନ, ରମେଶ ପ୍ରଧାନ, ଯାଜ୍ଞଶିନୀ ପ୍ରଧାନ, ସୁଷମା ମୁଣ୍ଡା, ଦ୍ରୋପଦୀ ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ଆରତି ନାୟକ, ମଞ୍ଜୁ ମିଶ୍ର, ଅନିତା କେରକେଟାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।




ସମାବେଶରେ କେନ୍ଦୁପତ୍ର କର୍ମଚାରୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୮ ଜୁନ୍, ୨୦୨୩



**ସଂକ୍ଷେପରେ**

## ଦେଶରେ ଭାଜପା ବିରୋଧୀ ହାୱା: ପାୱାର

**ଅଉରଙ୍ଗାବାଦ୍,୭।୬:** ଦେଶରେ ବର୍ତ୍ତମାନ ଭାଜପା ବିରୋଧୀ ହାୱା ବହୁଛି। କର୍ନାଟକ ବିଧାନସଭା ନିର୍ବାଚନ ପରେ ଦେଶବାସୀ ଏକ ପରିବର୍ତ୍ତନ ଚାହୁଁଛନ୍ତି। ଲୋକଙ୍କ ଏହି ମାନସିକତା ଲାଗିରହିଲେ ଆଗାମୀ ନିର୍ବାଚନଗୁଡ଼ିକରେ ଦେଶରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି। ଔରଙ୍ଗାବାଦରେ ଏକ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ମହାରାଷ୍ଟ୍ରରେ ମାମୁଲି ଘଟଣାଗୁଡ଼ିକୁ ଧର୍ମୀୟ ରଙ୍ଗ ଦିଆଯାଉଛି, ଯାହାକି ଏକ ଭଲ ସଙ୍କେତ ନୁହେଁ। କର୍ନାଟକରେ ଭାଜପା ଶୋଚନୀୟ ପରାଜୟବରଣ କରିଥିବାବେଳେ ୫ ବର୍ଷର ବ୍ୟବଧାନରେ କଂଗ୍ରେସ କ୍ଷମତାକୁ ଫେରିଛି। ୨୦୨୪ରେ ଲୋକ ସଭା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବ। ସେହି ଦୃଶ୍ୟପଟକୁ ଦେଖିଲେ ଲୋକଙ୍କ ମାନିକତାରେ ପରିବର୍ତ୍ତନ ଆସୁଥିବା ଜଣାପଡୁଛି। କୌଣସି ଜ୍ୟୋତିଷୀଙ୍କୁ ଏଥିଲାଗି ଭବିଷ୍ୟବାଣୀ କରିବାକୁ ପଡ଼ିବ ନାହିଁ ବୋଲି ପାୱାର କହିଛନ୍ତି।


ଶରଦ ପାୱାର

## ଭାଜପା ଆଡ଼କୁ ଢଳୁଛି ଜେଡିଏସ୍

**ନୂଆଦିଲ୍ଲୀ,୭।୬:** କର୍ନାଟକ ବିଧାନସଭା ନିର୍ବାଚନରେ ସବୁଠୁ ଖରାପ ପ୍ରଦର୍ଶନ କରିଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବେ ଭାଜପା ଆଡ଼କୁ ଢଳିବା ଆରମ୍ଭ କରିଛି। ଏଥିଲାଗି ୨୦୨୪ ସାଧାରଣ ନିର୍ବାଚନ ବେଳେ ଦୁଇଦଳ ମଧ୍ୟରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ ଲୋକ ସଭା ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଦଳ ରାଜ୍ୟର ୨୮ ଆସନରେ ଲଢ଼ି ମାତ୍ର ଗୋଟିଏ ଆସନ ଜିତିଥିଲା। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ୨୨୪ ଆସନରୁ ମାତ୍ର ୧୯ରେ ସନ୍ତୁଷ୍ଟ ରହିଥିଲା। ତେଣୁ ଦେବେଗୌଡ଼ା ଓ ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ନିଜ ଜନାଧାର ବଞ୍ଚାଇବା ପାଇଁ ଭାଜପା ସହ ମେଣ୍ଟ କରିବାକୁ ଆଗ୍ରହ ପ୍ରକାଶ କରୁଥିବା କୁହାଯାଉଛି। ଏହା ପୂର୍ବରୁ ମେ' ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ସଂସଦ ଭବନ ଉଦ୍‌ଘାଟନ କରିଥିବାବେଳେ ଅନେକ ବିରୋଧୀ ଦଳ ଏହାକୁ ବର୍ଜନ କରିଥିଲେ। କିନ୍ତୁ ଦେବେଗୌଡ଼ା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏପରି କି ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରୁଥିବାବେଳେ ତାଙ୍କ ସମର୍ଥନରେ ଦେବେଗୌଡ଼ା ବାହାରିଛନ୍ତି।


ଏଚ୍.ଡି. ଦେବେଗୌଡ଼ା

# ମହିଳାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ କରାଯାଉ

### କ୍ରୀଡ଼ାମନ୍ତ୍ରୀଙ୍କ ନିକଟରେ କୁସ୍ତିଯୋଦ୍ଧାଙ୍କ ଦାବି

**ନୂଆଦିଲ୍ଲୀ,୭।୬**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ପଦରେ ଜଣେ ମହିଳା ରହିବା ଉଚିତ ବୋଲି ବିଦାୟୀ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା କୁସ୍ତିଯୋଦ୍ଧାମାନେ ବୁଧବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟରେ ଦାବି କରିଛନ୍ତି। ଅନୁରାଗ ମଙ୍ଗଳବାର ବିଳମ୍ବିତ ରାତିରେ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କୁ ଆଲୋଚନା ପାଇଁ ଡାକିଥିଲେ। ସେମାନେ ବୁଧବାର ପୂର୍ବାହ୍ନରେ ତାଙ୍କ ସରକାରୀ ବାସଭବନକୁ ଯାଇ ଆଲୋଚନା କରିଥିଲେ। ଏହା ଥିଲା ସରକାର ଓ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ୫ ଦିନ ଭିତରେ ଦ୍ୱିତୀୟ ବୈଠକ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମଧ୍ୟ ରେସଲରମାନେ ଶନିବାର ରାତିରେ ଭେଟି ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ତେବେ ଅନୁରାଗଙ୍କ ବାସଭବନରେ ଆଲୋଚନାବେଳେ ସେମାନେ ୫ ଦଫା ଦାବି ଉପସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ଡବ୍ଲ୍ୟୁଏଫ୍‌ଆଇର ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯାଉ। ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ପଦରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଉ। ମହାସଂଘର କୌଣସି ପଦପଦବୀରେ ବ୍ରିଜ୍‌ଭୂଷଣଙ୍କ ପରିବାର ସଦସ୍ୟଙ୍କୁ ସ୍ଥାନ ଦିଆ ନ ଯାଉ। ସେହିପରି ଗତ ୨୮ରେ ନୂଆ ସଂସଦ ଭବନ ଉଦ୍‌ଘାଟନ ବେଳେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବା ସମୟରେ ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଯାଉ। ଏଥିସହ ବ୍ରିଜ୍‌ଭୂଷଣ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରେସ୍‌ଲରମାନେ ଦାବି ଦୋହରାଇଛନ୍ତି। ତେବେ ଭିନେଶ ଫୋଗଟ୍ ହରିୟାଣାସ୍ଥିତ ନିଜ ଗ୍ରାମ ବଲାଲିରେ ପୂର୍ବ ନିର୍ଦ୍ଧାରିତ ଖାପ୍ ପଞ୍ଚାୟତ ବୈଠକରେ ସାମିଲ ହୋଇଥିବାରୁ କ୍ରୀଡ଼ାମନ୍ତ୍ରୀଙ୍କ ସହ ସାକ୍ଷାତ ବେଳେ ଉପସ୍ଥିତ ନ ଥିଲେ।


କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ବାସଭବନରେ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ସତ୍ୟୱାର୍ଟ କାଡିଆନ୍।

> " ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଜୁନ୍ ୧୫ ସୁଦ୍ଧା ଚାର୍ଜସିଟ୍ ଦାଖଲ ହେବ। ଆସନ୍ତା ୩୦ ତାରିଖ ସୁଦ୍ଧା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଅନୁଷ୍ଠିତ ହେବ। କୁସ୍ତିଯୋଦ୍ଧାମାନଙ୍କ ସମସ୍ତ ଦାବିକୁ ସରକାର ମାନିନେଇଛନ୍ତି।
>
> **– ଅନୁରାଗ ଠାକୁର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**



### ଅଭିଯୁକ୍ତ ଭାଜପା ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଉଥିବା କେନ୍ଦ୍ରକୁ ବହୁମୂଲ୍ୟ ଦେବାକୁ ପଡ଼ିବ: କଂଗ୍ରେସ

ଅନ୍ୟପକ୍ଷେ ଅଭିଯୁକ୍ତ ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ପ୍ରଦାନ କରୁଥିବା କେନ୍ଦ୍ର ସରକାରଙ୍କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଦୀପେନ୍ଦ୍ର ହୁଡ଼ା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କ୍ରୀଡ଼ାମନ୍ତ୍ରୀ ଆଜି ଆମ କୁସ୍ତିଯୋଦ୍ଧାମାନଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ଏହାର ନିଷ୍କର୍ଷ କ'ଣ ଆସୁଛି ତାକୁ ଆମେ ଅପେକ୍ଷ କରିବୁ। ନ୍ୟାୟ ପାଇଁ ଲଢ଼େଇ କରୁଥିବା ଝିଅମାନଙ୍କ ସହ ଆମେ ରହିଛୁ। ସେମାନଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେମାନଙ୍କ ପ୍ରତି କଂଗ୍ରେସର ସମର୍ଥନ ଜାରି ରହିବ। ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କ ସ୍ୱରକୁ ଭାଜପା ଏବଂ କେନ୍ଦ୍ର ସରକାର ଚପାଇବାକୁ ଉଦ୍ୟମ କରୁଛନ୍ତି। ଭାଜପା ଏମ୍‌ପିଙ୍କୁ ଘଣ୍ଟ ଘୋଡ଼ାଯାଉଛି, ଯାହାକୁ ସାରା ଦେଶ ଦେଖୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ହୁଡ଼ା କହିଛନ୍ତି।

## ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକଙ୍କୁ ସ୍ପିନୋଜା ପୁରସ୍କାର


ଜୋୟିତା ଗୁପ୍ତା

**ନୂଆଦିଲ୍ଲୀ,୭।୬**

ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଜୋୟିତା ଗୁପ୍ତାଙ୍କୁ ନେଦରଲାଣ୍ଡ ସରକାର ସ୍ପିନୋଜା ପୁରସ୍କାର ପ୍ରଦାନ କରିଛନ୍ତି। ନେଦରଲାଣ୍ଡର ବିଜ୍ଞାନ କ୍ଷେତ୍ରରେ ଏହାକୁ ସର୍ବୋଚ୍ଚ ସମ୍ମାନ 'ଡଚ୍ ନୋବେଲ ପ୍ରାଇଜ୍' ଭାବେ ବିବେଚନା କରାଯାଏ। ୟୁନିଭର୍ସିଟି ଅଫ୍ ଆମଷ୍ଟରଡାମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଜୋୟିତାଙ୍କୁ ତାଙ୍କ ବୈଜ୍ଞାନିକ ଗବେଷଣା ପାଇଁ ଅକ୍ଟୋବର ୪ରେ ଏହି ସମ୍ମାନ ଦିଆଯିବ। ପୁରସ୍କାର ବାବଦକୁ ସେ ୧.୫ ନିୟୁତ ୟୁରୋ ପାଇବେ, ଯାହାକୁ ନିଜ ବୈଜ୍ଞାନିକ ଗବେଷଣାରେ ବିନିଯୋଗ କରିବେ। ପ୍ରଫେସର ଜୋୟିତା ଉକ୍ତ ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନମେଣ୍ଟ ଆଣ୍ଡ ଡେଭେଲପ୍‌ମେଣ୍ଟ ଇନ୍ ଦି ଗ୍ଲୋବାଲ ସାଉଥ୍‌ରେ ଅଧ୍ୟାପନା କରୁଛନ୍ତି। ଆର୍ଥ କମିଶନ୍‌ର ମଧ୍ୟ ସେ ଉପାଧ୍ୟକ୍ଷା ଅଛନ୍ତି।

# ମା'ପୁଅ, ସମ୍ପର୍କୀୟ ଜୀବନ୍ତ ଦଗ୍ଧ



### ମଣିପୁର ହିଂସା: ଆମ୍ବୁଲାନ୍ସରେ ନିଆଁ ଲଗାଇଦେଲେ

**ଗୁଆହାଟୀ,୭।୬**

ହିଂସା ପ୍ରଭାବିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଅଶାନ୍ତିଲାଗିରହିଛି। ଜଣେ ମହିଳା ନିଜ ୮ ବର୍ଷର ଗୁଳିବିଦ୍ଧ ପୁଅକୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଉଥିବାବେଳେ ସେମାନଙ୍କ ଆମ୍ବୁଲାନ୍ସରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏଥିରେ ଉଭୟଙ୍କ ସହ ସେମାନଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଛି।

ପୂର୍ବରୁ ଗୁଳିମାଡ଼ର ଶିକାର ହୋଇଥିବା ନାବାଳକଙ୍କୁ ତାଙ୍କ ମା' ରବିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ନେଇ ଯାଉଥିଲେ। ଇମ୍ଫାଲ ୱେଷ୍ଟ ଅନ୍ତର୍ଗତ ଇରୋଇସେମ୍ବାର ଲାମ୍ଫେଲ ଥାନା ଅଞ୍ଚଳରେ ଲୋକେ ସେଥିରେ ନିଆଁ ଲଗାଇଦେଇଥିଲେ। ଫଳରେ ୮ ବର୍ଷୀୟ ତୋନ୍‌ସିଂ ହଙ୍ଗସିଙ୍ଗ୍, ତାଙ୍କ ମା' ମୀନା ହଙ୍ଗସିଙ୍ଗ୍ ଓ ସମ୍ପର୍କୀୟ ଲିଡିଆ ଲରେମ୍ବାମ୍‌ଙ୍କ ମୃତ୍ୟୁ ଘଟିଛି। ମୀନା ମେଇତି ସମ୍ପ୍ରଦାୟର ହୋଇଥିବାବେଳେ ତାଙ୍କ ସ୍ୱାମୀ କୁକି ବର୍ଗର। ମେ' ୩ ହିଂସା ପରଠୁ ସେମାନେ କଙ୍ଗ୍‌ଚୁପ୍‌ସ୍ଥିତ ଆସାମ ରାଇଫଲ୍ସ ରିଲିଫ୍ କ୍ୟାମ୍ପରେ ରହୁଥିଲେ। ମଣିପୁର ହିଂସାରେ ଅଦ୍ୟାବଧି ୮୦ ଜଣଙ୍କ ଜୀବନ ଯାଇଥିବାବେଳେ ୩୫,୦୦୦ରୁ ଉର୍ଦ୍ଧ୍ୱ ଲୋକ ବିସ୍ଥାପିତ ହେଲେଣି।

# ଆଖି ବୁଜିଲେ ଗଣବଳାତ୍କାର ପୀଡ଼ିତା ନାବାଳିକା

**ବସ୍ତି,୭।୬**

ଉତ୍ତର ପ୍ରଦେଶର ଗଉର ଅଞ୍ଚଳରେ ସୋମବାର ପରିବା କିଣିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ୩ ଜଣ ବ୍ୟକ୍ତି ଏକ ନିଛାଟିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଥିଲେ। ୧୨ ବର୍ଷୀୟା ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେ ଏକ ସ୍ଥାନରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ମୋନୁ ସାହାଣି ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଖବର ଦେଇଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଘର ଲୋକଙ୍କ ଏତଲାକ୍ରମେ ପୋଲିସ ମୋନୁଙ୍କ ସହ ରାଜନ ନିଷାଦ ଓ କୁନ୍ଦନ ସିଂଙ୍କୁ ଗିରଫ କରିଛି। ପୀଡ଼ିତାଙ୍କୁ ମୋନୁ ପୂର୍ବରୁ ଜାଣିଥିଲେ। ସେ ହିଁ ତାଙ୍କୁ ନେଇଥିଲେ ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ଏହି ବର୍ବରକାଣ୍ଡରେ ସାମିଲ ହୋଇଥିଲେ। ସେମାନଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଥିବା ଏସ୍‌ପି ଗୋପାଳକୃଷ୍ଣ ଚୌଧରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତମାନଙ୍କୁ ଭାଜପା କର୍ମୀମାନେ ସୁରକ୍ଷା ଦେଉଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାଜପା ସରକାର ବଳାତ୍କାରୀମାନଙ୍କୁ ଆଶ୍ରୟ ଦେଉଛି ବୋଲି ବିଧାନସଭାର ବିରୋଧୀ ଦଳ ନେତା ଅଖିଳେଶ ଯାଦବ ଟୁଇଟ୍ କରିଛନ୍ତି।

# କୋର୍ଟରେ ଗ୍ୟାଙ୍ଗଷ୍ଟରଙ୍କୁ ଗୁଳିକରି ହତ୍ୟା

**ଲକ୍ଷ୍ନୌ,୭।୬**

ଉତ୍ତର ପ୍ରଦେଶର ଗ୍ୟାଙ୍ଗଷ୍ଟର ସଞ୍ଜୀବ ଜୀଭାଙ୍କୁ ବୁଧବାର ଲକ୍ଷ୍ନୌ କୋର୍ଟରେ ଗୁଳିକରି ହତ୍ୟା କରାଯାଇଛି। ସଞ୍ଜୀବଙ୍କୁ ଏକ ମାମଲାରେ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ଜଣେ ବ୍ୟକ୍ତି ଆଇନଜୀବୀଙ୍କ ଭଳି ପୋଷାକ ପରିଧାନ କରି ତାଙ୍କୁ ଟାର୍ଗେଟ କରିଥିଲେ।

ସଞ୍ଜୀବ ପଶ୍ଚିମ ୟୁପିରେ ଏକ ଆପରାଧିକ ଗ୍ୟାଙ୍ଗ୍ ଚଳାଉଥିଲେ। ୧୯୯୧ ଅବଧେଶ ରାୟ ହତ୍ୟା ମାମଲାରେ ନିକଟରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ଗ୍ୟାଙ୍ଗଷ୍ଟର ମୁଖ୍‌ତାର ଅନ୍‌ସାରିଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ। ଭାଜପା ନେତା ବ୍ରହ୍ମଦତ୍ତ ତିୱାରୀଙ୍କ ହତ୍ୟା ମାମଲାର ଶୁଣାଣି ପାଇଁ ତାଙ୍କୁ ଲକ୍ଷ୍ନୌ କୋର୍ଟରେ ହାଜର କରାଯାଉଥିବାବେଳେ ଜଣେ ଆତତାୟୀ ଗୁଳି କରିଥିଲେ। ଏଥିରେ ସଞ୍ଜୀବ ଘଟଣାସ୍ଥଳରେ ଟଳିପଡ଼ିଥିବାବେଳେ ତାଙ୍କ ସହ ଥିବା ଜଣେ ପୋଲିସ ଅଧିକାରୀ ଆହତ ହୋଇଛନ୍ତି।


ସଞ୍ଜୀବ ଜୀଭା


**OFFICE OF THE MUNICIPAL COUNCIL:KHORDHA**
No.1848 /Dtd. 05.06.2023 /
**e-Procurement Notice**
No.C-514: Bid Identification No. 04 /2023-24

1. Name of the work for which tender invited - Privatization of Drain cleaning, Toilet /Urinal cleaning, Bush cutting in Ward No. 1 to 22 of Khordha Municipality.
2. Estimated cost of work- Rs.98,47,272.00 .00
3. Eligible class of contractor - Intending firms/Service Providers/N.G.Os those are experienced in similar nature of work at least three year and other criteria given in the D.T.C.N
4. The Bid documents will be available in the web-site as mentioned below from 07.06.2023 on 9.00 A.M. to 28.06.2023 upto 5.00 P.M. for on line bidding.
5. Bid Identification No. 04 /2023-24
6. Pre Bid meeting/ Briefing Section on Dtd. 13.06.2023 at 10.00 A.M., Venue- Council Hall of the Khordha Municipality.
7. Last date & time of receipt of Bid through on line, date 28.06.2023 up to 5.00 P.M. .
8. Opening of Bid documents Date 29.06.2023 at 11.00 A.M.
9. The bidder has to participate in online bidding only. Further details are available in the website:-https://tendersodisha.gov.in/nicgep/app.

Sd./- Executive Officer
Khordha Municipality
OIPR-13082/11/0008/2324



**GOVERNMENT OF ODISHA** No. B-299
**"e" PROCUREMENT NOTICE**
**WORKS DEPARTMENT**
E-mail: ceroads.bbsr@gmail.com
Bid Identification No. CE-DPI&R-06/2023-24

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 4 Nos.
4. Tender Paper Cost : Rs.10,000.00
5. Class of Contractor : 'A' Class/Special Class/Super Class
6. Available of bid document in the website : From 10.00 A.M. of 09.06.2023 to 5.30 P.M. of 28.06.2023
7. Date of opening of Bid : Dt.29.06.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0011/2324



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା, ଜିଲ୍ଲା: ସୁବର୍ଣ୍ଣପୁର
**NOTIFIED AREA COUNCIL, TARBHA**
Dist.: Subarnapur, Odisha - 767016, nactarbha@gmail.com
No. 1203 Date: 02.06.2023
**QUOTATION CALL NOTICE**

No. C-524: Sealed quotations are invited from intending Painters/Contractors for paintings on Bounday Walls and Wealth Centers of NAC, Tarbha as particulars given below. The quotation schedule can be obtained from O/o. EO, NAC, Tarbha on payment of cost of Tender Paper (non refundable) amounting to Rs.2000/- in shape of M.R. of NAC, Tarbha before Dt.19.06.2023 during office hour. The quotation must be accompanied with GSTIN, PAN Card and EMD of Rs.10000/- in shape of Demand Draft/Banker's Cheque drawn in favour of Executive Officer, NAC, Tarbha reached to this Office by Dt.21.06.2023 within 04.00 P.M. through Regd. Post/Speed Post/Courier/Box Drop which will be opened on Dt.22.06.2023 at 04.30 P.M. in presence of the quotationers or their authorized representative. The authority shall not be held responsible for any Postal/Courier delay. The rate should be inclusive of all taxes, transporting charges. The quotation received beyond the stipulated period shall not be entertained. The undersigned reserves the right to accept/cancel any or all the quotation without assigning any reason thereof.

| Sl. No. | Specification | Rate per Sq.ft. |
|---|---|---|
| 1 | Wall Painting of prototypes of the IEC matters on Bounday Walls and Building Walls of Wealth Centers of NAC, Tarbha consisting 2 enamel coats of base and enamel colour prototypes painting as prescribed by the NAC Authority. | |

Sd./- Executive Officer, N.A.C., Tarbha
OIPR-13199/11/0002/2324



**OFFICE OF THE MEDICAL SUPERINTENDENT-CUM-BLOCK PUBLIC HEALTH OFFICER, CHC BALUGAON, KHORDHA**
Adv. No. 915 Date: 01.06.2023
**TENDER CALL NOTICE**

No. E-196: Sealed tenders are invited from any private individuals/local registered travel agency only having valid GSTIN/PAN for providing of vehicles on monthly hiring basis under the undersigned of Office of Superintendent, CHC Balugaon, Khordha on annual rate contract basis.
The sealed tenders should reach at office of the Superintendent-cum-BPHO, CHC Balugaon, Khordha in any working day by 21.06.2023 till 02.00 P.M. along with all required documents by Speed Post/Regd. Post/Courier only by superscribing on the top of the envelope "Tender for hiring of Vehicles". The tender will be opened on 22.06.2023 at 1.00 P.M. in the office of the undersigned in presence of the bidders/authorized representative of the Bidders. Details regarding items and terms and conditions may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.

Place: Balugaon Sd./- Superintendent-cum-BPHO
Date: 01.06.2023 CHC Balugaon, Khordha
OIPR-10147/11/0001/2324



**OFFICE OF THE GENERAL MANAGER**
**WATCO PROJECT DIVISION, SAMBALPUR,ODISHA-768005**
E-mail- gmprojectsbp@gmail.com
NATIONAL COMPETITIVE BIDDING THROUGH e-PROCUREMENT
No.C-509: Invitation For Bids (IFB)
Bid Identification No.05/Project/WATCO/SBP/2023-24 Dated 03.06.2023

| Sl. No. | Name of Work | Appx. Estimated Cost (Rs.in Lakh) | Period of Completion | Availability of Bid document for Online Bidding | | Class of Contractor |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH- 3978 to MH-4011 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 39.10 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 2 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4011 to MH 4030 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.45 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 3 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4030 to MH 4088 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.70 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 4 | Laying of 450 mm dia RCC NP3 Sewer and Construction of 1500 mm dia manhole chambers from MH-2765(Upahar Hotel) to MH-2323(Zilla School Chowk) along Sakhipada-Uphar Palace Hotel road in Catchment-3 in part commissioning area of Sambalpur Sewerage System | 31.81 | 02 (Two Months) | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |

Further details can be seen from the e-Procurement portal "https://www.tendersodisha.gov.in"
Sd./- General Manager, WATCO Project Division, Sambalpur
OIPR-13236/11/0005/2324



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB H.E. PROJECT, AT/PO-BARINIPUT, DIST:KORAPUT (ODISHA)-764006
Telephone:06854-242001, Fax:06854-242092, Email ID:sgmel.ukhep@gmail.com, CIN:U40101OR1995SGC003963
**TENDER CALL NOTICE NO: UKHEP:07/2023-24, Dtd.06.06.2023**

**No.CAD-859:** Sealed Tenders are invited in two part i.e. (1) Technical bid and (2) Price bid in sealed envelopes from the Manufacturer/ Authorised Dealers/ Reputed Supplier for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of tender paper (Non-Refundable) in Rs. | EMD (₹) |
|---|---|---|---|
| 1 | Procurement of safety shoes and formal shoes for UKHEP, Bariniput for the year 2021-2023. | 2360 (Rs.2000/-+ GST @ 18%) | 1% of the quoted value in shape of DD/BC (Refundable) |

The sale of Tender Paper will be from: 12.06.2023 10:00 Hrs. to 23.06.2023 11:30 Hrs.
The last date & time of receipt of tender: 23.06.2023 12:00 Hrs.
The date and time of opening of tender: 23.06.2023 12.30 Hrs.
For details of Tender documents, Terms & Conditions and Corrigendum please visit our website www.ohpcltd.com
OIPR-04002/11/0016/2324 Sd./- C&P Head, Upper Kolab HEP, OHPC Limited, Bariniput



**GOVERNMENT OF ODISHA** No. A-218
**OFFICE OF THE SUPERINTENDING ENGINEER QUALITY ASSURANCE DIVISION, NAYAGARH**
Email: eenqdivn@gmail.com
**Details Short Tender Call Notice No. QADNGR-04/2023-24**

| | | |
|---|---|---|
| 1 | Name of the Work | "Outsourcing of Human Resources for Management of day to day activities of Quality Control Laboratory under the Superintending Engineer, Quality Assurance Division, Nayagarh for the period from Dt.01.07.2023 to Dt.31.03.2024. |
| 2 | No. of Works | 01 |
| 3 | Bid Identification | QADNGR-04/2023-24 |
| 4 | Amount put to Tender | 2.03 Lakh |
| 5 | Cost of Tender Paper | Rs.2000.00 |
| 6 | Date & Time of availability of Bid documents in the portal | From Date: 07.06.2023 (07.00 A.M.) to Dated: 26.06.2023 (3.00 P.M.) |
| 7 | Time of receipt of Bids in the O/o. the Superintending Engineer, Quality Assurance Division, Bhubaneswar | From Date: 07.06.2023 (07.00 A.M.) to Dated: 26.06.2023 (3.00 P.M.) |
| 8 | Date & time of opening of tender | 26.06.2023 (4.00 P.M.) in the O/o. the Superintending Engineer, Quality Assurance Division, Nayagarh |
| 9 | Name & address of the Officer Inviting Bid | Superintending Engineer, Quality Assurance Division, Nayagarh, Baramasi Danda, College Road, Nayagarh |

1. Further details can be seen in the office of the undersigned during office and also in the Departmental website www.dowrodisha.gov.in.
2. Any addendum/corrigendum/cancellation to the above notice will be published in the above website only.

Sd./- Superintending Engineer
Quality Assurance Division, Nayagarh
OIPR-32423/11/0001/2324

# ବିଏସ୍‌ଏନ୍‌ଏଲ୍ ପୁନରୁଦ୍ଧାର ପାଇଁ ୮୯,୦୪୭ କୋଟି ମଞ୍ଜୁର

## ୩ୟ ପୁନରୁଦ୍ଧାର ପ୍ୟାକେଜକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୭।୬

BSNL Connecting India Faster

ଦେଶର ଏକମାତ୍ର ସରକାରୀ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ବିଏସ୍‌ଏନ୍‌ଏଲ୍‌କୁ ପୁନରୁଦ୍ଧାର କରିବା ସହ ଦେଶବାସୀଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଗତ କିଛିବର୍ଷ ମଧ୍ୟରେ ଅନେକ ପ୍ରୟାସ କରିଛନ୍ତି। ଏପରିକି ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ରଣନୀତିର ଅଂଶ ବିଶେଷ ସ୍ୱରୂପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକ୍ରମେ ବିଏସ୍‌ଏନ୍‌ଏଲ୍ ପାଇଁ ମୋଟ୍ ୮୯,୦୪୭ କୋଟି ଟଙ୍କାର ବ୍ୟୟବରାଦ ସହ ୩ୟ ପୁନରୁଦ୍ଧାର ପ୍ୟାକେଜକୁ ମଞ୍ଜୁର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କେନ୍ଦ୍ର କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଏସ୍‌ଏନ୍‌ଏଲ୍ ସମ୍ପର୍କରେ ଏକ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ ସହ ଅନ୍ୟାନ୍ୟ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିବା ଟେଲିକମ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ପାଇଁ ସରକାର ମୋଟ୍ ୮୯,୦୪୭ କୋଟି ଟଙ୍କାର ବ୍ୟୟବରାଦ ସହିତ ତୃତୀୟ ପୁନରୁଦ୍ଧାର ପ୍ୟାକେଜକୁ ମଞ୍ଜୁର କରିଥିବା ଜଣାପଡିଛି। ଏପରିକି ଇକ୍ୱିଟି ବିନିଯୋଗ ଜରିଆରେ ବିଏସ୍‌ଏନ୍‌ଏଲ୍ ପାଇଁ ୪ଜି ଓ ୫ଜି ସ୍ପେକ୍ଟ୍ରମ ଆବଣ୍ଟନ ମଧ୍ୟ ସାମିଲ ରହିଛି। ବିଶେଷକରି ବିଏସ୍‌ଏନ୍‌ଏଲ୍‌ର ଅଧିକୃତ ପୁଞ୍ଜି ପରିମାଣ ୧.୫ ଲକ୍ଷ କୋଟି ଟଙ୍କାରୁ ୨.୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଫଳରେ ଏହି ପୁନରୁଦ୍ଧାର ପ୍ୟାକେଜ ଅନ୍ତର୍ଗତ ବିଏସ୍‌ଏନ୍‌ଏଲ୍ ଏକ ସ୍ଥିର ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ଭାବେ ବିକଶିତ ହେବ ଏବଂ ଭାରତର ଉପାନ୍ତ ଅଞ୍ଚଳରେ ଟେଲିଫୋନ୍ ସେବା ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବ ବୋଲି ବୈଠକରେ କୁହାଯାଇଛି। ଅପରପକ୍ଷରେ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ପୁନରୁଦ୍ଧାର ଯୋଗୁ ଅନେକ କିଛି ପରିବର୍ତ୍ତନ ହୋଇଛି। ୨୦୧୯ ରେ ସରକାର ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ମିଶ୍ରଣ ପାଇଁ ପ୍ରଥମ ପୁନରୁଦ୍ଧାର ପ୍ୟାକେଜ ସମ୍ପର୍କରେ ଘୋଷଣା କରିଥିଲେ। ପୁନରୁଦ୍ଧାର ପ୍ୟାକେଜ ଅନୁମୋଦନ ସହ ୬୯,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍‌ରେ ସ୍ଥିରତାରେ ବ୍ୟାପକ ସହାୟତା ଆଣିଥିଲା। ସେହିପରି ୨୦୨୨ରେ ସରକାର ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ପାଇଁ ୨ୟ ପୁନରୁଦ୍ଧାର ପ୍ୟାକେଜକୁ ଅନୁମୋଦନ କରିଥିଲେ। ଉକ୍ତ ପ୍ୟାକେଜ ଜରିଆରେ କ୍ୟାପେକ୍ସ, ଗ୍ରାମୀଣ ଲ୍ୟାଣ୍ଡଲାଇନ ପାଇଁ କାର୍ଯ୍ୟକାରିତା ଗ୍ୟାପ୍ ପାଣ୍ଠି ଯୋଗାଣ, ବାଲାନ୍ସଶିଟ୍‌କୁ ଚାପମୁକ୍ତ କରିବା ଲାଗି ଆର୍ଥିକ ସହାୟତା ଏବଂ ଏଜିଆର୍ ବକେୟା ପରିଶୋଧ, ବିବିଏନ୍‌ଏଲ୍ ସହିତ ବିଏସ୍‌ଏନ୍‌ଏଲ୍‌ର ମିଶ୍ରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲା। ସେହିପରି ବିଶ୍ୱରେ କମ୍ ସଂଖ୍ୟକ ଏଣ୍ଡ ଟୁ ଏଣ୍ଡ ପ୍ରଯୁକ୍ତି ସେବା ପ୍ରଦାନକାରୀଙ୍କୁ ନେଇ ଦୂରସଞ୍ଚାର ପ୍ରଯୁକ୍ତି ଏକ ରଣନୀତିକ ପ୍ରଯୁକ୍ତି ଭାବେ କାର୍ଯ୍ୟ କରିଥାଏ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପ ଅନ୍ତର୍ଗତ ଭାରତର ନିଜସ୍ୱ ୪ଜି ଓ ୫ଜି ପ୍ରଯୁକ୍ତି ସଫଳତା ପୂର୍ବକ ବିକଶିତ କରାଯାଇଛି। ଏହାର ମୁତୟନ ମଧ୍ୟ ନିକଟରେ ଆରମ୍ଭ ହୋଇଯାଇଛି।

## ସାମ୍‌କୋ ଆକ୍ଟିଭ ମୋମେଣ୍ଟମ ଫଣ୍ଡ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୭।୬

ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ପରିଚାଳିତ ମୋମେଣ୍ଟମ୍ ଫଣ୍ଡ୍ ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡ୍‌ର ନୂଆ ଫଣ୍ଡ୍ ଅଫରିଂ (ଏନ୍‌ଏଫ୍‌ଓ) ୨୦୨୩ ଜୁନ୍ ୧୫ରେ ଖୋଲି ୨୯ ଜୁନ୍‌ରେ ବନ୍ଦ ହେବ। ଏହି ସୀମିତ ସମୟ ଭିତରେ ନିବେଶକମାନେ ନିଜର ପୋର୍ଟଫୋଲିଓକୁ ଉପସ୍ଥାପନ କରିପାରିବେ। ଏନ୍‌ଏଫ୍‌ଓ ଅବଧି ପରେ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ସବ୍‌ସ୍କ୍ରିପ୍‌ସନ୍ ଗ୍ରହଣ କରାଯିବ ନାହିଁ। କେବଳ ପଞ୍ଜୀକୃତ ଏସ୍‌ଆଇପିଗୁଡ଼ିକୁ ଗ୍ରହଣ କରାଯିବ। ଏ ସମ୍ପର୍କରେ ସାମ୍‌କୋ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ବିରାଜ ଗାନ୍ଧୀ କହିଛନ୍ତି, ଭାରତର ପ୍ରଥମ ପ୍ରତ୍ୟକ୍ଷ ଭାବେ ପରିଚାଳିତ ମୋମେଣ୍ଟମ ଫଣ୍ଡ୍ ଭାବେ ସାମ୍‌କୋ ଆକ୍ଟିଭ୍ ମୋମେଣ୍ଟମ୍ ଫଣ୍ଡ୍‌ର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ବିଶ୍ୱାସ ରହିଛି ଯେ ମୋମେଣ୍ଟମ୍ ନିବେଶରୁ ଲାଭ ପାଇବାକୁ ଚାହୁଁଥିବା ନିବେଶକମାନଙ୍କୁ ଏହି ଫଣ୍ଡ୍ ନୂଆ ମାର୍ଗ ପ୍ରଦାନ କରିବ।

## ହୋଣ୍ଡାର 'ବର୍ଦ୍ଧିତ ୱାରେଣ୍ଟି' ପ୍ଲସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୭।୬

HONDA

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ (ଫାସିଲିଟି) 'ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ହୋଣ୍ଡାର ୨୫୦ସିସି ପର୍ଯ୍ୟନ୍ତ ସବୁ ସ୍କୁଟର ଓ ମୋଟରସାଇକେଲ ପାଇଁ ଉପରୋକ୍ତ ସୁବିଧା ଉପଲବ୍ଧ ହେଉଛି। ଏପରିକି ଏହା ଜରିଆରେ କମ୍ପାନୀ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରୁଛି। ସେହିଭଳି ଗାଡ଼ି କିଣିବାର ୯୧ ଦିନରୁ ୯ ବର୍ଷ ମଧ୍ୟରେ ବର୍ଦ୍ଧିତ ୱାରେଣ୍ଟି ହାସଲ କରିବା ଲାଗି ଏହା ଗ୍ରାହକମାନଙ୍କୁ ସୁଯୋଗ ପ୍ରଦାନ କରୁଛି। ବିଶେଷକରି ୧୦ବର୍ଷର ୱାରେଣ୍ଟି ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବେଳେ ମାଲିକାନା ହସ୍ତାନ୍ତର ଭଳି କ୍ଷେତ୍ରରେ ମଧ୍ୟ ଏହା ନୂଆ ମାଲିକଙ୍କୁ ସ୍ଥାନାନ୍ତର ହୋଇପାରୁଛି ଏବଂ ଏଥିରେ ନବୀକରଣ ବିକଳ୍ପ ସୁବିଧା ବି ରହିଛି। ଏପରିକି ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍‌ରେ ଗ୍ରାହକମାନଙ୍କୁ ୩ଟି ବିକଳ୍ପ ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଗାଡ଼ି କିଣା ପ୍ରକ୍ରିୟାରେ ଗ୍ରାହକ ସନ୍ତୁଷ୍ଟି ସର୍ବଦା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଥିବା ବେଳେ ବିକ୍ରି ପରବର୍ତ୍ତୀ ସେବା ସେଥିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏପରିକି ଅଗ୍ରଣୀ ୨ଚକିଆ ଯାନ ନିର୍ମାତା ଭାବେ ଗ୍ରାହକ ସନ୍ତୁଷ୍ଟିକୁ ଅତିକ୍ରମ କରିବା ଏବଂ ନୂଆ ମାନଦଣ୍ଡ ଧାର୍ଯ୍ୟ କରିବାକୁ ହୋଣ୍ଡା ଲକ୍ଷ୍ୟ ରଖିଛି। ସୂଚନଯୋଗ୍ୟ, ୧୩୧୭ ଟଙ୍କାରୁ ଆରମ୍ଭ ହେଉଥିବା ଏହି ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍ ସେବାକୁ ଗ୍ରାହକମାନେ ହୋଣ୍ଡାର ଯେକୌଣସି ସ୍ୱୀକୃତିପ୍ରାପ୍ତ ହୋଣ୍ଡା ସର୍ଭିସ୍ ସେଣ୍ଟରରୁ କିଣିପାରିବେ।

## ଦାବି ଫଇସଲା ପ୍ରକ୍ରିୟାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୭।୬

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପାଇଁ ଦାବି ଫଇସଲା ପ୍ରକ୍ରିୟାକୁ କୋହଳ କରାଯିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ସହିତ କମ୍ପାନୀ ଠିଆ ହୋଇଛି। ଫଳରେ ଏହି ଦୁଃଖଦ ଘଟଣାରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ରିଲିଫ୍ ପ୍ରଦାନ କରାଯିବା ଲାଗି କମ୍ପାନୀ ପକ୍ଷରୁ ବୀମା ଦାବି ଫଇସଲାକୁ ତ୍ୱରାନ୍ୱିତ କରାଯିବ। ବିଶେଷକରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ) ଅଧୀନରେ ସାମିଲ ଥିବା ଲୋକଙ୍କ ସମେତ ମୃତ୍ୟୁ ଓ ସ୍ୱାସ୍ଥ୍ୟ ବୀମା ଦାବିର ପ୍ରକ୍ରିୟାକରଣକୁ ମାତ୍ର ୩ଟି ମୌଳିକ କାଗଜପତ୍ର ଆଧାରରେ କରାଯିବ। ଉଲ୍ଲେଖଯୋଗ୍ୟ, ଦାବି ଫଇସଲା ପାଇଁ ବ୍ୟାଙ୍କ ଖାତା ବିବରଣୀ, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କଠାରୁ ମୃତ୍ୟୁ ସାର୍ଟିଫିକେଟ୍ ଅଥବା ହସ୍ପିଟାଲ, ସରକାରୀ ଅଧିକାରୀ କିମ୍ବା ପୋଲିସ ପକ୍ଷରୁ ଜାରି କରାଯାଇଥିବା ମୃତ ଯାତ୍ରୀଙ୍କ ତାଲିକା ଏବଂ ହିତାଧିକାରୀ ନୋମିନିଙ୍କ ବୈଧ ଠିକଣା ପ୍ରମାଣପତ୍ରର ନକଲ ଦାବି ସମ୍ପର୍କିତ ଅନୁସନ୍ଧାନରେ ସହାୟତା ପାଇଁ କମ୍ପାନୀ ପକ୍ଷରୁ ଏକ ଉତ୍ସର୍ଗୀକୃତ ୨୪ ଘଣ୍ଟିଆ ହେଲ୍‌ପଲାଇନ ନମ୍ବର (୧-୮୬୦-୨୬୬-୭୭୬୬) ସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି-ଗ୍ରାହକ ସେବା ଓ ପରିଚାଳନା ଅମିଶ ବାଙ୍କର କହିଛନ୍ତି, ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜୀବନ ପ୍ରତି ଆମେ ଗଭୀର ସମବେଦନା ଜ୍ଞାପନ କରୁଛୁ।

## ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର 'ୱେଡିଂ କଲେକ୍ସନ'

ଭୁବନେଶ୍ୱର,୭।୬



ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଚଳିତ ଥରର ସ୍ୱତନ୍ତ୍ର 'ୱେଡିଂ କଲେକ୍ସନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ୱେଡିଂ କଲେକ୍ସନରେ ସୁନା, ହୀରା ଏବଂ ରତ୍ନର ନିପୁଣ କାରିଗରି ସହ ନିର୍ମିତ ଏବଂ ପ୍ରତ୍ୟେକ ବଧୂକୁ ଦୁନିଆର ସବୁଠାରୁ ସୁନ୍ଦର ବଧୂ ପରି ଅନୁଭବ କରାଇବା ଲାଗି ପ୍ରତିଷ୍ଠାନ ପକ୍ଷରୁ ପ୍ରୟାସ କରାଯାଇଛି। ବିଶେଷକରି ଏହି ସଂଗ୍ରହକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଖିମ୍‌ଜୀର ୯୧୬ ଏଚ୍‌ୟୁଆଇଡି ସୁନା ଏବଂ ହୀରା ଅଳଙ୍କାର ଗଢ଼ା ମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଉକ୍ତ ଗହଣା ସଂଗ୍ରହରେ ବ୍ରାଇଡାଲ୍ ସେଟ୍, ହାର, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ମୁଦିର ନିଆରା ସଂଗ୍ରହ ଉପଲବ୍ଧ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ପାରମ୍ପରିକ ଓ ଆଧୁନିକ ଅଳଙ୍କାରର ସମ୍ଭାର ସହ ଆକର୍ଷଣୀୟ ଡିଜାଇନ ମଧ୍ୟ ଉପଲବ୍ଧ କରାଉଛୁ। ବିଶେଷକରି ଖିମ୍‌ଜୀର ସମସ୍ତ ଅଳଙ୍କାର ନବବଧୂ ଓ ମହିଳାମାନଙ୍କର ସ୍ୱତନ୍ତ୍ର ମୁହୂର୍ତ୍ତର ଖୁସିକୁ ଦ୍ୱିଗୁଣିତ ଓ ସୌନ୍ଦର୍ଯ୍ୟତାକୁ ଆହୁରି ବଢ଼ାଇବ। ସେହିଭଳି ଆମର ଅତୁଳନୀୟ କାରିଗରିରେ ନିର୍ମିତ ଏହି ୱେଡିଂ କଲେକ୍ସନରେ ଅନନ୍ୟ ଡିଜାଇନ ପ୍ରଦର୍ଶନ ଏବଂ ପ୍ରତି ଅଳଙ୍କାର ମହିଳାମାନଙ୍କ ପାଇଁ ଆଶୀର୍ବାଦ ଭଳି ପ୍ରତିଫଳିତ ହେବ। ସେହିପରି ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସମସ୍ତ ନବବଧୂ ଓ ସେମାନଙ୍କ ପରିବାରବର୍ଗଙ୍କୁ ଚଳିତ ଥରର ବିଶେଷ ୱେଡିଂ କଲେକ୍ସନକୁ ଅନୁଭବ ଓ ଉପଭୋଗ କରିବା ନିମନ୍ତେ ଆମନ୍ତ୍ରିତ କରାଯାଉଛି, ଯାହା ସବୁଦିନ ପାଇଁ ଏକ ଖୁସି ଓ ପ୍ରେମର ପ୍ରତୀକ ହୋଇ ରହିବ।

## ବିଓବି ପକ୍ଷରୁ 'ଲଘୁ ଫିଲ୍ମ ସମୀକ୍ଷା ଲେଖନ' ପ୍ରତିଯୋଗିତା

ଭୁବନେଶ୍ୱର,୭।୬

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ 'ଲଘୁ ଫିଲ୍ମ ସମୀକ୍ଷା ଲେଖନ' ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା କ୍ଷେତ୍ରର ବିଭିନ୍ନ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସହ କାର୍ଯ୍ୟକ୍ଷେତ୍ରରେ ଅଧିକରୁ ଅଧିକ ହିନ୍ଦୀ ଭାଷାର ବ୍ୟବହାର ଓ ରାଜଭାଷା ଜରିଆରେ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟରତ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱର ଦେଶର ଏକ ପ୍ରମୁଖ ସମିତି ଭାବେ ହୋଇଥିବା ବେଳେ ଉକ୍ତ ସମିତିକୁ ଉତ୍କୃଷ୍ଟ ରାଜଭାଷା କାର୍ଯ୍ୟାନ୍ୱୟନ ନିମନ୍ତେ ସର୍ବୋଚ୍ଚ ପୁରସ୍କାର 'କୀର୍ତ୍ତି ପୁରସ୍କାର' ପ୍ରାପ୍ତ ହୋଇଛି। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକରେ ରାଜଭାଷା ହିନ୍ଦୀର ପ୍ରୟୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଦେଶର ବିଭିନ୍ନ ସହରରେ ଏହି ସମିତିଗୁଡ଼ିକର ଗଠନ କରାଯାଇଛି। ଏପରିକି ଭୁବନେଶ୍ୱରରେ କାର୍ଯ୍ୟରତ ନଗର ସମିତି ମଧ୍ୟ ଉକ୍ତ ସମିତିଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି ବିଓବି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମିତିର ସଦସ୍ୟମାନେ ବିଭିନ୍ନ ସମୟରେ କାର୍ଯ୍ୟାଳୟ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାର ଆୟୋଜନ କରିଥାନ୍ତି। ଏହି କ୍ରମରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ଲଘୁ ଫିଲ୍ମ ସମୀକ୍ଷା ଲେଖନ' ପ୍ରତିଯୋଗିତାର ଆୟୋଜନ କରାଯାଇଛି।

## ନୀତି ରାଜନୀତି



ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ବିପକ୍ଷରେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡୁଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ଲକ୍ଷ୍ନୌରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କୁ ଭେଟୁଛନ୍ତି।

## ହରିୟାଣା: ଭାଜପା-ଜେଜେପି ମେଣ୍ଟରେ ଫାଟ

ଚଣ୍ଡିଗଡ଼,୭।୬



ଦୁଶ୍ୟନ୍ତ ଚୌଟାଲା



ବିପ୍ଲବ ଦେବ

ହରିୟାଣାରେ ଭାଜପା-ଜେଜେପି ମେଣ୍ଟ ସରକାର ଚାଲିଛି। ମାତ୍ର ଏହି ଦୁଇ ଦଳ ମଧ୍ୟରେ ସୃଷ୍ଟ ବିବାଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜନନାୟକ ଜନତା ପାର୍ଟି(ଜେଜେପି) ସୁପ୍ରିମୋ ଦୁଶ୍ୟନ୍ତ ଚୌଟାଲାଙ୍କ ଉଚାନକାଲାନ ବିଧାନସଭା ଆସନ ନେଇ ବିବାଦ ଦେଖାଦେଇଛି। ହରିୟାଣା ଭାଜପା ଦାୟିତ୍ୱରେ ଥିବା ବିପ୍ଲବ ଦେବ ଦଳର ନେତ୍ରୀ ପ୍ରେମଲତାଙ୍କୁ ଉଚାନକାଲାନ ଆସନରୁ ପରବର୍ତ୍ତୀ ବିଧାୟକ ପ୍ରାର୍ଥୀ ଭାବେ ନାମିତ କରିଛନ୍ତି। ଏହା ପରେ ଦୁଇ ଦଳ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

ଜେଜେପି ରାଜ୍ୟ ସଭାପତି ନିଶାନ ସିଂ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଏହି ମେଣ୍ଟ କୌଣସି ଅନୁଗ୍ରହ କିମ୍ବା ମାଗଣାରେ କରାଯାଇ ନାହିଁ। ହରିୟାଣାର ଦ୍ରୁତ ବିକାଶ ଏବଂ ସ୍ଥିର ସରକାର ଦେବା ପାଇଁ ଏହା କରାଯାଇଥିଲା। ଭାଜପା ସହ ମେଣ୍ଟ ରହୁ କି ନ ରହୁ ସେଥିପ୍ରତି ଆମର ଗୁରୁତ୍ୱ ନାହିଁ, କିନ୍ତୁ ଦୁଶ୍ୟନ୍ତ କେବଳ ଉଚାନକାଲାନରୁ ହିଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏହାର ଜବାବରେ ବିପ୍ଲବ ଦେବ କହିଛନ୍ତି, ଆମ ଦଳ ସହ ମିଶି ଜେଜେପି କୌଣସି ଅନୁକମ୍ପା ପ୍ରଦର୍ଶନ କରି ନାହିଁ। ଆମେ ଅନେକ ଜେଜେପି ବିଧାୟକଙ୍କୁ ମନ୍ତ୍ରୀ କରିଛୁ। ମିଳିତ ମେଣ୍ଟକୁ ବଜାୟ ରଖାଯିବ କି ନାହିଁ, ସେ ବିଷୟରେ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ଗ୍ରହଣ କରିବେ। ବିପ୍ଲବ ଫରିଦାବାଦର ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମୋ ପେଟରେ କୌଣସି ଯନ୍ତ୍ରଣା ନାହିଁ। ଏନେଇ ଦୁଶ୍ୟନ୍ତଙ୍କର କିଛି ଚିନ୍ତା କରିବା ଦରକାର ନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ଦୁଶ୍ୟନ୍ତ ବିପ୍ଲବଙ୍କ ନାମ ନ ନେଇ କହିଥିଲେ, ଯଦି କେହି ପେଟରେ ଯନ୍ତ୍ରଣା ଅନୁଭବ କରୁଛନ୍ତି, ତେବେ ମୁଁ ଏଥିପାଇଁ ଔଷଧ ଦେଇ ପାରିବି ନାହିଁ।

## ବିଜେଡିର ୨୩ ବର୍ଷ ଶାସନରେ ୨୩ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ: ଭାଜପା

ଭୁବନେଶ୍ୱର, ୭।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଗତ ୯ ବର୍ଷର ଶାସନରେ ଓବିସି ବର୍ଗଙ୍କ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ସହିତ ଡାକ୍ତରୀ ଶିକ୍ଷା, ଡେଣ୍ଟାଲ ଏଜୁକେଶନ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ ପ୍ରଭୃତିର ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ରାଷ୍ଟ୍ରୀୟ ସାମଗ୍ରିକ ବିକାଶ ପାଇଁ ୫୪ ପ୍ରତିଶତ ଓବିସିଙ୍କ ବିକାଶକୁ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚିତ ମନେ କରନ୍ତି। ହେଲେ ରାଜ୍ୟର ବିଜେଡି ସରକାରର ଓବିସିମାରଣ ନୀତିର ଶିକାର ହୋଇ ବହୁ ଛାତ୍ରୀଛାତ୍ର ଏବଂ ଯୁବତୀଯୁବକ ହତାଶ ହୋଇପଡ଼ିଛନ୍ତି। ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖାରେ ସଂରକ୍ଷଣ ନ ଦେବା ଫଳରେ ବିଜେଡି ସରକାରର ଗତ ୨୩ ବର୍ଷ ଶାସନରେ ପ୍ରାୟ ୨୩ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବାସ୍ତବରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାମାନେ ଓବିସି ବର୍ଗଙ୍କୁ ଘୃଣା କରନ୍ତି। ରାଜ୍ୟ ସରକାର ରାଜ୍ୟର ସଂଖ୍ୟାଧିକ ପଛୁଆବର୍ଗଙ୍କୁ ଯେଉଁଭଳି ଉପେକ୍ଷା କରୁଛନ୍ତି ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଓବିସି ମୋର୍ଚ୍ଚା ତରଫରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହା ଜନସମ୍ପର୍କ ଅଭିଯାନରେ ବ୍ୟାପକ ଜନଜାଗରଣ କରାଯିବ। ସେହିପରି ମୋର୍ଚ୍ଚା ତରଫରୁ ଆରମ୍ଭ ହୋଇଥିବା ଗାଁ ଗାଁ ଚାଲ, ଘର ଘର ଚାଲ ଅଭିଯାନ ଜରିଆରେ ବିଜେଡି ସରକାରର ଓବିସିମାରଣ ନୀତି ବିରୋଧରେ ମଧ୍ୟ ଜନଜାଗରଣ କରାଯିବ। ରାଜ୍ୟ ସରକାର ନାମଲେଖାରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାନ୍ତୁ ବୋଲି ସୁରଥ ଦାବି କରିଛନ୍ତି।

## ମନ୍ତ୍ରୀଙ୍କ ଇସ୍ତଫା, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦାବି

ଭୁବନେଶ୍ୱର, ୭।୬(ବ୍ୟୁରୋ)

### ବାହାନଗା ଦୁର୍ଘଟଣା ନେଇ ରେଳ ସଦନ ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ




ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣା ପ୍ରସଙ୍ଗରେ ଛାତ୍ର କଂଗ୍ରେସ ରାସ୍ତାକୁ ଓହ୍ଲାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ରେଳ ସଦନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ରେଳ ସଦନ ମୁଖ୍ୟ ଫାଟକ ପାଖରେ ବିକ୍ଷୋଭ କାର୍ଯ୍ୟକ୍ରମ କରି ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ପୋଲିସ ଛାତ୍ର କଂଗ୍ରେସ ସଭାପତି ୟାସିର ଏବଂ ଅନ୍ୟମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ୍ ଯୋଗେ ଉଠାଇନେଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଏହି ଅବସରରେ ୟାସିର କହିଛନ୍ତି, ରେଳ ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ପ୍ରକୃତ ଦୋଷୀ। ପ୍ରତି ମୃତକଙ୍କ ପରିବାରକୁ ରେଲୱେ ପକ୍ଷରୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ମୃତକ ଓ ଅକର୍ମଣ୍ୟ ପରିବାରର ଜଣକୁ ସରକାରୀ ଚାକିରି ଦିଆଯାଉ। ଏହି ଘଟଣାରେ ରେଳମନ୍ତ୍ରୀ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। କାରଣ ମୋଦି ସରକାରର ୯ ବର୍ଷର ଶାସନରେ ରେଳ ବିଭାଗ ସମ୍ପୂର୍ଣ୍ଣ ଉପେକ୍ଷିତ ଏବଂ ଲୁଣ୍ଠିତ। ରେଳ ବିଭାଗ ପ୍ରତି ଚରମ ଅବହେଳା କରାଯାଇଛି। ମୃତ ରେଳଯାତ୍ରୀଙ୍କ ସଂଖ୍ୟା କ'ଣ ପାଇଁ ଲୁଚେଇ ଦିଆଯାଉଛି ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପାଇଁ ଏହା ଷଡ଼ଯନ୍ତ୍ର ହେଉଛି। ରେଲୱେ ପକ୍ଷରୁ ସଂସଦୀୟ କମିଟିର ସୁପାରିସ ଏବଂ ସିଏଜିର ରିପୋର୍ଟକୁ କେନ୍ଦ୍ର ସରକାର ଆଦୌ ପାଳନ କରିନାହାନ୍ତି। ଦୁର୍ଘଟଣା ଘଟିବାର ମୁଖ୍ୟ ଦୋଷୀ ଚିହ୍ନଟ ହୋଇଗଲା ବୋଲି ରେଲୱେ ଘୋଷଣା କରିଦେବା ପରେ ପୁଣି ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ସିବିଆଇ ତଦନ୍ତ କରୁଛନ୍ତି। ସିବିଆଇ କେନ୍ଦ୍ର ସରକାରଙ୍କ ହାତବାରିସି ସାଜିଛି। ତେଣୁ ଏଥିରେ ତଦନ୍ତ ବାଟବଣା ହେବ। କେତେଜଣ ନିରୀହ ଲୋକଙ୍କୁ ଏଥିପାଇଁ ଦଣ୍ଡିତ ହେବାକୁ ପଡ଼ିବ। ସମଗ୍ର ବ୍ୟବସ୍ଥାର ଯିଏ ପରିଚାଳକ ଅଶ୍ୱିନୀ ବୈଷ୍ଣବ ଏ ପର୍ଯ୍ୟନ୍ତ ନିଜକୁ ଦୋଷୀ କହିନାହାନ୍ତି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।

## ଏଥର ରଜ ଲଢ଼େଇ



'ଲଭ୍ ଇନ୍ ଲଣ୍ଡନ'ରେ ଅନୁଭବ-ସ୍ୱପ୍ନା

# ଲଭ୍ ଇନ୍ ଲଣ୍ଡନ ବନାମ ଗୁଡ୍ଡୁ ଗ୍ୟାଙ୍ଗଷ୍ଟର

ବିଶେଷ ଭାବରେ ପୂଜାପାର୍ବଣରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମାଗୁଡିକ ଭିତରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ । କରୋନା ମହାମାରୀ ପରେ ଏବେ ପୁଣି ଥରେ ପ୍ରେକ୍ଷାଳୟଗୁଡିକ ଚଳଚଞ୍ଚଳ ହୋଇଉଠିଛି । ଚଳିତବର୍ଷ ଏ ପର୍ଯ୍ୟନ୍ତ ମୋଟ ୧୭ଟି ଓଡ଼ିଆ ସିନେମା ରିଲିଜ୍ ହୋଇସାରିଛି । ଏଥର ରଜରେ ଦ୍ୱିମୁଖୀ ଲଢ଼େଇ ଦେଖିବାକୁ ମିଳିବ । ସିନେମା ଦ୍ୱୟ-'ଲଭ୍ ଇନ୍ ଲଣ୍ଡନ' ଏବଂ 'ଗୁଡୁ ଗ୍ୟାଙ୍ଗଷ୍ଟର' ଜୁନ୍ ୧୩ରେ ରିଲିଜ୍ ହେବାକୁ ଯାଉଛି । ରାଜନୀତିରେ ପ୍ରବେଶ କରିବା ପରେ ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଥିବା ଅନୁଭବ ମହାନ୍ତି ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି । ଫିଲ୍ମଟି ହେଲା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଲଭ୍ ଇନ୍ ଲଣ୍ଡନ' । ଜେ.ବି. ଫିଲ୍ମସ୍ ଓ ଆମର ଷ୍ଟୁଡିଓ ବ୍ୟାନରରେ, ନବୀନ ଭଣ୍ଡାରି ଓ ଜେ. ବର୍ଷା ପ୍ରଯୋଜିତ ଏହି ଫିଲ୍ମଟି ଏକ ଭିନ୍ନ ଧରଣର ରୋମାଣ୍ଟିକ କାହାଣୀକୁ ନେଇ ଆଧାରିତ । ଏଥିରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ସ୍ୱପ୍ନା ପ୍ରିୟଦର୍ଶିନୀ । ତାଙ୍କ ବ୍ୟତୀତ ସୌମ୍ୟା ସଚଦେବଙ୍କୁ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଅନ୍ୟପକ୍ଷରେ ରହସ୍ୟ, ରୋମାଞ୍ଚକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ଗୁଡୁ ଗ୍ୟାଙ୍ଗଷ୍ଟର' ଏଥର ରଜରେ ପରଦା ଉପରକୁ ଆସିବ । ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଫିଲ୍ମ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି । ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ୍ ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାକ୍ଷୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଆଦି କଳାକାର ଅଭିନୟ କରିଛନ୍ତି । ତେବେ ଏଥର ରଜରେ କେଉଁ ଫିଲ୍ମ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା



'ଗୁଡୁ ଗ୍ୟାଙ୍ଗଷ୍ଟର'ରେ ଶୈଳେନ୍ଦ୍ର-ଶିବାନୀ

# ନୂଆ ଅବତାର

ଅଭିନେତା ଚନ୍ଦନ କର ଖୁବ୍‌ଶୀଘ୍ର ଏକ ନୂଆ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସିବେ । ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ଜୀବନୀକୁ ନେଇ ପ୍ରସ୍ତୁତ କରାଯାଇଛି ଓଡ଼ିଆ ସିନେମା 'ମହର୍ଷି' । ସାହସୀ ଜୟୀ ରାଜଗୁରୁଙ୍କୁ ସେତେବେଳେ ବ୍ରିଟିଶ ଶାସକ ଫାଶୀଖୁଣ୍ଟରେ ଝୁଲାଇବାକୁ ପଛାଇ ନ ଥିଲେ । ଏହି ସିନେମାଟିକୁ ନିର୍ମାଣ କରିଛନ୍ତି ପ୍ରଦୀପ କୁମାର ସାହୁ । ପ୍ରଯୋଜନା କରିଛନ୍ତି ରମାକାନ୍ତ କର । ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସତ୍ୟବ୍ରତ ନାୟକ । ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର । ଏଥିରେ ଚନ୍ଦନଙ୍କ ବ୍ୟତୀତ ଶ୍ରୀତମ୍ ଦାସ, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ, ଚୌଧୁରୀ ବିକାଶ ଦାସ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।



ଚନ୍ଦନ

# ପ୍ରୟାସ ଅଭିନବ



ଜିତେଶ

ନିକଟରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏକ ଭିନ୍ନ ସ୍ୱାଦର ଓଡ଼ିଆ ସିନେମା 'ଟି' । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଏବଂ ପୁରସ୍କୃତ ହେବା ପରେ ଚିତ୍ରଟି ବଡ଼ ପରଦାରେ ମଧ୍ୟ ଦର୍ଶକାଦୃତ ହେବାରେ ଲାଗିଛି । ଫିଲ୍ମଟିର କାହାଣୀ ଜଣେ ଟ୍ରାନ୍ସଜେଣ୍ଡର ଏବଂ ସାମାଜିକ କର୍ମୀ ମେଘନା ସାହୁଙ୍କ ଜୀବନୀକୁ ନେଇ ଗତି କରିଛି । ଏଭଳି ଏକ ଉଦ୍ୟମ କରି ସେଥିରେ ସଫଳ ହୋଇଛନ୍ତି ଏହି ସିନେମାର ଏକାଧାରରେ କାହାଣୀକାର, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଜିତେଶ କୁମାର ପରିଡ଼ା । ଏଭଳି ଏଭ ଅଭିନବ ପ୍ରୟାସ ବିଷୟରେ ସେ କହନ୍ତି, 'ଆଜିକାଲି ଆମ ସମାଜରେ ଅନେକ ବିଷୟ ରହିଛି, ଯାହାକୁ ନେଇ ଅଧିକ ଆୱାରନେସ୍ ସୃଷ୍ଟି କରାଯାଇପାରିବ । ସେହିଭଳି ଟ୍ରାନ୍ସଜେଣ୍ଡରଙ୍କ ଜୀବନୀକୁ ନେଇ ଏକ ସିନେମାଟିଏ ନିର୍ମାଣ କରିବାକୁ ଚାହିଁଥିଲି । ଗତ ୪-୫ବର୍ଷ ଧରି କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ଅନେକ ଭାଷାର ସିନେମା ଦେଖିବା ପରେ ଆମ ଓଡ଼ିଆ ଭାଷାରେ କାହିଁକି ଏଭଳି ସିନେମା ନିର୍ମାଣ କରାଯାଇପାରିବ ନାହିଁ ବୋଲି ଭାବିଥିଲି । ଆଉ 'ଟି' ହେଉଛି ଏକ ପ୍ରୟାସମାତ୍ର । ଯାହାହେଉ ରିଲିଜ୍ ହେବାର ଦୁଇ ସପ୍ତାହ ଭିତରେ ଏହି ଫିଲ୍ମକୁ ଯେତିକି ଭଲ ରେସ୍‌ପନ୍ସ ମିଳିଛି ତାହା ମୋତେ ଆହୁରି ପ୍ରେରଣା ଦେଇଛି । ଟ୍ରାନ୍ସଜେଣ୍ଡରମାନେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ସାରିଲେଣି । ତେଣୁ ସେମାନଙ୍କର ଏଭଳି ଉଦ୍ୟମକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏହି ଫିଲ୍ମଟି ନିର୍ମାଣ କରିଥିଲି । ଏଥିରେ ମୁଖ୍ୟ ଭୂମିକାରେ ଦେବାଶିଷ ସାହୁଙ୍କ ବ୍ୟତୀତ ହର ରଥ, କେଦାର ମିଶ୍ର, ଉଷସୀ ମିଶ୍ର ଏବଂ ଅନ୍ୟାନ୍ୟ କଳାକାରଙ୍କ ନିଖୁଣ ଅଭିନୟ ଫିଲ୍ମଟିକୁ ହିଟ୍ କରାଇବାରେ ସକ୍ଷମ ହୋଇଛି ।

## ଶୁକ ଭାଇର ସୋଲେ

ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ କୌସ୍ତୁଭ ଡ୍ରିମ୍ ୱାର୍କ୍ସ ବ୍ୟାନରରେ ତିଆରି ଓଡ଼ିଆ ଫିଲ୍ମ 'ଶୁକ ଭାଇର ସୋଲେ' । ସ୍ନେହାଶିଷ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚିତ୍ରଟି ଚଳିତ ମାସ ୧୦ ତାରିଖରେ ଆଓ ନେକ୍ସଟ ଓଟିଟି ଡିଜିଟାଲ ପ୍ଲାଟ୍‌ଫର୍ମରେ ରିଲିଜ୍ ହେବାକୁ ଯାଉଛି । ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଶୁକ ଭାଇଠାରୁ ଆରମ୍ଭ ହୋଇଛି କାହାଣୀ । ସେ ଛୋଟବେଳୁ 'ଜୟ' ('ସୋଲେ' ଫିଲ୍ମର ଅମିତାଭ ବଚ୍ଚନଙ୍କ ଚରିତ୍ର)ର ଜୀବନୀକୁ ଆପଣେଇଛି । ତେଣୁ ସବୁବେଳେ ନିଜ ଭିତରେ ସେ 'ଜୟ'କୁ ଦେଖେ । ଶୁକ ଭାଇ ନିଜ ଗାଁର ଜଣେ ଅଳ୍ପ ବୟସ୍କ, ବିଧବା ଲକ୍ଷ୍ମୀକୁ ଭଲ ପାଇ ବସିଛି ହେଲେ ଏହି ପ୍ରେମ ମଝିରେ ଆସିଛି ଖଳନାୟକ ରସିଦ ଖାନ୍ । ସେପଟେ ଶୁକ ଭାଇ ହରାଇଛି ନିଜ ବାପାକୁ । ତେବେ କିଏ ମାରିଲା ଶୁକ ଭାଇର ବାପାକୁ ? ଶୁକ ଭାଇକୁ କ'ଣ ଲକ୍ଷ୍ମୀ ମିଳିଛି ? ଏମିତି ସବୁ ପ୍ରଶ୍ନର ଉତ୍ତର ରହିଛି ଏହି ଫିଲ୍ମରେ । କୌଶିକ ଦାସ ଓ ରାମ ପଟ୍ଟନାୟକ ପ୍ରଯୋଜିତ ଉକ୍ତ ସିନେମାର ମୁଖ୍ୟ ଚରିତ୍ରରେ ଅଛନ୍ତି ସତ୍ୟରଞ୍ଜନଙ୍କ ବ୍ୟତୀତ ଅନୁଭା ଶୌର୍ଯ୍ୟା, ସୁକାନ୍ତ ରଥ, ଜୟପ୍ରକାଶ ଦାଶ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ । ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଅଭିଜିତ ମିଶ୍ର ଦେଇଥିବା ବେଳେ ଗୀତଗୁଡ଼ିକ ଆମର ମ୍ୟୁଜିକରେ ରିଲିଜ୍ ହୋଇଛି ।



କାଜଲ

# କାଜଲଙ୍କ ଡିନର ପାର୍ଟି

କାଜଲ ଅଗ୍ରୱାଲଙ୍କୁ ନେଇ ଏବେ ଚର୍ଚ୍ଚା । ତାହାର କାରଣ କ'ଣ ଜାଣନ୍ତି ? ଏକଦା ସେ ତାଙ୍କ ସ୍କୁଲ ସହପାଠୀଙ୍କୁ କହିଥିଲେ ଯେ ତାଙ୍କୁ ଫୁର୍‌ସତ ମିଳିଲେ ସେ ସେମାନଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବେ । ନିକଟରେ ସେ ତାହା ପୂରଣ କରିଛନ୍ତି । କଥା କ'ଣ କି ତାମିଲ ଫିଲ୍ମ 'ଇଣ୍ଡିଆନ-୨'ର ଶୁଟିଂରୁ ସାମୟିକ ବ୍ରେକ୍ ମିଳିବା ପରେ ସେ ଘରକୁ ଫେରିଛନ୍ତି । ଏବେ ପାଖାପାଖି ଦୁଇ ସପ୍ତାହ ପରିବାର ସହ ରହିବେ । ତେଣୁ ଏହି ସମୟରେ ସେ ତାଙ୍କ ସାଙ୍ଗମାନଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ । ଏ ନେଇ କାଜଲ କହନ୍ତି, 'ବର୍ତ୍ତମାନ ମୋ ନୂଆ ସିନେମା 'ଇଣ୍ଡିଆନ୍-୨'ର ଶୁଟିଂରୁ ମୋତେ ଦୁଇ ସପ୍ତାହ ବ୍ରେକ୍ ମିଳିଛି । ତେଣୁ ଏହି ସମୟ ଭିତରେ ସ୍କୁଲର କେତେଜଣ ଅନ୍ତରଙ୍ଗ ଫ୍ରେଣ୍ଡସ୍‌ଙ୍କ ପାଇଁ ଡିନର ପାର୍ଟିର ଆୟୋଜନ କରିଥିଲି । ଆଉ ସମସ୍ତେ ମିଶି ଏହି ପାର୍ଟିର ଭରପୂର ମଜା ଉଠାଇଥିଲୁ ।' ଏସ୍. ଶଙ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଭୂମିକାରେ କମଲ ହାସନ ଅଭିନୟ କରୁଛନ୍ତି । ଫିଲ୍ମଟିର ବଜେଟ ରହିଛି ପ୍ରାୟ ୨୫୦ କୋଟି । ଏବେ କାଜଲଙ୍କ ହାତରେ 'ଏନ୍‌ବିକେ ୧୦୮' ନାମକ ତେଲୁଗୁ ଫିଲ୍ମ ଏବଂ 'ଉମା' ଟାଇଟଲ ବିଶିଷ୍ଟ ହିନ୍ଦୀ ସିନେମା ରହିଛି ।

# ଚାରି ବର୍ଷ ପରେ...

ଦୀର୍ଘ ଚାରି ବର୍ଷ ପରେ ସୋନମ୍ କପୁର ପୁଣି ଥରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । ତାଙ୍କ ଅଭିନୀତ ଶେଷ ଫିଲ୍ମଟି ଥିଲା 'ଦ ଜୋୟା ଫ୍ୟାକ୍ଟର' । ୨୦୧୯ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟିର ବଜେଟ ଥିଲା ୩୩ କୋଟି, ହେଲେ ବକ୍ସ ଅଫିସରେ ଚିତ୍ରଟି ମାତ୍ର ଛଅ କୋଟି ଇନ୍‌କମ୍ କରିଥିଲା । ତେବେ ଘର ସଂସାର କରିବା ପରେ ସାମୟିକ ସମୟ ପାଇଁ ଅଭିନୟରୁ ବ୍ରେକ୍ ନେଇଥିଲେ । ଏବେ ପୁଣି ଥରେ ଅଭିନୟ ସହ ଜଡ଼ିତ ରହିବାକୁ ସେ କୁଆଡ଼େ ମାଇଣ୍ଡ ମେକ୍‌ଅପ କରିସାରିଲେଣି । ନିର୍ମାଣାଧୀନ ହିନ୍ଦୀ ସିନେମା 'ବ୍ଲାଇଣ୍ଡ'ର ନାୟିକା ସାଜିଛନ୍ତି ଏହି ଅଭିନେତ୍ରୀ । ଏକ ଆପରାଧିକ ଘଟଣା ଉପରେ କାହାଣୀ ଆଗକୁ ବଢ଼ିଛି । ଏହି କ୍ରାଇମ୍ ଥ୍ରୀଲର ଫିଲ୍ମର ପ୍ରଯୋଜନା କରୁଛନ୍ତି ସୁଜୟ ଘୋଷ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସୁମୀ ମଖିଜା । ଏ ନେଇ ସୋନମ୍ କହନ୍ତି, 'ଏହାର କାହାଣୀ ଏବଂ ଏଥିରେ ମୋ ଭୂମିକାକୁ ନେଇ ବେଶ୍ ଭରସା ରହିଛି । ମୋତେ ମିଳିଥିବା ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ । ଦୃଷ୍ଟିଶକ୍ତି ହରାଇଥିବା ଜଣେ ପୋଲିସ ଅଫିସର କିପରି ଜଣେ ସିରିଏଲ୍ କିଲରକୁ ଖୋଜୁଛି ଏବଂ ନିଜ ଲକ୍ଷ୍ୟରେ ସେ କିଭଳି ସଫଳ ହେଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ ।' ୨୦୧୧ରେ ରିଲିଜ୍ ହୋଇଥିବା କୋରିଆ ଫିଲ୍ମ 'ବ୍ଲାଇଣ୍ଡ୍'ର ଏହା ହେଉଛି ରିମେକ୍ । ତେବେ ଏପରି ଏକ ଭିନ୍ନ ଧରଣର ଭୂମିକା ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ ।



ସୋନମ

# ଅଭିନେତା ହୋଇ ନଥିଲେ...

ଦକ୍ଷିଣ ଭାରତୀୟ ସିନେମା ଜଗତର ଅନ୍ୟତମ ପରିଚିତ ଅଭିନେତା ହେଉଛନ୍ତି ପ୍ରଭାସ । 'ବାହୁବଳୀ' ଫେମ୍ ଏହି ଆକ୍ଟର ଯେତେବେଳେ ପାଠ ପଢୁଥିଲେ, ସେତେବେଳେ ଭବିଷ୍ୟତରେ ବିଜନେସ୍‌ମ୍ୟାନ୍ ହେବାକୁ ଆଶା ରଖିଥିଲେ । ହେଲେ ସଂଯୋଗବଶତଃ ଅଭିନୟ ଦୁନିଆରେ ସରପ୍ରାଇଜ ଏଣ୍ଟ୍ରି କରିଥିଲେ । ଅଭିନେତା ହେବାକୁ ତାଙ୍କୁ ଅଧିକ ପ୍ରୋତ୍ସାହିତ କରିଥିଲେ ତାଙ୍କର ମାମୁ ଉପାଲ୍ଲାପତି କ୍ରିଷ୍ଣମ୍ ରାଜୁ । ୨୦୦୨ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଈଶ୍ୱର' ରିଲିଜ୍ ହୋଇଥିଲା । ନିଜ ଅଭିନୟ କ୍ୟାରିୟର ବିଷୟରେ ପ୍ରଭାସ କହନ୍ତି, 'ମୋର ପ୍ରଥମ ସିନେମା 'ଈଶ୍ୱର' ଫ୍ଲପ୍ ହୋଇଥିଲା । ଯେତେବେଳେ ପାଠ ପଢୁଥିଲି ବିଜନେସ୍‌ମ୍ୟାନ ହେବାକୁ ଆଶା ଥିଲା, ହେଲେ ପରବର୍ତ୍ତୀ ସମୟରେ ମୁଁ ଆକ୍ଟର ହୋଇଗଲି । ମୋର ଆକ୍ଟିଂ ଜୀବନର ପ୍ରାରମ୍ଭର ତିନି ବର୍ଷ ବେଶ୍ କଠିନ ଥିଲା । ମୋ ଅଭିନୀତ ସିନେମାଗୁଡ଼ିକ ଫ୍ଲପ୍ ହେଲା । କିନ୍ତୁ ୨୦୦୫ରେ ଏସ୍.ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ 'ଛତ୍ରପତି' ସୁପରହିଟ୍ ହେବା ମୋ କ୍ୟାରିୟର ପାଇଁ ତାହା ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା ।' ପ୍ରଭାସଙ୍କ ପ୍ରକୃତ ନାମ ଥିଲା ଭେଙ୍କଟ ସତ୍ୟନାରାୟଣ ପ୍ରଭାସ ରାଜୁ । ୧୯୭୯ ଅକ୍ଟୋବର ୨୩ରେ ଜନ୍ମିତ ପ୍ରଭାସଙ୍କ ବାପା ୟୁ. ସତ୍ୟନାରାୟଣ ରାଜୁ ଥିଲେ ଜଣେ ପ୍ରଯୋଜକ ।



ପ୍ରଭାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାସାଗର ସୁରକ୍ଷା ହିଁ ପୃଥିବୀର ସୁରକ୍ଷା

ପୃଥିବୀର ୭୦% ଅଞ୍ଚଳ ଜଳଭାଗ। ଜଳଭାଗର ସୁରକ୍ଷା ପୃଥିବୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ମହାସାଗର ସୁରକ୍ଷା ହିଁ ପୃଥିବୀର ସୁରକ୍ଷା। ମହାସାଗରର ଜୈବ ବିବିଧତା ପୃଥିବୀକୁ ଦୀର୍ଘସ୍ଥାୟୀ କରି ଗଢ଼ିଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୮ତାରିଖକୁ ବିଶ୍ୱ ମହାସାଗର ଦିବସ ଭାବେ ପାଳନ କରାଯାଏ । ୧୯୯୨ରେ ବ୍ରାଜିଲରେ ଅନୁଷ୍ଠିତ ପୃଥିବୀ ଶିଖର ସମ୍ମିଳନୀରେ କାନାଡ଼ାର 'ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଓସେନ ଡେଭଲପମେଣ୍ଟ' ଏବଂ 'ଓସେନ ଇନ୍‌ଷ୍ଟିଚ୍ୟୁଟ ଅଫ କାନାଡ଼ା' ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ଜାତିସଂଘ ଦ୍ୱାରା ଏହି ଦିବସକୁ ୨୦୦୮ରେ ସ୍ୱୀକୃତି ମିଳିଥିଲା। ସମୁଦ୍ରର ସୁରକ୍ଷା ଏବଂ ଏଥିରୁ ମିଳିଥିବା ସମ୍ବଳର ସୁପରିକଳ୍ପିତ ପରିଚାଳନା ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏହା ମଣିଷର ଅର୍ଥନୈତିକ କାର୍ଯ୍ୟକଳାପ ଯୋଗୁଁ ସମୁଦ୍ର ଉପରେ ପଡୁଥିବା ପ୍ରଭାବଗୁଡିକ ସମ୍ପର୍କରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥାଏ।

ବିଶ୍ୱ ମହାସାଗର ଦିବସ ବାର୍ତ୍ତା ଦେଇଥାଏ ମହାସାଗରର ସୁରକ୍ଷା ଏବଂ ସମ୍ବଳର ସ୍ଥାୟୀ ଉପଯୋଗ ଆମ ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରତିବର୍ଷ ବିଶ୍ୱ ମହାସାଗର ଦିବସ ପାଳନ କରିବାକୁ ଜାତିସଂଘ ଏକ ନୂତନ ଥିମ୍ ଗ୍ରହଣ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହା ହେଉଛି 'ଗ୍ରହ ମହାସାଗର: ଜୁଆର ବଦଳୁଛି' (ପ୍ଲାନେଟ୍ ଓସେନ: ଟାଇଡ୍‌ସ ଆର ଚେଞ୍ଜିଂ)।

୧୯୮୭ ବିଶ୍ୱ ପରିବେଶ ଏବଂ ବିକାଶ ଆୟୋଗ ଭାବରେ ମଧ୍ୟ ଜଣାଶୁଣା ବ୍ରାଣ୍ଡଲ୍ୟାଣ୍ଡ ରିପୋର୍ଟରେ ବ୍ରଣ୍ଡଟଲ୍ୟାଣ୍ଡ କମିଶନ ଉଲ୍ଲେଖ କରିଥିଲେ ଅନ୍ୟ କ୍ଷେତ୍ର ତୁଳନାରେ ମହାସାଗର କ୍ଷେତ୍ରର ବିକାଶ ପାଇଁ ସଚେତନତାର ଅଭାବ ରହିଛି। ମହାସାଗରର ଉପଯୋଗିତା ନ ବୁଝି ବହୁ ଲୋକ ଏହାର ଗର୍ଭକୁ ଆବର୍ଜନାରେ ଭର୍ତ୍ତି କରିବାରେ ଲାଗିଛନ୍ତି। ଫଳରେ ପୃଥିବୀ ପାଇଁ ସର୍ବାଧିକ ଗୁରୁତ୍ୱଥିବା ବିରାଟ ମହାସାଗର ଅଞ୍ଚଳ ମାନବୀୟ କାର୍ଯ୍ୟ ଯୋଗୁ ଜୈବ ବିବିଧତା ହରାଇବାରେ ଲାଗିଛି।

## ବିଶ୍ୱ ମହାସାଗର ଦିବସ



୧୯୯୨ରେ ପ୍ରଥମ ବିଶ୍ୱ ମହାସାଗର ଦିବସର ଉଦ୍ଦେଶ୍ୟ ଥିଲା ମହାସାଗର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟସ୍ତରରେ ଏକ ମଞ୍ଚ ଗଠନ କରିବା। ବିଶ୍ୱସ୍ତରରେ ସମନ୍ୱିତ ପ୍ରୟାସଗୁଡ଼ିକ ଓସିନ ପ୍ରୋଜେକ୍ଟ ଏବଂ ବିଶ୍ୱ ମହାସାଗର ନେଟ୍‌ୱର୍କ ସହଯୋଗରେ ଆରମ୍ଭ ହୋଇଥିଲା ଏବଂ କାର୍ଯ୍ୟକ୍ରମଗୁଡିକ ବଢ଼ିବାରେ ଲାଗିଥିଲା। ଏହି ସମୟ ମଧ୍ୟରେ www.WorldOceanDay.org ଉନ୍ମୋଚିତ ହୋଇଥିଲା। ସମୁଦ୍ରର ଉପଯୋଗିତା ସମ୍ପର୍କରେ ସଚେତନତା ବଢ଼ାଇବାକୁ ତଥା ଆମର ନୀଳ ଗ୍ରହ ପାଇଁ ଏକ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ପ୍ରଦାନ କରିବାରେ ସାହାଯ୍ୟ କରିବାକୁ ୱେବ୍‌ସାଇଟ କାର୍ଯ୍ୟକ୍ରମ ଆୟୋଜକମାନଙ୍କ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀର ସହଯୋଗ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଶିକ୍ଷାଗତ ତଥା କାର୍ଯ୍ୟକ୍ଷମ ଉତ୍ସ, ଧାରଣା ଏବଂ ଉପକରଣର ବିସ୍ତାର ମାଧ୍ୟମରେ ବିଶ୍ୱସ୍ତରୀୟ ଯୋଗଦାନ ସୃଷ୍ଟି କରିବାର ପ୍ରୟାସ ହୋଇଥିଲା। ବିଶ୍ୱ ମହାସାଗର ଦିବସ ପାଳନ କରିବାକୁ ଯୋଜନା ମଧ୍ୟ ହୋଇଥିଲା। ୨୦୦୪ରେ ମହାସାଗର ପ୍ରକଳ୍ପ ଏବଂ ବିଶ୍ୱ ମହାସାଗର ନେଟ୍‌ୱର୍କ ପକ୍ଷରୁ ଆମର ମହାସାଗର ଗ୍ରହ ପାଇଁ ଏକ ଭିନ୍ନତା ଆଣିବାରେ ଉପକ୍ରମ କରାଯାଉ ବୋଲି ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ଉଭୟ ଅନ୍‌ଲାଇନ ଏବଂ ବ୍ୟକ୍ତିଗତ ଭାବରେ ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବରେ ୮ ଜୁନକୁ ବିଶ୍ୱ ମହାସାଗର ଦିବସ ଭାବରେ ସ୍ୱୀକୃତି ଦେବା ପାଇଁ ଏକ ଆବେଦନପତ୍ରରେ ଦସ୍ତଖତ କରାଯାଇଥିଲା। ଡିସେମ୍ବର ୨୦୦୮ରେ ମିଳିତ ଜାତିସଂଘର ସାଧାରଣ ସଭା ଏହି ଦିନକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦେବା ସମ୍ପର୍କରେ ଏକ ଘୋଷଣା କରିଥିଲା।

## ଏ ବର୍ଷର ବାର୍ତ୍ତା

ଚଳିତ ବର୍ଷ 'ବିଶ୍ୱ ମହାସାଗର ଦିବସ' ଲାଗି ବାର୍ତ୍ତା ରହିଛି 'ଗ୍ରହ ମହାସାଗର: ଜୁଆର ବଦଳୁଛି' (ପ୍ଲାନେଟ୍ ଓସେନ: ଟାଇଡ୍‌ସ ଆର ଚେଞ୍ଜିଂ)।



# ସହଯୋଗ ଲୋଡ଼ା

**ଆଜି ହେଉଛି 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଧଳା ଏହାର ଭିତର ଅଂଶ। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡ଼ିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା-ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡ଼ିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ଅସୁଖବିସୁଖ ମଧ୍ୟ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେରଖିବା, ମନେପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୁଣ ଅବସ୍ଥାରୁ।

ବ୍ରେନ୍ ଟ୍ୟୁମର ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୮ ତାରିଖରେ ପାଳିତ ହୋଇଥାଏ 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପ୍ରଥମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ। ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ। ଏହା ହିଁ ହେଉଛି ଚଳିତ ବର୍ଷ ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଉପଲକ୍ଷେ ପ୍ରସାରିତ ବାର୍ତ୍ତାର ସାରମର୍ମ।

**ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ**

ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶୀ ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶୀ ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରି ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁଁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମ୍‌ଆରଆଇ ସ୍କାନ, ପେଟ ସ୍କାନ, ଇଇଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା।

ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଠିକ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

**- ଡା. ନିତ୍ୟାନନ୍ଦ ସ୍ୱାଇଁ**
ମୋ: ୮୩୨୮୯୭୫୧୧୮

> ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ। ଏହା ହେଉଛି ଚଳିତ ବର୍ଷ ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଉପଲକ୍ଷେ ପ୍ରସାରିତ ବାର୍ତ୍ତାର ସାରମର୍ମ।


# Classified Everyday
0674-2580101, 2549949




**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft- 3,60,000/-, ଛତାବର 1200 sqft- 3,00,000/- ନଖରା- 300/- 6371569855. D-74870

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft. 1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

Newly built 3 BHK Duplex at Subhadra Villa, Gated Community, Land Area - 1200 sqft., Built-up Area-1765 sqft., At: Pradhan Sahi on Sundarapada - Jatani main road side. Contact: 9437404347. D-74708

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866




Full body massage relax body mind by trend lady therapist. 7008773793. D-75110

Herbal full body massage by smart / expert therapist. Contact: 7846923244. D-74691

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Newly open SPA positively health benefit with expert. Contact: 7749976301. D-74546

All types of professional body massage by professional therapy. Contact: 9556924059, 7077933109. D-0499

Newly open health benefits Spa special offer @ 799, Master canteen. 9124527173. D-75116

Newly open Spa Positively Health benefits with expert therapist. 9040286886. D-75115

Newly open health benefits Spa special offer @799 Jaydev Vihar. 8018429809. D-75113

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

**LOST**

Name: Samvit Sourav, S/o- Late Ganeswar Bhoi. Missing document: Duplicate Sale Deed No.- 11131202715/2012. For this plot document: CP-33, Niladrivihar, C.S.Pur, Ph.-II, BBSR. Missing place: Niladrivihar to Sailashreevihar. Missing date: 22.5.23 at 12 Noon. D-0533

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY — ALL EDITION - B/W (Everyday)
MORE SPACE * SAME PRICE

**ATC ଟାୱାର**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ- **7625811050**

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଭକ୍ତିପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଅଙ୍ଗୁରବାଳା ପରିଡ଼ା**
HIG-146, Lumbini Vihar, C.S Pur, Bhubaneswar
ଆବିର୍ଭାବ : ୦୭.୦୪.୧୯୭୦ ତିରୋଧାନ : ୦୮.୦୬.୨୦୨୨
ଚାହୁଁ ଚାହୁଁ ସମୟ ସ୍ରୋତରେ ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ କାର୍ଯ୍ୟାଳୟ ମଧ୍ୟରେ ବିରାଟ ଶୂନ୍ୟତା ଭରିଦେଇଛି, ଆପଣଙ୍କ ଅପାସୋରା ସ୍ମୃତି ଆମମାନଙ୍କ ଜୀବନର ପାଥେୟ ହେଉ। ହସି ହସାଇ କାନ୍ଦିବାକୁ ଏବଂ ଲୁହପିଇ ବଞ୍ଚିବାକୁ ଛାଡ଼ିଦେଲେ। ଆଜିର ପୁଣ୍ୟତିଥି ରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ**
ବ୍ରାଇଟ୍ ଇଞ୍ଜିନିୟର୍ସ ଆଣ୍ଡ ଇରେକ୍‌ଟର୍ସ କର୍ମଚାରୀ ବୃନ୍ଦ।
ଧ-୭୪୫୪୭

**ଶ୍ରଦ୍ଧାଞ୍ଜଳି**



**✓ସରୋଜିନୀ ମହାନ୍ତି**
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମର ଶ୍ରାଦ୍ଧବାର୍ଷିକୀ ଅବସରରେ କୋଟି କୋଟି ପ୍ରଣାମ । ତୁମେ ଆମକୁ ଛାଡି କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲ । ତୁମେ ଯେଉଁଠି ବି ଥାଅ ଭଲରେ ଥାଅ । ପ୍ରଭୁ ଜଗନ୍ନାଥ ତୁମ ଆତ୍ମାର ସଦ୍‌ଗତି କରନ୍ତୁ।
ଶୋକସନ୍ତପ୍ତ ଜେନା ପରିବାରବର୍ଗ।
ଧ-୦୫୩୨


## ଫୁରସତ୍

# ଖାଲି ପାଦରେ ପ୍ରଶଂସକଙ୍କୁ ଭେଟନ୍ତି ବିଗ୍ ବି

ମୁମ୍ବାଇ



ବିଗ୍ ବି କହିଲେ ଆମେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କୁ ବୁଝିଥାଉ। ଅନେକ ଲୋକ ତାଙ୍କୁ ଦେଖିବାକୁ ଭିଡ଼ ଲଗାଇଥିବା ସହ ସମ୍ମାନ ମଧ୍ୟ ଦେଇଥାନ୍ତି। ବିଗ୍ ବି ମଧ୍ୟ ତାଙ୍କ ପ୍ରଶଂସକଙ୍କୁ ସମ୍ମାନ ଦିଅନ୍ତି। ସେହି କାରଣରୁ ସେ ପ୍ରତି ରବିବାର ତାଙ୍କ ଘର ଜଲ୍‌ସାରୁ ବାହାରି ପ୍ରଶଂସକଙ୍କୁ ଭେଟିଥାନ୍ତି। ବିଗ୍ ବି ଏପରି ବହୁ ପୂର୍ବରୁ କରିଆସୁଛନ୍ତି। ହେଲେ ତାଙ୍କର ଏପରି କରିବା ପଛର କାରଣ ବାବଦରେ ସେ ନିଜେ କହିଛନ୍ତି। ଏନେଇ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରିଛନ୍ତି। ସେହି ଫଟୋରେ ବିଗ୍ ବି ଧଳାକୁର୍ତ୍ତା ପାଇଜାମା ସହ କଳା ରଙ୍ଗର ଜ୍ୟାକେଟ ପିନ୍ଧିଥିବା ଦେଖିବାକୁ ମିଳୁଛି। ହେଲେ ସେ ପାଦରେ ଚପଲ ପିନ୍ଧିନାହାନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ତାଙ୍କୁ ସବୁବେଳେ ପଚରାଯାଏ ଯେ ସେ କାହିଁକି ଖାଲି ପାଦରେ ପ୍ରଶଂସକଙ୍କୁ ଭେଟିଥାନ୍ତି। ମନ୍ଦିରକୁ ଯିବାବେଳେ ସମସ୍ତେ ଖାଲି ପାଦରେ ଯାଇଥାନ୍ତି। ପ୍ରତି ରବିବାର ଆସୁଥିବା ତାଙ୍କ ଶୁଭଚିନ୍ତକ ହେଉଛନ୍ତି ତାଙ୍କ ପାଇଁ ମନ୍ଦିର ସଦୃଶ। ସେଥିପାଇଁ ସେ ସେମାନଙ୍କୁ ଭେଟିବାକୁ ଖାଲି ପାଦରେ ଆସିଥାନ୍ତି। ତାଙ୍କର ଏହି ପୋଷ୍ଟରେ ଅନେକ କମେଣ୍ଟ ଆସିଛି। ବିଗ୍ ବି'ଙ୍କ ଏପରି ଚିନ୍ତାଧାରା ପାଇଁ ତାଙ୍କୁ ଅନେକ ଶୁଭେଚ୍ଛା ମିଳିଛି। ତେବେ ଅମିତାଭ ୧୯୬୯ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ଫିଲ୍ମ 'ସାତ ହିନ୍ଦୁସ୍ତାନୀ' ଜରିଆରେ କରିଥିଲେ। ସେବେଠାରେ ସେ ତାଙ୍କ ଅଭିନୟରେ ଦର୍ଶକଙ୍କ ମନ ଜିଣି ଆସିଛନ୍ତି। ବର୍ତ୍ତମାନ ସେ ଚଳଚ୍ଚିତ୍ର 'ସେକ୍ସନ ୮୪'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ୧୦୦ ଘଣ୍ଟା ରୋଷେଇ କରି ରେକର୍ଡ

ଅବୁଜା: କେବଳ ପାଠପଢା ମାଧ୍ୟମରେ ନୁହେଁ ଲୋକେ ତାଙ୍କ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ନିଜ କଳାକୁ ପ୍ରଦର୍ଶନ କରିଥାନ୍ତି। ନିକଟରେ ଜଣେ ରୋଷେୟା ୧୦୦ ଘଣ୍ଟା ବିରତିନ ନେଇ ଖାଦ୍ୟ ରାନ୍ଧି ୱାର୍ଲ୍ଡ ରେକର୍ଡ କରିଛନ୍ତି। ନାଇଜେରିଆର ୨୬ ବର୍ଷୀୟା ସେଫ୍ ହିଲ୍‌ଡା ବାସି ଏକ ମାରାଥନ୍ କୁକିଂ ସେସନରେ ଭାଗ ନେଇ ଏପରି କାମ କରି ଦେଖାଇଛନ୍ତି। ସେ ତାଙ୍କ ଖାଦ୍ୟରେ ନାଇଜେରିଆ ଖାଦ୍ୟ ସହ କିଛି ବିଦେଶୀ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକଙ୍କୁ ପ୍ରତି ୧ ଘଣ୍ଟାରେ କେବଳ ୫ ମିନିଟ୍‌ର ବିରତି ଦିଆଯାଉଥିଲା। ସେ ପ୍ରଥମରୁ ୯୬ ଘଣ୍ଟା ରାନ୍ଧିବାକୁ ସ୍ଥିର କରିଥିବାବେଳେ ସ୍ଥାନୀୟ ଲୋକଙ୍କ ପ୍ରୋତ୍ସାହନରେ ସେ ଆହୁରି ଅଧିକ ୪ ଘଣ୍ଟା ସମୟ ଦେଇଥିଲେ। ସେ ଏହି ୪ ଘଣ୍ଟାରେ ଆଦୌ ବିରତି ନେଇ ନ ଥିଲେ। ସେଥିପାଇଁ ସେ ବହୁତ ଥକି ପଡ଼ିଥିଲେ। ତେବେ ତାଙ୍କର ଦୃଢ଼ ମନୋବଳ ପାଇଁ ସେ ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଥିପାଇଁ ତାଙ୍କୁ ନାଇଜେରିଆର ରାଷ୍ଟ୍ରପତି ମୁହାମ୍ମାଦୁ ବୁହାରି ପୁରସ୍କୃତ କରିଛନ୍ତି। ଏଥିସହ ତାଙ୍କୁ ଅନେକ ରାଜନେତା ଏବଂ ସେଲିବ୍ରିଟି ଶୁଭେଚ୍ଛା ଜଣାଇଛନ୍ତି।


ସେଫ୍ ହିଲ୍‌ଡା ବାସି

# ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା ଭାରତ

## ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)

ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ପୂର୍ବରୁ ଭାରତୀୟ ଦଳ ଏଠାରେ ଅଭ୍ୟାସ ଚଳାଇଥିବାବେଳେ ଅନ୍ୟ ୩ ଦଳ ପର୍ଯ୍ୟାୟକ୍ରମେ ବୁଧବାର ପହଞ୍ଚିବାରେ ଲାଗିଛନ୍ତି। ଭାରତ ବ୍ୟତୀତ ଲେବାନନ, ଭାନୁଆଟୁ ଓ ମଙ୍ଗୋଲିଆ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ୯ ତାରିଖରେ ଆରମ୍ଭ ହୋଇ ୧୮ରେ ଶେଷ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଏହି ଦଳ ତାଜିକସ୍ତାନକୁ ପରାସ୍ତ କରିଥିଲା। ଏଥର ଆୟୋଜକ ଦଳଭାବେ ଭାରତ ଖେଳିବାକୁ ସୁଯୋଗ ପାଇଥିବାବେଳେ ଏସିଆନ୍ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ରୁ ଲେବାନନ ଓ ମଙ୍ଗୋଲିଆ ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେଶନ(ଓଏଫ୍‌ସି)ରୁ ଭାନୁଆଟୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ରାଉଣ୍ଡ ରବିନ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ସହିତ ଖେଳିବାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

### ୨୦୧୮ରେ ଭାରତ ଅପରାଜେୟ

ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ସେତେବେଳେ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଥିଲେ। ଅହମଦାବାଦରେ ଅନୁଷ୍ଠିତ ପରବର୍ତ୍ତୀ ସଂସ୍କରଣ ବେଳକୁ ଇଗର ଷ୍ଟିମାକ୍ ଦଳର ଦାୟିତ୍ୱରେ ଥିଲେ। ଏହି ପ୍ରତିଯୋଗିତାକୁ ନେଇ ଭାରତର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୧୮ରେ ଚାଇନିଜ୍ ତାଇପେ ବିପକ୍ଷ ଓପନିଂ ମ୍ୟାଚରେ ଭାରତୀୟ ଦଳ ଆଧିପତ୍ୟ ବିସ୍ତାର କରି ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଏହି ସଂସ୍କରଣରେ ଖେଳିଥିବା ଅନ୍ୟ ୨ ଦଳ ନ୍ୟୁଜିଲାଣ୍ଡ ଓ କେନିୟା ବିପକ୍ଷରେ ମଧ୍ୟ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ କେନିୟାକୁ ୩-୦ ଓ ତୃତୀୟ ଗେମ୍‌ରେ ନ୍ୟୁଜିଲାଣ୍ଡକୁ ୨-୧ ଗୋଲରେ ହରାଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ଏହାଥିଲା ଛେତ୍ରୀଙ୍କ ୧୦୦ତମ ମ୍ୟାଚ। ଲିଗ୍ ପର୍ଯ୍ୟାୟରେ ବିଶେଷ ଦର୍ଶକ ଷ୍ଟାଡିୟମକୁ ଆସି ନ ଥିଲେ। ମାତ୍ର ଫାଇନାଲ ଦେଖିବାକୁ ବହୁ ସଂଖ୍ୟାରେ ଆସିବାକୁ ଛେତ୍ରୀ ଟୁଇଟ୍ କରି ଅନୁରୋଧ କରିବା କାମ ଦେଇଥିଲା। ଅନେକ ଦର୍ଶକ ଷ୍ଟାଡିୟମରେ ଫାଇନାଲ ଉପଭୋଗ କରିଥିଲେ। ୪ ମ୍ୟାଚରେ ଛେତ୍ରୀ ମୋଟ ୯ଟି ଗୋଲ ଦେଇଥିଲେ।

### ୨୦୧୯: ସିରିଆ ବିପକ୍ଷରେ ପଏଣ୍ଟ ଭାଗ

୨୦୧୯ରେ ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲେ ମଧ୍ୟ ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ସିରିୟା ବିପକ୍ଷରେ ପଏଣ୍ଟ ଭାଗ କରିବା ଉଲ୍ଲେଖନୀୟ ଥିଲା। ଭାରତ ଏହାର ପ୍ରଥମ ମ୍ୟାଚରେ ତାଜିକିସ୍ତାନଠାରୁ ୨-୪ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉତ୍ତର କୋରିଆଠାରୁ ୨-୫ ଗୋଲରେ ପରାସ୍ତ ହୋଇଥିଲା। ତେବେ ତୃତୀୟ ମ୍ୟାଚକୁ ଶକ୍ତିଶାଳୀ ସିରିୟା ବିପକ୍ଷରେ ଡ୍ର କରିବାରୁ ପଏଣ୍ଟ ଭାଗ କରିଥିଲା। ତାଜିକିସ୍ତାନ ଓ ଉତ୍ତର କୋରିଆ ୬ ପଏଣ୍ଟ ଲେଖାଏ ପାଇଥିବାରୁ ଫାଇନାଲ ଖେଳିଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଉତ୍ତର କୋରିଆ ଏକମାତ୍ର ଗୋଲରେ ତାଜିକିସ୍ତାନକୁ ହରାଇ ଟାଇଟଲ ଜିତିଥିଲା। ୭ଟି ମ୍ୟାଚରୁ ମୋଟ ୨୬ଟି ଗୋଲ ହୋଇଥିଲା। ଭାରତର ସୁନୀଲ ଛେତ୍ରୀ, ଉତ୍ତର କୋରିଆର ଜଙ୍ଗ ଇ-ଗ୍ୱାନ୍ ଓ ରି ହ୍ୟୋଙ୍ଗ୍ ଜିନ୍ ସର୍ବାଧିକ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ନିକଟ ଅତୀତରେ ଭାରତ ଭଲ ପ୍ରଦର୍ଶନ କରିଥିବାରୁ ଦୀର୍ଘ ୫ ବର୍ଷ ବ୍ୟବଧାନରେ ପୁଣି ଟାଇଟଲ ଜିତିବାର ସୁଯୋଗ ରହିଛି।



ଭୁବନେଶ୍ୱରରେ ପହଞ୍ଚିବାପରେ ଲେବାନନ ଦଳର ଖେଳାଳି।


ଭୁବନେଶ୍ୱର ବିମାନବନ୍ଦରରେ ମଙ୍ଗୋଲିଆ ଦଳ।

## ସିରିଜ ଜିତିଲା ଶ୍ରୀଲଙ୍କା

ହାମ୍ବାନଟୋଟା, ୭।୬ (ପି.ଟି.)

ସ୍ଥାନୀୟ ରାଜପାକ୍‌ସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କା ୯ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଜିତି ନେଇଛି। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୨.୨ ଓଭରରେ ମାତ୍ର ୧୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ୧୬ ଓଭରରେ ୧ ଉଇକେଟ ବିନିମୟରେ ୧୨୦ ରନ କରି ମ୍ୟାଚ ଜିତିନେଇଥିଲା। ପାଥୁମ ନିଶଙ୍କା ୫୧ ରନ କରିଥିବା ବେଳେ ଦିମୁଥ କରୁଣାରତ୍ନେ ୫୬ ରନ କରି ଅପରାଜିତ ରହିଥିଲେ। ଦଳକୁ ସହଜ ବିଜୟୀ କରାଇବାରେ ଫାଷ୍ଟ ବୋଲର ଦୁଷ୍ମନ୍ତ ଚାମିରାଙ୍କର ବିଶେଷ ଭୂମିକା ରହିଥିଲା। ଇଞ୍ଜୁରି ପାଇଁ ୮ମାସ ଖେଳରୁ ଦୂରେଇ ରହିଥିବା ଏହି ବୋଲର ମ୍ୟାଚରେ ୪ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ସିରିଜର ପ୍ରଥମ ମ୍ୟାଚ ଆଫଗାନିସ୍ତାନ ଜିତିଥିବା ବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚ ଶ୍ରୀଲଙ୍କା ବିଜୟୀ ହୋଇଥିଲା। ଚାମିରା ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୨.୨ ଓଭରରେ ୧୧୬/ଅଲଆଉଟ (ମହମ୍ମଦ ନବି-୨୩, ଇବ୍ରାହିମ ଜାଦ୍ରାନ-୨୨ ; ଚାମିରା-୪/୬୩, ହସରଙ୍ଗା-୩/୭, ଲାହିରୁ କୁମାରା-୨/୨୯)। ଶ୍ରୀଲଙ୍କା: ୧୬ ଓଭରରେ ୧୨୦/୧( କରୁଣାରତ୍ନେ-୫୬*, ନାସାଙ୍କା-୫୧ ; ଗୁଲ୍‌ବାଦିନ ନାଇବ-୧/୧୯)।

DSPL-71

ODISHA INDIA'S BEST KEPT SECRET.
INDIA ALL INDIA FOOTBALL FEDERATION

Hero INTERCONTINENTAL CUP

କଳିଙ୍ଗ ଷ୍ଟାଡିୟମ
ଭୁବନେଶ୍ୱର



| | | | |
|---|---|---|---|
| ୯ ଜୁନ୍ | ଲେବାନନ୍ | ବନାମ (ଅପରାହ୍ନ ୪:୩୦) | ଭାନୁଆଟୁ |
| | ଭାରତ | ବନାମ (ସନ୍ଧ୍ୟା ୭:୩୦) | ମଙ୍ଗୋଲିଆ |
| ୧୨ ଜୁନ୍ | ମଙ୍ଗୋଲିଆ | ବନାମ (ଅପରାହ୍ନ ୪:୩୦) | ଲେବାନନ୍ |
| | ଭାନୁଆଟୁ | ବନାମ (ସନ୍ଧ୍ୟା ୭:୩୦) | ଭାରତ |
| ୧୫ ଜୁନ୍ | ଭାନୁଆଟୁ | ବନାମ (ଅପରାହ୍ନ ୪:୩୦) | ମଙ୍ଗୋଲିଆ |
| | ଭାରତ | ବନାମ (ସନ୍ଧ୍ୟା ୭:୩୦) | ଲେବାନନ୍ |
| ୧୮ ଜୁନ୍ | ଗ୍ରୁପ ଟପର | ଫାଇନାଲ (ସନ୍ଧ୍ୟା ୭:୩୦) | ଗ୍ରୁପ ରନର୍ସ ଅପ୍ |



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

ସିଧାପ୍ରସାରଣ STAR SPORTS Disney+ hotstar JioTV

ଟିକଟ ଉପଲବ୍ଧ
ଅନଲାଇନ: ticketgenie.in
ଅଫଲାଇନ: ଗେଟ୍ ନଂ-୪ଏ, କଳିଙ୍ଗ ଷ୍ଟାଡିୟମ (ଦିନ ୧୧ଟାରୁ ସନ୍ଧ୍ୟା ୭ଟା)

OIPR-29001/13/0025/2324

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୮/୨୦୨୩ Bhubaneswar, Thursday, June 8/ 2023

## ଏନ୍‌ସିଏ କ୍ୟାମ୍ପକୁ ତନ୍ମୟୀ ମନୋନୀତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତନ୍ମୟୀ ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୯ ବର୍ଷରୁ କମ୍ ବାଳିକା ହାଇପରଫର୍ମାନ୍ସ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଏହି କ୍ୟାମ୍ପ ବେଙ୍ଗାଲୁରୁର ଅଲୁରଠାରେ ଚଳିତ ମାସ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସର୍ବଭାରତୀୟ ମହିଳା କ୍ରିକେଟ ଚୟନ କମିଟି ତନ୍ମୟୀଙ୍କୁ ମନୋନୀତ କରିଥିବାରୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ତନ୍ମୟୀ ବେହେରା

## ସାଇଦୀପଙ୍କ ଶତକ: କଟକ 'ଏ' ଦୃଢ଼

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

କଟକର ରେଭେନ୍ସା-୧ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ଫାଇନାଲ ବୁଧବାର ଆରମ୍ଭ ହୋଇଛି। ସାଇଦୀପ ମହାପାତ୍ରଙ୍କ ଶତକ ଏବଂ ସୌଭାଗ୍ୟ ମିଶ୍ରଙ୍କ ଦୃଢ଼ ବ୍ୟାଟିଂ ବଳରେ କଟକ 'ଏ' ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୯୦ ଓଭରରେ



୭ ଉଇକେଟ ହରାଇ ୩୬୧ ରନ ସଂଗ୍ରହ କରିଛି। ସାଇଦୀପ ୨୧୯ ବଲ୍‌ରୁ ୧୭୬ ରନର ଇନିଂସ ଖେଳିଥିବାବେଳେ ସୌଭାଗ୍ୟ ୮୬ ରନ ସ୍କୋର କରିଛନ୍ତି। ଅବଶିଷ୍ଟ ଓଡ଼ିଶା 'ଡି' ପକ୍ଷରୁ ଜାମଳା ଭଞ୍ଜନ ମହାପାତ୍ର ୩ଟି ଓ ମିଲନ ସାମଲ ୨ଟି ଉଇକେଟ ନେଇଛନ୍ତି। ଟସ୍ ଜିତି ଓଡ଼ିଶା 'ଡି' ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପିଚ୍‌ରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ସାଇଦୀପ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ।


ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳ ଆରମ୍ଭ ପୂର୍ବରୁ ଭାରତୀୟ ଖେଳାଳିମାନେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରୁଛନ୍ତି।

# ହେଡ୍‌ଙ୍କ ଶତକ, ଅଷ୍ଟ୍ରେଲିଆ ଦୃଢ଼

**ଲଣ୍ଡନ, ୭।୬**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ ବୁଧବାର ଦି ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟ୍ରାଭିସ ହେଡ୍‌ଙ୍କ ଶତକ ଏବଂ ଷ୍ଟିଭେନ୍ ସ୍ମିଥଙ୍କ ଦୃଢ଼ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ବଡ଼ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୩୨୭ ରନ ସଂଗ୍ରହ କରିଛି। ହେଡ୍ ୧୪୬ ଓ ସ୍ମିଥ ୯୫ ରନରେ ଅପରାଜିତ ରହିଛନ୍ତି।

### ହେଡ୍-ସ୍ମିଥ ଦ୍ୱିଶତକୀୟ ଭାଗୀଦାରି

ଟସ୍ ଜିତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଆରମ୍ଭରେ ଏହାର ସୁଫଳ ମଧ୍ୟ ଭାରତକୁ ମିଳିଥିଲା। ସ୍କୋର ମାତ୍ର ୨ ହୋଇଥିବାବେଳେ ୪ର୍ଥ ଓଭରର ତୃତୀୟ ବଲ୍‌ରେ ଉସମାନ ଖ୍ୱାଜାଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରଥମ ଝଟ୍‌କା ଦେଇଥିଲେ ମହମ୍ମଦ ସିରାଜ। ଖ୍ୱାଜା ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଡେଭିଡ୍ ୱାର୍ନର ଓ ମାର୍ନସ ଲାବୁସେନ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ।

**ଡବ୍ଲ୍ୟୁଟିସି ଫାଇନାଲ**

ଦ୍ୱିତୀୟ ଉଇକେଟରେ ଦୁହେଁ ୬୯ ରନ ଯୋଗ କରିବାପରେ ୱାର୍ନରଙ୍କୁ ଉଇକେଟ କିପର ଶ୍ରୀକର ଭରତଙ୍କ ହାତରେ କ୍ୟାଚ କରାଇ ଭାରତକୁ ଦ୍ୱିତୀୟ ସଫଳତା ଦେଇଥିଲେ ଶାର୍ଦ୍ଦୂଳ ଠାକୁର। ଭଲ ଆରମ୍ଭ କରିଥିବା ୱାର୍ନର ଅର୍ଦ୍ଧଶତକ ହାସଲଠାରୁ ୭ ରନ ଦୂରରେ ଥିବାବେଳେ ବ୍ୟକ୍ତିଗତ ୪୩ ରନକରି ପ୍ୟାଭିଲିୟନ ଫେରିଥିଲେ। କିଛି ସମୟ ପରେ ଲାବୁସେନଙ୍କୁ ମହମ୍ମଦ ଶାମି ଆଉଟ କରିବାଦ୍ୱାରା ୭୬ ରନ ମଧ୍ୟରେ ଅଷ୍ଟ୍ରେଲିଆ ତୃତୀୟ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ମାତ୍ର ଷ୍ଟିଭେନ୍ ସ୍ମିଥଙ୍କ ସହ ଟ୍ରାଭିସ ହେଡ୍ କ୍ରିଜରେ ଯୋଗଦେବାପରେ ସ୍ଥିତି ବଦଳିଥିଲା। ଗୋଟିଏ ପଟରେ ସ୍ମିଥ ଅତ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ଭାବରେ ନିଜ ଇନିଂସକୁ ଆଗକୁ ନେଇଥିବାବେଳେ ଆକ୍ରମଣାତ୍ମକ ବ୍ୟାଟିଂକରି କାଉଣ୍ଟର ଆଟାକ କରିଥିଲେ ହେଡ୍। ଏହା ଖୁବ୍ କାମମଧ ଦେଇଥିଲା। ୧୦୬ ବଲ୍‌ରୁ ଟେଷ୍ଟ କ୍ରିକେଟରେ ୬ଷ୍ଠ ଶତକ ପୂରଣ କରିଥିବା ଏହି ବାମହାତୀ ବ୍ୟାଟର ୧୫୬ ବଲ୍‌ରୁ ୧୪୬ (୨୨ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। କେବଳ ସେତିକି ନୁହେଁ ସେ ଅସମାପ୍ତ ୩ୟ ଉଇକେଟରେ ସ୍ମିଥଙ୍କ ସହ ୨୫୧ ରନର ଭାଗୀଦାରି ଗଢ଼ି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଡବ୍ଲ୍ୟୁଟିସି ଫାଇନାଲରେ ଏହାଥିଲା ତାଙ୍କର ପ୍ରଥମ ଶତକ। ସ୍ମିଥ ୨୨୭ ବଲ୍ ଖେଳି ୧୪ ଚୌକା ସହାୟତାରେ ୯୫ ରନ କରିଥିଲେ।

ପୂର୍ବରୁ ଭାରତ ୨ ସ୍ପିନରଙ୍କୁ ନେଇ ଖେଳିବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ତାହା ହୋଇ ନ ଥିଲା। ଭାରତ ୪ ପେସର ଏବଂ ଏକମାତ୍ର ସ୍ପିନର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ମଧ୍ୟ ୪ ପେସର ଓ ଜଣେ ସ୍ପିନରଙ୍କୁ ଖେଳାଇଥିଲା। ପ୍ରଥମ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଅଷ୍ଟ୍ରେଲିଆ ସ୍କୋର ୭୩/୨ ଓ ଚା' ବିରତି ବେଳକୁ ୧୭୦/୩ ହୋଇଥିଲା। ଅର୍ଥାତ୍ ପ୍ରଥମ ସେସନ ଭାରତ ନିୟନ୍ତ୍ରଣରେ ରହିଥିବାବେଳେ ଦ୍ୱିତୀୟ ଓ ତୃତୀୟ ସେସନରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଟ୍ରାଭିସ ହେଡ୍।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୨୭/୩ (ଟ୍ରାଭିସ ହେଡ୍-୧୪୬*, ଷ୍ଟିଭେନ ସ୍ମିଥ-୯୫*, ଡେଭିଡ ୱାର୍ନର-୪୩, ମହମ୍ମଦ ଶାମି-୧/୭୭, ମହମ୍ମଦ ସିରାଜ-୧/୬୭, ଶାର୍ଦ୍ଦୂଳ ଠାକୁର-୧/୭୫)।

## କଳା ଆର୍ମବ୍ୟାଣ୍ଡ୍ ପିନ୍ଧିଲେ ଖେଳାଳି

**ଲଣ୍ଡନ, ୭।୬:** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲର ପ୍ରଥମ ଦିବସରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିବା ସହ ଓଡ଼ିଶାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଦୁର୍ଘଟଣାରେ ୨୮୮ ଜଣଙ୍କର ଜୀବନ ଯାଇଥିଲା।

**କ୍ରିକେଟ ବିଶ୍ୱକପ୍**

## ଅହମଦାବାଦରେ ଖେଳିବାକୁ ଚାହୁଁନି ପାକିସ୍ତାନ

**କରାଚୀ, ୭।୬ (ପି.ଟି.):** ଭାରତରେ ଅକ୍ଟୋବର-ନଭେମ୍ବରରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ବ୍ୟତୀତ ଅହମଦାବାଦରେ ପ୍ରତିଯୋଗିତାର ଅନ୍ୟ କୌଣସି ମ୍ୟାଚ ଖେଳିବାକୁ ଚାହୁଁନି ପାକିସ୍ତାନ। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଚେୟାରମ୍ୟାନ ଗ୍ରେଗ୍ ବାର୍କଲେଙ୍କୁ ଏ ବିଷୟ ଜଣାଇଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ନଜାମ ସେଠୀ। ପ୍ରତିଯୋଗିତାରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ କୋଲକାତା, ଚେନ୍ନାଇ ଓ ବେଙ୍ଗାଲୁରୁରେ ଖେଳିବାକୁ ଚାହୁଁଥିବା ପୂର୍ବରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ବାର୍କ୍ଲେ ଓ ଆଇସିସି ଜେନେରାଲ ମ୍ୟାନେଜର ଜେଫ୍ ଆଲାର୍ଡିସ୍ ନିକଟରେ କରାଚୀ ଯାଇଥିଲେ। ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁ ଖେଳିବା ଲାଗି ଦାବି ନ କରେ ସେ ନେଇ ପିସିବିଠାରୁ ସେମାନେ ନିର୍ଭର ପ୍ରତିଶ୍ରୁତି ଲୋଡିଥିଲେ। ଏହା ପଛରେ ଏକ କାରଣ ରହିଛି।

# ସ୍ୱିଟେକ୍ ସେମିଫାଇନାଲରେ

**ପ୍ୟାରିସ, ୭।୬**

ଚଳିତ ଫ୍ରେଞ୍ଚ ଓପନ ଟେନିସରେ ଗତଥରର ଚାମ୍ପିୟନ ଇଗା ସ୍ୱିଟେକ ମହିଳା ସିଙ୍ଗଲ୍ସରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ମାନ୍ୟତାପ୍ରାପ୍ତ ଏହି ଖେଳାଳି ଆମେରିକାର ସ୍ୱଳ୍ପ ବୟସ୍କା କୋକୋ ଗଫ୍‌ଙ୍କୁ ୬-୪, ୬-୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ତାଙ୍କର ଗତ ୬ଟି ଗ୍ରାଣ୍ଡସ୍ଲାମରେ ଏହା ହେଉଛି ୪ର୍ଥ ସେମିଫାଇନାଲ। ସ୍ୱିଟେକ୍ ଗତଥର ଫାଇନାଲରେ ମଧ୍ୟ ଗଫ୍‌ଙ୍କୁ ହରାଇ ଦେଇଥିଲେ। ଗଫ୍‌ଙ୍କ ବିପକ୍ଷରେ ଏହାହେଉଛି ତାଙ୍କର

**ଫ୍ରେଞ୍ଚ ଓପନ ଟେନିସ**

କ୍ରମାଗତ ୭ମ ବିଜୟ। ସେମିଫାଇନାଲରେ ସେ ୧୪ତମ ସିଡ୍ ତଥା ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆଙ୍କ ସହ ମୁକାବିଲା କରିବେ। ହଦାଦ୍ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଟ୍ୟୁନିସିଆର ଓନ୍ସ ଜାବେରଙ୍କ ବିପକ୍ଷରେ ୩-୬, ୭-୬ (୭-୫), ୬-୧ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ୧୯୬୮ରେ ମାରିଆ ବୁଏନୋଙ୍କ ପଛକୁ ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବାରେ ଏହି ୨୭ ବର୍ଷୀୟା ବ୍ରାଜିଲର ପ୍ରଥମ ମହିଳା ଖେଳାଳି।


ଇଗା ସ୍ୱିଟେକ

## ଲକ୍ସିତାଙ୍କୁ ୧୫୦୦ ମିଟରରେ ସ୍ୱର୍ଣ୍ଣ

**ଇଚିଅନ୍ (ଦକ୍ଷିଣ କୋରିଆ), ୭।୬(ପି.ଟି.)**

**୨୦ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ**

ଭାରତର ମହିଳା ୪x୪୦୦ ମିଟର ରିଲେ ଦଳ ଏବଂ ଲକ୍ସିତା ବିନୋଦ ସାଣ୍ଡିଲ୍ୟ ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୫୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଲକ୍ସିତା ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪:୨୪.୨୩ ସେକେଣ୍ଡ ସହ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪:୨୬.୪୮ ରହିଥିଲା। ଏଠିକାର ଟାଇମିଂଠାରୁ ଦୁଇ ସେକେଣ୍ଡ ଅଧିକ। ନିର୍ଭରଯୋଗ୍ୟ କ୍ୱାର୍ଟର ମାଇଲର ରେଜୋନା ମଲିକ ହୀନାଙ୍କ ନେତୃତ୍ୱରେ ମହିଳା ୪x-୪୦୦ ମିଟର ରିଲେ ଦଳ ୩:୪୦.୪୯ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। କାଜାଖସ୍ତାନ (୩:୪୬.୧୯ ସେକେଣ୍ଡ) ରୌପ୍ୟ ଓ କୋରିଆ (୩:୪୭.୪୬ ସେକେଣ୍ଡ) ବ୍ରୋଞ୍ଜ ଜିତିଥିଲା। ବୁଧବାର ଶେଷ ହୋଇଥିବା ଏହି ଚାମ୍ପିୟନଶିପ୍‌ରେ ଭାରତ ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ପୁରୁଷ ୪x-୪୦୦ ମିଟର ରିଲେରେ ଭାରତ ୩:୦୮.୭୮ ଟାଇମିଂ ସହ ଏକ ରୌପ୍ୟ ପଦକ ଲାଭ କରିଛି।

ଅନ୍ୟପକ୍ଷରେ ଭାରତର ଅନ୍ୟଜଣେ ଆଥ୍‌ଲେଟ ମେହଦି ହସନ ୩:୫୬.୦୧ ସେକେଣ୍ଡ ଟାଇମିଂରେ ପୁରୁଷ ୧୫୦୦ ମିଟର ଦୌଡ଼ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଶିବାଜୀ ପରଶୁ ମାଡାସ୍ୱାଗୋଡ୍ରା ୧୪:୪୯.୦୫ ସେକେଣ୍ଡରେ ପୁରୁଷ ୫,୦୦୦ ମିଟର ଦୌଡ଼ ଜିତି ଏକ ରୌପ୍ୟ ଜିତିଛନ୍ତି।

## ଶିବ ପ୍ରସାଦ ଭାରତ 'ଏ' ଦଳର ମ୍ୟାନେଜର



**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି):** ହଂକଂଠାରେ ଏସିସି ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତ 'ଏ' ଦଳର ମ୍ୟାନେଜର ଭାବେ ଓଡ଼ିଶାର ଶିବ ପ୍ରସାଦ ତ୍ରିପାଠୀଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଯୁକ୍ତ କରିଛି। ଗ୍ରୁପ୍ 'ଏ'ରେ ଭାରତ 'ଏ' ବ୍ୟତୀତ ହଂକଂ 'ଏ', ଥାଇଲାଣ୍ଡ 'ଏ' ଓ ପାକିସ୍ତାନ 'ଏ' ସ୍ଥାନ ପାଇଛନ୍ତି।

# ଓଡ଼ିଶା ସିନିୟର ମହିଳା ରଗ୍‌ବୀ ଦଳ ଘୋଷିତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ମହାରାଷ୍ଟ୍ରର ପୁଣେସ୍ଥିତ ବାଲେୱାଡ଼ିଠାରେ ସର୍ବଭାରତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଆସନ୍ତା ୯ ତାରିଖରୁ ପୁଣେରେ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ହୁପି ମାଝି ୧୨ ଜଣିଆ ରାଜ୍ୟ ଦଳର ନେତୃତ୍ୱ ନେବେ। ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା ଦଳ ଗୁରୁବାର ପୁଣେ ଯାତ୍ରା କରିବ। ଓଡ଼ିଶା ଦଳ: ଦୁମୁନି ମାର୍ଣ୍ଡି, ତରୁଲତା ନାଏକ, ରିନା ସିଂ, ଗୀତାରାଣୀ ସାଇ, ପାର୍ବତୀ କିସ୍କୁ, ମଞ୍ଜୁଲତା ପ୍ରଧାନ, ହୁପି ମାଝି (ଅଧିନାୟିକା), ରଞ୍ଜିତା ନାଏକ, ମାଲିନ ସୟ, ପାର୍ବତୀ ହାଁସଦା, ନିର୍ମାଲ୍ୟା ରାଉତ, ମାମା ନାଏକ। କୋଚ୍: ରଜନୀ ସବର, ମ୍ୟାନେଜର: ସୁଧାଂଶୁ ସାହୁ, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।



ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

## ଆଶେସ ପାଇଁ ଅବସରରୁ ଫେରିଲେ ମୋଇନ

**ଲଣ୍ଡନ, ୭।୬ (ପି.ଟି.):** ଏଜ୍‌ବାଷ୍ଟନରେ ଜୁନ୍ ୧୬ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଆଶେସ ଟେଷ୍ଟ ସିରିଜ ଲାଗି ଇଂଲଣ୍ଡ ଦଳରେ ଯୋଗଦେବା ପାଇଁ ଅବସରରୁ ଓହରିଯାଇଛନ୍ତି ଭେଟେରାନ ଅଲ୍‌ରାଉଣ୍ଡର ମୋଇନ ଅଲି। ଏହି ୩୫ ବର୍ଷୀୟ କ୍ରିକେଟର ୨୦୨୧ରେ ଭାରତର ଟୁର୍ ପରେ ଟେଷ୍ଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେତେବେଳେ ସେ କହିଥିଲେ, ୨୦୧୯ରେ ପୂର୍ଣ୍ଣାଙ୍ଗ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଦଳରେ ତାଙ୍କର ଆଉ ଆବଶ୍ୟକତା ନାହିଁ ବୋଲି ସେ ମନେକରୁଛନ୍ତି। କିନ୍ତୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଅବସରରୁ ଓହରି ଟେଷ୍ଟ କ୍ରିକେଟକୁ ଫେରିବା ଲାଗି ବୁଝାଇଥିଲେ।

# ସ୍ୱର୍ଣ୍ଣ ବିଜୟୀ ମହିଳା ଭଲିବଲ ଦଳ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳକୁ ବୁଧବାର କିଟ୍ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଭାରତୀୟ ଦଳରେ ଓଡ଼ିଆ ଖେଳାଳି ଅନନ୍ୟା ଦାସ ଓ ମ୍ୟାନେଜର ଶୁଧାଂଶୁ ଭୂଷଣ ମିଶ୍ର ସାମିଲ ଥିଲେ। ଏହା ବ୍ୟତୀତ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କିଟ୍‌ର ଖେଳାଳିମାନେ ୧୧ (୫ ସ୍ୱର୍ଣ୍ଣ, ୫ ରୌପ୍ୟ, ୧ ବ୍ରୋଞ୍ଜ) ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ପାଇଁ ୫୦,୦୦୦, ରୌପ୍ୟ ଲାଗି ୩୦,୦୦୦ ଓ ବ୍ରୋଞ୍ଜ ବିଜେତାଙ୍କୁ ୨୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ପାରା ଅଲିମ୍ପିଆନ ପ୍ରମୋଦ ଭଗତଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜେ.ଆର. ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଦୂତୀ ଚାନ୍ଦ, ଭାରତୀୟ ଭଲିବଲ ଟିମ୍ କୋଚ୍ ଜି.ଇ. ଶ୍ରୀଧରନ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଭଲିବଲ ଦଳ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ